**BOD-4**
**Block-1**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**Odisha State Open University**
**Sambalpur**

# ସ୍ନାତକ କାର୍ଯ୍ୟକ୍ରମ

## ଓଡ଼ିଆ (ସମ୍ମାନ)

*BAOD (HONOURS)*

### ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ

### ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକ ସମ୍ମାନ କାର୍ଯ୍ୟକ୍ରମ

ପାଠ୍ୟକ୍ରମ - ୪
ସ୍ୱାଧିନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ

ବ୍ଲକ୍

## ୧ ସ୍ୱାଧିନତା ପରବର୍ତ୍ତୀ ଓଡ଼ିଆ କବିତା

ପ୍ରଥମ ଏକକ
ଓଡ଼ିଆ କବିତା (ନବଚେତନା)

ଦ୍ୱିତୀୟ ଏକକ
ଆଧୁନିକ ଓଡ଼ିଆ କବିତା

ତୃତୀୟ ଏକକ
ଓଡ଼ିଆ କବିତାର ନୂତନ ସ୍ୱର

ଚତୁର୍ଥ ଏକକ
ଅଶୀ ପରବର୍ତ୍ତୀ ଓଡ଼ିଆ କବିତା

**ପାଠ୍ୟକ୍ରମ : ୦୪**

**ବ୍ଲକ୍ : ୦୧**

**ଦ୍ୱିତୀୟ ସଂସ୍କରଣ : ୨୦୨୧**


**ଲେଖକ : ଡକ୍ଟର ଗୋପୀନାଥ ବାଗ**

ଓଡ଼ିଆ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ବୁର୍ଲା ।

(ପ୍ରଥମ ଓ ଦ୍ୱିତୀୟ ଏକକ)

**ଡକ୍ଟର ବିଜୟଲକ୍ଷ୍ମୀ ଦାଶ**

ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ
କଟକ, ଓଡ଼ିଶା ।
(ତୃତୀୟ ଓ ଚତୁର୍ଥ ଏକକ)

**ସଂଯୋଜିକା : ଡକ୍ଟର ସୁନୀତି ଦେବତା**

ଶୈକ୍ଷିକ ପରାମର୍ଶଦାତା, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଅଳଙ୍କରଣ : ଲିପିନା ସାହୁ**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଡିଟିପି : ଧନଶ୍ରୀ ମିଶ୍ର**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।



**ପ୍ରକାଶକ**

**ଡକ୍ଟର ମାନସ ରଞ୍ଜନ ପୂଜାରୀ**

କୁଳସଚିବ

*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*



© OSOU, 2021."**Swadhinata Parabarti Odia Sahitya**" is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ : ଓଡ଼ିଆ କବିତା (ନବଚେତନା)

**ବିଷୟ ଗଠନ :**


୧.୧ ପଠନର ଉଦ୍ଦେଶ୍ୟ

୧.୨ ଶିକ୍ଷଣୀୟ ବିଷୟ

୧.୩ ବିଷୟ ପ୍ରବେଶ

୧.୪ ଓଡ଼ିଆ କବିତାରେ ପରିଲକ୍ଷିତ ନୂତନ ପ୍ରବୃତ୍ତି

୧.୫ ଏ ଯୁଗର କତିପୟ ସ୍ରଷ୍ଟା

୧.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧.୭ ସହାୟକ ଗ୍ରନ୍ଥସୂଚୀ


## ୧.୧ ପଠନର ଉଦ୍ଦେଶ୍ୟ

ଊନବିଂଶ ଶତାବ୍ଦୀ ହେଉଛି ଓଡ଼ିଆ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି କାବ୍ୟଖଣ୍ଡରେ ଓଡ଼ିଶାର ସାମାଜିକ, ସାଂସ୍କୃତିକ ତଥା ରାଜନୈତିକ କ୍ଷେତ୍ରରେ ବହୁ ପରିବର୍ତ୍ତନର ସୂତ୍ରପାତ ହୋଇଛି। ୧୮୦୩ ମସିହାରେ ଓଡ଼ିଶା ଇଂରେଜମାନଙ୍କ ଅଧୀନକୁ ଚାଲି ଆସିଥିଲେ ସୁଦ୍ଧା ପ୍ରାୟ ଅର୍ଦ୍ଧଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାର ଅନ୍ତର୍ବିପ୍ଳବ, ପ୍ରାକୃତିକ ତଥା ପ୍ରତିକୂଳ ପରିସ୍ଥିତି ଯୋଗୁଁ ଇଂରେଜମାନେ ସ୍ଥିର ହୋଇ ପାରିନଥିଲେ। ଫଳତଃ ଓଡ଼ିଶାରେ ଶିକ୍ଷାର ବିସ୍ତାର ହେବାକୁ ସମୟ ଲାଗିଥିଲା।

ଶତାବ୍ଦୀର ଶେଷାର୍ଦ୍ଧରେ ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବ ଯୋଗୁଁ ଓଡ଼ିଶାର ଗତାନୁଗତିକ ଚିନ୍ତା - ଜଗତରେ ଆଲୋଡ଼ନ ସୃଷ୍ଟି ହୋଇଛି। ମିଶନାରୀମାନଙ୍କ ଦ୍ୱାରା ବାଇବେଲ ଓଡ଼ିଆରେ ଅନୂଦିତ ହୋଇ ମୁଦ୍ରଣ ଓ ପ୍ରକାଶନର ମାର୍ଗକୁ ଉନ୍ମୁକ୍ତ କରିଛି। ସେମାନଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇଛି କେତୋଟି ସ୍କୁଲ। ପରେ ପରେ ଓଡ଼ିଶାରେ ଶିକ୍ଷାନୁଷ୍ଠାନ ଗୁଡ଼ିକ ଗଢ଼ି ଉଠିବାରୁ ଶୈକ୍ଷିକ ବାତାବରଣ ଖେଳିଛି। ପ୍ରିଣ୍ଟିଂ ପ୍ରେସ୍ ସ୍ଥାପନ ଓ ପତ୍ର ପତ୍ରିକା ଜନ୍ମ ନେଇ ନୂତନ ଲେଖିବାକୁ ସୃଷ୍ଟି କରିଛି। ଏହି ଲେଖକମାନେ ମଧ୍ୟଯୁଗୀୟ କାବ୍ୟକଳାକୁ ଗ୍ରହଣ କରିବା ଅପେକ୍ଷା ପାଶ୍ଚାତ୍ୟାନୁଯାୟୀ ହେବକୁ ପସନ୍ଦ କରିଛନ୍ତି। ନୂଆ କଥାକୁ ପ୍ରକାଶ କରିବାରେ ଆଗ୍ରହ ରଖିବା ସହିତ ଏମାନେ ପରମ୍ପରା ଓ ସଂସ୍କୃତିକୁ ଚିରାଚରିତ ଢଙ୍ଗରେ ନ କହି ନୂଆବାଗରେ ପ୍ରକାଶ କରିବାକୁ ଯତ୍ନବାନ ହୋଇଛନ୍ତି।

ବ୍ରାହ୍ମଧର୍ମ ଓ ମହିମା ଧର୍ମ ଭଳି ନୂଆ ଧର୍ମ ମୁଣ୍ଡ ଟେକି କେବଳ ଈଶ୍ୱର କିମ୍ବା ଧର୍ମର କଥା କେହି ମାନବ -ଜୀବନ ଓ ସମାଜ - ସଂସ୍କାରକୁ ଗୁରୁତ୍ୱ ଦେଇଛି। ପାଶ୍ଚାତ୍ୟ ଶିକ୍ଷା ପାଇଥିବା ସତ୍ତ୍ୱେ ଏହି ଯୁଗର କବି ଲେଖକ ଓଡ଼ିଶା - ଭୂମି ଓ ଓଡ଼ିଆ ଭାଷାକୁ ଅତ୍ୟନ୍ତ ଶ୍ରଦ୍ଧା କରିଛନ୍ତି। ଇତିହାସ ସଚେତନତା ଏହି ସମୟର ଅନ୍ୟ ଏକ ଉଜ୍ଜ୍ୱଳ ଦିଗ। ଓଡ଼ିଆ କବିତାରେ ଫୁଟି ଉଠିଥିବା ନବଚେତନାକୁ ଏହି ଏକକରେ ଜାଣି ହେବ।

## ୧.୨ ଶିକ୍ଷଣୀୟ ବିଷୟ

ଶିକ୍ଷାର୍ଥୀମାନଙ୍କ ଏହି ଏକକରେ ନିମ୍ନଲିଖିତ ପ୍ରସଙ୍ଗ ଉପରେ ଧାରଣା ମିଳିବ:

- ନବଚେନତାର ପରିଚୟ
- ଓଡ଼ିଆ କବିତାରେ ନବଚେତନାର ପ୍ରତିଫଳନ
- ଓଡ଼ିଆ କବିତାରେ ନବଚେତନା ଆଣିଥିବା ସ୍ରଷ୍ଟାଗଣ

## ୧.୩ ବିଷୟ ପ୍ରବେଶ

ନବଚେତନାକୁ ନବଜାଗରଣ ବା ପୁନର୍ଜାଗରଣ ବୋଲି ମଧ୍ୟ କୁହାଯାଇଥାଏ। ଊନବିଂଶ ଶତାବ୍ଦୀ କାଳକୁ ଭାରତୀୟ ସମାଜ - ଜୀବନରେ ନବଜାଗରଣର ସମୟ ବୋଲି ସ୍ୱୀକାର କରାଯାଇଥାଏ। ଏହି ସମୟରେ ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କୃତିର ପ୍ରଭାବରେ ଭାରତ ତଥା ଓଡ଼ିଶାରେ ନବଚେତନାର ଆବିର୍ଭାବ ଘଟିଛି। ପାଶ୍ଚାତ୍ୟ ଜ୍ଞାନ ବିଜ୍ଞାନ ଯୋଗୁଁ ଏଠିକାର ଅଧିବାସୀ ଯୁଗଯୁଗ ଧରି ଭୋଗି ଆସୁଥିବା କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଚିହ୍ନିପାରିବା ସହିତ ଏହାକୁ ଦୂର କରିବା ପାଇଁ ପ୍ରୟାସ କରିଛନ୍ତି। ଧର୍ମକ୍ଷେତ୍ରରେ ଏକ ଯୁଗାନ୍ତକାରୀ ବିପ୍ଳବର ସୂତ୍ରପାତ ଘଟାଇବାକୁ ଜନ୍ମନେଇଛି ବ୍ରାହ୍ମଧର୍ମ ଓ ମହିମାଧର୍ମ। ଏହି ଧର୍ମାବଲମ୍ବୀ ସ୍ରଷ୍ଟାମାନେ ଅନ୍ଧବିଶ୍ୱାସର ଅନ୍ଧକାରରେ ସଢ଼ିଯାଉଥିବା ଜୀବନ ପାଇଁ ଏକ ଆଲୋକବର୍ତ୍ତିକାର ସନ୍ଧାନ ଦେଉଛନ୍ତି। ଏମାନେ କେବଳ ଧର୍ମର କଥା କହିନାହାନ୍ତି। କହିଛନ୍ତି ମଧ୍ୟ ଜଗତ ଓ ଜୀବନର ମୂଲ୍ୟର କଥା, କହିଛନ୍ତି ସମାଜ - ସଂସ୍କାରର କଥା।

ମଧ୍ୟଯୁଗର ଅଳଙ୍କାରର ବୋଝକୁ ଓହ୍ଲାଇ ଦେଇଛି ଏହି ସମୟର କାବ୍ୟ କବିତା। ଦୈହିକ ବିଳାସତାକୁ ଗୁରୁତ୍ୱ ନଦେଇ ଜୀବନର ଗଭୀରତମ ପ୍ରଦେଶର ଚିତ୍ର ଆଙ୍କିବାରେ ଆଗ୍ରହ ଦେଉଛନ୍ତି କବିଗଣ। ବିଭିନ୍ନ ରାଗରାଗିଣୀଯୁକ୍ତ ସଙ୍ଗୀତର ସ୍ୱର ଆଉ ଶୁଣାଯାଇନାହିଁ। ପ୍ରାଚ୍ୟ ରଚନାଶୈଳୀ ଅପେକ୍ଷା ପାଶ୍ଚାତ୍ୟ ରଚନାଶୈଳୀକୁ କବିମାନେ ଆପଣେଇ ନେଇଛନ୍ତି। ନବଯୁଗର ଆହ୍ୱାନକୁ ପ୍ରକାଶକୁ କରିବାରେ ମଧ୍ୟଯୁଗୀୟ କାବ୍ୟିକ ଶୈଳୀ ଆଉ ସମର୍ଥ ହେଲା ନାହିଁ; ତା'ର ଭାବ - ବଳୟକୁ ପ୍ରକାଶ କରିବା ପାଇଁ ଆବଶ୍ୟକ ହେଲା ନୂତନ ଛନ୍ଦ ଓ ନୂତନ ଶୈଳୀ, ଯାହା ମିଳୁଥିଲା ପାଶ୍ଚାତ୍ୟ କାବ୍ୟିକ - କଳାରୁ।

ଏହି ଯୁଗର ସ୍ରଷ୍ଟା କେବଳ ନିଜ ମାଟି ତଥା ସୀମିତ ଭୂଗୋଳରେ ବାନ୍ଧି ହୋଇ ରହିଲା ନାହିଁ। ତା'ର ଜୀବନ-ଜିଜ୍ଞାସା ବିସ୍ତାରିତ ହୋଇ ବାହ୍ୟ ଜଗତର ଦିଗ୍‌ବଳୟକୁ ସ୍ପର୍ଶ କଲା। ଫଳତଃ ପାଶ୍ଚାତ୍ୟ ସାହିତ୍ୟ ଓ ବିବିଧ ବାଦକୁ ଶ୍ରଦ୍ଧାପୂର୍ଣ୍ଣ ପ୍ରାଣରେ ଅନୁଭବ କଲା।

## ୧.୪ ଓଡ଼ିଆ କବିତାରେ ପରିଲକ୍ଷିତ ନୂତନ ପ୍ରବୃତ୍ତି

ଏହି ଯୁଗରେ ଓଡ଼ିଆ କବିତାରେ ଉଭୟ ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ନୂତନ ପ୍ରବୃତ୍ତି ଗୁଡ଼ିକ ଦୃଶ୍ୟମାନ ହୋଇଛି। ନିମ୍ନରେ କେତୋଟି ପ୍ରବୃତ୍ତି ଉପରେ ଦୃଷ୍ଟି ଦିଆଯାଉ -

- ଅନୁବାଦ ଓ ଅନୁସରଣ ପ୍ରତି ଆଗ୍ରହ ଏହି ସମୟରେ ବିଶେଷ ଭାବରେ ଦେଖାଯାଇଛି । ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟର କଥାବସ୍ତୁକୁ କବିତାର ଗ୍ରହଣ କରାଯାଇଛି । ଫକୀରମୋହନ, ମଧୁସୂଦନ, ଗଙ୍ଗାଧର, ନନ୍ଦକିଶୋର ଆଦି ସ୍ରଷ୍ଟା ସଂସ୍କୃତି ସାହିତ୍ୟରୁ ଉପାଦାନ ସଂଗ୍ରହ କରିଥିବାବେଳେ ରାଧାନାଥ ପାଶ୍ଚାତ୍ୟ ସାହିତ୍ୟରୁ ଉପାଦାନ ଆହରଣ କରିଛନ୍ତି ।
- ମଧ୍ୟଯୁଗୀୟ ଅଳଙ୍କାରପୂର୍ଣ୍ଣ କାବ୍ୟକବିତା ନିର୍ମାଣର ମାର୍ଗକୁ ଏହି ସମୟର କବି ପରିହର କରିଛି । ଅଳଙ୍କାର ଅପେକ୍ଷା ରୂପକ ଓ ଚିତ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଛି ।
- ପୁରାଣର ବିଷୟବସ୍ତୁକୁ ଆଧୁନିକ ଚିନ୍ତାଧାରା ସହିତ ଯୋଡ଼ାଯାଇ କାବ୍ୟକବିତା ରଚନା କରାଯାଇଛି ।
- ଐତିହାସିକ କଥାବସ୍ତୁ କବିତାର ପୃଷ୍ଠଭୂମି ହୋଇପାରିଛି ।
- ବିଭ୍ରାନ୍ତ ବର୍ଗର ଚରିତ୍ର ସ୍ଥାନରେ ଏହି ଯୁଗରେ ସାଧାରଣ ବର୍ଗର ଚରିତ୍ରମାନଙ୍କୁ ମଧ୍ୟ ଚିତ୍ରଣ କରାଯାଇଛି ।
- ଗାଥା କବିତା, ଗୀତି - କବିତା, ସନେଟ୍, ସମ୍ବୋଧଗୀତିକା, ଶୋକଗୀତି ଆଦି କବିତାର ସୃଷ୍ଟି କରାଯାଇଛି ।
- ପାଶ୍ଚାତ୍ୟ ଟ୍ରାଜେଡ଼ି ଅବଲମ୍ବନ କବିତା ଲେଖା ହୋଇଛି ।
- ପ୍ରକୃତି ପ୍ରତି ନୂତନ ଦୃଷ୍ଟିଭଙ୍ଗୀ ଦିଆଯିବା ସହିତ ଉଭୟ ଅନ୍ତଃ ପ୍ରକୃତି ଓ ବାହ୍ୟ ପ୍ରକୃତିର ଚିତ୍ରଣକୁ ଗୁରୁତ୍ୱ ଦିଆଯାଇଛି ।
- ମାତୃଭୂମି ଓ ମାତୃଭାଷା ପ୍ରତି ଅପରିମିତ ଶ୍ରଦ୍ଧା ଉତ୍ପନ୍ନ ହୋଇଛି ।
- ଈଶ୍ୱର ଚେତନା କୌଣସି ସଂପ୍ରଦାୟ ଭିତ୍ତିକ ନ ହୋଇ ସମଗ୍ର ମାନବ କଲ୍ୟାଣ ତଥା ଜୀବନ - ଜିଜ୍ଞାସା ଭିତ୍ତିକ ହୋଇଛି ।

## ୧.୫ ଏ ଯୁଗର କତିପୟ ସ୍ରଷ୍ଟା

ଊନବିଂଶ ଶତାବ୍ଦୀର ଶେଷ ତିନୋଟି ଦଶକରେ ଓଡ଼ିଆ କବିତାରେ ନବଚେତନାର ଆଲୋକ ବିଚ୍ଛୁରିତ ହୋଇଛି । ଏହି ସମୟରେ ଇଂରାଜୀ ତଥା ବୈଦେଶିକ ସାହିତ୍ୟର ସଂସ୍ପର୍ଶରେ ଆସି ରାଧାନାଥ, ମଧୁସୂଦନ ପ୍ରଭୃତି ସ୍ରଷ୍ଟାମାନେ ନୂତନ ବିଷୟାବସ୍ତୁକୁ ଆଧାର କରି ନୂତନ ରୀତିରେ କାବ୍ୟ-କବିତା ରଚନାରେ ବ୍ରତୀ ହୋଇଛନ୍ତି । ପ୍ରାଚୀନ ସାହିତ୍ୟର ଅତିକଳ୍ପନା, ଆଧ୍ୟାତ୍ମିକତା, ଯୋଗସାଧକ ତଥା ମଧ୍ୟଯୁଗର କାଳ୍ପନିକ ନାୟକ ନାୟିକାଙ୍କ ଶୃଙ୍ଗାରିକତା, ବର୍ଣ୍ଣନା ବହୁଳତା, ଗତାନୁଗତିକ ବିଷୟବସ୍ତୁକୁ ପରିହାର କରି ଏ ଯୁଗର କବିମାନେ ଏକ ନୂତନତାର ଆବାହନ କରିଛନ୍ତି । ଇତିହାସ ଓ ବାସ୍ତବତାର ସମନ୍ୱୟରେ କବିତାର ରୂପ ଦେବାର ପ୍ରୟାସ କରିଛନ୍ତି । ପୌରାଣିକ, ଐତିହାସିକ, କିମ୍ବଦନ୍ତୀ ସମ୍ବଳିତ ତାଙ୍କର ରଚନାରେ ନୂତନତା ଫୁଟି ଉଠିବା ସହିତ ଦେଶାତ୍ମବୋଧର କଥା କହିଛି । ନିମ୍ନରେ କେତେଜଣ ସ୍ରଷ୍ଟାଙ୍କ ସୃଷ୍ଟି ସମ୍ପର୍କରେ ଆଲୋଚନା କରାଯାଉଛି ।

**ରାଧାନାଥ :**

ସାରଳା ଦାସ, ଉପେନ୍ଦ୍ର ଭଞ୍ଜଙ୍କ ନାମରେ ତାଙ୍କ ଯୁଗ ନାମିତ ହେଲା ପରି ରାଧାନାଥଙ୍କ ନାମରେ ମଧ୍ୟ ଏହି ଯୁଗକୁ କେତେକ ଆଲୋଚକ ଚହ୍ନିତ କରିବାକୁ ଶ୍ରଦ୍ଧା ରଖିଥାନ୍ତି । ରାଧାନାଥଙ୍କ ଯୋଗଦାନ ଓଡ଼ିଆ କାବ୍ୟଜଗତକୁ ଗୌରବମୟ କରିଛି ।

ରାଧାନାଥ ଓଡ଼ିଆ ଭାଷାରେ ଲେଖିବା ପୂର୍ବରୁ ବଙ୍ଗଳା ଭାଷାରେ କବିତା ରଚନା କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଓଡ଼ିଆ ଭାଷାରେ କାବ୍ୟ କବିତା ଲେଖି ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । 'କେଦାର ଗୌରୀ', 'ଚନ୍ଦ୍ରଭାଗା', 'ନନ୍ଦିକେଶ୍ୱରୀ', 'ଉଷା', 'ପାର୍ବତୀ', 'ଚିଲିକା', 'ମହାଯାତ୍ରା', ପ୍ରଭୃତି କୃତି ତାଙ୍କ କାବ୍ୟ ଶକ୍ତିର ପରିଚୟ ବହନ କରେ । ତାଙ୍କ ରଚିତ କାବ୍ୟାବଳୀକୁ ଲକ୍ଷ୍ୟ କରେ ଯଦିଓ ପାଶ୍ଚତ୍ୟ ସାହିତ୍ୟରୁ ବହୁ ଉପାଦାନ ଆଣିଥିବା ଜଣାପଡ଼େ, ତଥାପି ସେସବୁକୁ ଯେଉଁ ଭାବରେ କବି ପରିବେଷଣ କରିଛନ୍ତି ତହିଁରୁ ଅବଶ୍ୟ ତାଙ୍କର କବି ପ୍ରତିଭାକୁ ଉପଲବ୍ଧି କରିହୁଏ ।

ଓଡ଼ିଆ କାବ୍ୟ କବିତା କ୍ଷେତ୍ରରେ ନୂତନ ରୀତିର ପ୍ରବର୍ତ୍ତକ ଭାବରେ ରାଧାନାଥଙ୍କୁ ସ୍ୱୀକାର କରାଯାଇଥାଏ । ମଧ୍ୟଯୁଗୀୟ ଶବ୍ଦାଡ଼ମ୍ବର, ଛନ୍ଦବହୁଳ ତଥା ଅଜସ୍ର ଅଳଙ୍କାରକୁ ପରିହାର କରିବା ସହିତ ବିବିଧ ରାଗରାଗିଣୀଯୁକ୍ତ ଲେଖାଯାଉଥିବା ରୀତିକୁ ମଧ୍ୟ ଆଗ୍ରାହ୍ୟ କରିଛନ୍ତି । ଗୋଟିଏ ଛନ୍ଦ-ବୃତ୍ତ ଅବଲମ୍ବନରେ କାବ୍ୟ ଲେଖିବାର ରୀତିକୁ ସେ ଆପଣେଇ ନେଇଥିଲେ ; ଯାହାକି ସେହି ଯୁଗର ଅନ୍ୟ କବିମାନଙ୍କ ପାଇଁ ମଧ୍ୟ ଆଦର୍ଶ ଥିଲା ।

ରାଧାନାଥ ସହଜ ଓ ସରଳ ରୀତିକୁ କାବ୍ୟ ରଚନାରେ ଗ୍ରହଣ କରିଛନ୍ତି । କାବ୍ୟ ଶୋଭାବର୍ଦ୍ଧନରେ ଯେତିକି ଓ ଯେଉଁ ଅଳଙ୍କାରର ବ୍ୟବହାର କରାଯାଇପାରେ, ତାହା ପ୍ରତି ସେ ଯଥେଷ୍ଟ ସଚେତକ ଥିଲେ ।

ବର୍ଣ୍ଣନା କ୍ଷେତ୍ରରେ ମଧ୍ୟ ରାଧାନାଥ ଖୁବ୍ ସଞ୍ଜମ । କାବ୍ୟର କଥାବସ୍ତୁ ସେ ସଂକ୍ଷେପରେ ବର୍ଣ୍ଣନା କରିଥାନ୍ତି ।

ତତ୍ସମ ଓ ତଦ୍‌ଭବ ଶବ୍ଦର ବ୍ୟବହାର କରିଥିଲେ ବି ରାଧାନାଥ ସ୍ଥାନେ ସ୍ଥାନେ ଯେଉଁ ଭଳି ଭାବରେ ଦେଶଜ ଶବ୍ଦର ପ୍ରୟୋଗ କରିଥାନ୍ତି, ତାହା ଅତୀବ ମନୋରମ ଲାଗିଥାଏ ।

ପ୍ରକୃତି ଚିତ୍ରଣରେ କବି ସିଦ୍ଧହସ୍ତ । ଏଥିରେ ମାତ୍ରାଧିକ ବର୍ଣ୍ଣନା ଥିବା ସତ୍ତ୍ୱେ ନିବିଡ଼ ଓ ଆପଣାର ଲାଗେ । ବାହ୍ୟ ପ୍ରକୃତି ସହିତ ଅନ୍ତଃପ୍ରକୃତିକୁ କବି ଯୋଡ଼ିଦେଇ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି କରିଥାନ୍ତି ।

ରାଧାନାଥଙ୍କ କାବ୍ୟରେ ମଧ୍ୟଯୁଗୀୟ କାବ୍ୟର ନାୟକନାୟିକାଙ୍କ ଦେହସର୍ବସ୍ୱ ରତିଚର୍ଯ୍ୟା ବା କପୋଳକଳ୍ପିତ ଭୋଗାଦି ଅପେକ୍ଷା ମାନବୀୟ-ପ୍ରୀତି ଚିତ୍ରିତ ହୋଇଥାଏ ।

ତାଙ୍କ କାବ୍ୟ ଭାରତୀୟ ଜାତୀୟତା, ଜାତିର ଗର୍ବ-ଗୌରବ, ସ୍ଖଳନ-ବିପର୍ଯ୍ୟୟ, ଦୁଃଖ-କାତରତା, ସୁଖ - ଖ୍ୟାତି, ମହାନତା ଆଦିକୁ ତୋଳି ଧରିଥାଏ ।

ରାଧାନାଥଙ୍କ ସୃଷ୍ଟି ଭାଗ୍ୟ ଓ ଭବିଷ୍ୟତ ଉପରୁ କ୍ଷାନ୍ତ ନୁହେଁ । ସୁଖ ଓ ପ୍ରେମକୁ ଚିତ୍ରଣ କରିବାରେ ତାଙ୍କର ଯେଉଁ ଆଗ୍ରହ ତଦନୁରୂପ ଦୁଃଖ ଓ ମୃତ୍ୟୁର କଥା କହିବାରେ ବି ସେତେ ଉତ୍ସୁକ । ତାଙ୍କର ବାକ୍ୟ କମେଡ଼ି ଅପେକ୍ଷା ଟ୍ରାଜେଡ଼ିର ବହୁ ଉପସ୍ଥାପନା କରିଥାଏ ।

**ମଧୁସୂଦନ :**

ମଧୁସୂଦନ ରାଓ ଭକ୍ତକବି ନାମରେ ପ୍ରଖ୍ୟାତ। ରାଧାନାଥ ଓଡ଼ିଆ କାବ୍ୟ କ୍ଷେତ୍ରରେ ଯୁଗାନ୍ତର ଆଣିଥିବା ଭଳି ମଧୁସୂଦନ ଗୀତିକବିତା କ୍ଷେତ୍ରରେ ନୂତନତାକୁ ଆନୟନ କରିଛନ୍ତି। କାଳ୍ପନିକ କାବ୍ୟ ରଚନା ଅପେକ୍ଷା ସେ ଅନୁଭୂତିମୂଳକ କବିତା ଲେଖିବାରେ ରୁଚି ରଖିଥିବା ଜଣାଯାଏ।

ମଧ୍ୟଯୁଗୀୟ ଚଉତିଶା, ପୋଇ, କୋଇଲି, ବୋଲି ପ୍ରଭୃତି ଗୀତିକାବ୍ୟ - ରୂପକୁ ପରିହାର କରି ଓଡ଼, ଏଲିଜି, ସନେଟ୍ ଆଦି ପାଶ୍ଚାତ୍ୟାନୁସାରୀ କାବ୍ୟ ରୂପକୁ ଗ୍ରହଣ କରି ନେଇଥିଲେ।

ପ୍ରକୃତି ଓ ଦେଶପ୍ରେମମୂଳକ ବହୁ କବିତା ରଚନା କରିଥିବା ସତ୍ତ୍ୱେ ସେ ଆଧ୍ୟାତ୍ମିକ ଆଦର୍ଶବାଦୀ କବିତା ରଚନାକୁ ଶ୍ରେୟ ଦେଇଥିବା ପରିଲକ୍ଷିତ ହୁଏ। କବି ମଧୁସୂଦନ ଥିଲେ ଜଣେ ମଧୁସନ୍ଧାନୀ। ଐଶ୍ୱରୀୟ ଚିନ୍ତା ଓ ଚେତନାକୁ ସେ ସର୍ବାଗ୍ରେ ଗୁରୁତ୍ୱ ଦେଉଥିଲେ। ସେ ବ୍ରାହ୍ମ ଧର୍ମାବଲମ୍ବୀ ହୋଇଥିବା ହେତୁ ତାଙ୍କର ସୃଷ୍ଟିରେ ବହୁ ସ୍ଥାନରେ ଈଶ୍ୱରୀୟ ଭାବ ପ୍ରଚ୍ଛନ୍ନ ଭାବରେ ରହିଛି। ରହସ୍ୟମୟୀ କବିତା ରଚନାରେ ମଧ ମଧୁସୂଦନ ଜଣେ ଧୂରୀଣ ସ୍ରଷ୍ଟା।

ମଧୁସୂଦନ ଶିଶୁକବିତା ଲେଖି ଅଶେଷ ଖ୍ୟାତି ଅର୍ଜନ କରିଛନ୍ତି। ଛାତ୍ରମାନଙ୍କୁ ବାଲ୍ୟକାଳରୁ ସତ୍ୟ ଓ ଧର୍ମର ପଥ ପ୍ରତି ଆକର୍ଷିତ କରାଯିବା କଥାକୁ ସେ ଅତ୍ୟନ୍ତ ଗୁରୁତ୍ୱ ଦେଉଥିଲେ। ତେଣୁ ଶିଶୁର ଜୀବନ ନିର୍ମାଣ ପାଇଁ ଆଧ୍ୟାତ୍ମିକ ଚେତନାର ପ୍ରୟୋଜନୀୟତାକୁ ଉପଲବ୍ଧି କରି ବହୁ ଗୀତିକବିତା ସେ ରଚନା କରିଛନ୍ତି। ଶିଶୁମାନଙ୍କୁ ଉପଦେଶ ଛଳରେ ସେ ଲେଖିଛନ୍ତି -

'ଯାହା ମୁଁ କହଇ ଯାହା ମୁଁ କହଇ ଯାହା ମୁଁ ଚିନ୍ତଇ ମନେ
ଜଗତର କର୍ତ୍ତା ପରମ ଈଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ।'

ମଧୁସୂଦନ ରାଓଙ୍କ ବିଚାରରେ ସମଗ୍ର ମାନବ ସମାଜ ଗୋଟିଏ ବଡ଼ ମାନବ ପରିବାର। ନାରୀ ହେଉଛି ବ୍ରାହ୍ମକନ୍ୟା; ପ୍ରତ୍ୟେକ ନାରୀ ଜନନୀ ଓ ଭାଗିନୀର ସ୍ୱରୂପା। ନାରୀ ପୁରୁଷର ଭୋଗ ସାମଗ୍ରୀ ନୁହେଁ; ସେ ହେଉଛି କର୍ମର ସଂଗିନୀ ଏବଂ ପ୍ରେରଣାର ଉତ୍ସ।

ମଧୁସୂଦନଙ୍କ କାବ୍ୟକବିତା ଅଶ୍ଳୀଳତା ଚିତ୍ର ବହନ କରେ ନାହିଁ। ଏହା ସୁସ୍ଥ, ସୁନ୍ଦର ସର୍ବୋପରି ଆଧ୍ୟାତ୍ମିକ ଜୀବନ ନିର୍ବାହ ପାଇଁ ପ୍ରଚୋଦିତ କରିଥାଏ।

ତାଙ୍କର କାବ୍ୟକବିତାକୁ ବିଭିନ୍ନ ଭାଗରେ ବିଭାଜିତ କରାଯାଇପାରେ :

- ଶିଶୁଗୀତିକା
- ଧର୍ମ ଓ ନୀତି ବିଷୟକ କବିତା
- ଭାବନାତ୍ମକ କବିତା
- ବର୍ଣ୍ଣନାତ୍ମକ କବିତା
- ଅନୂଦିତ କବିତା

- ବ୍ୟଙ୍ଗାତ୍ମକ କବିତା
- ସଙ୍ଗୀତ
- ସମ୍ବୋଧନଗୀତିକା
- ସନେଟ୍

ମଧୁସୂଦନ ଏହି ସମୟରେ ବହୁତ ସନେଟ୍ ଲେଖିଛନ୍ତି ।

**ଗଙ୍ଗାଧର :**

ଗଙ୍ଗାଧର ସ୍ୱଭାବ କବି ଭାବରେ ପରିଚିତ । ରାଧାନାଥ ପାଶ୍ଚାତ୍ୟ ସାହିତ୍ୟରୁ ଉପାଦାନ ଆଣିଥିବା ବେଳେ ଗଙ୍ଗାଧର ପ୍ରାଚ୍ୟ ସାହିତ୍ୟକୁ ନିଜର କାବ୍ୟାଦର୍ଶ ବୋଲି ଗ୍ରହଣ କରିନେଇଥିଲେ । ସମକାଳୀନ ସାମାଜିକ, ସାଂସ୍କୃତିକ, ରାଜନୀତିକ ବିଷୟାଦି ଗଙ୍ଗାଧରଙ୍କ ସୃଷ୍ଟିରେ ଅତି ଚମତ୍କାର ଭାବରେ ବୃଦ୍ଧି ପାଇଛି । ମାତୃଭୂମି ଓ ମାତୃଭାଷା ପ୍ରତି କବିଙ୍କର ଅଶେଷ ପ୍ରୀତି ଥିଲା । 'ଇନ୍ଦୁମତୀ', 'ଉତ୍କଳ - ଲକ୍ଷ୍ମୀ', 'କୀଚକବଧ', 'ତପସ୍ୱିନୀ' ଓ 'ପ୍ରଣୟ ବଲ୍ଲରୀ' ପ୍ରଭୃତି କୃତି ତାଙ୍କର ଉଜ୍ଜ୍ୱଳ ସ୍ୱାକ୍ଷରର ପରିଚୟ ପ୍ରଦାନ କରେ । ଗଙ୍ଗାଧର ଥିଲେ ନୀତି ନିଷ୍ଠ ସ୍ରଷ୍ଟା । ମଣିଷର ଅନ୍ତଃ ପ୍ରକୃତି ସହିତ ବାହ୍ୟଃ ପ୍ରକୃତିକୁ ଏକାକାର କରି ସେ ଏକ ମୂଲ୍ୟବୋଧର କଥା କହୁଥିଲେ । ତାଙ୍କର ବର୍ଣ୍ଣନାରେ ପ୍ରକୃତି ଅତ୍ୟନ୍ତ ଜୀବନ୍ତ ହୋଇଉଠିଛି । ଗଙ୍ଗାଧରଙ୍କ ଈଶ୍ୱର ବିଶ୍ୱାସ ଓ ଭକ୍ତି ଭାବନା ତାଙ୍କ ସୃଷ୍ଟରେ ଅନ୍ୟ ଏକ ମହନୀୟ ବିଭାବ ।

ଗଙ୍ଗାଧର ବିବିଧ କାବ୍ୟ ରଚନା କରିବା ସହିତ କ୍ଷୁଦ୍ର କ୍ଷୁଦ୍ର କବିତାର ସୃଷ୍ଟି କରିଛନ୍ତି । କାବ୍ୟ ଭଳି ଏହି ଛୋଟ ଛୋଟ କବିତା ମଧ୍ୟ କାବ୍ୟଗୁଣର ଅଧିକାରୀ । ପୁରାଣ ଓ ଇତିହାସର କଥାବସ୍ତୁକୁ ନେଇ ସେ କାବ୍ୟକବିତା ରଚନା କରିଥିଲେ ବି ତତ୍କାଳୀନ ସମାଜର ଚିତ୍ରଣରେ ସେ ଆଗ୍ରହ ରଖିଥିବା ଜଣାଯାଏ; ଯାହାକି ତାଙ୍କର ସାମାଜିକ ପ୍ରତିବଦ୍ଧତତାକୁ ସୂଚାଇଥାଏ । ପଞ୍ଚାୟତ, ପ୍ରେତର ଅନୁତାପ, ମହାଜନ ତଥା କୃଷକ ସଂଗୀତର ବହୁ କବିତା ତାଙ୍କ କାନ୍ତିକାରୀ ଦୃଷ୍ଟିରେ ସିଦ୍ଧତାକୁ ପ୍ରତିପାଦିତ କରୁଛି ।

ଗଙ୍ଗାଧର କେବଳ ଧର୍ମ, ଦର୍ଶନ, ପୁରାଣ, ଇତିହାସ ନୁହେଁ, ତା' ସହିତ ମାତି ଉଠିଥିଲେ ମାଟି ଓ ମାଟିର ମଣିଷ ଜୟଗାନରେ । କୃଷକ ଯେ ଦେଶର ମେରୁଦଣ୍ଡ, ଜାଣିଥିଲେ କବି । ତେଣୁ ସେ ଲେଖିଛନ୍ତି :

ଛାଡ଼ିଦେଲେ କୃଷି କି ସବୁ ହେବ ନାଶ
ନ ମିଳିବ ଗ୍ରାସ ଯେ ନମିଳିବ ବାସ
କାହିଁ ଯିବ ସଭ୍ୟତା ଭବ୍ୟତା ସକଳ
ଅନାହାରେ ମାନବ ମରିବ ହୋଇଣ କଲବଲ ହେ.... ।

ଗଙ୍ଗାଧର ଥିଲେ ଅସଲରେ ସତ୍ କବି । ଜନତା ଓ ଜଗତକୁ ଚିହ୍ନି ପାରିଥିବା ଓ ପ୍ରାଣ ଭରି ଭଲ ପାଇଥିବା ମହତ୍ କବି । 'ପ୍ରଣୟ ବଲ୍ଲରୀ' ରେ କଣ୍ୱ ଜୀବନ ସମ୍ପର୍କରେ ବିଶଦ ଭାବରେ ବୁଝାଇଥିବା କଥାରୁ କବିଙ୍କ ଜୀବନ ନିଷ୍ଠତାକୁ ଅନୁଭବ କରିହୁଏ । 'ତପସ୍ୱିନୀ'ରେ ପ୍ରବୃତି ଓ ଜୀବନ ପ୍ରତି ଥିବା ଧ୍ୟାନ ଓ ଜ୍ଞାନକୁ ଅନୁରୂପ ଭାବରେ ଉପଲବ୍ଧି କରିହୁଏ ।

**ନନ୍ଦକିଶୋର :**

ପଲ୍ଲୀ କବି ଭାବରେ ନନ୍ଦକିଶୋରଙ୍କ ଖ୍ୟାତି ରହିଛି । ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟର ନିବିଡ଼ ସଂସ୍ପର୍ଶରେ ଆସିଥିବା ନନ୍ଦକିଶୋର ପଲ୍ଲୀର ନିଛକ ଚିତ୍ରର ବର୍ଣ୍ଣନାରେ ବିଭୋର ହୋଇଛନ୍ତି । ପଲ୍ଲୀ ମଣିଷର ଜୀବନଧାରା ଓ ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ତାଙ୍କ କବିତାର ସ୍ପନ୍ଦନ । ପଲ୍ଲୀର ମଣିଷ, ମାଟି, ପାଣି, ପବନ, ପ୍ରଭାତ, ପ୍ରଦୋଷ ଆଦି ସତେ ଯେମିତି କଥା କହିଛି ତାଙ୍କ କବିତାରେ । 'ଶର୍ମିଷ୍ଠା', 'କୃଷ୍ଣାକୁମାରୀ', 'ସୀତାବନବାସ', 'ପଲ୍ଲୀଚିତ୍ର', 'ନିର୍ଝରିଣୀ', 'ବସନ୍ତକୋକିଳ', 'ତରଙ୍ଗିଣୀ', 'ଚାରୁଚିତ୍ର' ଆଦି ସୃଷ୍ଟିରେ କବିଙ୍କ କାବ୍ୟ ଶକ୍ତିକୁ ବେଶ୍ ହୃଦୟଙ୍ଗମ କରିଦେଲେ ସୁଦ୍ଧା ପଲ୍ଲୀ ପ୍ରାଣତା ଆଧାରିତ କବିତାବଳୀ ପାଇଁ କବିଙ୍କ ସ୍ୱତନ୍ତ୍ର ପରିଚୟ ରହିଛି ।

ପଲ୍ଲୀର ରୂପଚର୍ଯ୍ୟା ସହିତ ମଣିଷର ଜୀବନ ଚର୍ଯ୍ୟାକୁ ସ୍ୱଭାବ - ସୁନ୍ଦର ଭାଷାର କବି ଚିତ୍ରଣ କରିଛନ୍ତି । କବି ଜୀବନର ଆରମ୍ଭରୁ ନନ୍ଦ କିଶୋର ଓଡ଼ିଆ ସାହିତ୍ୟର ଅବହେଳିତ ଦିଗ ପଲ୍ଲୀ ଜୀବନ ଓ ପଲ୍ଲୀ ପ୍ରକୃତି ଉପରେ ମନୋନିବେଶ କରିଛନ୍ତି । ତାଙ୍କର ସରଳ ଓ ସାବଲୀଳ ଭାଷାରେ ପଲ୍ଲୀ ଜୀବନ୍ତ ହୋଇପାରିଛି । ଓଡ଼ିଆ ପାଠକ ପଲ୍ଲୀର ରୂପରେ ମୁଗ୍ଧ ହୋଇଛି, ସତେ ଯେମିତି ନୂଆ କରି ଦେଖିପାରିଛି ନନ୍ଦ କିଶୋରଙ୍କ କବିତାରେ ।

ନନ୍ଦକିଶୋର କାବ୍ୟ - କବିତାରେ ପଲ୍ଲୀରେ ଚିତ୍ର ରହିବା ସହିତ ଇତିହାସ - ସୃଷ୍ଟି, ଅତୀତ -ସ୍ମୃତି, ଐତିହ୍ୟ - ଅନ୍ୱେଷା ତଥା ଜୀବନ - ବନ୍ଦନା ଓ ବିଶ୍ୱଭାବ ଭରି ରହିଛି ।

**ଫକୀରମୋହନ :**

ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ଅଜସ୍ର ଖ୍ୟାତି ଅର୍ଜନ କରିଥିବା ଫକୀରମୋହନ କବିତା ରଚନାରେ ମଧ୍ୟ ନିଜର ପ୍ରତିଭାର ପରିଚୟ ଦେଇପାରିଛନ୍ତି । ତାଙ୍କର ' ଉତ୍କଳ ଭ୍ରମଣଂ' ହେଉଛି ଓଡ଼ିଆ ପଦ୍ୟସାହିତ୍ୟର ପ୍ରଥମ ଉଲ୍ଲେଖଯୋଗ୍ୟ ସାର୍ଥକ କବିତା । ଏହାପରେ ସେ ବହୁ କାବ୍ୟକବିତା ରଚନା କରିଥିଲେ । 'ବୌଦ୍ଧାବତାର କାବ୍ୟ', 'ପୁଷ୍ପମାଳା', 'ଉପହାର', 'ଅବସର ବାସରେ', 'ପୂଜାଫୁଲ', 'ଧୂଳି' ପ୍ରଭୃତି ହେଉଛି ତାଙ୍କର ଉଲ୍ଲେଖନୀୟ କୃତି ।

ଫକୀରମୋହନଙ୍କ କାବ୍ୟକୃତିକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇପାରେ । ଯଥା : - ୧) ଅନୁବାଦ ଓ ଅନୁସୃଷ୍ଟି ଏବଂ ୨) ମୌଳିକ କାବ୍ୟ କବିତା । ମୌଳିକ କାବ୍ୟକବିତାକୁ ତିନୋଟି ଅନୁଭାଗରେ ବିଭକ୍ତ କରାଯାଇପାରେ । ଯଥା: - ୧) ବିବରଣୀମୂଳକ ଖଣ୍ଡକାବ୍ୟ (ଉତ୍କଳ ଭ୍ରମଣଂ), ୨) ଗୀତିକବିତା (ଉପହାର, ପୁଷ୍ପମାଳା, ଅବସରବାସରେ, ପୁଜାଫୁଲ, ଧୂଳି ଇତ୍ୟାଦି) ଏବଂ ୩) କାବ୍ୟ (ବୌଦ୍ଧାବତାର) ।

ଫକୀରମୋହନଙ୍କ କବିତାରେ ବିବିଧ ଚେତନା ଥିବା ପରିଲକ୍ଷିତ ହୋଇଥାଏ । ଯଥା : -

- **ପ୍ରଣୟ ଚେତନା :** ପ୍ରଣୟାନୁଭୁତିକୁ ନେଇ ବହୁତ କବିତା ରଖିଛନ୍ତି ଫକୀରମୋହନ । ପତ୍ନୀଙ୍କ ବିୟୋଗ ପରେ ଲେଖିଥିବା ପ୍ରେମ କବିତା ଆହୁରି ରସୋତୀର୍ଣ୍ଣ ହୋଇପାରିଛି । ଯେଉଁସବୁ କବିତାରେ ପ୍ରଣୟ ଚେତନାକୁ ବେଶ୍ ହୃଦୟଙ୍ଗମ କରି ହୁଏ । ସେଗୁଡ଼ିକ ହେଉଛି - ସାହାଡ଼ା ଗଛର କ୍ରନ୍ଦନ, ଚକୁଆ ଚକୋଇ, କପୋତ ସଙ୍ଗୀତ, ଭ୍ରଷ୍ଟତାରକା, ଯୁଗ୍ମ କୁସୁମ, ବୁଢ଼ା ପଳାସ, ବିରହୀ ହଳଦି ବସନ୍ତ, ଶେଷ ମିଳନ, ମେଲାଣି, ହସିହସି ଗଲା ମୋତେ କନ୍ଦାଇ କନ୍ଦାଇ, ପୁଣି କି ଦେଖିବି ସେହି ସହାସ୍ୟ ବଦନ ପ୍ରଭୃତି ।

- **ଦେହୋତ୍ତର ଚେତନା :** ଫକୀରମୋହନ ଈଶ୍ୱର ବିଶ୍ୱାସ ସମ୍ବଳିତ କବିତା କେତୋଟି ଲେଖିଛନ୍ତି। ସେଗୁଡ଼ିକରୁ ଅଧିକାଂଶ ବାର୍ଦ୍ଧକ୍ୟ କାଳରେ ରଚିତ। ଉଦାହରଣ ସ୍ୱରୂପ: ଅଭିସାର, ସାଧୁସଂସର୍ଗ, ଜୟ ଜଗଦୀଶ ହରେ, ଏକ ଲୀଳା, ପ୍ରାଣେଶ, ହରି ସର୍ବସ୍ୱ, ସମ୍ବଳ, ପ୍ରାର୍ଥନା ପ୍ରଭୃତି।
- ଫକୀରମୋହନଙ୍କ ବିଷାଦବାଦୀ କାବ୍ୟସ୍ୱରୂକୁ ବିଭିନ୍ନ କବିତାରେ ଉପଲବ୍ଧି କରି ହୁଏ। ତନ୍ମଧ୍ୟରୁ କେତୋଟି ହେଉଛି – ଶୀତ ସଙ୍ଗୀତ, ଜଗତ ନୁହେଁ ପୂର୍ଣ୍ଣ ସୁଖର ସ୍ଥାନ, ପୃଥିବୀ ତ ନୁହେଁ ସୁଖସ୍ଥାନ, କାହିଁଛନ୍ତି ବନ୍ଧୁ ମୋର କିଏ ଦେବ କହି, ସାହାଡ଼ା ଗଛର କ୍ରନ୍ଦନ ପ୍ରଭୃତି।
- **ମୃତ୍ୟୁଚେତନା** : ମୃତ୍ୟୁଚେତନା ଥିବା ତାଙ୍କର କେତୋଟି କବିତା – ମୃତ୍ୟୁଶଯ୍ୟାରେ, ମୃତ୍ୟୁ ନିମନ୍ତ୍ରଣ, ସ୍ନେହ ନିମନ୍ତ୍ରଣ, ଶେଷ ପ୍ରାର୍ଥନା ଇତ୍ୟାଦି।
- **ପ୍ରକୃତି ପ୍ରୀତି :** ମୋ ଗାଁ ମଲ୍ଲୀକାଶପୁର, ସନ୍ଧ୍ୟାବେଳେ ବିଦେଶୀର ଅନୁଚିନ୍ତା, କପୋତ କପୋତୀ, ରଜନୀଗନ୍ଧା ପ୍ରଭୃତି କବିତାରେ କବିଙ୍କ ପ୍ରକୃତି ପ୍ରୀତି ବେଶ୍ ସ୍ପଷ୍ଟ।
- **ଜାତୀୟଚେତନା :** 'ଉତ୍କଳ ଭ୍ରମଣଂ' କାବ୍ୟ ସମେତ ଛିନ୍ନଭିନ୍ନ ଜନ୍ମଭୂମି, ପଦ୍ୟମାଳା, ଜନନୀ ଉତ୍କଳ ଭାଷା, ଉତ୍କଳ ଜନନୀର ଆହ୍ୱାନ ଆଦିର ଜାତୀୟ ଚେତନା ଫୁଟିଉଠିଛି।

ଫକୀରମୋହନ ଚତୁର୍ଦ୍ଦଶପଦୀ, ଶୋକ କବିତା, ସମ୍ବୋଧଗୀତି, ଗାଥା କବିତା, ଲାଳିକା ତଥା ଗୀତି କବିତା ମଧ୍ୟ ରଚନା କରିଛନ୍ତି।

**ଭୀମ ଭୋଇ :**

ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଓଡ଼ିଶାରେ ମହିମା ଧର୍ମର ଅଭ୍ୟୁଦୟ ଘଟିଛି। ଏହି ଧର୍ମର ପ୍ରତିଷ୍ଠାତା ଭାବରେ ମହିମା ଗୋସାଇଁଙ୍କୁ ସ୍ୱୀକାର କରାଯାଏ। ଏହି ଧର୍ମରେ ମୂର୍ତ୍ତି ପୂଜା ନିଷେଧ। ଈଶ୍ୱର ହେଉଛନ୍ତି ଏକ – ଅଲେଖ ପରଂବ୍ରହ୍ମ, ତାଙ୍କର ରୂପବର୍ଣ୍ଣ କିଛି ନାହିଁ। ଏହି ଧର୍ମରେ ଜାତିଭେଦ ନାହିଁ। ଏହି ଧର୍ମରେ ଦୀକ୍ଷିତ ଭୀମ ଭୋଇ ଗୁଡ଼ାଏ କାବ୍ୟ କବିତା ସୃଷ୍ଟି କରିଛନ୍ତି।

ଭୀମଭୋଇ ରାଧାନାଥଙ୍କ ସମକାଳୀନ ହେବା ସତ୍ତ୍ୱେ ତାଙ୍କୁ କିମ୍ବା ତାଙ୍କ ସାହିତ୍ୟକୁ ରାଧାନାଥ କାଳୀନ ଭାବରେ ଚର୍ଚ୍ଚା କରାନଯିବା ଅତ୍ୟନ୍ତ ଦୁଃଖର ବିଷୟ। ଭୀମ ଭୋଇ କେବଳ ମହିମା ଧର୍ମ ସମ୍ପର୍କରେ କହିନାହାନ୍ତି, ସେ ତତ୍‌କାଳୀନ ସମାଜ ବ୍ୟବସ୍ଥା ଉପରେ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ତାଙ୍କ ସୃଷ୍ଟିରେ ସମୟର ସ୍ପନ୍ଦନକୁ ଅନୁଭବ କରିହୁଏ। ଭୀମ ଭୋଇଙ୍କ ସୃଷ୍ଟି ସମ୍ପଦ ହେଉଛି – ଶ୍ରୁତି ନିଷେଧ ଗୀତା, ନିର୍ବେଦ ସାଧନ, ଆଦିଅନ୍ତ ଗୀତା, ଅଷ୍ଟକ ବିହାରୀ ଗୀତା, ବ୍ରହ୍ମ ନିରୁପଣ ଗୀତା, ପଦ୍ମକଳ୍ପ, ଭଜନମାଳା, ବ୍ରହ୍ମଚାଳକ, ସ୍ତୁତି ଚିନ୍ତାମଣି, ଚଉତିଶା ମଧୁଚକ୍ର, ମହିମା ବିନୋଦ ଇତ୍ୟାଦି।

ଭୀମ ଭୋଇଙ୍କ କବିତା ଜୀବନର ବନ୍ଦନା କରିଥାଏ। ସତ୍ୟ, ଅହିଂସା, ଜୀବେ ଦୟା ପ୍ରଭୃତି ପ୍ରସଙ୍ଗ ତାଙ୍କ କବିତାର ଅନ୍ୟ ଏକ ଦିଗ। ଧର୍ମାଚାରୀ ହେବା ସତ୍ତ୍ୱେ ଭୀମ ହୋଇ ଧର୍ମଠାରୁ ବି ଧରଣୀକୁ ବେଶି ଗୁରୁତ୍ୱ ଦିଅନ୍ତି। ତାଙ୍କ ଭାଷାରେ –

'ଧର୍ମ ପଛେ ନିନ୍ଦା ହେଉ, ଧରଣୀ ମଣ୍ଡଳ ରହୁ
ଶୂନ୍ୟ ଧରିତ୍ରୀ ଆକାଶ, ଆକାଶ, ଭାସି ନ ଯାଉ।'

ଭୀମଭୋଇଙ୍କ କବିତା ଦଳିତ, ପୀଡ଼ିତ ଜନତାର ପକ୍ଷରେ ଠିଆ ହୋଇଥାଏ। ତାଙ୍କ କବିତା ନାରୀ ପୁରୁଷର ଶିକ୍ଷା କ୍ଷେତ୍ରରେ ଥିବା ସମାନ ଅଧିକାରକୁ କରେ। ଜାତି ଭେଦର ବିରୋଧରେ କବି ସ୍ୱର ଟୋଳିଛନ୍ତି। ସଂସାରରେ କେବଳ ଦୁଇଟି ଜାତି, ତାହା ପୁରୁଷ ଓ ନାରୀ-ଏଥିରେ ସେ ବିଶ୍ୱାସ ରଖିଛନ୍ତି।

- ମାଟି, ମଣିଷ ଓ ପ୍ରକୃତି ପ୍ରତି କବିଙ୍କ ଅସୁମାରୀ ଶ୍ରଦ୍ଧା।
- କବି ଥିଲେ ନିର୍ଭୀକ। ତାଙ୍କ କବିତା ସତ୍ୟ, ଧର୍ମ ଓ ନ୍ୟାୟର କଥା କହିଛି।
- ସେ ଥିଲେ ସ୍ୱାଧୀନ ଚେତା
- ତାଙ୍କ କବିତା ଜ୍ଞାନର କଥା କହେ।
- ଗୁରୁ ପ୍ରତି ତାଙ୍କର ଅଟଳ ଭକ୍ତି।
- ତାଙ୍କ କବିତାରେ ଜୀବନବୋଧର କଥା ରହିଛି।
- ସେ ବିଷାଦବୋଧର କଥା କହିଛନ୍ତି।
- ସମାଜର ଅନୀତି, କୁସଂସ୍କାରର କଠୋର ସମାଲୋଚନା କରିଛନ୍ତି।

## ୧.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।**

(କ) ଓଡ଼ିଆ ସନେଟ୍ କବିତା

(ଖ) ଓଡ଼ିଆ ଗାଥା କବିତା

(ଗ) ମଧୁସୂଦନଙ୍କ ସମ୍ବୋଧ କବିତା

(ଘ) ଓଡ଼ିଆ ଶୋକ କବିତା

(ଙ) ନନ୍ଦକିଶୋରଙ୍କ ପଲ୍ଲୀ କବିତା

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

(କ) ଆଙ୍ଗିକ ଦୃଷ୍ଟିରୁ ମଧୁସୂଦନଙ୍କ କବିତାରେ କିପରି ନୂତନତା ରହିଛି, ବର୍ଣ୍ଣନା କର।

(ଖ) ରାଧାନାଥଙ୍କୁ ନବଚେତନାର ବାର୍ତ୍ତାବହ କୁହାଯାଇ ପାରିବ କି ? ବିଚାର କର।

(ଗ) ନବଚେତନା କ'ଣ ? ଉନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଓଡ଼ିଆ କାବ୍ୟ କବିତାରେ ତାହାର କେମିତି ପ୍ରତିଫଳନ ଘଟିଛି ?

(ଘ) ଗଙ୍ଗାଧରଙ୍କ କବିତାରେ ନବଚେତନାର ସ୍ୱର ରହିଛି କିପରି ? ଆଲୋଚନା କର।

## ୧.୭ ସହାୟକ ଗ୍ରନ୍ଥସୂଚୀ


- ଆଚାର୍ଯ୍ୟ, ବୃନ୍ଦାବନ, ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ, ପୁନର୍ମୁଦ୍ରଣ - ୨୦୦୧, ଗ୍ରନ୍ଥମନ୍ଦିର, କଟକ -୨ ।
- ମହାନ୍ତି, ଜାନକୀବଲ୍ଲଭ, ନବଯୁଗର କବି ଓ କାବ୍ୟଧାରା, ୧ମ ସଂସ୍କରଣ -୧୯୭୭, ଗ୍ରନ୍ଥମନ୍ଦିର, କଟକ -୨ ।
- ମାନସିଂହ, ମାୟାଧର, ଓଡ଼ିଆ ସାହିତ୍ୟର ଇତିହାସ, ପରିମାର୍ଜିତ ସଂସ୍କରଣ ୧୯୯୬, ଗ୍ରନ୍ଥମନ୍ଦିର, କଟକ ।
- ସାମଲ, ବୈଷ୍ଣବ ଚରଣ, ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ସତ୍ୟବାଦୀ ଯୁଗ, ଚତୁର୍ଥ ସଂସ୍କରଣ -୨୦୧୩, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ -୨ ।

# ଦ୍ୱିତୀୟ ଏକକ : ଆଧୁନିକ ଓଡ଼ିଆ କବିତା

**ବିଷୟ ଗଠନ :**

୨.୧ ପଠନର ଉଦ୍ଦେଶ୍ୟ
୨.୨ ଶିକ୍ଷଣୀୟ ବିଷୟ
୨.୩ ବିଷୟ ପ୍ରବେଶ
୨.୪ ଆଧୁନିକ, ଆଧୁନିକତା
୨.୪.୧ ଆଧୁନିକ ଚେତନାର ମୁଖ୍ୟ ଲକ୍ଷଣ
୨.୪.୨ ଆଧୁନିକତାବୋଧ
୨.୪.୩ ଆଧୁନିକ କବିତାର ସ୍ୱରୂପ
୨.୪.୪ ଆଧୁନିକ କବିତାର ଥିମ୍
୨.୪.୫ ଆଧୁନିକ କବିତାର ଭାଷା
୨.୪.୬ ଆଧୁନିକ କବି ଓ କବିତା
୨.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୨.୬ ସହାୟକ ଗ୍ରନ୍ଥସୂଚୀ

## ୨.୧ ପଠନର ଉଦ୍ଦେଶ୍ୟ

ଓଡ଼ିଆ ସାହିତ୍ୟର ଇତିହାସକୁ ଅନୁଧ୍ୟାନ କଲେ ଦେଖାଯାଏ, ଓଡ଼ିଆ କବିତାରେ ନବଚେତନାର ପଶ୍ଚାତ୍ ସତ୍ୟବାଦୀ, ସବୁଜ ଓ ପ୍ରଗତିବାଦୀ ଧାରାର ଆବିର୍ଭାବ ହୋଇଛି। ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ, କାଳିନ୍ଦୀଚରଣ, ଅନ୍ନଦାଶଙ୍କର, ବୈକୁଣ୍ଠନାଥ, କୁନ୍ତଳାକୁମାରୀ, ମାୟାଧର, ରାଧାମୋହନ, ଅନନ୍ତ ଓ ଆହୁରି ଅନେକଙ୍କ ସ୍ୱର ଓ ସ୍ୱାକ୍ଷରରେ ଝଲସି ଉଠିଛି ଓଡ଼ିଆ କବିତା। ତେବେ ଏହି ଏକକରେ ଆଧୁନିକ ଓଡ଼ିଆ କବିତା ସମ୍ପର୍କରେ ଶିକ୍ଷାର୍ଥୀ ଜ୍ଞାନ ପାଇପାରିବେ। ଏହି କାଳରେ ଓଡ଼ିଆ କବିତା କ୍ଷେତ୍ରରେ ବିଭିନ୍ନ ପରୀକ୍ଷାନିରୀକ୍ଷା କରାଯାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ମଣିଷ ଭିତରେ ଦେଖାଯାଇଥିବା ଚିନ୍ତା ଓ ଚେତନା ତଥା ସ୍ୱାଧୀନତା ପରର ସମାଜ - ରାଜନୈତିକ ଦୁରାବସ୍ଥା, ମୋହଂଭଗାଦିକୁ ଏହି ସମୟରେ କାବ୍ୟ ଉପାଦାନ ଭାବରେ ଗ୍ରହଣ କରି ନେନଇଛନ୍ତି। ଉଭୟ ଆଙ୍ଗିକ ଓ ଆତ୍ମିକ ଦିଗରେ ନୂତନାତାର ପ୍ରୟୋଗ ହୋଇଛି। ଏହା ସାଧାରଣ ପାଠକ ପାଇଁ ଅନେକତ୍ର ଦୁର୍ବୋଧ ହୋଇଯାଇଛି।

## ୨.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀଗଣ ନିମ୍ନଲିଖିତ ପ୍ରସଙ୍ଗ ଉପରେ ଜ୍ଞାନ ଆହରଣ କରିପାରିବେ :

- ଆଧୁନିକ
- ଆଧୁନିକତା
- ଆଧୁନିକ ଚେତନାର ମୁଖ୍ୟ ଲକ୍ଷଣ
- ଆଧୁନିକତାବୋଧ
- ଆଧୁନିକ କବିତାର ସ୍ୱରୂପ
- ଆଧୁନିକ କବିତାର ଥିମ୍
- ଆଧୁନିକ କବିତାର ଭାଷା
- ଆଧୁନିକ କବି ଓ କବିତା

## ୨.୩ ବିଷୟ ପ୍ରବେଶ

ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବରୁ ଓଡ଼ିଆ ସାହିତ୍ୟରେ ଆଧୁନିକ ଯୁଗର ସୂତ୍ରପାତ ହୋଇଛି । ଇଉରୋପ ଇତିହାସରେ ଆଧୁନିକ ଯୁଗ କହିଲେ ପ୍ରାୟ ଚତୁର୍ଦ୍ଦଶ / ପଞ୍ଚଦଶ ଶତାବ୍ଦୀକୁ ବୁଝାଇଥାଏ । ସେହି ସମୟ ଖଣ୍ଡରେ ସେଠାରେ ବିଶେଷ ଉଦ୍‌ବେଳନ ସବୁ ଯଥା: - ଆଧୁନିକ ବିଜ୍ଞାନ, ରେନେସାଁସ୍, ଶିଳ୍ପବିପ୍ଳବାଦି ଦେଖାଯାଇଛି । ଆଗରୁ ରାଜାମାନେ ସର୍ବେସର୍ବା ଥିଲେ । ଧର୍ମ ମଧ୍ୟ ନିଜ ସାମ୍ରାଜ୍ୟ ବିସ୍ତାର ଲାଭ କରିଥିଲା । କିନ୍ତୁ ଆଧୁନିକ କାଳରେ ମନୁଷ୍ୟ କେନ୍ଦ୍ରକୁ ଆସିଲା । ମଣିଷ ପରି ଧନୀଦରିଦ୍ର, ଉଚ୍ଚନୀଚ ସବୁ ସୁଲଭ ମଣିଷକୁ ବୁଝାଏ । ସମସ୍ତେ ସମାନ ମଣିଷର ଭାଗ୍ୟ ନିୟନ୍ତ୍ରଣ କରନ୍ତି ନାହିଁ ଭଗବାନ - ବରଂ ମଣିଷ ହାତରେ ନିଜର ଭାଗ୍ୟର ଡୋରୀ ରହିଛି - ଏହାକୁ ମଣିଷ ଅନୁଭବ କଲା ।

ଭାରତବର୍ଷରେ ଆଧୁନିକ ଯୁଗର ଆରମ୍ଭ ହୋଇଛି ଊନବିଂଶ ଶତାବ୍ଦୀରୁ ଇଂରେଜମାନେ ଭାରତକୁ ଆସିଲେ । ବାଣିଜ୍ୟ କରୁ କରୁ ସାମ୍ରାଜ୍ୟର ସ୍ଥାପନ କଲେ । ପାଶ୍ଚାତ୍ୟର ଶାସନ ସହିତ ସଂସ୍କୃତିବି ସଞ୍ଚରିଲା ଭାରତରେ । ଏହି ଦେଶରେ ଆରମ୍ଭ ହେଲା ଆଧୁନିକ ଶିକ୍ଷା । ପାଶ୍ଚାତ୍ୟ ଗବେଷକମାନେ ଭାରତର ଇତିହାସକୁ ଆଲୋକକୁ ଆଣିଲେ । ଭାରତୀୟ ଭାଷାଗୁଡ଼ିକ ଆସିଲେ ଛପା ବହି ଭିତରକୁ । ଭାରତୀୟ ଜାଣିପାରିଲା ନିଜ ଐତିହ୍ୟ ଓ ସଂସ୍କୃତି । ଏଥି ସକାଶେ ତା' ମନରେ ଆସିଲା ଗର୍ବ ଓ ତହିଁରୁ ଆପାତତଃ ଜନ୍ମ ନେଲା ଜାତୀୟତାବୋଧ । ଇଂରେଜମାନଙ୍କ ଉଦ୍ୟମରେ ଭାରତ ଦେଶ ଗୋଟିଏ ହେଲା । ଗୋଟିଏ ଏକକରେ ଶାସିତ ହେଉ ହେଉ ଭାରତବାସୀ ଏକ ହେଲେ ଏକ ବିଦେଶୀ ଶାସନ ବିରୋଧରେ ସଂଗ୍ରାମ କଲେ । ସ୍ୱାଧୀନତା ସଂଗ୍ରାମ କାଳରେ ଭାରତ ବହୁ ସ୍ୱପ୍ନ ଦେଖିଥିଲା । କିନ୍ତୁ ସ୍ୱାଧୀନତା ପରେ ପରେ ଅନେକାଂଶରେ ତା'କୁ ହତାଶ ହେବାକୁ ପଡୁଛି । ଆଧୁନିକ କବିତାର କବି ଚିତ୍ରିତ କରିଛି ବୋଲି ମୋହ ଏବଂ ତଜ୍ଜନିତା ମୋହଭଙ୍ଗକୁ । ଆଧୁନିକ ମଣିଷର ବେଦନା, ଜୀବନ ଯୁଦ୍ଧ, ଆତଙ୍କ, ଅନୁଭବାଦି କାବ୍ୟ ରୂପ ନେଇଛି ।

## ୨.୪ ଆଧୁନିକ, ଆଧୁନିକତା

- 'ଅଧୁନା' ଶବ୍ଦରୁ 'ଆଧୁନିକ' ର ସୃଷ୍ଟି। ଏହାର ସମାର୍ଥକ ଭାବରେ ଇଂରାଜୀ ଶବ୍ଦ 'modern' କୁ ଗ୍ରହଣ କରଯାଇଥାଏ।
- 'ଆଧୁନିକ' ଶବ୍ଦର ପ୍ରୟୋଗ କଲାବେଳେ ଆଉ ଦୁଇଟି ଶବ୍ଦ ଭାବନାକୁ ଆସିଥାଏ। ତାହା ହେଉଛି - ନୂତନ ଓ ସାମ୍ପ୍ରତିକ
- 'ନୂତନ'ର ପଛ ସହିତ କୌଣସି ସମ୍ପର୍କ ନାହିଁ। କୌଣସି ଅତୀତର ଦୃଷ୍ଟାନ୍ତ ଦେଇ ଏହାର ଉପସ୍ଥାପନା କରାଯାଇପାରେ ନାହିଁ। ନିଜେ ହିଁ ନିଜର ଉଦାହରଣ। ଏହାର ସମ୍ପର୍କ 'ସ୍ୱାତନ୍ତ୍ର୍ୟ' ସହିତ ନିବିଡ଼। ବର୍ତ୍ତମାନର ପରିପ୍ରେକ୍ଷୀରେ ସାଧାରଣତଃ ଏହାର ବିଚାର କରାଯାଇଥାଏ।
- 'ସାମ୍ପ୍ରତିକ' ବର୍ତ୍ତମାନ ସହିତ ସଂପୃକ୍ତ ହେଉଥିବା ସତ୍ତ୍ୱେ 'ସ୍ୱାତନ୍ତ୍ର୍ୟ' ସହିତ ଏତେ ଘନିଷ୍ଠ ନୁହେଁ। ଏହା ସାଧାରଣତଃ ଐତିହ୍ୟକୁ ଗୁରୁତ୍ୱ ଦେଇନଥାଏ। ତଥାପି ଅତୀତଠାରୁ ସଂପୂର୍ଣ୍ଣ ବିଚ୍ୟୁତ ନୁହେଁ।
- ମୋଟାମୋଟି ଭାବରେ କହିବାକୁ ଗଲେ 'ସାମ୍ପ୍ରତିକ' ଏକ ନିର୍ଦ୍ଦିଷ୍ଟ କଳା-ଖଣ୍ଡର ଅନ୍ତର୍ନିହିତ ସ୍ୱର ହୋଇଥିବା ବେଳେ 'ନୂତନ' ହେଉଛି ସମୟ - ଖଣ୍ଡର ଦୃଷ୍ଟି ଆକର୍ଷଣ କରି ପାରୁଥିବା ଏକ ଭିନ୍ନ ଧରଣର ସୃଷ୍ଟି।
- 'ଆଧୁନିକ' କହିଲେ କେବଳ 'ନୂତନ' କିମ୍ବା 'ସାମ୍ପ୍ରତିକ' ନୁହେଁ। 'ନୂତନ'ର ସମସ୍ତ ଗୁଣ ଓ ଲକ୍ଷଣ ଏଥିରେ ଥିବା ନଥିବାରେ କୌଣସି ଅର୍ଥ ନାହିଁ। ଏହା ଏକ ଭିନ୍ନ ଧରଣର ଚେତନା। ପରମ୍ପରା ବିପକ୍ଷରେ ସ୍ୱର ଉତ୍ତୋଳନ କରି ଏକ ନୂତନ ପରମ୍ପରା ଜୟଗାନ କରିଥାଏ। ସେହି ନୂତନ ପରମ୍ପରାଟି ସେହି କାଳଖଣ୍ଡରେ 'ଆଧୁନିକ' ବୋଲି ବିବେଚିତ ହୋଇଥାଏ।
- 'ଆଧୁନିକତା' ଏକ ଚେତନା। ଏହା ଏକ ବିପ୍ଳବ; ଯାହା ଜନ୍ମ ଦିଏ ନୂତନ ମାଟି ଓ ମଣିଷକୁ। ଏହି ବିପ୍ଳବ ଭୌତିକ ବିପ୍ଳବ ନୁହେଁ। ଏହା ଭାବ ବିପ୍ଳବ।
- ଆଧୁନିକତା ଏକ ସୂକ୍ଷ୍ମ ବିଚାର - ବିବେଚନା।
- ଆଧୁନିକ ଚେତନାରେ ବିଭିନ୍ନତା ହେଉଛି ମୁଖ୍ୟ ସ୍ୱର। ଏହା ନିର୍ଦ୍ଦିଷ୍ଟତା ବୋଲି କିଛି ନଥାଏ।
- ଆଧୁନିକତାର ନିର୍ଦ୍ଦିଷ୍ଟ ସଂଜ୍ଞା ନାହିଁ; ଏହାର ସ୍ୱରୂପ ରହିଛି।
- ପୁରାତନ, ଐତିହ୍ୟ ଅପରିବର୍ତ୍ତନୀୟ। ଅଥଚ ଆଧୁନିକତା ସର୍ବଦା ପରିବର୍ତ୍ତନଶୀଳ

### ୨.୪.୧ ଆଧୁନିକ ଚେତାନର ମୁଖ୍ୟ ଲକ୍ଷଣ

- ଆଞ୍ଚଳିକତାକୁ ଛାଡ଼ି ସାର୍ବତ୍ରିକତାକୁ ଗ୍ରହଣ କରିବା
- ବୈଜ୍ଞାନିକ ଚେତନା ଦ୍ୱାରା ପ୍ରଭାବିତ

- ବୁଦ୍ଧି ଓ ଯୁକ୍ତି ଉପରେ ଅତିରିକ୍ତ ଗୁରୁତ୍ୱ ଆରୋପ
- କଳ୍ପନା ଓ ରହସ୍ୟକୁ ତ୍ୟାଗ କରିବା
- ଈଶ୍ୱର ଅପୟୋଜନୀୟ
- ଗଣ ନୁହେଁ; ବ୍ୟକ୍ତି ହିଁ ସମସ୍ତ ସମ୍ପର୍କର କେନ୍ଦ୍ର
- ପ୍ରକୃତିକୁ ଆତ୍ମିକ ଅଂଶ ଭାବରେ ଗ୍ରହଣ ନ କରି ତା'କୁ ନିଜ ସୁଖ ଓ ବୈଷୟିକ ସମୃଦ୍ଧି ପାଇଁ ବ୍ୟବହାର କରିବା
- ମଣିଷ ବ୍ୟକ୍ତି ସର୍ବସ୍ୱ। ଆତ୍ମକୈନ୍ଦ୍ରିକ

## ୨.୪.୨ ଆଧୁନିକତାବୋଧ

- ଆଧୁନିକତା ଏକ ପ୍ରକ୍ରିୟ
- ଆଧୁନିକତାର ସ୍ଥିତି ନାହିଁ; ଏହାର ଗତି ଅଛି।
- ଆଧୁନିକତାବୋଧ ନଗରବୋଧ ସହିତ ସଂପୃକ୍ତ।
- ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଓ ସାମାଜିକ ପରିବର୍ତ୍ତନ
- ବୈଜ୍ଞାନିକ ଦୃଷ୍ଟି, ଯୁକ୍ତି ସଙ୍ଗତ, ବୌଦ୍ଧିକତା

ମାନବୀୟ .............................. ଦାୟିତ୍ୱବୋଧ - କି ?

## ୨.୪.୩ ଆଧୁନିକ କବିତାର ସ୍ୱରୂପ

- ସମୟ ଗର୍ଭରେ ଲୁକ୍କାୟିତ ମାନବ ଜ୍ଞାନର ସମଷ୍ଟିକୁ ବର୍ତ୍ତମାନର ଆଲୋକକୁ ଆଣିବା ଏବଂ ତା'କୁ ଅଧିକ ବ୍ୟାପ୍ତ ତଥା ନୂତନ ଅର୍ଥମୟ କରିବା
- ଆଧୁନିକ ଜୀବନର ଜଟିଳତାକୁ ପ୍ରକାଶ
- ଅନୁଭୂତିର ବୈଚିତ୍ର୍ୟକୁ ପାରମ୍ପରିକ ଶୈଳୀ ପରିବର୍ତ୍ତେ ନୂତନ ଶୈଳୀରେ ଗଢ଼ିତୋଳିବା
- ବର୍ଣ୍ଣନାର ମୋହ ନଥାଏ
- ସୂଚନାଧର୍ମୀତା
- ଶବ୍ଦ, ଧ୍ୱନି, ପ୍ରତୀକ ଓ ଚିତ୍ରକଳ୍ପରେ ଗୁରୁତ୍ୱ
- ଆବେଗଧର୍ମୀ ନୁହେଁ ମନନଧର୍ମୀ
- ସମୟର ନୂତନ ଅଙ୍ଗୀକାର

## ୨.୪.୪ ଆଧୁନିକ କବିତାର ଥିମ୍

- ନଗରକୈନ୍ଦ୍ରିକ ସଭ୍ୟତାର ପ୍ରଭାବ
- ସମ୍ପର୍କଚ୍ୟୁତ ଜୀବନ
- ଜୀବନର କ୍ଲାନ୍ତି ଓ ନୈରାଶ୍ୟବୋଧ
- ଈଶ୍ୱର ଓ ଧର୍ମ ପ୍ରତି ଅବିଶ୍ୱାସ ଓ ବିଦ୍ରୂପ
- ଦେହଜ କାମନା - ବାସନା
- ପ୍ରେମବୋଧକୁ ଏକ ଛଳନା ବୋଲି ସ୍ୱୀକାର
- ବିଜ୍ଞାନ ଓ ପ୍ରାକୃତିକ ପରିବେଶ
- ପ୍ରାଚୀନ ପୃଥିବୀ, ପ୍ରାଚୀନ ବିଶ୍ୱାସ, ପ୍ରାଚୀନ ମଣିଷ ଅପେକ୍ଷା ନୂତନ ପୃଥିବୀ, ନୂତନ ବିଶ୍ୱାସ, ନୂତନ ମଣିଷ ସର୍ବୋପରି ନୂତନ ଜ୍ଞାନ ଓ ବିଚାରକୁ ଗୁରୁତ୍ୱ
- ଦର୍ଶନ, ବିଜ୍ଞାନ, ମନସ୍ତତ୍ତ୍ୱ, ନୃତତ୍ତ୍ୱ, ସମାଜତତ୍ତ୍ୱ, ନନ୍ଦନତତ୍ତ୍ୱ ପ୍ରଭୃତି ବିଦ୍ୟାକୁ ଗୁରୁତ୍ୱ ଦେବା ସହିତ ତହିଁରୁ ଜ୍ଞାନ ଆହରଣ ଓ ସେସବୁ ନୂତନ ଢଙ୍ଗରେ ପ୍ରୟୋଗ

## ୨.୪.୫ ଆଧୁନିକ କବିତାର ଭାଷା

- ଆଧୁନିକ କବିତାର ଭାଷା ପ୍ରତ୍ୟକ୍ଷଧର୍ମୀ ; ଭାଷଣଧର୍ମୀ ନୁହେଁ
- ବର୍ଣ୍ଣନାତ୍ମକ ବିନ୍ୟାସରୁ ଏହା ମୁକ୍ତ
- କଥନଭଙ୍ଗୀ ଶ୍ଳେଷାତ୍ମକ ଓ ବ୍ୟଙ୍ଗପ୍ରଧାନ
- ପ୍ରତୀକାତ୍ମକ ଭାଷା
- ଯୁକ୍ତିବହ
- ଆବେଗ ଓ ବୌଦ୍ଧିକ କଳ୍ପନା ଅନୁକୂଳକ
- ମିତବାକ୍
- ସ୍ୱଗତ - ସଂଳାପର ବିନିଯୋଗ
- ଅବ୍ୟୟ ଓ କ୍ରିୟାପଦର ଯଥେଷ୍ଟ ବ୍ୟବହାର
- ଅର୍ଥବାନ ନୂତନ ଶବ୍ଦର ବ୍ୟବହାର
- ଗ୍ରାମ୍ୟଶବ୍ଦ, କଥ୍ୟ ଭାଷା, ଲୋକ ପ୍ରବଚନ, ଆପ୍ତ ଉକ୍ତି
- ବୈଜ୍ଞାନିକ ଶବ୍ଦାବଳୀର ପ୍ରୟୋଗ
- ଗଦ୍ୟଧର୍ମୀ ଭାଷା କିନ୍ତୁ ଧ୍ୱନିଯୁକ୍ତ

- ଶ୍ରୁତି ନିମନ୍ତେ ଏହା ଛନ୍ଦୋହୀନ; କିନ୍ତୁ ଭାବ ବିଚାର ଦୃଷ୍ଟିରୁ ଏଥିରେ ଥାଏ ଅନ୍ତର୍ଚ୍ଛନ୍ଦ
- ପ୍ରତୀକ, ଚିତ୍ରକଳ୍ପ, ଆର୍କିଟାଇପ୍ ଓ ମିଥ୍‌ର ବହୁଳ ବ୍ୟବହାର

## ୨.୪.୬ ଆଧୁନିକ କବି ଓ କବିତା

ଆଧୁନିକ କବିତା ଅତ୍ୟଧିକ ବ୍ୟକ୍ତି କୈନ୍ଦ୍ରିକ। ନାନା ଭାବରେ ଦ୍ୱିଧାବିଭକ୍ତ ଆଧୁନିକ ମଣିଷ ଏକ ଖଣ୍ଡିତ ବ୍ୟକ୍ତିତ୍ୱ। ତା'ର ଚେତନା ଓ ବ୍ୟକ୍ତିତ୍ୱ ବିଭାଜନ ସକାଶେ ପ୍ରଚଳିତ ସମାଜ ବ୍ୟବସ୍ଥାକୁ ଦାୟୀ କରାଯାଇପାରେ। ସମାଜର ବିରୋଧାଚରଣ ତଥା ମଣିଷର ଅନ୍ତର୍ଦ୍ୱନ୍ଦ ତା'କୁ ସମାଜ ଠାରୁ ବିଚ୍ଛିନ୍ନ କରିଥାଏ। ସମସ୍ତଙ୍କ ଗହଣରେ ଥିବା ସତ୍ତ୍ୱେ ସେ ନିଜକୁ ନିର୍ଜନ ଓ ନିତାନ୍ତ ଏକୁଟିଆ ମନେ କରେ। ସମାଜ ସହିତ ଖାପ ଖୁଆଇ ନ ପାରିବାରୁ ବ୍ୟକ୍ତି ହୋଇଯାଇଛି ନିଃସଙ୍ଗ ଓ ଅର୍ଥହୀନ ସତ୍ତା। ଆଧୁନିକ କବିତା ଦୁର୍ବୋଧ ହେବା ମୂଳରେ ମଣିଷର ଏହି ଭଙ୍ଗାରୁଜା ବ୍ୟକ୍ତିତ୍ୱ ରହିଛି। ମଣିଷ ନିଜକୁ ଚିହ୍ନିପାରୁ ନାହିଁ। ସେ ପ୍ରକୃତରେ କ'ଣ କରିବ ଓ କ'ଣ କହିବ ଜାଣି ପାରୁନାହିଁ। ନିଃସଙ୍ଗ ପଦଚାରୀ ସଦୃଶ ସେ ଘୁରି ଚାଲିଛି, କ'ଣ ଗୋଟିଏ ଖୋଜି ଚାଲିଛି। ଆତ୍ମଗତି, ଆତ୍ମହତ୍ୟାର ଶିକାର ହୋଇଯାଉଛି। ମନସ୍ତତ୍ତ୍ୱ ଆହୁରି ଜଟିଳ କରିଦେଇଛି ଏହି ସମୟକୁ। ପ୍ରଚଳିତ ସମ୍ପର୍କ ଓ ମୂଲ୍ୟବୋଧ ବିଶ୍ୱାସ ହରାଇ ବିଷାକ୍ତ ହୋଇଯାଇଛି। ମାନସିକ ଅସ୍ଥିରତା ବ୍ୟକ୍ତିତ୍ୱରେ ଅସ୍ଥିରତା ସୃଷ୍ଟି କରିଛି। ଆବେଗର ସ୍ଥଳ ନାହିଁ ଆଧୁନିକ କବିତାରେ। ଆଧୁନିକ କବିତା ହୋଇଯାଇଛି ବୁଦ୍ଧିଧର୍ମୀ। ନିମ୍ନରେ କେତେଜଣ ଆଧୁନିକ ଓଡ଼ିଆ କବିଙ୍କ କବିତା ସମ୍ପର୍କରେ ଆଲୋକପାତ କରାଯାଉଛି -

**ସଚ୍ଚିଦାନନ୍ଦ ରାଉତରାୟ :**

ଆଧୁନିକ ଓଡ଼ିଆ କବିତାର ପ୍ରବର୍ତ୍ତକ ଭାବରେ କବି ସଚ୍ଚିଦାନନ୍ଦ ରାଉତରାୟଙ୍କୁ ଗ୍ରହଣ କରାଯାଇଥାଏ। ଓଡ଼ିଆ କବିତାକୁ ଏକ ନୂତନ ଦିଶା ଦେବାରେ ତାଙ୍କର ଅବଦାନ ଅବିସମ୍ବାଦିତ। ତାଙ୍କ ବିଚାରରେ କବିତା କେବଳ ଆବେଗିକ ଉଚ୍ଛ୍ୱାସ ନୁହେଁ କି ବର୍ଣ୍ଣାଢ୍ୟ ଶବ୍ଦ ସମ୍ଭାରର କ୍ଷେତ୍ର ନୁହେଁ, ଏହା ମଣିଷ ଜୀବନର ସମସ୍ତ ଅନୁଭୂତି ଓ ଅଭିଜ୍ଞତାର ବିଶ୍ୱସ୍ତ ଉଚ୍ଚାରଣ। ତାଙ୍କ ବିଚାରରେ କବିତା ହେଉଛି -

"ଯାହା ସତ୍ୟ ତାହା କବିତା
ମଣିଷର ଜୀବନବୋଧର ଛବିତା।" ( ରାଜଜେମା)

ପୁଣି ସେ କହିଛନ୍ତି -

"ପେଶାଦାର ଗାୟକ ମୁଁ ନୁହେଁ,
ତୁମେ ମୋର ଛପା ବହି ଯେତେବେଳେ ଛୁଅଁ
ଛୁଅଁ ନୂଆ ମଣିଷର ଛାତି
ଏଇ ପୃଥିବୀର ସବୁ ମଣିଷ ଜାତି
..........................................

ଆଧୁନିକ ଓଡ଼ିଆ କବିତାକୁ ସଚ୍ଚିରାଉତରାୟ ବହୁ ଭାବରେ ସମୃଦ୍ଧ କରିଛନ୍ତି। ତାଙ୍କର କାବ୍ୟ ସମ୍ଭାର ହେଉଛି - ପାଥେୟ, ପୂର୍ଣ୍ଣିମା, ବାଜି ରାଉତ, ପଲ୍ଲୀଶ୍ରୀ, ପାଣ୍ଡୁଲିପି, ଅଭିଯାନ, ହସନ୍ତ, ଅଭିଜ୍ଞାନ, ଭାନୁମତୀର ଦେଶ, ସ୍ୱଗତ, ଏସିଆର ସ୍ୱପ୍ନ, କବିତା - ୧୯୬୨, କବିତା -୧୯୬୯, କବିତା - ୧୯୭୧, କବିତା - ୧୯୭୪, କବିତା - ୧୯୮୩, କବିତା - ୧୯୮୫, କବିତା - ୧୯୮୭, କବିତା - ୧୯୯୦, କବିତା - ୧୯୯୪, କବିତା - ୨୦୦୩ ଇତ୍ୟାଦି।

ସଚ୍ଚିରାଉତରାୟ ସୃଜନର ଆଦ୍ୟପର୍ବରେ ସବୁଜ ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇଥିଲେ ମଧ୍ୟ ସେଥିରୁ ମୁକୁଳି ଆସି ସାମ୍ୟବାଦୀ ଆଦର୍ଶ ଅନୁପ୍ରାଣିତ ହୋଇଛନ୍ତି। ତାଙ୍କର କାବ୍ୟ ମାନସ ବିଚିତ୍ରବର୍ଣ୍ଣା 'ବାଜି ରାଉତ' କବିତାରେ ମୁକ୍ତି ସଂଗ୍ରାମ ତଥା ଅମର ଶହୀଦ୍ ବାଳକ ବାଜିରାଉତଙ୍କ ବଳୀଦାନର କଥା ବର୍ଣ୍ଣିତ। ପଲ୍ଲୀ ଜୀବନର ଅପରୂପ ଚିତ୍ର ରହିଛି 'ପଲ୍ଲିଶ୍ରୀ' ରେ। 'ପାଣ୍ଡୁଲିପି' ମାଧ୍ୟମରେ ସେ ଓଡ଼ିଆ କାବ୍ୟଜଗତକୁ ଉଭୟ ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ନୂତନତା ଦେଇଛନ୍ତି ଆଧୁନିକ ଜୀବନର ଜଟିଳତାକୁ ତାଙ୍କ କବିତା ତୋଳି ଧରିଛି।

## ବିନୋଦ ଚନ୍ଦ୍ର ନାୟକ :

ସ୍ୱପ୍ନଭୁକ୍ ଓ ସୌନ୍ଦର୍ଯ୍ୟାପିପାସୁ କବି ବିନୋଦ ଚନ୍ଦ୍ର ନାୟକଙ୍କ କବିତା ନାନାଦି ଚିତ୍ରକଳ୍ପ, ରୂପକ ତଥା କାନ୍ତ-କୋମଳ ଭାଷାରେ ଉଜ୍ଜ୍ୱଳ। ତାଙ୍କ କାବ୍ୟ ଦିଗ ରୋମାଣ୍ଟିକ ଭାବ ବିଳାସର ରମଣୀୟ କ୍ଷେତ୍ର। 'ହୈମନ୍ତୀ', 'ନନ୍ଦାଦେବୀ', 'ଇଳାବୃତ୍ତ', 'ସାତ ତାରାର ଦ୍ୱୀପ', 'ନୀଳଚକ୍ରର ଉପତ୍ୟକା', 'ସରୀସୃପ', 'ରାଜକୀୟ ନିଃସଙ୍ଗତା', 'ଅନ୍ୟ ଏକ ଅସରପି', 'ପୋହଳା ଦ୍ୱୀପର ଉପକଥା', 'କାଞ୍ଚନ କୁଣ୍ଡଳାର ତରବାରି' ପ୍ରଭୃତି କବିତା ଗ୍ରନ୍ଥର ସ୍ରଷ୍ଟା ବିନୋଦ ଚନ୍ଦ୍ରଙ୍କ ମୁଖ୍ୟ କାବ୍ୟସ୍ୱର ହେଉଛି ରୋମାଣ୍ଟିକ୍ ବାସ୍ତବତା। ପ୍ରକୃତିପ୍ରାଣତା ଓ ସୌନ୍ଦର୍ଯ୍ୟଚେତନା ତାଙ୍କର ଅନ୍ୟ ଏକ ବିଶେଷ ଦିଗ। ତାଙ୍କର 'ଗ୍ରାମପଥ' କବିତାରେ ଓଡ଼ିଶାର ଯେକୌଣସି ଗ୍ରାମର ଚିତ୍ରକୁ ପାଠକ ଅନୁଭବ କରିଥାଏ। କବି ଲେଖିଛନ୍ତି:

"ଏ ପଥରେ ଗ୍ରାମେ ପ୍ରବେଶ ହୁଅଇ ବଧୂ
ବିତରି ବୁକୁର ମମତା ମୁଖର ମଧୁ
ପୁଅ ଝିଅ ନାତି ନାତୁଣୀରେ ରଖି
ମଶାଣି ଏ ପଥେ ଫେରେ
ଆସିବା ଜନର ସାକ୍ଷୀ ଏ ପଥ
ଫେରିବା ଜନର ବନ୍ଧୁ।'

## ଗୁରୁପ୍ରସାଦ ମହନ୍ତି :

ଆଧୁନିକ ଓଡ଼ିଆ କବିତାର ଅନ୍ୟତମ ବାର୍ତ୍ତାବହ ହେଉଛନ୍ତି ଗୁରୁପ୍ରସାଦ ମହାନ୍ତି। ଭାଷାଶୈଳୀରେ ନୂତନତା, ବିଷୟ ବିନ୍ୟାସରେ ଏକ ଆନ୍ତର୍ଜାତିକ ମାନସିକତା ପୋଷଣ, ମୂଲ୍ୟବୋଧଜନିତ ସଙ୍କଟ ସମ୍ପର୍କରେ ସଚେତନତା ଆଦି ତାଙ୍କ କାବ୍ୟର ଗୁରୁତ୍ୱପୂର୍ଣ୍ଣ ଗୁଣ ଓ ଲକ୍ଷଣ। 'ନୂତନ କବିତା', 'ସମୁଦ୍ର ସ୍ନାନ', 'ଆଶ୍ଚର୍ଯ୍ୟ

ଅଭିସାର', 'କବିତା ସମଗ୍ର' ପ୍ରଭୃତି କବିତାଗ୍ରନ୍ଥରେ ଗୁରୁପ୍ରସାଦଙ୍କ ବଳିଷ୍ଠ କାବ୍ୟସ୍ୱରକୁ ଅନୁଭବ କରିହୁଏ। କାବ୍ୟ ପରମ୍ପରା ସଂପ୍ରୀତି, ମିଥ୍ ମନସ୍କତା, ଐତିହ୍ୟ ଓ ପରମ୍ପରାର ସ୍ମରଣ, ପଲ୍ଲୀ ଆମୁଖତା, ସୌନ୍ଦର୍ଯ୍ୟ ପ୍ରାଣତା, ଆଧ୍ୟାତ୍ମିକତା, ସମୟ ସଚେତନତା ଆଦି ତାଙ୍କ କବିତାର ବିଶିଷ୍ଟ ବିଭବ। ଗୁରୁପ୍ରସାଦଙ୍କ କବିତାରେ ସ୍ଥିତିବାଦୀ ଚେତନା, ଅତିବାସ୍ତବତା, ନିଃସଙ୍ଗତା, ବିଚ୍ଛିନ୍ନତାବୋଧ, ବ୍ୟର୍ଥତାକୁ ତ ଉପଲବ୍ଧି କରି ହୁଏ, ତେବେ ମାଟିର ବାସ୍ନା ଓ ଦୃଶ୍ୟମୋହ ପାଠକ ପ୍ରାଣକୁ ସଙ୍ଗଠିତ କରିଥାଏ। ନିମ୍ନରେ ତା'ର ଏକ ଦୃଷ୍ଟାନ୍ତକୁ ଲକ୍ଷ୍ୟ କରାଯାଉ –

"ପୃଥିବୀ ସୁନ୍ଦର ଏଠି। ଦେହ ତ ନିର୍ଯ୍ୟାସ ତାର
ମନ ଏଠି ନୀଳନୀଳ ନିର୍ଜନ ଆକାଶ
ମୁଁ ଭଲପାଇଚି ତେଣୁ କେନାଲର କୂଳେ କୂଳେ
ଘାସ ଆଉ ଧାନ କ୍ଷେତ ମାଛରଙ୍କା ଶଙ୍ଖଚିଲ,
ପାଣି ପଙ୍କ କଇଁଫୁଲ
ଖଜୁରି ତାଳର ଡାହି ଛୁଇଁ ଛୁଇଁ ଫେରୁଥିବା
ପବନର ଅନାସକ୍ତ ସ୍ନେହ ଓ ନିଃଶ୍ୱାସ।" (ମାର୍ଶାଘାଇ)

**ବେଣୁଧର ରାଉତ :**

ପରିମାଣ ଦୃଷ୍ଟିରୁ ସ୍ୱଳ୍ପ ହେଲେ ମଧ୍ୟ ବେଣୁଧରଙ୍କ କବିତାର ଗୁରୁତ୍ୱ ବହୁତ ରହିଛି। 'ପିଙ୍ଗଳାର ସୂର୍ଯ୍ୟ' ଓ 'ଏକତାରା ଦୁଇ ତାରା' କବିତା ଗ୍ରନ୍ଥରେ ତାଙ୍କ ବଳିଷ୍ଠ ସ୍ୱର। ବିଷୟ ନିର୍ବାଚନ କ୍ଷେତ୍ରରେ କବି ବେଶ୍ ସଚେତନ। ମୁଖ୍ୟତଃ ରହସ୍ୟବାଦୀ ସୌନ୍ଦର୍ଯ୍ୟତଲ୍ଲୀନ କବି ଭାବରେ ତାଙ୍କର ପରିଚୟ ରହିଛି। ଦେହବୋଧ, ଦେହୋତ୍ତରବୋଧ ତଥା ପରମ ପୁରୁଷଙ୍କ ସହିତ ଏକାତ୍ମ ହୋଇ ଯିବାର ଭାବ ତାଙ୍କ କବିତାରେ ଅତି ସୁନ୍ଦର ଭାବରେ ଗ୍ରଥିତ ହୋଇଥାଏ। ସେ ଲେଖିଛନ୍ତି –

'ପରିତପ୍ତ ଝଂକୃତି ଓ ବେପଥୁରେ ଭରି ଏକ ଉତ୍ତର ନୀଶିଥ –
(କା' ଲାଗି ଗାଇଲି ହାୟ ବିମୂଢ଼ ମୁଁ କାମାସକ୍ତ ଉଦ୍ଗାହକ ଏତେ ଗୋଣ୍ଡକିରି !)
ଗାଉଚି ସେ ଅଶ୍ରୁଗଙ୍ଗା ଧୋଇ ଆତ୍ମ-କାଳିମାର ଯେତେକ ଆକାଶ,
ଭସାଇ ଯେତେକ ତାରା ଏ ଦେହର ଏ ମନର, ଚନ୍ଦ୍ରିକା ଓ ଚନ୍ଦ୍ରକାମନାର –
(କନ୍ଦାଇଲି କେତେ ହାୟ ମୋ କୁଣ୍ଠିତା ବିପଞ୍ଚୀକି ମାତ୍ର କେଉଁ ଦେହ ବନ୍ଦନାରେ !)
(ପିଙ୍ଗଳାର ସୂର୍ଯ୍ୟ)

**ଭାନୁଜୀ ରାଓ :**

ଭାନୁଜୀ ରାଓଙ୍କ କବିତାର ମୁଖ୍ୟ ଉପାଦାନ ହୋଇଛି ନାରୀ ଓ ପ୍ରକୃତି। ସୌନ୍ଦର୍ଯ୍ୟ ପ୍ରିୟ ଭାନୁଜୀଙ୍କ କବିତା ବହୁବିଧ ଚିତ୍ରର ରମ୍ୟ ଚିତ୍ରଶାଳା। ତାଙ୍କ ସୌନ୍ଦର୍ଯ୍ୟଚେତନା ଦେହ ଓ ଦାହର କଥା କହିବା ସହିତ ଦେହୋତ୍ତର ଜଗତକୁ ଚାଲିଯିବାର ପ୍ରବଣତା ବି ରଖିଥାଏ। 'ନୂତନ କବିତା' 'ବିଷାଦ ଏକ ଋତୁ', 'ନଈ ଆରପାରି',

'ଚନ୍ଦନ ବନରେ ଏକା', 'ଦର୍ପଣ ଆଗରେ', 'ଏକା ଏବଂ ଏକା 'ଜହ୍ନର ରକ୍ତ ଧଳା', 'ହଳଦୀ ପତ୍ରର ବାସ୍ନା', 'ଧୂସର ବର୍ଣ୍ଣମାଳା', 'ଚିତ୍ରିତ ଦ୍ରାଘିମା' ପ୍ରଭୃତି କାବ୍ୟ ଗ୍ରନ୍ଥରେ କବିଙ୍କର ଗଦ୍ୟଛନ୍ଦ, ଚିତ୍ରକଳ୍ପର ସୁନ୍ଦର ପ୍ରୟୋଗ ଓ ଭାବଚେତନାର ବିବିଧ ଦିଗକୁ ଦେଖି ହୁଏ। ସ୍ମୃତି, ଆତ୍ମୀୟତାବୋଧ, ମୃତ୍ତିକା ମୋହ, ସମକାଳୀନ ଯୁଗ ଯନ୍ତ୍ରଣା, ନିଃସଙ୍ଗତାବୋଧ ଆଦି ଉପାଦାନରେ ଗଢ଼ା ତାଙ୍କର କବିତା ପାଠକପ୍ରାଣକୁ ରସାପ୍ଲୁତ କରିଦିଏ। କବିଙ୍କ ଶବ୍ଦ ଚୟନ ଓ ବସାଣ ବେଶ୍ ନୂଆ ଭାବ ପ୍ରବୋଧକ ହୋଇଥାଏ। ନିମ୍ନରେ ଗୋଟିଏ ଦୃଷ୍ଟାନ୍ତକୁ ଦୃଷ୍ଟିପାତ କରାଯାଉ -

"ତରୁଣୀ କଦମ୍ବ ପାଖେ ଭେଟିବାକୁ ପ୍ରତିଶ୍ରୁତି ଥିଲା,
କଥାଥିଲା ନଈଠାରୁ ଶିଖିବାକୁ କୋମଳ - ଗାନ୍ଧାର,
ତୋଳିନେବି କୁହୁ ଧ୍ୱନି ପ୍ରଚ୍ଛନ୍ନ କୋଇଲି କଣ୍ଠରୁ,
ଜହ୍ନ ପାଇଁ ବିଛାଇବି ହୃଦୟରେ ଜରୀର ଚଦର।" (ନଈ ଆରପାରି)

**ଜୟନ୍ତ ମହାପାତ୍ର :**

'କଳି', 'କହିବି ଗୋଟିଏ କଥା', 'ବାୟା ରାଜା', 'ଯଦି ବା ଗପଟିଏ' ପ୍ରଭୃତି କାବ୍ୟଗ୍ରନ୍ଥର ସ୍ରଷ୍ଟା ଜୟନ୍ତ ମହାପାତ୍ର ଜଣେ ଉଚ୍ଚକୋଟୀର ଦରଦୀ ପ୍ରାଣତାର କବି। ତାଙ୍କ କବିତାରେ ଦଳିତ, ପୀଡ଼ିତ, ଅସହାୟ, ଦୁସ୍ଥ ଜନତା ପ୍ରତି ସମ୍ବେଦନା ରହିଥାଏ। ସହଜ ଓ ସରଳ ଶବ୍ଦ ସଂଯୋଜନା ହେଉଛି ତାଙ୍କ କବିତାର ଏକ ବିଶେଷ ଦିଗ। ନିମ୍ନରେ ଗୋଟିଏ ପଙ୍କ୍ତିକୁ ଅନୁଭବ କରାଯାଉ -

"ପୁଅ ମୋର : ଏଜିକି କହିବି
ପୃଥିବୀ ପରି ଲଣ୍ଡା ହଅନା ବାହାରି ବି ଦୁଃଖରେ
କେବଳ ଦେହରେ ମୋର
ଭଙ୍ଗା ହେଉ ତୋହର ମରଣ
ଯୋଉଠି ଆଜି
ପୃଥିବୀ ପିଞ୍ଜରାରେ ବନ୍ଦୀ ଥିବା କାଳର
ତା'ର ହାତଟିଏ ବି ବଢ଼ାଏ ନାଇଁ
ଛୁଇଁବାକୁ ମାଟି ଭିତରର କ୍ଲାନ୍ତ ବୀଜଟିକୁ।"

**ଉମାଶଙ୍କର ପଣ୍ଡା :**

ମୁଖ୍ୟତଃ ରୋମାଣ୍ଟିକ୍ ବାସ୍ତବତା ହେଉଛି ଉମାଶଙ୍କର ପଣ୍ଡାଙ୍କ କାବ୍ୟସ୍ୱର ଉଭୟ ପଦ୍ୟ ଓ ଗଦ୍ୟଛନ୍ଦରେ କବିତା ରଚନା କରିବାର ଧୂରୀ ଉମାଶଙ୍କରଙ୍କ ପରାକାଷ୍ଠାର ପ୍ରମାଣ ମିଳେ ତାଙ୍କର 'ରୋମାଣ୍ଟିକ୍ କବିତା 'ଇମନ୍ କଲ୍ୟାଣ', 'କେକା', 'କୁହୁ କାକଳି', 'ଋତୁ ଓ ତା'ର ପ୍ରେମିକମାନେ', 'ନିଃଶବ୍ଦ ନୂପୁର', 'କାୟାନୌକାରେ', 'କାଳର ଭୂମିଷ୍ଠ ଶବ୍ଦ' ପ୍ରଭୃତି କବିତା ପୁସ୍ତକରେ ସେ ଲେଖିଛନ୍ତି -

"ଅରଣ୍ୟର ପତ୍ରସବୁ ଜଳିଯାଏ ନିଆଁରେ
ଚାରିଆଡ଼େ ପୋଡ଼ା ଗନ୍ଧ
ଶବ୍ଦ ପୋଡ଼ାକାଠ ଓ ସମୟର।
ନିଛାଟିଆ ନଈକୂଳରେ
ବନ୍ଧା ହୋଇଥିବା ନାଆଟିରେ
ନାଉରୀ ନାହିଁ କି କାତ ନାହିଁ। ପାରି ହେବା ପାଇଁ
ଲୋକ ନାହିଁ କୂଳରେ। ନଈରେ ବି ପାଣି ନାହିଁ
କେବଳ ଅଦ୍ଭୁତ ଫସଲରେ ଭାର
ଧୂ ଧୂ ବାଲିର ଚାରି ବଖରା ଘର।" (ଚାରି ବଖରା ଘର)

**ରବି ସିଂ :**

ଜଣେ ବିପ୍ଲବୀ କବି ଭାବରେ ପରିଚୟ ସୃଷ୍ଟି କରିଥିବା ରବି ସିଂଙ୍କ କବିତାରେ ଅଗ୍ନିବର୍ଷାର ଝଙ୍କାରକୁ ପାଠକ ଅନୁଭବ କରିଥାଏ। ଅନୀତି, ଅତ୍ୟାଚାର, ଶୋଷଣ, ଅନ୍ୟାୟର ବିରୋଧରେ କବିଙ୍କ ସ୍ୱର ବେଶ୍ ଶାଣିତ। 'ପଥପ୍ରାନ୍ତର କବିତା', 'ଚରମ ପତ୍ର', 'ଶିଥିଳ ବଲଗା', 'ଭ୍ରୂକୁଟି', 'ଲାଲ୍ ପାଗୋଡ଼ାର ପ୍ରେତ ଓ ଅନ୍ୟାନ୍ୟ କବିତା', 'ବିଦୀର୍ଣ୍ଣ', 'ପାଦଟୀକା', 'ଦୁର୍ଗମ ଗିରି', 'ସର୍ବହରା', 'ଝଡ଼', 'ଅନାର୍ଯ୍ୟର ଚର୍ଯ୍ୟାପଦ', 'ଅଗ୍ନିବେଦ', 'ବିଷବାଣୀ', 'ଜମାନବନ୍ଦୀ', କେବଳ ସଂଗ୍ରାମ', 'ଭଙ୍ଗାହାତର କବିତା', 'କ୍ଷତ', 'ତାରକାର ଲୁହ', 'ପୃଥିବୀ ଟଳମଳ', 'ଲୋହିତ ସଂକ୍ରାନ୍ତି', 'ନବମ ସ୍ୱର୍ଗ', 'ଅପ୍ରୀତିକର କବିତା' ପ୍ରଭୃତି ପୁସ୍ତକ ତାଙ୍କର ବୈପ୍ଳବିକ ସ୍ୱାକ୍ଷର ବହନ କରେ। ନିମ୍ନରେ ଏକ ଦୃଷ୍ଟାନ୍ତକୁ ଦେଖାଯାଉ।

"ସମାଜ, ଧର୍ମ, ଶାସନକୁ ମୁହିଁ ଜାଣେ
ପ୍ରତିକ୍ରିୟାର ପୂଜାରୀ ଦଳର ରୂପ,
ଏସବୁକୁ ମୁହିଁ କାଗଜର ବାଘ' ମଣେ
ଚେହେରା ଭୀଷଣ, ନିଶ୍ଚୟ ହେବ ଲୋପ।" (ସେହି ମୋ ସାଥୀ)

**ରମାକାନ୍ତ ରଥ :**

ରମାକାନ୍ତଙ୍କ କବିତାରେ ବୌଦ୍ଧିକ ଓ ଜଟିଳ କାବ୍ୟସ୍ୱରକୁ ଶୁଣି ହୁଏ। ପ୍ରେମ, ଜୀବନ, ହତାଶାବୋଧ, ବ୍ୟର୍ଥତା, ଗ୍ଲାନି, ଦ୍ୱନ୍ଦ୍ୱ, ମୃତ୍ୟୁଚେତନାଦି କବି ରମାକାନ୍ତ ରଥଙ୍କ କବିତାର ଉପାଦାନ। 'କେତେଦିନର', 'ଅନେକ କୋଠରି', 'ସନ୍ଦିଗ୍ଧ ମୃଗୟା', 'ସପ୍ତମ ଋତୁ 'ସଚିତ୍ର ଅନ୍ଧାର', 'ଶ୍ରୀରାଧା', 'ଶ୍ରୀ ପଳାତକ', 'ସୀମାନ୍ତ ବାସ', 'ଫେରି ଚାହିଁଲେ', 'ନଯା' ନଯା' କହୁକହୁ', ' ସବୁଦିନ ସେ ପାଖେ', 'ସରଳ ହୃଦ୍‌ଗଣିତ', 'ପବନରେ ଚିତ୍ରାଙ୍କନ', 'ଜାହାଜ ଆସିବ' ପ୍ରଭୃତି କବିତା ଗ୍ରନ୍ଥରେ କବିଙ୍କର ଜୀବନ ଓ ଜଗତ ପ୍ରତି ଥିବା ଦୃଷ୍ଟିଭଙ୍ଗୀ ଜାଣିହୁଏ। ଦାର୍ଶନିକ ମନନଶୀଳତା ହେଉଛି ତାଙ୍କ କବିତାର ଅନ୍ୟ ଏକ ବିଶେଷ ଦିଗ। ତାଙ୍କର ମନନ ଓ ମାନସିକତାକୁ ନିମ୍ନରେ ଦିଆଯାଇଥିବା ପଦରେ ଦେଖାଯାଉ –

"ମୋ ମୃତ୍ୟୁକୁ ମୁହାଁମୁହିଁ ଭେଟିବି ବୋଲି ମୁଁ
କେତେ ଥର ବାହାରିଛି। କାହିଁ କେତେ ଦିନୁ
ଆମେ ପରସ୍ପର ସାଙ୍ଗେ ଚୁକ୍ତି କରିଥିଲୁ
ମୁହାଁ ମୁହିଁ ଦିନେ ଦୁହେଁ ଭେଟ ହେବୁ ବୋଲି।" (ସୀମାନ୍ତବାସ)

**ଶ୍ରୀନିବାସ ଉଦ୍‌ଗାତା :**

'ପୂରବୀ', 'ଚାରୋଟି କବିତା', 'ଆପଣାର ଗୀତ', 'ପୁନଶ୍ଚ ପୁନଶ୍ଚ', 'ପ୍ରତିମ ଅପ୍ରତିମ', 'ଚୈତ୍ରରଥ', 'ସମୟ ନଈର ଥିଲା', 'ରତମ୍', 'ପ୍ରିୟତମାକୁ', 'ପ୍ରୀତି ଶତପଦୀ' ପ୍ରଭୃତି କାବ୍ୟ ପୁସ୍ତକରେ ଶ୍ରୀନିବାସ ଉଦ୍‌ଗାତାଙ୍କ ମାନବତାବାଦର ସ୍ୱରକୁ ଭେଟି ହୁଏ। ନିମ୍ନରେ ଉଦାହରଣକୁ ଦୃଷ୍ଟି ଦିଆଯାଉ -

"ତମେ ଦେଖିନକି କବି,
ସେ ରାସ୍ତାର ଦୁଇକଡ଼େ ଫୁଟିଲାଣି ଫୁଲ
ଅଗଣିତ ନାନାବର୍ଣ୍ଣ ଫୁଲର କିଆରୀ,
ମନୋହର ବର୍ଣ୍ଣର ମାଧୁରୀ
ରସ, ଗନ୍ଧ, ରୂପର ଚାତୁରୀ
ସୁକୋମଳ ଭାବର କାକଳି
ମୁଖରିତ କରେ ପୋଡ଼ା ଭୂଇଁ।
ରହିଯାଅ ଟିକେ ଆଉ...
କିମ୍ବା କହିଲ ହେ କବି -
ବେଳ ନାଇଁ ଆଉ ବେଳ ନାଇଁ
ତମର ଏ ନିମନ୍ତ୍ରଣ ରଖିବାର ପାଇଁ।" (ମୁଗ୍ଧ ହୋଇ ରହିଛି ଅନାଇ)

**ସୀତାକାନ୍ତ ମହାପାତ୍ର :**

ମିଥ୍, ଚିତ୍ରକଳ୍ପ ଓ ପ୍ରତୀକର ସଫଳ ପ୍ରୟୋଗରେ ଧୂରୀଣ ସୀତାକାନ୍ତ ମହାପାତ୍ର। ତାଙ୍କ କବିତାରେ ଜୀବନର ମୂଲ୍ୟବୋଧକୁ ଅନୁଭବ କରିହୁଏ। 'ଦୀପ୍ତି ଓ ଦ୍ୟୁତି', 'ଅଷ୍ଟପଦୀ', 'ଶବ୍ଦର ଆକାଶ', 'ସମୁଦ୍ର', ' ଚିତ୍ରନଦୀ', 'ଆରଦୃଶ୍ୟ', 'ସମୟର ଶେଷ ନାମ', 'କାହାକୁ ପୁଛିବା କହି', 'ଚଢ଼େଇରେ ତୁ କି ଜାଣୁ', 'ଫେରି ଆସିବାର ବେଳ', ' ବର୍ଷା ସକାଳ', 'ସୀତାକାନ୍ତଙ୍କ ଶ୍ରେଷ୍ଠ କବିତା', 'ପଦ୍ମଚିହ୍ନ', 'ମୃତ୍ୟୁର ଅସୀମ ଧୈର୍ଯ୍ୟ', 'ସାରାଜୀବନ ଲୋକଟା', 'ଅଷ୍ଟପଦୀ' ପ୍ରଭୃତି' କବିତା ସଂକଳନ କବିଙ୍କ ବଳିଷ୍ଠ ପ୍ରତିଭାର ପରିଚୟ ଦିଏ। ସୀତାକାନ୍ତଙ୍କ କବିତାର ଏକ ବିଶିଷ୍ଟ ଦିଗ ହେଉଛି ଶବ୍ଦବୋଧ। ଶବ୍ଦ ପ୍ରତି ଅପାର ଆଗ୍ରହ ରଖିଥିବା କବିଙ୍କ କବିତାରେ ଶବ୍ଦ ବସାଣ ଅତି ସୁନ୍ଦର ହୋଇ ଶବ୍ଦ ଚିତ୍ରର ରୂପ ଗ୍ରହଣ କରିଥାଏ। ଉଦାହରଣ - "ଖାତା କହିସବୁ ସେମିତି ହିଁ ଚାହିଁଥିବେ ଟେବୁଲ୍‌ରୁ

ମୋ ବିଭିନ୍ନ ଛାଇ ଏବଂ ପିଲା ଓ ତାଙ୍କର
ଛାଇମାନେ ଚାହିଁଥିବେ ଭୂତ ପରି ମଇଳା କାନ୍ଥରୁ
ହଠାତ୍ ଉଠି ବସିବି ଓ ଭୂତ ଲାଗିଲା ପରି
କହିବି, ତା' ହେଲେ ଚାଲ
ଧୂଳିର ସମୁଦ୍ର ତଳେ କେଡ଼େ ଚିଟା ଲାଗିଲାଣି
ବସିବସି ଆଉ ମୋତେ ଲାଗୁନାହିଁ ଭଲ।"      (ଖରାବେଳ)

## ଦୀପକ ମିଶ୍ର :

ଦୀପକ ମିଶ୍ରଙ୍କ କବିତାଗୁଡ଼ିକ ବୌଦ୍ଧିକତା ସମ୍ବଳିତ, ରହସ୍ୟବାଦୀ ଚେତନା, ମୃତ୍ୟୁଚେତନା, ଜଟିଳ ଜୀବନ ଜିଜ୍ଞାସା, ନୈରାଶ୍ୟ ଓ ନିଃସଙ୍ଗତାବୋଧ ଆଦିକୁ ଉପଜୀବ୍ୟ କରି ଦୀପକ ଲେଖିଛନ୍ତି କବିତା। ତାଙ୍କର କବିତାଗ୍ରନ୍ଥ ଗୁଡ଼ିକ ହେଉଛି - 'ଅସମାଜିକା', 'ଦୀପକ ମିଶ୍ରଙ୍କ କେତୋଟି କବିତା', 'ଅନୁଷ୍ଟୁପ୍', 'ନିଷିଦ୍ଧ ହ୍ରଦ', 'ନିର୍ଜନ ନକ୍ଷତ୍ର', 'ମଧ୍ୟାହ୍ନର ଛାଇ', 'ବୃତ୍ତ, 'ଅରଣା ମଇଁଷି', 'ଶୂନ୍ୟତାର ଶୋଷ', 'କପଟ ସୂର୍ଯ୍ୟାସ୍ତ', 'ଧୂଳିର ସିଂହାସନ', 'ନିରବଧି ନାଭିଶ୍ୱାସ', 'ରକ୍', 'ନିଦାଘ ଯାତ୍ରା', 'ଦୀପକ ମିଶ୍ରଙ୍କ ନିର୍ବାଚିତ କବିତା', 'ସୁଖ ସଂହିତା' ପ୍ରଭୃତି। ନିମ୍ନ ପଙ୍କ୍ତିରୁ ତାଙ୍କର ବୌଦ୍ଧିକତାକୁ ବିଚାର କରାଯାଇପାରେ -

"ଚାହିଁଲା ମାତ୍ରକେ କଂସ
ଚାରିଆଖି ଏକତ୍ର ହୋଇଗଲା
ସତେ କି କେଉଁ ପ୍ରାଚୀନ ତୃଷାର୍ତ୍ତ ମରୁଭୂମି
ନିମିଷକେ ଶୋଷିନେଲା ପ୍ରଳୟ ପ୍ଳାବନ
ବରଂ କୁହାଯାଇପାରେ
ଏତେ ବଡ଼ ସମୁଦ୍ର ବି ଲିଭିଗଲା
ଚୋରାବାଲି କୂଳରେ କୂଳରେ।"    (ଆଖିର, ଆଖିକୁ ନାଚେ ସତ୍ୟ)

## ସୌଭାଗ୍ୟକୁମାର ମିଶ୍ର :

'ଆତ୍ମନେପଦୀ', 'ମଧ୍ୟପଦଲୋପୀ', ନଈ ପହଁରା', 'ଅର୍ଥ ମହୁମାଛି', 'ଦ୍ୱା-ସୁପର୍ଣ୍ଣା', 'ବଜ୍ରଯାନ', 'ମଣିକର୍ଣ୍ଣିକା', 'ଅନ୍ୟତ୍ର', 'ଚରାଚର', 'ଉଜ୍ଜୟିନୀ', 'ମାତ୍ରାସ୍ୱର୍ଣ୍ଣ', 'ପୁନର୍ବସୁ' ପ୍ରଭୃତି କବିତା ସଂକଳନ ଗୁଡ଼ିକରେ କବି ସୌଭାଗ୍ୟକୁମାର ମିଶ୍ରଙ୍କ କାବ୍ୟଶକ୍ତି ବେଶ୍ ସ୍ପଷ୍ଟ। ସୌଭାଗ୍ୟଙ୍କ କବିତାର ବ୍ୟଞ୍ଜନା ଅତି ସୁନ୍ଦର ଭାବରେ ଫୁଟି ଉଠିଥାଏ। ବାକ୍‌ଛନ୍ଦ ଓ କାବ୍ୟିକ ଛନ୍ଦର ଉପଯୋଗରେ ସେ ସୃଷ୍ଟି କରିଛନ୍ତି ବହୁ ଭାବଗର୍ଭକ କବିତା। ସେ ଲେଖିଛନ୍ତି -

"ଅନ୍ଧ ମହୁମାଛି !
ଉଡୁଥା', ବୁଲୁଥା', ବୁଲୁଥା'
କିଛି ଦେଖିନା, ଦେଖିନା, ଦେଖିନା,
ଯାହା ପାରୁଛୁ ଶୁଣ୍ଢ ପୂରାଇ ଚୋଷିବେ, ଚୋଷିବେ,
ହିସାବ ହେବ ପରେ,
ତୋ' ମୃତ୍ୟୁର ବର୍ଣ୍ଣବୋଧ, ବ୍ୟାକରଣ, ମାନସାଙ୍କ
ପୁଣି ଶିଶୁ ପୃଥିବୀ ଶିଶୁ ଥିଲା ବେଳେ।" (ଅନ୍ଧ ମହୁମାଛି)

**ରାଜେନ୍ଦ୍ର କିଶୋର ପଣ୍ଡା :**

ନୂତନ ଶବ୍ଦ ଓ ନୂତନ ବିମ୍ବ ନିର୍ମାଣରେ ରାଜେନ୍ଦ୍ର ବିଶୋଇ ପଣ୍ଡାଙ୍କର ରହିଛି ଅସାଧାରଣ ଶକ୍ତି ଓ ସାମର୍ଥ୍ୟ। ଜୀବନର ସୂକ୍ଷ୍ମ ଅବବୋଧକୁ ସେ ଅତ୍ୟନ୍ତ ବୌଦ୍ଧିକତା ସହିତ ଶବ୍ଦାୟିତ କରିଥାନ୍ତି। ତାଙ୍କର କବିତା ସଂକଳନ ଗୁଡ଼ିକ ହେଉଛି – 'ଗୌଣ ଦେବତା', 'ଶତଦ୍ରୁ ଅନେକ', 'ଘୁଣାକ୍ଷର', 'ଅନବତାର ଓ ଅନ୍ୟା', 'ବହୁବ୍ରୀହି', 'ବୋଧିନଭ', 'ଇଶଖେଳ', ସାଦାପୃଷ୍ଠା ପ୍ରଭୃତି। ମଣିଷ ପ୍ରତି କବିଙ୍କର ରହିଛି ଗଭୀର ଭଲପାଇବା ଏ ସଂସାରରୁ ଦୁଃଖ ଦୂର ହେଉ, ସମସ୍ତଙ୍କ ଓଠରେ ହାସ ଖେଳୁ – ଏଭଳି କାମନାରେ କବିଙ୍କ ହୃଦୟ ଆର୍ଦ୍ର। ନିମ୍ନରେ ଗୋଟିଏ ଦୃଷ୍ଟାନ୍ତ ଦିଆଯାଉଛି –

"ଯୋଉଠି ଯେତେବେଳେ ଯିଏ ବି କାନ୍ଦୁ,
ତା'ରି ପାଖରେ
ଠିଆ ହୁଅନ୍ତି ମୁଁ
ଘଡ଼ିଏ।
ପୋଛି ଦିଅନ୍ତି ଲୁହ, କହନ୍ତି:
ମଣିଷ : କାନ୍ଦନା।" (ଆଶ୍ୱାସ)

## ୨.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।

(କ) ଆଧୁନିକତା କହିଲେ କ'ଣ ବୁଝ ?

(ଖ) ଆଧୁନିକ କବିତାର ସ୍ୱରୂପ କ'ଣ ?

(ଗ) ସଚ୍ଚି ରାଉତରାୟଙ୍କ ପଲ୍ଲୀ ଚେତନାର କବିତା ସମ୍ପର୍କରେ ବୁଝାଅ।

(ଘ) ସୀତାକାନ୍ତ ମହାପାତ୍ରଙ୍କ ମିଥ୍ ଧର୍ମୀ କବିତା।

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

(କ) ପ୍ରୟୋଗବାଦୀ କବିତା ଦୁର୍ବୋଧ କାହିଁକି ?

(ଖ) ମୃତ୍ୟୁଚେତନାର କବି ଭାବରେ ରମାକାନ୍ତ ରଥଙ୍କୁ ବିଚାର କର।

(ଗ) ରାଜେନ୍ଦ୍ର କିଶୋର ପଣ୍ଡାଙ୍କ କବିତାର ଭାବ ଓ ଭାଷା ସମ୍ପର୍କରେ ଆଲୋଚନା କର।

## ୨.୬ ସହାୟକ ଗ୍ରନ୍ଥସୂଚୀ


- ଦାସ, ଦାଶରଥି, ସାହିତ୍ୟ ବିବେକ, ପ୍ରଥମ ପ୍ରକାଶ : ୧୯୯୬, ଅଗ୍ରଦୂତ, କଟକ-୨।
- ପାଣ୍ଡବ, ଶତ୍ରୁଘ୍ନ, ଆଧୁନିକ ଓଡ଼ିଆ କବିତା ପରିଚର୍ଚ୍ଚା, ୧ମ ପ୍ରକାଶ : ୧୯୯୮, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ - ୨।
- ମହାପାତ୍ର, ପ୍ରେମାନନ୍ଦ, ଓଡ଼ିଆ ସାହିତ୍ୟର ଇତିହାସ, ତୃତୀୟ ସଂସ୍କରଣ : ୨୦୧୮, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ - ୨।
- ଶତପଥୀ, ନିତ୍ୟାନନ୍ଦ, ସାମ୍ପ୍ରତିକ ଓଡ଼ିଆ କବିତା, ପ୍ରକାଶ କାଳ : ୧୯୯୭, ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ ଇଣ୍ଡିଆ, ନୂଆଦିଲ୍ଲୀ।


□□□

# ତୃତୀୟ ଏକକ : ଓଡ଼ିଆ କବିତାର ନୂତନ ସ୍ୱର

## ବିଷୟ ଗଠନ :

୩.୧ ପଠନର ଉଦ୍ଦେଶ୍ୟ

୩.୨ ଶିକ୍ଷଣୀୟ ବିଷୟ

୩.୩ ବିଷୟ ପରିଚୟ

୩.୪ ସ୍ୱାଧୀନତାର ଭାରତ ଓ ଓଡ଼ିଶାର ରାଜନୀତିକ ପୃଷ୍ଠଭୂମି

୩.୫ ସାମାଜିକ : ସାଂସ୍କୃତିକ ପ୍ରେକ୍ଷାପଟ

୩.୬ ଧାର୍ମିକ ପୃଷ୍ଠଭୂମି

୩.୭ ୧୯୬୦-୮୦ ସମୟ ଖଣ୍ଡର କବିତାରେ ଏହାର ରୂପାୟନ

୩.୮ ପ୍ରତିଷ୍ଠିତ କବିମାନଙ୍କ କବିତାରେ ଏହାର ପ୍ରୟୋଗ

୩.୯ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୩.୧୦ ସହାୟକ ଗ୍ରନ୍ଥସୂଚୀ

## ୩.୧ ପଠନର ଉଦ୍ଦେଶ୍ୟ

ଉତ୍ତର ଷାଠିଏ କାଳର ଓଡ଼ିଆ କବିତା ଉଲ୍ଲେଖନୀୟ ଅଗ୍ରଗତି କରି ନୂତନ ରୂପରେ ଉଦ୍‌ଭାସିତ ହୋଇଛି। ବିଷୟବସ୍ତୁ, ରୂପ ଓ ଶୈଳୀରେ ବିବିଧ ପରିବର୍ତ୍ତନ ଦେଖାଦେଇଛି । ପ୍ରାକ୍‌ସ୍ୱାଧୀନତା-କାଳୀନ କବିମାନେ ଏହି ସମୟରେ ସେମାନଙ୍କ କାବ୍ୟସ୍ୱର ପରିବର୍ତ୍ତନ କରିଛନ୍ତି । ନୂଆ କବିମାନେ ପରିବର୍ତ୍ତିତ ସ୍ୱରକୁ ନିଜ ରୀତିରେ ପ୍ରକାଶ କରିବାକୁ ଅଧିକତର ପ୍ରଚେଷ୍ଟା କରିଛନ୍ତି । କେତେକ ତରୁଣ କବି ମଧ୍ୟ ପାରମ୍ପରିକତାର ମୋହକୁ ଛାଡି ପାରିନାହାନ୍ତି । ଏହି ସମୟର କବିତାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଷାଦଜୀର୍ଣ୍ଣ ପରିଣତି, ହତାଶା, ନୈରାଶ୍ୟବୋଧ ଯେ ଅଧିକ ମାତ୍ରାରେ ଗ୍ରାସ କରିଛି, ଏଥିରେ ସନ୍ଦେହ ନାହିଁ । ୧୯୪୮ ମସିହାରେ ଗାନ୍ଧୀଙ୍କ ମୃତ୍ୟୁ, ସ୍ୱାଧୀନତା ପରବର୍ତ୍ତୀ ସାମାଜିକ ଅବ୍ୟବସ୍ଥା, ହତାଶାବୋଧ ୧୯୬୦ ପରବର୍ତ୍ତୀ କାବ୍ୟଚେତନାକୁ ମଧ୍ୟ ପ୍ରଭାବିତ କରିଛି । ଘଟଣା ବହୁଳ ରାଜନୀତି, ଜାତୀୟ ଓ ଆନ୍ତର୍ଜାତିକ ବ୍ୟାପାର ସମାଜ ଓ ଅର୍ଥନୀତିକୁ ପ୍ରଭାବିତ କରିଛି । ଏହାର ପ୍ରଭାବରେ ୧୯୬୦ ପରବର୍ତ୍ତୀ ଓଡ଼ିଆ କବିତାରେ ନୂଆ ନୂଆ ଅନୁଭୂତି ଓ ଅନୁଭବମାନ ଯୋଡି ହୋଇଯାଇଛି। ଏହି ନୂତନ କାବ୍ୟିକ ଅବବୋଧ ସଂପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବା ଏହି ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ।

## ୩.୨ ଶୀକ୍ଷଣୀୟ ବିଷୟ

- ଆଧୁନିକ କବିତା (୧୯୬୦-୧୯୮୦)ରେ ଦେଖାଦେଇଥିବା ପରିବର୍ତ୍ତିତ ଆଭିମୁଖ୍ୟ ସଂପର୍କରେ ସୂଚନା ପାଇପାରିବେ ।
- ଏହି ସମୟରେ ପ୍ରକାଶ ପାଇଥିବା ବିଭିନ୍ନ କବି ଓ ସେମାନଙ୍କ ପ୍ରସିଦ୍ଧ କବିତା ଗ୍ରନ୍ଥ ସଂପର୍କରେ ଜାଣିପାରିବେ। ଏହି ସମୟ ଖଣ୍ଡର କବିତାର ବୈଶିଷ୍ଟ୍ୟ ସମ୍ପର୍କରେ ଜ୍ଞାନର୍ଜନ କରିପାରିବେ।

## ୩.୩ ବିଷୟ ପରିଚୟ

୧୯୬୦ ମସିହାରେ ଓଡିଆ କବିତାର ଆଭିମୁଖ୍ୟରେ ପରିବର୍ତ୍ତନ ଦେଖାଗଲା । ପ୍ରସ୍ତୁତ ଆଲୋଚନାରେ ବିଶ୍ୱଯୁଦ୍ଧର ପ୍ରଭାବ ସଂପର୍କକୁ ସ୍ୱାଧୀନତା ପରବର୍ତ୍ତୀ ରାଜନୀତିକ, ସାମାଜିକ, ସାଂସ୍କୃତିକ ଘଟଣାବଳୀର ସମ୍ୟକ୍ ସୂଚନାପୂର୍ବକ ଓଡିଆ କାବ୍ୟ କବିତାରେ ତାହାର ପ୍ରତିଫଳନ ବିଶ୍ଳେଷିତ । ଏହା ୧୯୬୦ ପରବର୍ତ୍ତୀ କବିତାର ପୃଷ୍ଠଭୂମି ସୂଚିତ କରିବା ସହିତ ଏହାର ରୂପରେଖ ଓ କବିମାନଙ୍କର କୃତିତ୍ୱ ପ୍ରଦର୍ଶନ ଦିଗରେ ପ୍ରଚେଷ୍ଟା କରାଯାଇଛି।

ପ୍ରସଙ୍ଗକ୍ରମେ ଯେଉଁ ବିଷୟ ଗୁଡିକର ବିଶ୍ଳେଷଣ କରାଯାଇଛି ସେଗୁଡ଼ିକ ହେଉଛି - ସ୍ୱାଧୀନତୋର ଭାରତ ବର୍ଷର ଓ ଓଡ଼ିଶାର ରାଜନୀତିକ ପୃଷ୍ଠଭୂମି, ସମକାଳୀନ ସାମାଜିକ-ସାଂସ୍କୃତିକ ପ୍ରେକ୍ଷାପଟ୍ଟ, ଧର୍ମୀୟ ଚେତନା ଓ ଓଡ଼ିଆ କବିତାରେ ପୂର୍ବିସୂଚୀତ ପ୍ରସଂଗ ଗୁଡିକର ରୂପାୟନରେ ସାର୍ଥକତା।

## ୩.୪ ସ୍ୱାଧୀନୋତ୍ତର ଭାରତ ଓ ଓଡିଶାର ରାଜନୀତିକ ପୃଷ୍ଠଭୂମି

ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରଭାବ ସମଗ୍ର ପୃଥିବୀର ରାଜନୈତିକ ସ୍ଥିତିକୁ ଦୋହଲାଇ ଦେଇଥିଲା । ଯେଉଁ ପୃଥିବୀ ଉପରେ ଦଣ୍ଡାୟମାନ ହୋଇ ମଣିଷ ସୁଖ ସ୍ୱପ୍ନରେ ବିଭୋର ହେଇଥିଲା, ସେହି ପୃଥିବୀରେ ବଞ୍ଚିବା କଷ୍ଟକର ମନେହେଲା । ଜୀବନ ଓ ଜଗତପ୍ରତି ଏକ ଆଶଂକା ସୃଷ୍ଟି ହେଲା । ପାରସ୍ପରିକ ବିଶ୍ୱାସବୋଧ ତୁଟିଗଲା। ବ୍ୟକ୍ତିବାଦର ପ୍ରାଧାନ୍ୟ ବଢିଚାଲିଲା । ବିଟ୍ରିଶ୍ ରାଜତନ୍ତ୍ର କବଳରୁ ଭାରତବର୍ଷ ରାଜନୀତିକ ସ୍ୱାଧୀନତା ଲାଭକଲା। କେବଳ ଏତିକିରେ ଭାରତବର୍ଷର ସମସ୍ୟାର ଯେ ଅନ୍ତ ଘଟିଲା ତାହା ନୁହେଁ ; ଭାରତ ବିଭାଜନ, ସାଂପ୍ରଦାୟିକ ଦଂଗା ଭାରତୀୟ ରାଜନୀତିକୁ ପ୍ରଭାବିତ କଲା । ଭାରତର ସାଧାରଣ ଜନତା ହୃଦୟଙ୍ଗମ କରିଥିଲା ; ଶିକ୍ଷିତ ସଂଗ୍ରାମୀ ଗାନ୍ଧୀବାଦୀ ନେତାଙ୍କ ହାତରେ ଦେଶର ଦାୟିତ୍ୱ ଅର୍ପଣ କରି ସାମାଜିକ ବ୍ୟବସ୍ଥାରେ ସୁଧାର ଅଣାଯାଇ ପାରିବ । କିନ୍ତୁ ଏହି ଧାରଣା ଭୁଲ୍ ଥିଲା । ପ୍ରଚଳିତ ପଦ୍ଧତିରେ ସଂସ୍କାର ଆନୟନ ପାଇଁ ନିର୍ବାଚନ, ପ୍ରଦେଶ ପୁନର୍ଗଠନ, ଓ ପଞ୍ଚବାର୍ଷିକ ଯୋଜନା ଇତ୍ୟାଦି ପ୍ରଣୟନ କରାଗଲା । ଜମିଦାରୀ ପ୍ରଥାର ଉଚ୍ଛେଦ ଘଟିଲା । ଭୂସଂସ୍କାର ଓ ଭାଗଚାଷୀ ଆନ୍ଦୋଳନ ଦ୍ୱାରା ସାନ ସାନ ଜମି ମାଲିକ ମାନଙ୍କର ଆବିର୍ଭାବ ଘଟିଲା । ୧୯୪୮ ମସିହା ବେଳକୁ ସରକାରୀ ଓ ଘରୋଇ ଶିଳ୍ପରେ ମଧ୍ୟରେ ସମନ୍ୱୟ ଆଣିବାକୁ ପ୍ରୟାସ କରାଗଲା । ଧନୀ ପୁଂଜିପତିମାନେ ଶିଳ୍ପରେ ପୁଂଜି ବିନିଯୋଗ କଲେ । ଦେଶର ବିଭିନ୍ନ ପ୍ରାନ୍ତରେ ଛୋଟବଡ ଶିଳ୍ପ ମୁଣ୍ଡ ଟେକିଲା। ରାଜନୀତିରେ ମଧ୍ୟ ପରିବର୍ତ୍ତନ ଦେଖାଦେଲା । ଜୟ ପ୍ରକାଶ ନାରାୟଣ ଓ ଲୋହିଆଙ୍କ ନେତୃତ୍ୱରେ ସୋସିଲିଷ୍ଟ

ପାର୍ଟି ନାମକ ଏକ ନୂତନ ରାଜନୀତିକ ଦଳର ଉନ୍ମେଷ ଘଟିଲା । ଅପର ପକ୍ଷରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଉପରୁ ମଧ୍ୟ ନିଷେଧାଦେଶ ଉଠାଇ ଦିଆଗଲା । ତେଣୁ କଂଗ୍ରେସର ଅନେକ ଗୁଡିଏ ପ୍ରତିଦ୍ୱନ୍ଦୀ ଦଳ ସୃଷ୍ଟି ହେଲେ । ଏଥି ସହିତ ବାବା ସାହେବ୍ ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ କରାଗଲା । ଦେଶରେ ପ୍ରଥମ ସାବାଳକ ନିର୍ବାଚନ ଆରମ୍ଭ ହେଲା । ୧୯୫୭ ମସିହାରେ କଂଗ୍ରେସ ଦଳ ଏକକ ସଂଖ୍ୟା ଗରିଷ୍ଠତା ଲାଭ କରିପାରିଲା ନାହିଁ । ଫଳରେ ଭାରତବର୍ଷର ରାଜନୀତିରେ ଅସ୍ଥିରତା ଦେଖାଦେଲା ।

ଏତଦ୍ ବ୍ୟତୀତ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଭାରତ-ଚୀନ ଯୁଦ୍ଧ, ଭାରତ - ପାକିସ୍ଥାନ ଯୁଦ୍ଧ, ଜବାହରଲାଲ୍‌ଙ୍କ ମୃତ୍ୟୁ, ଶାସ୍ତ୍ରୀଙ୍କ ମୃତ୍ୟୁ, ତାସ୍‌କେଣ୍ଟ ଚୁକ୍ତି, ଇନ୍ଦିରାଗାନ୍ଧୀଙ୍କ ପ୍ରଧାନ ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ ସହିତ ରାଉର୍‌କେଲାରେ ବୈଷୟିକ ଶିକ୍ଷାର ଉନ୍ନତି ନିମନ୍ତେ ଇଂଜିନିୟରିଂ କଲେଜ୍ ପ୍ରତିଷ୍ଠା ଏ କସପ୍ରେସ୍ ହାଇୱେ ନିମାଣ ଇତ୍ୟାଦି ଘଟଣା ଆମ ଦେଶର ପାରିପାର୍ଶ୍ୱିକ ପରିବେଶକୁ ମଧ୍ୟ ପ୍ରଭାବିତ କଲା । ରାଜନୀତିକ ଅସ୍ଥିରତା ସହିତ ଶିଳ୍ପ, ବାଣିଜ୍ୟ, ଶିକ୍ଷାର ବିକାଶ ଘଟିଛି । ୧୯୬୭ ମସିହାରେ ହୋଇଥିବା ନକ୍ସାଲବାଡି ଆନ୍ଦୋଳନ ଭାରତବର୍ଷର ସାମାଜିକ ଓ ଆର୍ଥନୀତିକ ଶୋଷଣ ବିରୋଧି ସ୍ୱରକୁ ତୀବ୍ରତର କଲା ।

## ୩.୫ ସାମାଜିକ : ସାଂସ୍କୃତିକ ପ୍ରେକ୍ଷାପଟ

ତତ୍‌କାଳୀନ ସମାଜରେ ସଂଘଟିତ ଏତାଦୃଶ କ୍ରାନ୍ତି, ପ୍ରଗତି ଓ ଅବକ୍ଷୟ ଜନଜୀବନକୁ ପ୍ରଭାବିତ କଲା । ସ୍ୱାଧୀନତା ପୂର୍ବରୁ ସମଗ୍ର ମାନବ ସମାଜ ସ୍ୱାଧୀନତାର ସ୍ୱପ୍ନରେ ମସ୍‌ଗୁଲ୍ ଥିଲା । ମାତ୍ର ସ୍ୱାଧୀନତା ପ୍ରାପ୍ତି ପରେ ସେ ସ୍ୱପ୍ନ ସ୍ୱପ୍ନ ହୋଇ ରହିଗଲା । ସ୍ୱାଧୀନ ଭାରତର ସାମାଜିକ ବ୍ୟବସ୍ଥା ସନ୍ଦେହ ଓ ଆଶଂକା ମଧ୍ୟ ଦେଇ ଗତି କରିବାକୁ ଲାଗିଲା । ରାଜତନ୍ତ୍ର ଓ ଜମିଦାରୀ ପ୍ରଥାର ଉଚ୍ଛେଦ ଘଟିବା ଫଳରେ ସେମାନଙ୍କୁ ଉପଜୀବ୍ୟ କରି ଜୀବିକାନିର୍ବାହ କରୁଥିବା ବହୁ ପରିବାର ଅକସ୍ମାତ୍ ଜୀବିକା ହରାଇଲେ । ଯନ୍ତ୍ରଶିଳ୍ପର ଅଭ୍ୟୁଦୟ ଘଟିଲା । କୁଟୀର ଶିଳ୍ପର ଅଧୋପତନ ଘଟିଲା । କୌଳିକ ବୃତ୍ତିଧାରୀଙ୍କ ଉପରେ ଯନ୍ତ୍ରଶିଳ୍ପର ଆପାତ ଅର୍ଥନୈତିକ ଅବ୍ୟବସ୍ଥା ସୃଷ୍ଟି କଲା ।

ପରିବହନ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଲା । ପକ୍କା ସଡ଼କ ନିର୍ମାଣ ଉପରେ ଗୁରୁତ୍ୱ ଦିଆଗଲା । ନଦୀରେ ପୋଲ ତିଆରି ହେଲା । ସଡ଼କ ପଥରେ ପରିବହନର ମୁଖ୍ୟ ମାଧ୍ୟମ ସାଜିଥିବା ଶଗଡ଼, ହାତଟଣା ରିକ୍ସା ହଠାତ୍ ବନ୍ଦ ହୋଇଗଲା । ଜନସାଧାରଣ ବସ୍, ଟ୍ରକ୍ ଉପରେ ନିର୍ଭରଶୀଳ ହୋଇପଡ଼ିଲେ । ଏସବୁକୁ ଆଧାର କରି ବଂଚୁଥିବା ଜନସାଧାରଣ ଜୀବିକା ହରାଇଲେ । କର୍ମସଂସ୍ଥାନ ଉଦ୍ଦେଶ୍ୟରେ ଭିଟାମାଟି ଛାଡ଼ି କୁଲି, ମଜଦୁର ଭାବେ ରାଜ୍ୟ ବାହାରକୁ ଯିବାକୁ ବାଧ୍ୟ ହେଲେ ।

ବଡ଼ ବଡ଼ କଳକାରଖାନା ପ୍ରତିଷ୍ଠା ହେଲା । ବନ୍ଦର, ନଦୀବଂଧ ଓ ସଡ଼କପଥ ନିର୍ମାର କାର୍ଯ୍ୟରେ ବହୁ ଶ୍ରମିକ ନିୟୋଜିତ ହେଲେ । ସୁପରଭାଇଜର, ଠିକାଦାର ମାନଙ୍କଠାରୁ ନଗଦ ଅର୍ଥଲାଭ ସାଧାରଣ ମଣିଷକୁ କୃଷି କ୍ଷେତ୍ରରୁ ଦୃଷ୍ଟି ଫେରାଇ ଆଣିବାକୁ ବାଧ୍ୟ କଲା । ଶିଳ୍ପର ପ୍ରତିଷ୍ଠା ଓ ନଦୀବଂଧ ଯୋଜନା ହେତୁ ବହୁ ଜନସାଧାରଣ ବାସଚ୍ୟୁତ ହେଲେ । ବାସଚ୍ୟୁତ ଜନସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖାଦେଲା । ଅପର ପକ୍ଷେ ଶିକ୍ଷାର ବିକାଶ ଘଟିଲା । ଏହା ମଧ୍ୟ ସାଧାରଣ ଜନତାଙ୍କ ମନରେ ଦୁଇପ୍ରକାର ଭାବନା ସୃଷ୍ଟିକଲା । ସ୍ୱଚ୍ଛଳ ଅବସ୍ଥାରେ ଥିବା

ଜନସାଧାରଣ ଶିକ୍ଷା ଦୀକ୍ଷା ପ୍ରତି ଆକର୍ଷିତ ହେଲେ । ଶିକ୍ଷାଲାଭର ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁଲେ ନାହିଁ। ମାତ୍ର ଶ୍ରମନିର୍ଭରଶୀଳ ଜନସାଧାରଣ ମାନବ ଶକ୍ତିର ଅଭାବ ଆଶଂକା କରି ଶିକ୍ଷା ପ୍ରତି ଏକ ଅସନ୍ତୋଷଭାବ ଦେଖାଇଲେ।

୧୯୬୨ ମସିହାରେ ଭାରତ-ଚୀନ ମଧ୍ୟରେ ଯୁଦ୍ଧ ହେଲା ।ଦ୍ୱିତୀୟ ବିଶ୍ୱଯୁଦ୍ଧର ପରୋକ୍ଷ ପ୍ରଭାବ ଭାରତୀୟ ଜନସାଧାରଣଙ୍କ ଉପରେ ପଡ଼ିଥିଲା । ଭାରତ-ଚାଇନା ଯୁଦ୍ଧର ସିଧାସଳଖ ପ୍ରଭାବର ଅଂଶୀଦାର ହେଲେ ଭାରତୀୟମାନେ । ସଦ୍ୟଲବ୍ଧ ସ୍ୱାଧୀନତା ପୁନଃ ବିଡ଼ମ୍ବିତ ହେବାର ଏକ ଭୟ ସୃଷ୍ଟି ହେଲା । ଏ ଯୁଦ୍ଧ ରାଜନୀତିକ, ସାମାଜିକ ଓ ସଂସ୍କୃତିକ ଏହି ତିନୋଟି ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଥିଲା । ଯୁଦ୍ଧ ଜନିତ କର୍ଫ୍ୟୁ, ବ୍ଲାକ୍ ଆଉଟ୍, ଯୁଦ୍ଧପାଣ୍ଠି, ରିଲିଫ୍ ଇତ୍ୟାଦି ସାଧାରଣ ଜନଜୀବନକୁ ପ୍ରଭାବିତ କଲା । ସେନାବାହିନୀରେ ଯୋଗଦାନ, ମୃତ୍ୟୁ ଆଶଂକାରେ ସାଧାରଣ ଜନଜୀବନ ଖୁବ୍ ପ୍ରଭାବିତ ହେଲା । କୃଷିକ୍ଷେତ୍ର ପ୍ରଭାବିତ ହୋଇଥିବାରୁ ଉତ୍ପାଦନ କମିଲା। ଜନସାଧାରଣଙ୍କ ଆବଶ୍ୟକତାନୁଯାୟୀ ଉତ୍ପାଦନ ହୋଇପାରିଲା ନାହିଁ । ଦରଦାମ୍ ବଢିଚାଲିଲା । ଯୁଦ୍ଧ ପରେ ପୁନଃ ନିର୍ମାଣ ଓ ନୂତନ ନିର୍ମାଣ କାଯ୍ୟ ପାଇଁ ଠିକାଦାର, ଇଂଜିନିୟର ଓ ବ୍ୟବସାୟରେ କଣ୍ଟ୍ରୋଲ୍ ଡ଼ିଲର୍ ମାନଙ୍କର ପୁଞ୍ଜି ବିନିଯୋଗ ଓ ପତିଆରା ବଢିଚାଲିଲା। କଳାବଜାରୀ ସୃଷ୍ଟି ହେଲା । ଅପକୌଶଳର ବିନିଯୋଗ କରି ସାଧାରଣ ଜନତାଙ୍କୁ ଠକିବା ମନୋବୃତ୍ତି ବଢି ଚାଲିଲା ।

ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ଦେଖାଦେଲା । ବିଭିନ୍ନ ବିଭାଗକୁ ନେଇ ଭିନ୍ନ ଭିନ୍ନ ଦପ୍ତର ସୃଷ୍ଟି ହେଲା । ବିଭିନ୍ନ ପାହ୍ୟା ପଦବୀରେ ଶିକ୍ଷିତମାନେ ନିଯୁକ୍ତ ହେଲେ । ଉପାର୍ଜନ ସୃଷ୍ଟିକାରୀ ଚାକିରୀଜୀବି ଗୋଷ୍ଠୀ ସୃଷ୍ଟି ହେଲା । ଫାଇଲ ଚାଷ ହେଲା ଏମାନଙ୍କର ପ୍ରମୁଖ କର୍ତ୍ତବ୍ୟ ଦପ୍ତର ଗୁଡ଼ିକର କାର୍ଯ୍ୟାଳୟ ସହରରେ ହୋଇଥିବାରୁ ରାଜ୍ୟର ବିଭିନ୍ନ ଅଂଚଳର ମଣିଷମାନେ ସହରାଭିମୁଖୀ ହେଲେ । ପ୍ରଶାସନ, ଶକ୍ତ, ଶିକ୍ଷା, ବାଣିଜ୍ୟର କେନ୍ଦ୍ରସ୍ଥଳୀ ସହର ହୋଇଥିବାରୁ ସହର ସଭ୍ୟତା ପ୍ରତି ଆକର୍ଷଣ ବଢିଲା। ଅଧିକାଂଶ ସହରର ବାସିନ୍ଦା ପାଲଟିଗଲେ । ସେମାନଙ୍କୁ ସେବା ସହଯୋଗ କରିବା ପାଇଁ ଖୁଚୁରା ବ୍ୟବସାୟୀ, ମୂଲିଆ, କୁଲି, ଶ୍ରମିକଙ୍କ ସଂଖ୍ୟା ମଧ୍ୟ ବଢି ଚାଲିଲା । ସହର ତଳିବସ୍ତି ପାଲଟିଲା ଏମାନଙ୍କର ଆଶ୍ରୟସ୍ଥଳୀ ।

ଏପ୍ରକାର ପରିବର୍ତ୍ତନ ଦ୍ୱାରା ସାମାଜିକ ଜୀବନଧାରା ଯଥେଷ୍ଟ ପ୍ରଭାବିତ ହେଲା ।

- ଗାଁ ଗହଳିର ଛକଜାଗା, ହାଟ ଉପକଣ୍ଠରେ ଛୋଟ ଛୋଟ ବଜାର ଦେଖିବାକୁ ମିଳିଲା ।
- ଗାଁ ବଜାର ପାଲଟିଲା ; ଗାଁ ଲୋକ ମାନଙ୍କର ପେଣ୍ଠସ୍ଥଳୀ, ସାନ୍ଧ୍ୟ ଅବସର ବିନୋଦନର କେନ୍ଦ୍ର, ରାଜନୀତି ଚର୍ଚ୍ଚା ଓ ଗୋଷ୍ଠୀ କନ୍ଦଳର ମୁଖ୍ୟ ସ୍ଥାନ ।
- ଗାଁର ଚାଲିଚଳଣି, ଜୀବନଧାରା ମେଳା ମହୋତ୍ସବ ପ୍ରଭାବିତ ହେଲା ।
- ଉତ୍ପାଦନରେ ହ୍ରାସ ଓ ଚାହିଦାର ଆଧିକ୍ୟ କାରଣରୁ ଦରଦାମ ବଢିଚାଲିଲା । ବର୍ଦ୍ଧିତ ଦରଦାମ ପାଇଁ ମହଂଗା ଭତ୍ତା ବଢିଲା । ତେଣୁ ମୁଦ୍ରାର ମୂଲ୍ୟ ବାରମ୍ବାର ବିନିମୟ ହାରରେ ହ୍ରାସ ହେଲା । ଆନ୍ତର୍ଜାତୀୟ ବଜାରରେ ମଧ୍ୟ ମୁଦ୍ରାର ମୂଲ୍ୟ କମିଲା ।
- ଶିକ୍ଷାର ବିକାଶ ସାଂଗକୁ ପର୍ଯ୍ୟାପ୍ତ ପରିମାଣର ନିଯୁକ୍ତି ସୁଯୋଗ ସୃଷ୍ଟି ନ ହେବାରୁ ଶିକ୍ଷିତ ବେକାରମାନଙ୍କର ସଂଖ୍ୟା ବଢିଚାଲିଲା ।

- କର୍ମ ନିଯୁକ୍ତି ନ ମିଳିବାରୁ ଶିକ୍ଷିତ ଯୁବକମାନଙ୍କ ପାଖରେ ହତାଶା, ନୈରାଶ୍ୟ ଭାବ ଦେଖାଦେଲା । ଫଳରେ ଅସାମାଜିକ ମନୋବୃତ୍ତି ବଢ଼ିଚାଲିଲା ।
- ଭୋଟ୍‌କୁ ନେଇ ରାଜନୀତି ଚାଲିଲା । ଗାଁ ଓ ସହରରେ ଥିବା କ୍ଲବ୍ , ଯୁବକ ସଂଘକୁ ମଦ୍ୟ ଓ ଅର୍ଥ ଲାଳସା ମାଧ୍ୟମରେ ବଶୀଭୂତ କରାଗଲା ।
- ନାରୀ ଶିକ୍ଷାର ବିକାଶ ଘଟିବାରୁ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ନାରୀମାନଙ୍କୁ ମଧ୍ୟ ସୁଯୋଗ ମିଳିଲା । ନାରୀ ପୁରୁଷ ସହିତ ସମକକ୍ଷ ହେଲା । ନାରୀ ସଚେତନତା ପ୍ରକାଶ ପାଇଲା । ନାରୀମାନେ ଆତ୍ମନିର୍ଭରଶୀଳ ହେଲେ । ସମପରିମାଣରେ ମଧ୍ୟ ଛାଡ଼ପତ୍ର, ଯୌତୁକ ସମସ୍ୟା ଇତ୍ୟାଦି ବଢ଼ିଚାଲିଲା ।
- ଏକାନ୍ନବର୍ତ୍ତି ପରିବାର ଭାଂଗିଯାଇ ବ୍ୟକ୍ତିକୈନ୍ଦିକ ଭାବଧାରା ଦେଖିବାକୁ ମିଳିଲା । ଦୁଇପିଢ଼ୀ ମଧ୍ୟରେ ଆତ୍ମୀୟତା ରହିଲା ନାହିଁ । ଏକ ଅର୍ଥସର୍ବସ୍ୱ ମାନସିକତାକୁ ନେଇ ବଂଚିବା ଉପରେ ମଣିଷ ଗୁରୁତ୍ୱ ଦେଲା ।

**ସାଂସ୍କୃତିକ ପ୍ରେକ୍ଷାପଟ :** ପରିବର୍ତ୍ତିତ ସାମାଜିକ ପରିବେଶରୁ ଏକ ନୂଆ ସାଂସ୍କୃତିକ ପରିମଣ୍ଡଳ ଆର୍ବିଭୂତ ହୋଇଛି । ଚାଲିଚଳଣି ଆଚାର ବ୍ୟବହାର, ପର୍ବପର୍ବାଣୀ, ରୁଚି, ମୂଲ୍ୟବୋଧ ସବୁକିଛି ବଦଳି ଯାଇଛି । ଗ୍ରାମାଂଚଳରେ ସହରୀ ଜୀବନଧାରାର ଅନୁପ୍ରବେଶ ଏକ ମିଶ୍ର ସଂସ୍କୃତିକୁ ଜନ୍ମ ଦେଇଛି । ସହରାଂଚଳ ଓ ଶିଳ୍ପାଂଚଳରେ ଅଭିବୃଦ୍ଧି ଘଟୁଥିବାରୁ ରାଜ୍ୟ ତଥା ଦେଶ ବାହାରୁ ମଧ୍ୟ ବିଭିନ୍ନ ଗୋଷ୍ଠୀର ଜନସାଧାରଣଙ୍କର ସମାବେଶ ଘଟୁଛି । ଏହାଦ୍ୱାରା ଏକ ସାଂସ୍କୃତିକ ଆଦାନ ପ୍ରଦାନ ପାଇଁ ପ୍ରକୃଷ୍ଟ ପରିମଣ୍ଡଳ ତିଆରି ହେଉଛି । ସଂସ୍କୃତିର ଅବକ୍ଷୟ ଯେତିକି ମାତ୍ରାରେ ସାହିତ୍ୟିକମାନଙ୍କୁ ପ୍ରଭାବିତ କରିଛି ସଂସ୍କୃତିର ସୁରକ୍ଷା ମଧ୍ୟ ସେତିକି ପ୍ରଭାବିତ କରିଛି । ପୂଜ୍ୟପୂଜା କ୍ଷେତ୍ରରେ, ପର୍ବପର୍ବାଣୀ ପାଳନରେ, ଓଷାବ୍ରତ ବିଧାନରେ, ମଠମନ୍ଦିର, ମସ୍‌ଜିଦ୍‌ର ପରିବେଶରେ ପୋଷାକ ପରିପାଟୀରେ ସାଂସ୍କୃତିକ କ୍ରିୟା କଳାପର ବିକଳ ବିଭଂଗରୂପ ସହିତ ସଂସ୍କୃତିର ଅବକ୍ଷୟିଷ୍ଣୁ ଦିଗ ପ୍ରତି ପାଠକର ସଚେତନତା ସୃଷ୍ଟିରେ ମଧ୍ୟ ବହୁ ଚିନ୍ତାଶୀଳ ବ୍ୟକ୍ତି ଆଗେଇ ଆସିଛନ୍ତି ।

## ୩.୬ ଧାର୍ମିକ ପୃଷ୍ଠଭୂମି

ପ୍ରାଚୀନ ଭାରତରେ ରାଜତନ୍ତ୍ରରେ 'ଧର୍ମ' ଉଦାର ଦୃଷ୍ଟିଭଂଗୀ ଯୁକ୍ତ ଥିଲା । ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ ଥିଲା । ମାତ୍ର କାଳକ୍ରମେ ଧର୍ମ-ବ୍ରାହ୍ମଣ ଗୋଷ୍ଠୀର ଅକ୍ତିଆର ମଧ୍ୟକୁ ଆସିଲା । ଫଳରେ ଅନେକ ସାଧାରଣ ଜନତା ଧର୍ମାଚାର ପାଖରୁ ଦୂରେଇ ଗଲେ । ହିନ୍ଦୁ ଧର୍ମରେ ବ୍ରାହ୍ମଣ ଗୋଷ୍ଠୀ - ଧର୍ମ ଶିକ୍ଷା, କ୍ଷତ୍ରିୟ-ଶାସନ, ବୈଶ୍ୟ-ବ୍ୟବସାୟ ଓ ଶୂଦ୍ର-ସେବା-ଶ୍ରମ କରିବେ ବୋଲି ଏକ ବିଭାଜନ ରେଖା ଟାଣିଦିଆଗଲା । ଇତିହାସକୁ ପର୍ଯ୍ୟାଲୋଚନା କଲେ ଦେଖିପାରିବା ଧର୍ମକୁ ଆଧାର କରି ଅତୀତରେ ହିଂସା ଯୁଦ୍ଧ, ଧର୍ମମତର ପ୍ରତିଷ୍ଠାକୁ ନେଇ ସ୍ପର୍ଦ୍ଧା, ଧର୍ମରେ ଅଲୌକିକତାର ପ୍ରାଧାନ୍ୟ, ଧର୍ମାନୁଯାଇ-ଭୂଷଣ, ଆଭୂଷଣ, ପରିପାଟୀ ପରିଧାନ କରିବା ଜନିତ ବିଭେଦ ପ୍ରତିଷ୍ଠା ପାଇଛି । ଧର୍ମ ରାଜତନ୍ତ୍ରର ବଶତା ସ୍ୱୀକାର କରିଛି । ରାଜା ଯେଉଁ ଧର୍ମ ଗ୍ରହଣ କରିଛନ୍ତି ଅନୁଗାମୀ ପ୍ରଜାମାନେ ସେହି ଧର୍ମର ବଶତା ସ୍ୱୀକାର କରିଛନ୍ତି । ତେଣୁ ଆମ ଦେଶ ଯେବେ ବୈଦେଶିକ ରାଜତନ୍ତ୍ରର ଶାସନାଧୀନ ହୋଇଛି, ସେ ସମୟରେ ଭାରତ ବିଦେଶୀ ରାଜଧର୍ମକୁ ଗ୍ରହଣ କରିଛି । ଏହାଦ୍ୱାରା ଧର୍ମର ମୌଳିକ ଗୁଣ ଉଦାରତା , ପାରସ୍ପରିକ ସଦ୍ଭାବ ଓ ସଂପ୍ରୀତି ଇତ୍ୟାଦି ବ୍ୟାହାତ ହୋଇଛି ।

ସ୍ୱାଧୀନତୋତ୍ତର କାଳରେ ସାମ୍ବିଧାନିକ ଧର୍ମ ନିରପେକ୍ଷତା ସମ୍ପୃକ୍ତ ଧର୍ମକୁ ଗୁରୁତ୍ୱ ଦେବା ସହିତ ଏହାର ସୁରକ୍ଷା ଓ ସମ୍ମାନ ପାଇଁ ସ୍ୱତନ୍ତ୍ର ନିୟମ ପ୍ରଣୟନ କରାଗଲା । ଧର୍ମୀୟ ଉପଚାର ଗୁଡ଼ିକରେ ଆଡ଼ମ୍ବର ମନୋଭାବ ଦେଖିବାକୁ ମିଳିଲା । ଧର୍ମର ମୂଳତତ୍ତ୍ୱ ଓ ଉଦ୍ଦେଶ୍ୟ ବିସ୍ମୃତ ହୋଇପଡ଼ିଲା । ଧର୍ମ ପ୍ରକୃତ ଲକ୍ଷ୍ୟ ପାଖରୁ ଦୂରେଇ ଗଲା । ସାଧାରଣ ଜନତା ଧର୍ମର ମୌଳିକ ଲକ୍ଷ୍ୟ ସଂର୍ପକରେ ଅବଗତ ହେଉ ନ ଥିବାରୁ ପାରସ୍ପରିକ ସଂପ୍ରୀତିଭାବ ପ୍ରତିଷ୍ଠା ହୋଇ ପାରିଲା ନାହିଁ ।

## ୩.୭ ୧୯୬୦-୮୦ ସମୟ ଖଣ୍ଡର କବିତାରେ ଏହାର ରୂପାୟନ

ଉପରୋକ୍ତ ସାମାଜିକ-ସାଂସ୍କୃତିକ-ଧାର୍ମିକ ପରିମଣ୍ଡଳ ୧୯୬୦ ପରବର୍ତ୍ତିତ ଓଡ଼ିଆ କବିତାକୁ ଭିନ୍ନ ଦିଗରେ ଗତିଶୀଳ କରାଇଲା । ଏହି ସମୟ ଖଣ୍ଡର କବିତାର କାବ୍ୟଧାରାରେ ନିର୍ଦ୍ଦିଷ୍ଟ କେତେ ଗୁଡ଼ିଏ ପ୍ରବୃତ୍ତି ଦେଖିବାକୁ ମିଳିଲା । ଏଗୁଡ଼ିକ ହେଲା –

(କ) ସ୍ୱାଧୀନତାର ସ୍ୱପ୍ନଭଂଗ
(ଖ) ଅତୀତ ଓ ପରଂପରା ପ୍ରତି ଅବିଶ୍ୱାସ
(ଗ) ଜୀବନ ପ୍ରତି ରୋମାଣ୍ଟିକ୍ – ବାସ୍ତବବାଦୀ ଦୃଷ୍ଟିଭଂଗୀ
(ଘ) ଯୁଦ୍ଧ ପରବର୍ତ୍ତୀ ସମାଜ - ଆର୍ଥନୀତିକ ପ୍ରତିକ୍ରିୟା
(ଙ) ଆବେଗ ଜର୍ଜରିତ ପ୍ରେମ ପରିବର୍ତ୍ତେ ଯୁକ୍ତିଶୀଳତା
(ଚ) ନୈରାଶ୍ୟ ବୋଧ
(ଛ) ବିଚ୍ଛିନ୍ନତାବୋଧ
(ଜ) ମୃତ୍ୟୁ ସଚେତନତା
(ଝ) ଇନ୍ଦ୍ରିୟୋତ୍ତର ଅନୁଚିନ୍ତା

ଆଲୋଚ୍ୟ ସମୟର କବିଙ୍କ କାବ୍ୟ ଭାବନାରେ ଊଣା ଅଧିକେ ଏଇ ଭାବଧାରା ପ୍ରତିଫଳିତ ହେଲା । ନିମ୍ନରେ ଏହି ସମୟ ଖଣ୍ଡର ପ୍ରତିଷ୍ଠିତ କବିମାନଙ୍କ କବିତାରେ କିପରି ଏହାର ପରିପ୍ରକାଶ ଘଟିଛି ତାହା ଆଲୋଚନା କରାଯାଇପାରେ ।

## ୩.୮ ପ୍ରତିଷ୍ଠିତ କବିମାନଙ୍କ କବିତାରେ ଏହାର ପ୍ରୟୋଗ

ସ୍ୱାଧୀନତା ପରବର୍ତ୍ତୀ ୧୯୬୦ ରୁ ୧୯୮୦ ପର୍ଯ୍ୟନ୍ତ ଏହି ୨୦ ବର୍ଷ ମଧ୍ୟରେ ଯେଉଁ ମାନେ ଉଲ୍ଲେଖନୀୟ ଅବଦାନ ରଖିଯାଇଛନ୍ତି ; ସେମାନଙ୍କ ସଂର୍ପକରେ ଏଠାରେ ଚର୍ଚ୍ଚା କରାଯାଇଛି । ଏଇ କୋଡ଼ିଏ ବର୍ଷ ଅବଧିରେ ପ୍ରକାଶିତ ଓଡ଼ିଆ କବିତାକୁ ନେଇ କବି ବା ପାଠକଙ୍କ ରୁଚିରେ କିଛିଟା ପରିବର୍ତ୍ତନ ଆସିଛି । ପରିବର୍ତ୍ତନର କାରଣ ପାଇଁ ପରିବର୍ତ୍ତିତ ପରିସ୍ଥିତି ହିଁ ମୁଖ୍ୟତଃ ଦାୟୀ । ଏ ସଂର୍ପକରେ ସବିଶେଷ ଆଲୋଚନା କରାଯାଇଛି । ଆଧୁନିକତାର ବିବିଧ ଧାରା, ବାଦ ବିଭବ, ତଥା ବହୁବିଧ ଚିନ୍ତାର ଚମତ୍କାରିତାରେ ଉର୍ଜ୍ଜସ୍ୱଳ ହୋଇଛି । ଆନ୍ତର୍ଜାତିକ ଭାବଧାରା ସହିତ ଯୋଗସୂତ୍ର ନିର୍ମାଣ କରିଛି । ନିମ୍ନରେ ପ୍ରତିଷ୍ଠିତ କବି ଓ ସେମାନଙ୍କ କବିତା ସଂର୍ପକିତ ଆଲୋଚନାରୁ ଏ ସଂପର୍କରେ ଅବଗତ ହୋଇପାରିବା ।

ଓଡ଼ିଆ କବିତାରେ ଆଧୁନିକତାର ବାର୍ତ୍ତାବହ ଭାବରେ ଆମେ କବି ସଚ୍ଚିଦାନନ୍ଦ ରାଉତରାୟଙ୍କୁ ଗ୍ରହଣ କରିଥାଉ । କବିଙ୍କର କାବ୍ୟ ସ୍ୱର ଏକ ମିଶ୍ରିତ ସ୍ୱରର ଉଚ୍ଚାରଣ । କବି କେତେବେଳେ ରୋମାଣ୍ଟିକ୍ ତ କେତେବେଳେ ପ୍ରଗତିବାଦୀ, ପୁଣି କେତେବେଳେ ପ୍ରୟୋଗଧର୍ମୀ କବିତାର କାବ୍ୟିକ ସ୍ୱରକୁ ଗ୍ରହଣ କରିଛନ୍ତି । ୧୯୬୦ ମସିହା ପରେ କବିଙ୍କର କବିତା -୧୯୬୨, ଶହୀଦ୍ ପ୍ରଦୀପ୍ତ (୧୯୬୫), ଏସିଆର ସ୍ୱପ୍ନ (୧୯୬୮), କବିତା - ୧୯୬୯, କବିତା - ୧୯୭୧, କବିତା - ୧୯୭୪ ପ୍ରକାଶ ପାଇଛି । ଉତ୍ତର ଷାଠିଏ କାଳର କବିତା ଅନୁଧ୍ୟାନ କଲେ ମନେହୁଏ କବି ଯେପରି ଏକ ମାନସିକ ସଂକଟ ମଧ୍ୟଦେଇ ଗତି କରିଛନ୍ତି । ସେଇ ସଂକଟରୁ ମୁକ୍ତି ପାଇବା ପାଇଁ ତାଙ୍କ କବିତାରେ ବୌଦ୍ଧିକ ଓ ଆଂଗିକ କୌଶଳ ସେ ଅନୁସରଣ କରିଛନ୍ତି । ଆଧୁନିକ ସମୟର ସାମାଜିକ ଅବ୍ୟବସ୍ଥା, ଅବକ୍ଷୟବାଦୀ ଚିନ୍ତା ଧାରା କବିଙ୍କର ସମାଜନିଷ୍ଠ ଚିନ୍ତାଧାରାକୁ ଶିଥିଳ କରିଦେଇଛି । ସେଥିପାଇଁ ଏହି ପର୍ଯ୍ୟାୟରେ କବି ଛନ୍ଦ ପ୍ରୟୋଗ , ନୂତନ ଉପମା ଓ ଚିତ୍ରକଳ୍ପ ପ୍ରୟୋଗ ଉପରେ ଅଧିକ ଗୁରୁତ୍ୱାରୋପ କରିଛନ୍ତି ।

୧୯୫୮ ମସିହାରେ କବିଙ୍କର 'ସ୍ୱଗତ' କବିତା ଗ୍ରନ୍ଥ ପ୍ରକାଶ ପାଇଥିଲା । ସନ୍ନିବେଶିତ କବିତା ଗୁଡ଼ିକ କବିଙ୍କର ବ୍ୟକ୍ତି କୈନ୍ଦ୍ରିକ ଭାବଧାରାର ପରିଚାୟକ । ଏହାପରେ ପ୍ରକାଶ ପାଏ କବିତା -୧୯୬୨ ବାସ୍ତବତାର ପୂର୍ଣ୍ଣ ଉପଲବ୍ଧି ସାଂଗକୁ ଅତିବାସ୍ତବବାଦୀ ଚେତନାର ବଶବର୍ତ୍ତୀ ହୋଇ କବିଙ୍କର ଅନ୍ତଯାତ୍ରା ଅନେକ ଦୂରକୁ ଅଗ୍ରଗତି କରିଛି । ଫ୍ରୟେଡ଼ୀୟ ମନସ୍ତତ୍ତ୍ୱର ପ୍ରଭାବରେ କବି ନାରୀ , ପ୍ରେମ ଓ ଯୌନତା ସମ୍ବନ୍ଧରେ ଅଧ୍ୟୟନ କରିବା ସହିତ ସଭ୍ୟତା ଓ ସଂସ୍କୃତିର ଧାରା ସହିତ ଏହାକୁ ମିଶାଇ ଉପଲବଧି କରିଛନ୍ତି । କବିଙ୍କ କାବ୍ୟ ଚେତନାରେ ବ୍ୟକ୍ତିବୋଧର ଅଭିବ୍ୟକ୍ତି ମଧ୍ୟରେ ଆଧ୍ୟାତ୍ମିକ ଚେତନା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଲାଭ କରିଛି । ଏ ପ୍ରକାର ଜଟିଳ ଉପଲବଧି 'ପାଣ୍ଡୁଲିପି' ର 'ଭାରସାମ୍ୟ' କବିତାରୁ ଆରମ୍ଭ ହୋଇ 'ସ୍ୱଗତ' ମଧ୍ୟଦେଇ 'କବିତା - ୧୯୬୨' ରେ ପୂର୍ଣ୍ଣତା ଲାଭ କରିଛି ।

କବିତା -୧୯୬୨ ର ନାୟକ ଏକ ଭଗ୍ନନାୟକ, ଯାହା ପାଖରେ ପ୍ରେମ କରିବାକୁ ଶକ୍ତି ବା ସାମର୍ଥ୍ୟ ନାହିଁ । ଆଧୁନିକ କାବ୍ୟ ଭାଷାର ସୁନ୍ଦର ପ୍ରୟୋଗ ଓ ବିମ୍ବ ନିର୍ବାଚନକୁ କବିତା ୧୯୬୨ ରେ ଗୁରୁତ୍ୱ ଦିଆଯାଇଛି । ପ୍ରଥମ କବିତା ସାମୁଦ୍ରିକ ରେ 'ସମୁଦ୍ର' ଗର୍ଭରେ ଥିବା ଅନେକ ଇତିହାସ, ସହର, କଥା, ଉପକଥାର ବର୍ଣ୍ଣନା କାଳ ଗର୍ଭରୁ ଏମାନଙ୍କୁ ଆବିଷ୍କାର କରିବାର ଅଭିପ୍ସା ମଣିଷ ମନରେ ଆଜିଯାଏ ଉଜ୍ଜୀବିତ । ଏଥି ମଧ୍ୟରେ ସମୟର କରାଳ କବଳରୁ ନିଜକୁ ମୁକ୍ତ କରି ନିଜର ସ୍ୱତନ୍ତ୍ର ପରିଚିତି ତିଆରି କରିବାର ପ୍ରଚେଷ୍ଟାରେ ଆଜିର ମଣିଷ ପାଗଳପ୍ରାୟ । କବିତାର ପଂକ୍ତିରେ ଏହା ଲକ୍ଷ୍ୟ କରାଯାଇପାରେ ।

''ସେ ସବୁକୁ ଖାପ ଖୋଉଁ କରୁ ମାପଚୁପ୍  
ନିସର୍ଗକୁ କରୁଁ ପ୍ରାତ୍ୟହିକ  
ନିଜର ଲୌକିକ ଆଉ ଖଂଡ଼ିତ ପ୍ରତିମା  
ଖୋଦୁଁ ମହାସାଗରରେ ଆମେ ସାମୁଦ୍ରିକ ॥ ''(ସାମୁଦ୍ରିକ)

କବିଙ୍କ ଦୃଷ୍ଟିରେ ଜୀବନ ସରଳରେଖାରେ ଗତି କରେନାହିଁ । ପ୍ରତ୍ୟେକ ମୁହୂର୍ତ୍ତର ପ୍ରତ୍ୟେକ ଅନୁଭବ ଜୀବନ ପାଇଁ ମୂଲ୍ୟବାନ ଓ ଗୁରୁତ୍ୱପୂର୍ଣ୍ଣ । ଏହାକୁ କ'ଣ ଫାଙ୍କି ଦେଇ ହୁଏ । ଫାଙ୍କିବାକୁ ଚେଷ୍ଟା କଲେ ବିଷାଦ ବୋଧରେ ଜର୍ଜରିତ ହେବା ହିଁ ସାର ହୁଏ । ତଥାପି ମଧ୍ୟ ଫାଲଗୁନର ଇସାରାରେ ତଥାପି ମଧ୍ୟ ହଜିବାକୁ ଇଚ୍ଛା ହୁଏ । ଦେହରେ ଫୁଲର ବାସ୍ନା ପଦ୍ମତୋଳାର ଡ଼ାକ ପାର୍ଥିବ ବିଷାଦବୋଧକୁ ଦୂରେଇ ଦିଏ । ରୋମାଣ୍ଟିକ୍ ପ୍ରବଣତାରେ ଆଚ୍ଛନ୍ନ ହୋଇଯାଏ । ହଜିଯାଇଥିବା ସମୟ ଓ ଅନୁଭବକୁ ପୁଣି ଥରେ ଧରିରଖିବାକୁ ଚେଷ୍ଟା କରେ । ଏଥିପାଇଁ ଆବଶ୍ୟକ କେବଳ ଗୋଟିଏ ମୁହୂର୍ତ୍ତ । ଯେଉଁ ମୁହୂର୍ତ୍ତରେ ଆଶଂକା ନଥିବ କି ନଥିବ ମଧ୍ୟ ଆତ୍ମପ୍ରବଂଚନା । ଏହି ମୁହୂର୍ତ୍ତଟି ହୋଇପାରେ ଏକ ଉତ୍ତରିତ ସ୍ଥିତି । ସବୁ ସଫଳତା, ବିଫଳତା, ଆନନ୍ଦ, ବିଷାଦ ସବୁରି ଉର୍ଦ୍ଧ୍ୱରେ ଏହି ଅନନ୍ତ ଅନୁଭବ ନିମ୍ନ ପଂକ୍ତି ଦ୍ୱୟରେ ସୂଚିତ ।

" ମୋ ତରୁର ଡାଳେ ଡାଳେ ଫୁଲର ଇସାରା
ଯେଉଁ ଫୁଲ ଫଳକୁ ଉଚ୍ଚାରେ
ମୋ ମନର ମୃଣାଳରେ ଲାଗେ ପଦ୍ମତୋଳା
ଯେଉଁ ପଦ୍ମ ଲଳନା ବୁକୁରେ ॥''  (ଏକ ଫାଲଗୁନ )

'' ଏ ବର୍ଷ ବି ବିତିଯାଉ ଗତ ବର୍ଷ ପରି
କିମ୍ବା ଶହ ଶହ ବର୍ଷମାନ ପରି
କଚ୍ଛପ ସଦୃଶ
ଗୋଟିଏ ମୁହୂର୍ତ୍ତ କିନ୍ତୁ ଧ୍ରୁବ ହେଉ
ହେଉ ନିରଂକୁଶ ॥ ''  (ଉତ୍ତରଣ)

କବିତା ୧୯୬୨ରେ କଥିତ ଭାଷା ସହିତ କାବ୍ୟିକ ଭାଷାର ସମନ୍ୱୟ ପରିଲକ୍ଷିତ ହୋଇଥାଏ । ନିମ୍ନ ପଂକ୍ତିରେ ତାହା ସୁସ୍ପଷ୍ଟ ।

''  ଅବନା କବିତା ପରି ଧାନର କିଆରୀ
ହିଡ଼ର ମାତ୍ରା ବା ସବୁ ଯାଇଅଛି ଭାଜି ॥ '' (ଏକ ଉତ୍ତୀର୍ଣ୍ଣ ଶ୍ରାବଣ )

''  ସମୁଦ୍ରର ଭଉଁରୀରେ ନାହିରେ ଚଳାଇ ଶଂଖ ମୋର
କ୍ରୂର ପେଚକସ୍
ଶୁଣିବାକୁ ଚାହେଁ ମୁଁ ତା ନିର୍ଜନ କଣ୍ଠରୁ
କୋଟି କୋଟି ନିମଜ୍ଜିତ କଣ୍ଠର କୋରସ୍ ॥ '' (ସାମୁଦ୍ରିକ)

''  ବସନ୍ତ ଚଂଚଳ କରେ କୁକୁଡ଼ାର ତନ୍ତୁ
ହଂସର ଆକାଶ ଧାତୁ , ପାହାଡ଼ର ନୀଳ ଶିଳାଜତୁ ॥'' (ବସନ୍ତର ନିଛକ ଜିଲ୍ଲାରେ)

''  ଅବିଧବା ରାତି ଭାଲେ ଚନ୍ଦ୍ରବିନ୍ଦୁ ଯେବେ ଜଳିଉଠେ
ତେବେ ସେ ତା ନାଆଟିକୁ ମେଲି ଦେଇ ଶୀର୍ଣ୍ଣ ନଈ ତୁଠେ ॥ ''(ମତ୍ସ୍ୟଗନ୍ଧା)

" ପାପୁଲିର ଗାର ପରି ବିଚିତ୍ର ଲାଇନ୍‌ମାନ ଦେଇ
ସୀମାନ୍ତର ଟ୍ରେନ ଯାଏ ତରଂଗିତ ରାତିରେ ଗାଧୋଇ ॥ "(ସୀମାନ୍ତଟ୍ରେନ)

୧୯୬୦ ପରବର୍ତ୍ତୀ କବିତାରେ କବି ସଚ୍ଚିଦାନନ୍ଦ କାବ୍ୟସ୍ୱରରେ ସମାଜତତ୍ତ୍ୱ,ବାମପନ୍ଥୀ ରାଜନୀତିକ ଆଦର୍ଶ, ବିଦ୍ରୋହର ସ୍ୱର ଉଭେଇ ଯାଇଛି । କବି ବ୍ୟକ୍ତିର ଚିନ୍ତା ଚେତନା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ସଂଗଠିତ ସମାଜର ପାଚେରୀ ଭେଦ କରି କାବ୍ୟ ପୁରୁଷଟି ସତେ ଯେମିତି ନିଜର ସ୍ଥିତି ଖୋଜୁଛି । କାବ୍ୟ ନାୟକ ପାଇଁ ସମୟ ଗୁରୁତ୍ୱପୂର୍ଣ୍ଣ । ମୁହୂର୍ତ୍ତକ ସମୟକୁ ମଧ୍ୟ ସେ ହାତ ଛଡ଼ା କରିବାକୁ ଚାହେଁନି । ନିଜ ସ୍ଥିତିକୁ ସେ ଖୋଜୁଛି ବିଭିନ୍ନ ଉପାଦାନ ମଧ୍ୟରେ ହୋଇପାରେ ତାହା ସମୁଦ୍ର, ସହର, ଶ୍ରାବଣ, ଶ୍ରାଦ୍ଧସଭା, ମହୁମାଛିର ଗୁଣୁଗୁଣୁ, କ୍ଷୋଭ, କ୍ଷୁଧା, ପୂର୍ଣ୍ଣିମାର ମହାନଦୀ କୂଳ। ହୋଇପାରେ ବସନ୍ତର ନିଛକ ଜିଲ୍ଲା ଏ ଖୋଜିବାର ଶେଷ ନାହିଁ । ଏହାର ସ୍ଥିତି ପରିବ୍ୟାପ୍ତ । କବିତାରେ, ଜୀବନରେ ଆଉ ମୃତ୍ୟୁରେ ମଧ୍ୟ ।

କବିତା – ୧୯୬୨ ପରବର୍ତ୍ତୀ କବିତା ସଂକଳନ ଗୁଡ଼ିକର ନାମକରଣ ବର୍ଷାନୁକ୍ରମିକ । କବିତା - ୧୯୬୯, କବିତା-୧୯୭୧, କବିତା – ୧୯୭୪ ରେ ସ୍ଥାନିତ ଅନେକ କବିତାର ସ୍ୱର ଓ ଶୈଳୀ ପୂର୍ବ କବିତା ତୁଳନାରେ ସେପରି ପୃଥକ ନୁହେଁ । କିନ୍ତୁ ପୂର୍ବବର୍ତ୍ତୀ କବିତାରେ ପ୍ରତଫଳିତ ସାମାଜିକ ଅଂଗୀକାର, ସାମ୍ୟବାଦୀ ଚେତନା୧୯୬୦ ପରବର୍ତ୍ତୀ କବିତାରେ ସଂକୁଚିତ ହୋଇ ଯାଇଥିବାର ଲକ୍ଷ୍ୟ କରାଯାଏ । କବିତା ୧୯୬୯ର ମୁଖବଂଧ ଓ 'ସାହିତ୍ୟ ବିଚାର ଓ ମୂଲ୍ୟବୋଧ' ପୁସ୍ତକରେ ଅସ୍ତିତ୍ୱ ସଂପର୍କରେ ଅନେକ କଥା ଆଲୋଚନା କରିଛନ୍ତି। ସ୍ଥିତିବାଦୀ ନିଃସଂଗତା, ବିଚ୍ଛିନ୍ନତାବୋଧ, ଶୂନ୍ୟତାର ଉପଲବ୍ଧି, ପାପବୋଧ, କ୍ଳାନ୍ତି , ଉଦ୍ଭଟତା ଆଦି କବିଙ୍କ ୧୯୬୦ ପରବର୍ତ୍ତୀ କବିତାରେ ଦେଖିବାକୁ ମିଳିଛି ।

କବିତା ୧୯୬୨ର 'ସ୍ୱଗତ' କବିତାରେ କବିଙ୍କର ବ୍ୟର୍ଥତାବୋଧ ମିଥ ମାଧ୍ୟମରେ ପ୍ରକାଶ ପାଇଛି । ପରାଜୟର ମୁହୂର୍ତ୍ତକୁ ବରଣ କରିନେଇଛନ୍ତି । ତୀବ୍ର ଯନ୍ତ୍ରଣା ଭିତରେ କବି କହୁଛନ୍ତି –

"ତେଣୁ ମୁଁ ତ ଭଗ୍ନଜାନୁ ଖସିପଡ଼େ ମୋର ରାଇଫଲ
ଉଠାଇ ପାରେ ନା ଆଉ ଗାଣ୍ଡିବ ଯେ ହାତ ଥରଥର
ହେ ମୋର ଶେଷ ଚିହ୍ନ ! ସଂଗ୍ରାମର କ୍ଷତ ଚିହ୍ନ ସବୁ
ତୁମେ ମୋତେ ଶାନ୍ତି ଦିଅ ଟାଣିଦିଅ ତୁମ ମାୟାତମୁ ॥"

ଅବକ୍ଷୟଗ୍ରସ୍ତ ସ୍ଥିତିବାଦୀ ଜୀବନର ଚିତ୍ର 'ମୁକାବିଲା' କବିତାରେ ପ୍ରକାଶ ପାଇଛି –

"ଭୁଷୁଡ଼ି ପଡ଼ିଛି ତରୁଣର ଚୂଡ଼ା ବିଡ଼ମ୍ବନାର ଚାପେ
ହତାଶା ବେକାରୀ ଅଭାବ ଯେ ତାକୁ ଶୂନ୍ୟବାଦର ଖାପେ
ଠେଲିଦିଏ ଅଜାଣତେ
ତରୁଣ କରୁଛି ଶୂନ୍ୟ ସାଧନା ଖୋଲାଖୋଲି ରାଜପଥେ
ଯୌନ କ୍ରିୟାରେ ଖୋଜି ନିରାତ୍ମା କାବ୍ୟ ଲୋକରେ ସତେ
ମାଦକ ବିଶ୍ୱେ ହଜାଇ ସତ୍ତା ଆତ୍ମ ବିରୋଧ ଯେତେ ॥"

ଆଧୁନିକ ମଣିଷ ପାଇଁ ଶୂନ୍ୟତା ହିଁ ହୋଇଛି ଏକ ମାତ୍ର ଅନୁଭତି । ଶୂନ୍ୟତା ବୋଧକୁ ଆଶ୍ରା କରି ଜୀବନ ବଂଚିବା ତାର ଏକମାତ୍ର ମାଧମ । ଅକ୍ଷମତାର ସ୍ୱରକୁ କବିତାର ନିମ୍ନ ପଂକ୍ତି ବହନ କରିଛି ।

" ଚାଲିବାର ଶକ୍ତି ମୋର କାହିଁ ?
କରିଯିବା ଓ ପାଇବାର ପୂର୍ଣ୍ଣତା ଭିତରେ
ଏ କି ବିରାଟ ବ୍ୟବଧାନ
ମନେ ହୁଏ ସବୁ ଯେମିତି ଖାଲି ପଡ଼ିଆ
ଶୁନ୍ ଶାନ୍ ଖାଲି କ୍ଳାନ୍ତି ।।"

ସାଂପ୍ରତିକ ସମୟର ପୃଥିବୀରେ ଜୀବନ ବଂଚିବା କଷ୍ଟକର ହୋଇପଡୁଛି । ଯେଉଁ ପୃଥିବୀର ଜନସାଧାରଣ ଦିନେ ରୋମାଣ୍ଟିକ୍ ଭାବପ୍ରବଣତା ମଧ୍ୟରେ ଜୀବନ ବଂଚୁଥିଲେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରମାଣୁ ଭୟାବହତା ପରେ ସେଇ ପୃଥିବୀ ତାକୁ କୁତ୍ସିତ ଦୁର୍ଗନ୍ଧମୟ ମନେହେଲା 'ଏସିଆର ସ୍ୱପ୍ନ'ର 'ପୃଥିବୀ ଉଦୟ' କବିତାରେ ଲେଖିଛନ୍ତି–

"କି କୁତ୍ସିତ ଏ ପୃଥିବୀ
କି ଦୁର୍ଗନ୍ଧମୟ
ମଣିଷର ପଚାଗଂଧେ
ଶବ ଗନ୍ଧେ ହାୟ
ଧର୍ମ ନାମେ ନ୍ୟାୟ ନାମେ
ମୁକ୍ତି ନାମେ ପୁଣି
ଯେତେ ହତ୍ୟା ହୋଇ ଅଛି
କେ ପାରିବ ଗଣି ?"

ବିଜ୍ଞାନର ଭୟାବହତା ବିଶ୍ୱଜନତାର ମାନସିକତାରେ ଏକ ମୃତ୍ୟୁଭୟ ସର୍ବଦା ଜାଗରିତ କରାଇଛି । ବିଜ୍ଞାନ ଉପରେ ଆଧୁନିକ ମଣିଷ ଯେଉଁ ଆସ୍ଥା ପୋଷଣ କରିଥିଲା ସେ ଆଶା ପାଣିଫୋଟକା ପରି ମିଳାଇ ଯାଇଛି । ଅତୀତରେ ଭରସା କରିଥିବା ପ୍ରକୃତି ପାଖରୁ ମଧ୍ୟ ମଣିଷ ମୁହଁ ଫେରାଇ ନେଇଛି । ଆଧୁନିକ ମଣିଷ ନା ପ୍ରକୃତିକୁ ନିଜର କରିପାରିଛି ନା ବିଜ୍ଞାନ ଉପରେ ସମ୍ପୂର୍ଣ୍ଣ ଆସ୍ଥାପ୍ରକାଶ କରିପାରିଛି । ସର୍ବଦା ଏକ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ବଂଚୁଥିବା ମଣିଷ ନିଃସଂଗତାବୋଧ ମଧ୍ୟରେ ପ୍ରତି ମୁହୂର୍ତ୍ତରେ ଛଟପଟ ହେଉଛି । ଦର୍ପଣ (୧) ଓ ଦର୍ପଣ (୨) କବିତା ଏହି ନିଃସଂଗତାବୋଧର ସ୍ୱରକୁ ବହନ କରିଛି । ନିମ୍ନ ପଂକ୍ତିରେ ଏହା ସୂଚିତ ।

" ସେଥିରୁ ଏକ ମଧ୍ୟାହ୍ନର
ଖରଦୀପ୍ତ ରୌଦ୍ର ଝଲମଲ
କାନ୍ଦ କାନ୍ଦ ଥର ଥର
ନିଛାଟିଆ ନୀଳ ଦୀଘି ଜଳ

ପରି ଥମ୍ ଥମ୍
ସେଇ ପରି ଏକାକୀ ନିର୍ଜନ
ସେ ଯେପରି ଜୀବନ
ର ସବୁ ଠାରୁ ନିର୍ଜନତମ
ମୁହୂର୍ତ୍ତର ପ୍ରତିଛବି
ମଧ୍ୟାହ୍ନ ମଧ୍ୟାହ୍ନ ॥ ''(ଦର୍ପଣ - ୧)

'' କେଉଁ ନର୍ଜନ ଘରର ହତା ରେ
ରାତି ଜଗୁଆଳିର
ମିଂଜି ମିଂଜି ଲଣ୍ଟଣଟି ପରି
ମନଟା ବେଳେ ବେଳେ ଖାଁ ଖାଁ କରେ
ଏଇ ସେ ଏକ ଜନମାନବ ହୀନ ମନ
ଘରର ଚଟାଣ
କିମ୍ବା ଯତ୍ନ ନିଆ ଯାଉ ନ ଥିବା
ଏକ କ୍ରୋଟନ ଗଛ
ଅପନ୍ତରା ପିଣ୍ଡାରେ ॥ '' ( ଦର୍ପଣ -୨ )

ପଂକ୍ତିରେ ଚିତ୍ରକଳ୍ପର ପ୍ରୟୋଗ କରାଯାଇଛି । ମିଂଜି ମିଂଜି ଲଣ୍ଟନଟି ପରି ମନଟା ବେଳେ ବେଳେ ଖାଁ ଖାଁ କରେ' 'ମନ ସେ ଏକ ଜନମାନବହୀନ ଘରର ଚଟାଣ' ॥ ଚିତ୍ରକଳ୍ପ ମାଧ୍ୟମରେ ନିଃସଂଗତାବୋଧର ଚିତ୍ର ପ୍ରକଟିତ ।

ବିବିଧ ପରୀକ୍ଷା ନିରୀକ୍ଷାରେ ରାଉତରାୟଙ୍କର ପ୍ରତ୍ୟେକଟି କବିତା ଏକ ଏକ ସଫଳ କୃତି । ସେଥିପାଇଁ ସେ ପାଠକୀୟ ଆଦୃତି ସାଉଁଟି ପାରିଛନ୍ତି । ଗୋଟିଏ ନିର୍ଦ୍ଦିଷ୍ଟ ଦିଗ ଉପରେ ନିଜର ଚିନ୍ତାଧାରାକୁ ସୀମିତ ନରଖି ବିବିଧ ପରୀକ୍ଷା ନିରୀକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି । ଏକଥା ସେ ନିଜେ ମଧ୍ୟ ସ୍ୱୀକାର କରି କବିତା ୧୯୬୯ର ମୁଖବନ୍ଧରେ ଲେଖିଛନ୍ତି -

" ମୋର ମନେହୁଏ ପାଠକ ଜଗତ୍ ମଧ୍ୟରେ ବହୁ ସ୍ତର ଭେଦ ରହିଚି । ତେଣୁ ଗୋଟିଏ ପ୍ରକାର କବିତା ପରିବେଷଣ କଲେ ସବୁ ଶ୍ରେଣୀର ପାଠକ ପାଠିକାମାନଙ୍କର ଚିତ୍ତ ଆକର୍ଷଣ କରି ପାରିବା ସମ୍ଭବ ନୁହେଁ। ସବୁପ୍ରକାର ପାଠକଙ୍କ ପାଇଁ କବି ଏକ ନିର୍ଦ୍ଦିଷ୍ଟ ଶୈଳୀରେ କବିତା ଲେଖିବା ଦ୍ୱାରା ଅଧିକାଂଶ କ୍ଷେତ୍ରରେ ସେ ଦୁର୍ବୋଧ ବୋଲି ହିଁ ମନେ ହୋଇଛି । ତେଣୁ ଭିନ୍ନ ଭିନ୍ନ ସ୍ତରର ପାଠକଙ୍କ ପାଇଁ ଯେଉଁଠାରେ ଯେପରି ସମ୍ଭବ ସେଭଳି ଶୈଳୀ ଓ ଆଂଗିକ ବ୍ୟବହାର କଲେ କବି ଓ ପାଠକ ମଧ୍ୟରେ ପ୍ରତ୍ୟକ୍ଷ ଆଦାନ ପ୍ରଦାନର ପଥ ପ୍ରଶସ୍ତତର ହୋଇପାରେ ।''

**(କବିତା ୧୯୬୯ର ଭୂମିକା ପୃ.୩/୬)**

ପରିଶେଷରେ ଏହା ସ୍ୱୀକାର୍ଯ୍ୟ ଯେ ଓଡ଼ିଆ କବିତାରେ କେବଳ ଆଧୁନିକତାର ପ୍ରବର୍ତ୍ତକ ଭାବରେ ନୁହେଁ ଜଣେ ସଫଳ କବି ଭାବରେ ରାଉତରାୟ ବେଶ୍ ପ୍ରତିଭାଶାଳୀ । ୧୯୭୦ ମସିହା ପରେ ତାଙ୍କ କବିତା ରେ କିଂଚିତ ଅବକ୍ଷୟର ସଂକେତ ଦେଖିବାକୁ ମିଳେ । ବିଭିନ୍ନ ସମନ୍ୱୟଶୀଳ ପ୍ରବଣତା ଭିତରେ ବ୍ୟକ୍ତିମାନସର ଚିତ୍ର ଓ ଚେତନା ଖୁବ୍ ସ୍ପଷ୍ଟ ମନେ ହୁଏ । ଏହା ହିଁ ୧୯୬୦ ପରବର୍ତ୍ତୀ ସଚ୍ଚିରାଉତରାୟ କାବ୍ୟ ମାନସର ସ୍ୱାତନ୍ତ୍ୟ।

**ଗୁରୁପ୍ରସାଦ ମହାନ୍ତି (୧୯୨୪-୨୦୦୪ ) :**

ଜଣେ ରୋମାଣ୍ଟିକ କବି ଭାବରେ ୧୯୩୯-୪୦ ମସିହାରେ ଗୁରୁପ୍ରସାଦ ମହାନ୍ତି ସାହିତ୍ୟ ରାଜ୍ୟରେ ଅନୁପ୍ରବେଶ କରନ୍ତି । ସହକାର ଓ ଉତ୍କଳ ସାହିତ୍ୟ ପତ୍ରିକାରେ ତାଙ୍କ କବିତା ପ୍ରକାଶ ପାଏ । ପ୍ରଥମ ବିଶ୍ୱ ଯୁଦ୍ଧ ଓ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅହିଂସା ଆନ୍ଦୋଳନ ମଧ୍ୟରେ ସବୁଜ ଗୋଷ୍ଠୀଙ୍କ କବିତାରେ ଯେଉଁ ସମୟ ନିରପେକ୍ଷ ସ୍ୱର ପ୍ରକାଶ ପାଇଥିଲା, ୨ୟ ବିଶ୍ୱଯୁଦ୍ଧର ଆରମ୍ଭ ସମୟରେ ଗୁରୁପ୍ରସାଦଙ୍କ 'ସେଦିନ', 'ସପନତରୀ', 'ଅପରାଜିତା', 'ଅସ୍ତରାଗ' ପ୍ରମୁଖ କେତୋଟି କବିତାରେ ଏହି ସ୍ୱରର ପରିଚ୍ଛନ୍ନ ରୂପ ଆମେ ଦେଖିବାକୁ ପାଇବା।

୧୯୪୮-୧୯୫୫ ମସିହା ମଧ୍ୟରେ ଲେଖିଥିବା କବିତା ଗୁଡ଼ିକ 'ନୂତନ କବିତା' ନାମରେ ୧୯୫୫ ମସିହାରେ ସଂକଳିତ ହୋଇଛି । ନୂତନ କବିତାର ମୁଖବଂଧରେ ସଂକଳିତ କବିତା ଗୁଡ଼ିକ ନିମିତ୍ତ ପ୍ରଦତ୍ତ ମନ୍ତବ୍ୟରୁ ଗୁରୁପ୍ରସାଦଙ୍କ ଚିନ୍ତାଧାରା ସଂପର୍କରେ ଅନୁମାନ କରିହୁଏ ।

"ଏସବୁ କବିତାରେ ପ୍ରଥମ ପୃଥିବୀ ମହାଯୁଦ୍ଧ ପରବର୍ତ୍ତୀ ୟୁରୋପୀୟ କାବ୍ୟ ଚେତନାର ଧୂସର ଓ ବିଷଣ୍ଣ ଆଭିମୁଖ୍ୟଟି ଅତି ସଚ୍ଚେଟ ଭାବେ ଉପସ୍ଥାପିତ ହୋଇଛି । ଟି.ଏସ୍.ଇଲିୟଟ୍ , କବି ୟେଟସ୍ ଆଦିଙ୍କ କବିତାରେ ଯୁଦ୍ଧାହତ କାବ୍ୟ ମାନସର ପ୍ରତିକ୍ରିୟା, ପ୍ରେମର ମଳିନ ଆକୃତି ସମସ୍ତ ମୌଳିକ ଆଂଗିକ ପରୀକ୍ଷା ମଧ୍ୟରେ ଶ୍ରୀ ମହାନ୍ତିଙ୍କ ଏତାଦୃଶ କବିତା ଗୁଡ଼ିକରେ ପ୍ରତିପନ୍ନ ହୋଇପାରିଛି ।" ( ନୂତନ କବିତା - ପୃ.୩)

୧୯୬୦ ମସିହାରେ ପ୍ରକାଶ ପାଇଥିବା କାଳପୁରୁଷ ରେ ବିଂଶ ଶତାବ୍ଦୀର ଅବକ୍ଷୟଗ୍ରସ୍ତ ଆଧୁନିକ ଜୀବନର କାବ୍ୟିକ ଉପଲବ୍ଧ ଅତି ମାତ୍ରାରେ ବଳିଷ୍ଠ ମନେହୁଏ । କାଳପୁରୁଷ ୧୯୬୦ ମସିହାରେ ତ୍ରୈମାସିକ ପତ୍ରିକା 'ପ୍ରଜ୍ଞା'ରେ ପ୍ରଥମେ ପ୍ରକାଶ ପାଇଥିଲା । 'କାଳପୁରୁଷ' ଏକ ଦୀର୍ଘ କବିତା । ପାଂଚଟି ବିଭାଗରେ ବିଭକ୍ତୀକୃତ, ପାଂଚପ୍ରକାର ଅନୁଭୂତିର ସମାହାର । ପ୍ରତ୍ୟେକ ବିଭାଗ ପୁଣି ଦୁଇଭାଗରେ ବିଭକ୍ତ। ଗୋଟିଏ ଶାରୀରିକ ଅପରଟି ମାନସିକ । ସାମାଜିକ ସଂପର୍କ ଓ ଦୈହିକ ପ୍ରେମ ଶାରୀରିକ ପର୍ଯ୍ୟାୟର । ମୃତ୍ୟୁ ଚେତନା , ସମୟ ଚେତନା, ପାପବୋଧ, ନିଃସଂଗତା, ଅସ୍ଥିରତା ଏସବୁ ମାନସିକ ସ୍ତରର ଅନୁଭୂତି। କାବ୍ୟ ଅନୁଭୂତି ନିତାନ୍ତ ବ୍ୟକ୍ତିଗତ ହେଲେ ମଧ୍ୟ ଆଧୁନିକ ଜୀବନରେ ଉପଲବ୍ଧ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ପ୍ରଥମ ବିଭାଗରେ ପ୍ରକୃତି – ସାମାଜିକତା – ପ୍ରେମର ତ୍ରିବିଧ ଧାରାକୁ ନିମ୍ନ ପଂକ୍ତି ଆଧାରରେ ଅନୁଭବ କରାଯାଇପାରେ।

- "ସେଦିନଆସିଲା ବର୍ଷା ଛିନ୍ନଭିନ୍ନ ବିଶୃଙ୍ଖଳ ଅସଂଯତ ବଉଦର ସୁଅ ॥" (ପ୍ରକୃତିର ରୂପାୟନ )
- "ମେସ୍‌ଘର ଉଷୁମ ଭିତରେ / ବ୍ରିଜ୍ ଖେଳ ଜମିଲା ସେଦିନ / ଟିକା, ରଜା,
  କଳାପାନ, ନାଳିପାନ, ଚାହାକପ୍ ସିଗାରେଟ୍ ଧରି ॥" (ସାମାଜିକ ଚିତ୍ର)
- "ମନେପଡ଼େ ଦେଢବର୍ଷ ତଳେ ଦେଢବର୍ଷ ତଳେ ଥରେ ପଡ଼ିଥିଲି ପ୍ରେମରେ ତୁମର ॥"

ପ୍ରେମର ଅନୁଭବ କିଛି ସମୟ ପାଇଁ ରୋମାଂଚିତ ଅନୁଭବ ଆଣିଦେଇଥାଏ ଆଶା, ଆଶ୍ୱାସନା ଭରିଦିଏ। ମାତ୍ର ଏହି ଅନୁଭବ ସ୍ୱାଭାବିକ ନୁହେଁ । ଚିରସ୍ଥାୟୀ ମଧ୍ୟ ନୁହେଁ ବରଂ ଅମଂଗଳ ସୂଚକ ହାନିକାରକ । କବିଙ୍କ ମତରେ –

"ପଶ୍ଚିମରୁ ଯେ ଆସିବ ନାରୀ ଅବା ଅର୍ଦ୍ଧନାରୀ କିମ୍ବା ଖଂଜ ବିକୃତ ପୁରୁଷ
କାମ ଅଂଗ ପଂଗୁ ତାର ବର୍ଣ୍ଣହେବ ଇଷତ୍ ପିଂଗଳ
ତା ସହିତ ସହବାସ ଅବା ଉପବାସ
କଦାଚିତ ନକରିବ ଚକ୍ଷୁହୀନ, ଅଂଗହାନୀ ହେବ ଆୟୁଷ ତୁମର ॥"
ପରିଶେଷରେ ପ୍ରେମ ସହିତ ମୃତ୍ୟୁର ଅନୁଭବ ଜଡ଼ିତ ।

" ମୁଁ କହିଲି ଭଲପାଅ ପଲପାଅ /
ମୁଁ ଶୁଣିଲୀ କାନରେ ମୋ ହାଡ଼ ଆଉ ମାଂସର ସ୍ପନ୍ଦନ /
ମୁଁ ଦେଖିଲି ବାମ ଅଂଗ ପଂଗୁ ମୋର
ବର୍ଣ୍ଣ ମୋର ଇଷତ ପିଂଗଳ ॥ "

ପ୍ରେମ ଏଠାରେ ମୃତ୍ୟୁର ପ୍ରତିରୂପ । ତେଣୁ ପ୍ରେମାନୁଭବ ସହିତ ମୃତ୍ୟୁର ଅନୁଭବ ଜଡ଼ିତ । କିନ୍ତୁ ନାୟକ ପ୍ରେମ ଦ୍ୱାରା ନୁହେଁ ମୃତ୍ୟୁକୁ ନେଇ ସର୍ବଦା ଆତଙ୍କିତ ।

ଦ୍ୱିତୀୟ ବିଭାଗ ରେ ମଧ୍ୟ ଅନୁରୂପ ବର୍ଣ୍ଣନା । ଆରମ୍ଭ ରେ ପ୍ରକୃତିର ବର୍ଣ୍ଣନା । ଯେଉଁ ପ୍ରକୃତିଆଶା, ଆଶ୍ୱାସନା ଓ ଶାନ୍ତି ପ୍ରଦାୟକ ।

"ଏବର୍ଷ ରେ ଆଶା ଅଛି , ଆଶୀର୍ବାଦ ଅଛି, ସ୍ୱାସ୍ଥ୍ୟ ନିରୋଗ ବିଶ୍ରାମ
ଅଛି ଅଛି ଧାନକ୍ଷେତ ଅଛି ଅଛି ଆମ୍ବ ତୋଟା ଦୂର ନଈ ଆରପାରି ଗାଁ ॥"

ପ୍ରକୃତି ରୂପକ ବର୍ଷା ସହିତ ସାମାଜିକ ସଂପର୍କର ଚିତ୍ରଣ ମଧ୍ୟରେ ଦୈନନ୍ଦିନ ରୁଟିନ୍ ବଂଧା ଜୀବନ ପ୍ରତି ଅନାଗ୍ରହ ଭାବ ବର୍ଣ୍ଣିତ ।

"ଆସୁଛି ବାହାରେ ବର୍ଷା ଡ଼େଇଁ ଡ଼େଇଁ ଛାତରୁ ଛାତକୁ ଟେବୁଲ ଉପରେ ଯେତେ ଛବି ବହି, ମାଗାଜିନ୍, ନାଲିନେଳି ଟିଣ ଡ଼ବା, ଚିକ୍ ଚିକ୍ ବୋତଲ ଉପରେ ନାଁ ଆଉ ଟ୍ରେଡ଼ମାର୍କ ପଡ଼ିହେଉ ନାହିଁ ॥" 'ବର୍ଷା' ଏଠାରେ ନାୟକର ବିବିଧ ମାନସିକତା ଯେପରିକି, ନିଃସଂଗତା, ସ୍ଥିତିହୀନତା, ଅସ୍ଥିରତା, କ୍ଷୟିଷ୍ଣୁ ସମୟ ପାପବୋଧ ସହିତ ଜଡ଼ିତ । ବର୍ଣ୍ଣିତ ପ୍ରେମ ହୁଏତ କିଛି ସମୟ ପାଇଁ ଶାରୀରିକ ସୁଖ ପ୍ରଦାନ କରୁଛି ମାତ୍ର ମାନସିକ ସ୍ତରରେ ଏହି ପ୍ରେମ ସହିତ ମୃତ୍ୟୁ ଅନୁଭବର ମିଶ୍ରିତ ରୂପ ଦେଖିବାକୁ ମିଳିଛି । ପ୍ରଥମ ପର୍ଯ୍ୟାୟ ପରି ଦ୍ୱତୀୟ ପର୍ଯ୍ୟାୟରେ ମଧ୍ୟ ଇଷତ ପିଂଗଳ ବର୍ଣ୍ଣ ଧାରଣ କରି ଦେହର ସମଗ୍ର ଜାବୁଡ଼ି ଧରିଛି ।

ତୃତୀୟ ବିଭାଗରେ କେବଳ ମୃତ୍ୟୁର ଅନୁଭବ । ପୂର୍ବ ଦୁଇଟି ପର୍ଯ୍ୟାୟରେ ମୃତ୍ୟୁ ତା'ର ସ୍ଥିତିକୁଜାହିର୍ କରିବା ପାଇଁ ପ୍ରେମକୁ ଆଶ୍ରା ଭାବେ ଗ୍ରହଣ କରିଛି ମାତ୍ର। ଏହି ପର୍ଯ୍ୟାୟରେ ମୃତ୍ୟୁ ନିଜସ୍ୱ ପରିସୀମା ମଧ୍ୟରେ ସାମାଜିକ ସ୍ୱୀକୃତିର ମାଧ୍ୟମରେ ନିଜକୁ ପ୍ରତିଷ୍ଠିତ କରିପାରିଛି । ଜୀବନ ଉପରେ ମୃତ୍ୟୁର ନିୟନ୍ତ୍ରଣ କିପରି ପ୍ରଭାବ ପକାଇଛି ତା'ର ପରିଚ୍ଛନ୍ନ ପରିପ୍ରକାଶ ଘଟିଛି ଏହି ତୃତୀୟ ବିଭାଗରେ। ମୃତ୍ୟୁର ସ୍ଥୂଳରୂପ ନିମ୍ନ ପଂକ୍ତିରେ ପ୍ରକାଶିତ।

ପ୍ରଥମେ ଦାହକ୍ରିୟା – "କାଠ ଆସି ନଦା ହେଲା ତା'ପରେ ଠିକ୍ ଘଣ୍ଟାକ ଭିତରେ
ରମୁର କ୍ୟାଲିକୋ ଧୋତି ଜଳିଗଲା
ପୋଡ଼ିଗଲା ଫ୍ରେଞ୍ଚକଟ୍ ନିଶ .............॥ "

ଶୁଦ୍ଧକ୍ରିୟା - "ପଂଚପୁଷ୍ପ ଅମୃତରେ ଏକାଦଶ ଦିନ ଦିପହରେ
ଅସ୍ଥିତାର ଅଣାଯାଇ ପୋତାହେଲା ପ୍ରେତପୁରୁଷରେ ॥"

ଚତୁର୍ଥ ବିଭାଗରେ ମୃତ୍ୟୁ ଚେତନାରେ ଆକ୍ରାନ୍ତ ମାନସିକତାର ବିବିଧ ପରିପ୍ରକାଶ । କବି ଦୃଷ୍ଟିରେ ମୃତ୍ୟୁ ଏକ ସ୍ପନ୍ଦହୀନ ଭାବ । ନୀରବ, ନିଶ୍ଚଳ ଏକ ଅଶାନ୍ତ ପ୍ରେତାତ୍ମା ପରିଶେଷରେ ଏକ ଅବୟବହୀନ ମଣିଷର ସ୍ଥିତି।

"ପଛରେ ତୁମର ସ୍ତବ୍ଧ ବାଲି ଆଉ ବାଲିପରେ ବାଲି
ନିଶ୍ଚଳ ବାଲିରେ ନଷ୍ଟ ଆଷାଢର ପ୍ରାଣାନ୍ତ ପ୍ରୟାସ

X X X

ମୁଁ ଆଜି ପାଏନା ଖୋଜି ପାଦଚିହ୍ନ ନିସ୍ତବ୍ଧ ପ୍ରାଚୀ ତୀରେ ତୀରେ
ମୁଁ ଆଜି ପାରେନା ଶୁଣି ପାଦଧ୍ୱନି ମଷଣିର ନିଛାଟିଆ ବାଲିରେ ବାଲିରେ ॥"

କାଳପୁରୁଷର ପଂଚମ ବିଭାଗ ଦୀର୍ଘ । କବିତାର ଆଭିମୁଖ୍ୟ ଏହି ବିଭାଗ ରେ ସୁସ୍ପଷ୍ଟ । ଏହି ଆଭିମୁଖ୍ୟ ଜୀବନର ଗଭୀରତମ ସ୍ତର ସହିତ ଜଡ଼ିତ । ତାହା ହେଉଛି ନାୟକର ପାପବୋଧ ନାୟକର ସମଗ୍ର ସତ୍ତା ଏହା ଦ୍ୱାରା କଳଂକିତ ଏଥି ସହିତ ଜୀବରେ କ୍ଷୟ, କ୍ଷତି, ନିଃସଂଗତା, ଅସଫଳତା ଜନିତ ଅନୁଭବ ମିଶିଯାଇ ଏହାକୁ ଆହୁରି ଭାରାକ୍ରାନ୍ତ କରିଦେଉଛି । ଏହି ଭାରାକ୍ରାନ୍ତ ପରିବେଶ ମଧ୍ୟରୁ ମୁକ୍ତି ପାଇବା କଷ୍ଟସାଧ । ଦ୍ୱିତୀୟ ସ୍ତରରେ ମୁକ୍ତିର ଆଶା ଯେତେ କଷ୍ଟ ହେଲେ ମଧ୍ୟ ଏହାକୁ ହିଁ ପ୍ରତୀକ୍ଷା କରିବା ଏକାନ୍ତ ଆବଶ୍ୟକ । ଏହା ହିଁ ବଂଚିବାକୁ ପ୍ରେରଣା ଦିଏ । ଆଶାକୁ ଅପେକ୍ଷା କରି କାବ୍ୟ ନାୟକ ତାର ଅବଶିଷ୍ଟ ଜୀବନ ବଂଚିବାର ରାହା ଟିକକ ପାଇଯାଏ। ପାପର ଅନୁଭବକୁ ବ୍ୟକ୍ତ କରିବାରେ କବି ଇତିହାସ, ପୁରାଣ, ଭାଗବତକୁ ମାଧ୍ୟମ ଭାବେ ଗ୍ରହଣ କରିଛନ୍ତି । ଏଠାରେ ନାୟକର ବ୍ୟକ୍ତି ସତ୍ତା ସ୍ୱତନ୍ତ୍ର । ନା ପୁରୁଷର ସତ୍ତା, ନା ନାରୀର ସତ୍ତା । ପୁରୁଷ ଓ ନାରୀ ସତ୍ତା ଏଠାରେ ଏକ ଓ ଅଭିନ୍ନ । ସାମାନ ପ୍ରକାର ଯନ୍ତ୍ରଣାବୋଧରେ ଉଭୟ ସତ୍ତା ପୀଡ଼ିତ । ପୁରାଣର ଦୁଇଟି ଚରିତ୍ର ଅକ୍ରୁର ଓ ଉଦ୍ଧବଙ୍କର ବର୍ଣ୍ଣନା ପ୍ରଦତ୍ତ । ଏ ଦୁଇ ଚରିତ୍ର ମାଧ୍ୟମରେ ହୁଏତ ମୁକ୍ତିର ସଂଧାନ ମିଳିପାରେ। ମାତ୍ର ତାହା ମଧ୍ୟ ଅସମ୍ଭବ ହୋଇପଡ଼ିଛି । ଅକ୍ରୂର ଓ ଉଦ୍ଧବଙ୍କ ପାଖରେ ଯାହା ସମ୍ଭବ ନାୟକ ପକ୍ଷରେ ତା ସମ୍ଭବ

ହୋଇପାରୁନି । ଆଧୁନିକ ମଣିଷର ଅସ୍ଥିର, ଅନିଶ୍ଚିତ, ଜୀବନର ଯନ୍ତ୍ରଣା, ଜଟିଳତା ଓ ଅସଫଳତା ଜନିତ ଅନୁଭୂତିର ସୁଂସଗଠିତ ପରିପ୍ରକାଶ ହେଉଛି କାଳପୁରୁଷ । କାଳପୁରୁଷ ରଚନା ପରେ କବିଙ୍କର କାବ୍ୟିକ ଚେତନାରେ ପରିବର୍ତ୍ତନ ଆସିଛି । କାଳପୁରୁଷ ଲେଖିବା ପରେ କବି ଲେଖିଥିବା କବିତା ଗୁଡ଼ିକ ହେଉଛି । 'ଅକ୍ରୁର ଉବାଚ', 'ସିନ୍ଧୁଆ', 'କେଉଁ ଘାସ ଓ କେଉଁ ବାଲିଚର', 'ବାବା ପାଇଁ ଦୁଇଟି କବିତା' (ଏକ ଓ ଦୁଇ), 'ମୃତ୍ୟୁ' (କବି ଗଂଗାଧର ମେହେରଙ୍କୁ ), 'ବିଶନ ମହାନ୍ତି', 'ସଂଜୟ ଓ ଧୃତରାଷ୍ଟ୍ର ସମ୍ବାଦ', 'ଲ୍ୟାଣ୍ଡସ୍କେପ୍' (୧, ୨, ୩), 'ନିଦ', 'କ୍ରୀଶ୍‌ମା', 'ଜନ୍ମଦିନ', 'ଏମରଜେନ୍ସି' (୧,୨), ଗୋଟିଏ ମୃତ୍ୟୁର ପରେ ପରେ (ଏକ ଓ ଦୁଇ)।

ଅକ୍ରୁର ଉବାଚରେ ମୁଖ୍ୟତଃ ଦୁଇଟି କଥା ଆମେ ଦେଖିବାକୁ ପାଉ । ଶାରୀରିକ ଓ ମାନସିକ ନିରାଶା ଜନିତ କ୍ଳାନ୍ତି । ଜନ୍ମ , ଜରା , ମୃତ୍ୟୁର କ୍ଳାନ୍ତି । ଯାହା ଦ୍ୱାରା ମାନବ ଆତ୍ମା ଅହରହ ପୀଡ଼ିତ । ପୁଣି ଏଥିରୁ ମୁକ୍ତି ପାଇବାର ତୀବ୍ର ଅଭିଳାଷ । ଦୁଇଟି ଯାକ ବୈଶିଷ୍ଟ୍ୟ ପୁରାଣର ସଂଗଠନ ମଧ୍ୟରେ ସଂଗଠିତ । 'ସିନ୍ଧୁଆ' ରେ ମଧ୍ୟ ଅନୁରୂପ ଭାବନାର ରୂପାନ୍ତର ଦେଖିବାକୁ ମିଳେ । 'ବାବା ପାଇଁ ଦୁଇଟି କବିତା'ରେ ମୃତ୍ୟୁକ ଉପଲକ୍ଷ୍ୟ କରି ତିନୋଟି ପୀଢି ସଂଯୁକ୍ତ ହୋଇଛି । ପ୍ରଥମ ପୀଢିରେ ମୃତ୍ୟୁର ସ୍ଥୂଳ ରୂପ, ଦ୍ୱିତୀୟ ପୀଢିରେ ମୃତ୍ୟୁ ଚେତନା ସ୍ତରକୁ ଗ୍ରାସ କରିବା ତୃତୀୟ ପୀଢିରେ ମୃତ୍ୟୁକୁ ଅତିକ୍ରମିବା ପରେ ଜୀବନର ଉନ୍ମାଦନା ଓ ଆନନ୍ଦବୋଧ । ଜନ୍ମ, ଜନ୍ମରୁ ମୃତ୍ୟୁ, ମୃତ୍ୟୁ ପରେ ମୁକ୍ତି ଅନୁଭବର ପ୍ରସାର ରୂପକୁ ବହନ କରିଛି, 'ବିଶନ ମହାନ୍ତି' ଓ 'ସଂଜୟ ଓ ଧୃତରାଷ୍ଟ୍ର ସମ୍ବାଦ' ନାମକ ଦୁଇଟି କବିତା ।

'ବିଶନ ମହାନ୍ତି' କବିତା ଲୋକ ବିଶ୍ୱାସ ଉପରେ ଆଧାରିତ । କିନ୍ତୁ କବିତାର ଆଭିମୁଖ୍ୟ ସେଇ ମୃତ୍ୟୁ ଓ ପୁନଃ ଜୀବନର ଅନୁଭବ । 'ସଂଜୟ ଓ ଧୃତରାଷ୍ଟ୍ର ସମ୍ବାଦ' ରେ ପୁରାଣର ଚରିତ୍ର ମାଧ୍ୟମରେ କବିଙ୍କର ଶ୍ଳେଷାତ୍ମକ ଦୃଷ୍ଟିଭଂଗୀ ଅଧିକତର ସୁସ୍ପଷ୍ଟ । ଭୟ, ହତ୍ୟା, ଅସହାୟତାବୋଧର ଚମତ୍କାର ରୂପାୟନ। କବିଙ୍କ ଭାଷାରେ -

"ଦୂର ଦୂର ପ୍ରସାରିତ ମୋ ସୃଷ୍ଟିର ଅନ୍ତହୀନ ଏହି ଦିଗ୍‌ବଳୟ
ବେଷ୍ଟିତ ଯନ୍ତ୍ରଣା କ୍ଷତ ଆହତ ଏ ରକ୍ତାକ୍ତ ପୃଥିବୀ
ବହୁ ଭୟ, ବହୁ କ୍ଷତ ବିପ୍ଳବ ଓ ରକ୍ତପାତ ଡେଇଁ
ବହୁ ଶ୍ରମ, ବହୁ ଚେଷ୍ଟା, ବହୁ ଯୁଗ ଘାତ ପ୍ରତିଘାତ
ଶେଷରେ ବି ସେହି ଭୟ ସେହି ହତ୍ୟା ମଣିଷର ରକ୍ତାକ୍ତ ଯନ୍ତ୍ରଣା .........।।"

୧୯୭୫ ମସିହା ପରେ କବି ଯେତେ ସବୁ କବିତା ଲେଖିଛନ୍ତି ; ତାହା ୧୯୮୮ ମସିହାରେ ପ୍ରକାଶ ପାଇଥିବା 'ଆଶ୍ଚର୍ଯ୍ୟ ଅଭିସାର' କବିତା ଗ୍ରନ୍ଥରେ ସ୍ଥାନ ପାଇଛି । ୧୯୭୫ ମସିହା ପୂର୍ବର କବିତାରେ ଯେଉଁ ଅନୁଭୂତିର ବ୍ୟାପକତା ଦେଖିବାକୁ ମିଳେ ୧୯୭୫ ପରବର୍ତ୍ତୀ କବିତାରେ ତାହା ଖୋଜିଲେ ଆମକୁ ନିରାଶ ହେବାକୁ ପଡ଼େ ।

**ଭାନୁଜୀ ରାଓ :**

ଗୁରୁ ପ୍ରସାଦଙ୍କ ସମସାମୟିକ ଅନ୍ୟ ଜଣେ ସ୍ରଷ୍ଟା ହେଉଛନ୍ତି କବି ଭାନୁଜୀ ରାଓ । ୧୯୫୫ ମସିହାରେ ଗୁରୁ ପ୍ରସାଦ ମହାନ୍ତି ସହ ମିଳିତ ଉଦ୍ୟମରେ 'ନୂତନ କବିତା' ପ୍ରକାଶ ପାଇ ୧୯୫୫ରୁ ୧୯୭୩ ମସିହା ଯାଏ ଦୀର୍ଘ ଅଠର ବର୍ଷ ଧରି ପ୍ରକାଶ ପାଇଥିବା କବିତା ଗୁଡ଼ିକ ୧୯୭୩ ମସିହାରେ 'ବିଷାଦ ଏକ ଋତୁ' ସଂକଳନରେ ସ୍ଥାନ ପାଇଥିଲା । ଭାନୁଜୀଙ୍କ କବିତା ପାଠ କଲେ ମନେ ହୁଏ ବୌଦ୍ଧିକ ଭାବ ବଳୟ ମଧ୍ୟରେ କବିତା ଗୁଡ଼ିକ ଆତଯାତ । ନୂତନ କବିତା ପ୍ରକାଶ ପାଇଲା ପରେ ଭାନୁଜୀ ରାଓ ଜଣେ ନୀରବ ସାଧକ ପରି ସାଧନା ଜାରି ରଖିଥିଲେ ।

ଭାଷା ପ୍ରୟୋଗରେ ସଂକ୍ଷିପ୍ତତା ଓ ବିବିଧ ଚିତ୍ରକଳ୍ପର ପ୍ରୟୋଗ 'ବିଷାଦ ଏକ ଋତୁ' ସଂକଳନର ସ୍ୱାତନ୍ତ୍ର୍ୟ । ଏସଂପର୍କରେ ସମୀକ୍ଷକ ଯତୀନ୍ଦ୍ର ମୋହନ ମହାନ୍ତି ମତ ପ୍ରଦାନ କରିବାକୁ ଯାଇ କହିଥିଲେ, "ଭାନୁଜୀଙ୍କର କାବ୍ୟ ସ୍ୱର ଓ କାବ୍ୟ କଳ୍ପନାର ଘନିଷ୍ଠ ଅନ୍ତରଂଗତା ପ୍ରଥମରୁ ହିଁ ପାଠକକୁ ମୁଗ୍ଧ କରେ । ଯେପରିକି ସେ ନିଜକଥା ନିଜକୁ ହିଁ କହୁଛନ୍ତି ଓ ନିଜସ୍ୱ ଉଦ୍‌ବେଗ ରେ ତାଙ୍କ କାବ୍ୟ - ବକ୍ତବ୍ୟ ସ୍ପନ୍ଦିତ ହେଉଛି । ଏଥିରେ ଅନାବଶ୍ୟକ ପ୍ରସାରଣଶୀଳତା ନାହିଁ, ଯାହାକି ଅଧିକାଂଶ କ୍ଷେତ୍ରରେ କବିତାକୁ ଅଯଥା ଆବେଗ ମମତାରେ ରୂପାନ୍ତରିତ କରିଥାଏ ।" (କବି ଭାନୁଜୀ ରାଓ - ଯତୀନ୍ଦ୍ର ମୋହନ ମହାନ୍ତି, ଆସନ୍ତା କାଲି ଜୁନ ୧୯୭୮)

'ବିଷାଦ ଏକ ଋତୁ' ର ମୁଖ୍ୟ ଅନୁଭବ 'ପ୍ରେମ' ଅତୀତରେ ପ୍ରେମ ସଂପର୍କ ଥିଲା, କିନ୍ତୁ ବର୍ତ୍ତମାନ ସେ ସଂପର୍କ ନାହିଁ । ଅତୀତର ସ୍ମୃତିକୁ ନେଇ ବଂଚିବା ହିଁ ସାର । ତେଣୁ ବ୍ୟକ୍ତିଗତ ସ୍ତରରେ ନାୟକ ମାନସିକ ଯନ୍ତ୍ରଣା ପାଉଛି । ନିମ୍ନୋକ୍ତ ପଂକ୍ତି ଗୁଡ଼ିକରେ ଏହା ଲକ୍ଷ୍ୟ କରାଯାଇପାରେ ।

"ମୁଁ ଆଜି ରିକ୍ତ, ଜୀର୍ଣ୍ଣ, କ୍ଳାନ୍ତ
ଆଉ କ୍ଲେଦାକ୍ତ କ୍ଷତର ସମଷ୍ଟି ॥" (ତୁମକୁ )

"ଆଜି ବି ପ୍ରତୀକ୍ଷା ଖାଲି
ନିଃଶବ୍ଦ ସାମ୍ନାର ଗଳି
କଣ୍ଠସ୍ୱର କାହାର ଶୁଣୁଛ
ଲଘୁପାଦେ ଛୁଇଁ ଛୁଇଁ ଅସଂଖ୍ୟ ପାହାଚ
କେହି ଆସେ ନାହିଁ ॥" ( ବିନୋଦିନୀ )

"ଜୀବନ ଜଡ଼
ଜୀବନ ସରେ
ସେଦିନ ଝଡ଼େ
ମନେ କି ପଡ଼େ
ଶକୁନ୍ତଳା

ସେଦିନ ରାତି
ମନର ତାତି
ମନେ କି ପଡ଼େ ॥"  ( ଝଡ଼ର ଶେଷ )
" ତୁମ ହୃଦୟର ଢେଉ ଭାଙ୍ଗି ଭାଙ୍ଗି
ସ୍ତବ୍ଧ ନିଶାରେ ଫେରିଆସେ ଘର
ଆଉ କେତେ ଦୂର ଆଉ କେତେ ଦୂର ॥" (ସ୍ୱଗୋତୋକ୍ତି )

ପ୍ରେମ ଜଡ଼ିତ ଅନୁଭବର ହୃଦୟସ୍ପର୍ଶୀ ଚିତ୍ର ଯେମିତି 'ବିଷାଦ ଏକ ଋତୁ' ର ଅଧିକାଂଶ କବିତାରେ ଉପଲବ୍ଧ ଠିକ୍ ସେମିତି ପ୍ରକୃତି ଅନୁଭବ ମଧ୍ୟ ସଂକଳନସ୍ଥ  କବିତା ଗୁଡ଼ିକ ଦେଖିବାକୁ ମିଳେ । ପ୍ରକୃତି ମଧ୍ୟରେ କବି ଆନନ୍ଦ ଓ ଉତ୍ତେଜନା  ଅନୁଭବ କରୁଛନ୍ତି । ପ୍ରେମର ଘନିଷ୍ଠତା - ଜନିତ ତୀବ୍ର ଉନ୍ମାଦନା ମଧ୍ୟ ଅନୁଭବିଛନ୍ତି । କବି ସ୍ଥିର ନିଶ୍ଚିତ ଯେ ସାଂପ୍ରତିକ ସମୟର ପ୍ରେମ ଜନିତ ଯନ୍ତ୍ରଣାବୋଧ, ଅନିଶ୍ଚିତ ସ୍ଥିତି, ଅସ୍ଥିରତା, ପୀଡ଼ା, ଯନ୍ତ୍ରଣା ଓ ତୀବ୍ର ଅଭାବ ବୋଧ ଜନିତ ନିରାନନ୍ଦର ପରିସମାପ୍ତି  ପ୍ରକୃତିର ସୌନ୍ଦର୍ଯ୍ୟ ଭିତରେ ହିଁ ଘଟିପାରିବ । ସେଥିପାଇଁ କବି 'ଜୀବନ' କବିତାରେ ଲେଖିଛନ୍ତି -

"ଏ ଜୀବନେ କେତେ ବର୍ଣ୍ଣ, କେତେ ଧ୍ୱନି, ସୁରର ମହକ
ମେଘରେ ମେଘରେ ପୁଣି କେତେ ଛବି, ଭାବର ଦ୍ୟୋତନା
ଏ ସବୁର ସୃଷ୍ଟି ଖାଲି ମୁଁ ତୁମକୁ ଭଲପାଏ ବୋଲି .......
ଏ ଜୀବନ ନିଦାରୁଣ ଯନ୍ତ୍ରଣାରେ ବିଦ୍ଧ ହେବା ପାଇଁ
ଶୂଳ ପକ୍ୱ ମାଂସ ଭଳି ସିଝିବାକୁ ନିଭିଲା ରଡ଼ରେ ॥" (ଜୀବନ)

କବିତାରେ ପ୍ରେମ ପ୍ରକୃତି ସହିତ ଜଡ଼ିତ ହୋଇ ଜୀବନ ପ୍ରତି ଅନୁରାଗର ପ୍ରତିରୂପ ସାଜିଛି । ପ୍ରେମର ଅନୁଭବ ଭାନୁଜୀଙ୍କ  କବିତାର ମୁଖ୍ୟ ଅନୁଭବ । କିନ୍ତୁ ଏହାର ସ୍ଥିତି ଅନିଶ୍ଚିତ । ତେଣୁ  ଅସଫଳ ଓ ପୀଡ଼ାଦାୟକ। ଅପରପକ୍ଷରେ ଏହା ମଧ୍ୟ ସତ୍ୟ ଯେ ନିଃସଂଗ ଜୀବନରେ ପ୍ରେମ ହିଁ ଶ୍ରେଷ୍ଠ ସଂଜୀବନୀ ଶକ୍ତି । ଭାନୁଜୀଙ୍କ କବିତାରେ ଏହା ଜୀବନ୍ତ ରୂପେ ପ୍ରତିଫଳିତ । ପରୋକ୍ଷରେ କବିଙ୍କର ଜୀବନୀଶକ୍ତିର  ମୂଳାଧାର ।

**ରମାକାନ୍ତ ରଥ :**

୧୯୬୦ ମସିହା ପରବର୍ତ୍ତୀ କାଳର ଜଣେ ବହୁଚର୍ଚ୍ଚିତ କବି  ହେଉଛନ୍ତି କବି  ରମାକାନ୍ତ ରଥ।୧୯୬୨ ମସିହାରେ ତାଙ୍କର ପ୍ରଥମ କବିତା ସଂକଳନ 'କେତେ ଦିନର' ପ୍ରକାଶ ପାଇଥିଲା । ଏହାପରେ ୧୯୬୭ରେ 'ଅନେକ କୋଠରୀ,' ୧୯୭୧ରେ 'ସନ୍ଦିଗ୍ଧ ମୃଗୟା' ୧୯୭୭ ରେ  'ସପ୍ତମ ଋତୁ'  ପ୍ରକାଶ ପାଇଲା । କବି ରମାକାନ୍ତ ଦୁଇଟି  ଦୀର୍ଘ କବିତା ଲେଖିଥିଲେ । 'ବାଘଶିକାର' ଓ 'ଅନନ୍ତ ଶୟନ' । ଦୁଇଟିଯାକ  କବିତା 'ଅନେକ କୋଠରୀରେ' ସ୍ଥାନିତ । ରମାକାନ୍ତଙ୍କ କବିତାର କେତୋଟି ବୈଶିଷ୍ଟ୍ୟ ହେଉଛି - ସାଧାରଣ କଥୋପକଥନ ଭାଷାର ବ୍ୟବହାର ।  - ଶ୍ଳେଷ ମାଧ୍ୟମରେ କାବ୍ୟିକ ଆଭିମୁଖ୍ୟର ସଫଳ ପରିପ୍ରକାଶ - କବିତାର ପ୍ରସଙ୍ଗକୁ ଆବେଗ

ମାଧ୍ୟମରେ ଅନୁଭବ କରିବା । ଦୀର୍ଘ କବିତା 'ବାଘ ଶିକାର' ରେ ନାୟକର ଜୀବନ ଯନ୍ତ୍ରଣାର ଚିତ୍ର ବର୍ଣ୍ଣିତ। ଅସଫଳତାର ଚକ୍ରବ୍ୟୂହ ମଧ୍ୟରୁ ନିଜ କୁ ମୁକ୍ତ କରି କିପରି ନୂଆ ନୂଆ ଆଶା ଓ ନୂଆ ବିଶ୍ୱାସବୋଧକୁ ନେଇ ପୁନଃପ୍ରତିଷ୍ଠିତ କରାଯାଇପାରିବ ତାହା ଉପରେ କବି ଗୁରୁତ୍ୱାରୋପ କରିଛନ୍ତି । ତିନିଗୋଟି ପରିବେଶର ବର୍ଣ୍ଣନା କବିତାରେ ଦେଖିବାକୁ ମିଳେ । ପ୍ରଥମେ ଏକ ଅପରିଚିତ ପାହାଡ଼ ଜଙ୍ଗଲ ରାସ୍ତା ଦେଇ ଯିବାର ଅନୁଭବ। ଦ୍ୱିତୀୟରେ ପୁରାଣ ଓ ଲୋକକଥାର ବର୍ଣ୍ଣନା ମଧ୍ୟରେ ମଣିଷର ସ୍ଥିତିର ଅନୁଶୀଳନ । ତୃତୀୟରେ କ୍ଲବ, ପିକନିକ ଆଧୁନିକ ଜୀବନର ଚିତ୍ରାୟନ । 'ବାଘ' ଏକ ପ୍ରତୀକ। ଆକ୍ରମଣାତ୍ମକ ପ୍ରଚଣ୍ଡ ଶାରୀରିକ ଶକ୍ତିର ଏବଂ ନୂଆ ଜୀବନ ବା ପୁନଃଜୀବନର ପ୍ରତୀକ । ଠିକ୍ ସେହିପରି ଦୀର୍ଘ କବିତା 'ଅନନ୍ତ ଶୟନ' ସମୟ, ମୃତ୍ୟୁ ଓ ଦେହାନ୍ତର ଚେତନା ଉପରେ ପର୍ଯ୍ୟବେସିତ । ସର୍ବତ୍ର କାବ୍ୟନାୟକ ମୃତ୍ୟୁର ଶୀତଳ ସ୍ପର୍ଶକୁ ଅନୁଭବ କରୁଛି । କବିଙ୍କ ଦୃଷ୍ଟିରେ –

" ତୁମର ଚୌଦିଗେ ମୃତ୍ୟୁ ଏବଂ ତାର ଥଣ୍ଡା ଥଣ୍ଡା ହାତ
ଚିପିବାକୁ ଆସେ ତମ ବେକ ।।" (ଅନନ୍ତ ଶୟନ )

ପ୍ରେମ, ପ୍ରଣୟ, ବ୍ୟର୍ଥତା, ଅବସାଦ , ଶୂନ୍ୟତା ଓ ନୈରାଶ୍ୟବୋଧ କାବ୍ୟ ନାୟକକୁ ଆଚ୍ଛନ୍ନ କରିଥିବା ବେଳେ 'ଅନେକ କୋଠରୀ'ରେ ସ୍ଥାନିତ 'ଅନନ୍ତ ଶୟନ'ରେ ମୃତ୍ୟୁ ଜନିତ ଅନୁଭବ 'ଅନେକ କୋଠରୀ'ର କାବ୍ୟନାୟକ ଜର୍ଜରିତ । ଚତୁର୍ଦ୍ଦିଗରେ ମୃତ୍ୟୁଭୟ, ଯେଉଁ ଦିଗକୁ ଚାହୁଁଛି ସେଠାରେ ମୃତ୍ୟୁର ଉପସ୍ଥିତି । ମୃତ୍ୟୁର କଳାଛାଇ ସମଗ୍ର ଚିନ୍ତାଚେତନାକୁ ଆବୋରି ବସିଛି । ନିମ୍ନୋକ୍ତ ପଂକ୍ତି ଗୁଡ଼ିକରୁ ମୃତ୍ୟୁର ସ୍ଥିତି ସଂପର୍କରେ ଅନୁମାନ କରାଯାଇପାରେ ।

- "ଦକ୍ଷିଣ ଦିଗରୁ ଶୁଭେ କିଳିକିଳା ହସ ଶାଗୁଣାର ।।" ( ସୂର୍ଯ୍ୟାସ୍ତରେ ଶବସଂସ୍କାର )
- "କିଏ ଜାଣେ କାଲି ତୁମେ ମୃତ୍ୟୁ ସଙ୍ଗେ ଠୋକ୍‌କର ଖାଇବ ।।" (ଯୀଶୁଖ୍ରୀଷ୍ଟ)
- "ଦେଖିଲି ଯେ ତୁମର ଶରୀର କ୍ରମଶଃ ଆରକ୍ତ ହୁଏ ଏକ ନୂଆ ମୃତ୍ୟୁର ପ୍ରଭାତେ ।।" (ଜନ୍ମଦିନ)

କବି ଦୃଷ୍ଟିରେ ମୃତ୍ୟୁ ବିଭିନ୍ନ ମାଧ୍ୟମରେ କାବ୍ୟ ନାୟକର ଅସ୍ତିତ୍ୱକୁ କବଳିତ କରିବାକୁ ଆସୁଛି । କାବ୍ୟ ନାୟକ ଏଠାରେ ସମୟ ଦ୍ୱାରା ପ୍ରତି ମୁହୂର୍ତ୍ତରେ କ୍ଷତାକ୍ତ ହୋଇଥିବା ପରାହତ ବ୍ୟକ୍ତିତ୍ୱ । ପ୍ରତିମୁହୂର୍ତ୍ତରେ ଜୀବନ ବଞ୍ଚିବା ତା ପାଇଁ ନିତାନ୍ତ ଯନ୍ତ୍ରଣାଦାୟକ । ତେଣୁ ମନ ମଧ୍ୟରୁ ପ୍ରେମ ପ୍ରତି ଥିବା ଆବେଗ ମରିଯାଉଛି । ପ୍ରେମ ଓ ପ୍ରଜନନ ମଧ୍ୟରେ ମୃତ୍ୟୁର ପ୍ରଲମ୍ବିତ ହାତକୁ ମଧ୍ୟ ସେ ଦେଖୁଛି ।

ଦ୍ୱିତୀୟ ସଂକଳନ 'ସନ୍ଦିଗ୍ଧ ମୃଗୟା'ରେ ମଧ୍ୟ ମୃତ୍ୟୁ ଜନିତ ଅନୁଭୂତିର ପ୍ରାଂଜଳତାକୁ ଅନୁଭବ କରିହୁଏ। ବାର୍ଦ୍ଧକ୍ୟ, ବସନ୍ତଋତୁ, କଳାହସ, ଅତିଥି ସତ୍କାର, ମାଷ୍ଟ୍ରଣୀ ଇତ୍ୟାଦି କବିତାରେ ମୃତ୍ୟୁ ଭିନ୍ନ ଭିନ୍ନ ଅନୁଭବ ମଧ୍ୟରେ ରୂପାୟିତ । ପ୍ରେମର ବ୍ୟର୍ଥତା, ଶୂନ୍ୟତାବୋଧ ଓ ବ୍ୟକ୍ତିସତ୍ତାର ଅସହାୟତା ହିଁ କାବ୍ୟ ପୁରୁଷକୁ ମୃତ୍ୟୁ ସଚେତନାର କରିଛି। ମୃତ୍ୟୁର ଅନିବାର୍ଯ୍ୟ ଆଗମନରେ ଜୀବନରେ ପୂର୍ଣ୍ଣଚ୍ଛେଦ ଟାଣି ଦିଏ। ଜୀବନର ଶେଷ ପରିଣତିକୁ ନେଇ କାବ୍ୟ ନାୟକ ସନ୍ଦିଗ୍ଧ। ଜୀବନ ଓ ମୃତ୍ୟୁ ମଧ୍ୟରେ ଏକ ଦ୍ୱନ୍ଦ୍ୱାତ୍ମକ ସ୍ଥିତିକୁ ନେଇ କେତେ ସେ ସଘଂର୍ଷ କରିବ ?

'ଅନେକ କୋଠରୀ'ରେ ଯେଉଁ ମୃତ୍ୟୁ ଚେତନାର ଆରମ୍ଭ ହୋଇଥରଲା।'ସନ୍ଦିଗ୍ଧ ମୃଗୟା'ରେ ତାହାର ପରିସର ପରିବ୍ୟାପ୍ତ ହୋଇଛି । ଏହି ଚେତନାର ପରିପକ୍ୱତା ଲକ୍ଷ୍ୟ କରାଯାଏ ; 'ସପ୍ତମରତୁ' ସଂକଳନରେ। ସଂକଳନସ୍ଥ ଅଧିକାଂଶ କବିତା ମୃତ୍ୟୁ ସଂପର୍କିତ । ସର୍ବମୋଟ ୩ଟି କବିତା ମଧ୍ୟରେ ଏହି ଚେତନା ପରିବ୍ୟାପ୍ତ ହୋଇଛି ।

ଜୀବନରେ ପ୍ରେମରେ ବ୍ୟର୍ଥତା, କାମନା ଅପ୍ରାପ୍ତି ଜନିତ ହତାଶାବୋଧ ଓ ବିଷାଦରୁ ମୃତ୍ୟୁ ଚେତନା ଦ୍ୱାରା କାବ୍ୟ ନାୟକ ଆକ୍ରାନ୍ତ ହୋଇଥାଏ । ଏସବୁ ମଣିଷ ଜୀବନ ସହିତ ଅତି ଅନ୍ତରଂଗ ଭାବେ ଜଡ଼ିତ । ଜୀବରେ ନିଛକ ସତ୍ୟ । ଏସବୁରୁ ମୁକ୍ତି ପାଇବାକୁ ହେଲେ 'ଓଁକାର' ହିଁ ଏ କାନ୍ତ କାମ୍ୟ । ଗ୍ରୀଷ୍ମ ରତୁରେ ରେଳଯାତ୍ରା କବିତାରେ କବି କହନ୍ତି –

" ଅବଶ୍ୟ ଏ କଥା ସତ୍ୟ ବର୍ତ୍ତମାନ ଭୀଷଣ ଗରମ
ଓ ମୋର ମନେ ପଡୁଛି ମନେ ମୋ ଶୀତଳ ଶୋଇବା ବଖରା
କିନ୍ତୁ ମୋ ମନରେ ଏକ ଅସନ୍ତୋଷ । ଏ ସବୁକୁ ପରିତ୍ୟାଗ କରି
ମୁଁ ଯାଆନ୍ତି ଦେଶାନ୍ତର, ଏ ସବୁ ତ ମାଂସର ଆରାମ
ନରମ ଅଂଧାର ଏବଂ ବିବାହିତ ପ୍ରେମର ଆଳାପେ
ମୁଁ ପ୍ରାୟ ଗଲିଣି ମରି । ଇଚ୍ଛାହୁଏ ଏ ସବୁକୁ
ଫିଙ୍ଗି ଦେଇ ସାରି
ମୁଁ ଯାଆନ୍ତି ଶୁଣିବାକୁ ଶବ୍ଦ ଏକ ପୃଥକ ଭାଷାର
ତାହା ନୁହେଁ, ଭାଷା ଏହି ପ୍ରତିକାର କିମ୍ବା ସ୍କୁଲ ଯିବା
ଛୁଆଁଙ୍କର କିମ୍ବା ଏ ଚୁପ୍‌ଚାପ୍ ଆଳାପ ମୋ ଦାଂପତ୍ୟ ପ୍ରେମର
ତାହା ନୁହେଁ, ଭାଷା ଏହି ପତ୍ରିକାର କିମ୍ବା ସ୍କୁଲ ଯିବା
ଛୁଆଁଙ୍କର କିମ୍ବା ଏକ ଚୁପ୍‌ଚାପ୍ ଆଳାପ ମୋ ଦାମ୍ପତ୍ୟ ପ୍ରେମର ।"(ଗ୍ରୀଷ୍ମରତୁରେ ରେଳଯାତ୍ରା)

ଚିରାଚରିତ ଜୀବନଧାରାକୁ ପରିତ୍ୟାଗ କରି କବି ଏକ ଭିନ୍ନ ଲୋକକୁ ଯିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହାକୁ ଆମେ ପଳାୟନ ପ୍ରବଣ ମନୋବୃତ୍ତି ବୋଲି କହିପାରିବା । କବିଙ୍କର ଆଉ ଏକ କବିତା 'ବିମାନ ଦୁର୍ଘଟଣାରେ ମୃତ୍ୟୁକୁ' ମୃତ୍ୟୁ ଚେତନାର ସର୍ବୋତ୍ତମ ଉପଲବ୍ଧି ବୋଲି କହିପାରିବା । କବି କହିଛନ୍ତି –

"ମୋ ଅରକ୍ଷ ଭବିଷ୍ୟତ ଭାସିଯାଏ ଛଅଖଣ୍ଡ
କାଠର ଭେଳାରେ
ଅସଜ ବିମାନ ଦ୍ୱାରା ସମୁଦ୍ରର ରକ୍ତାକ୍ତ ଆକାଶେ ॥"

ଏଠାରେ ଆଉ ଏକ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି କବି ରମାକାନ୍ତ ତାଙ୍କ କବିତାରେ ପାରଂପରିକ ମୃତ୍ୟୁ (ଜନ୍ମ – ଜୀବନ ଅତିବାହିତ ବାର୍ଦ୍ଧକ୍ୟ – ମୃତ୍ୟୁ ) ର କଥା କହୁନାହାନ୍ତି । ରମାକାନ୍ତଙ୍କ ମୃତ୍ୟୁ ଚେତନାକୁ ସ୍ଥିତବାଦୀ ମୃତ୍ୟୁଚେତନା କୁହାଯାଏ ।

ସ୍ଥିତିବାଦୀ ମୃତ୍ୟୁଚେତନା ମନୁଷ୍ୟକୁ ଗ୍ରାସ କଲେ ପ୍ରତ୍ୟେକ ମୁହୂର୍ତ୍ତରେ ଆମକୁ ମୃତ୍ୟୁ କବଳିତ କଲାଭଳି ଆଶଂକା ଉପୁଜେ । ଆମର ଚିନ୍ତାଚେତନା, ଅନୁଭବ, କର୍ମ ସବୁକିଛି ଭୁଷୁଡ଼ି ଯାଏ । ପ୍ରତି ମୁହୂର୍ତ୍ତରେ ଆମେ କେବଳ ମୃତ୍ୟୁକଥା ହିଁ ଭାବିବସୁ । ମୃତ୍ୟୁ ଜନିତ ବିବିଧ କାର୍ଯ୍ୟ କଳାପ ସହିତ ନିଜକୁ ସଂପୃକ୍ତ କରି ଦେଖୁ । ଏହାକୁ ସ୍ଥିତିବାଦୀୟ ମୃତ୍ୟୁ ଚେତନା କୁହାଯାଏ । ପାରଂପରିକ ମୃତ୍ୟୁ ଠାରୁ ଏହା ଭିନ୍ନ ।ରମାକାନ୍ତଙ୍କ ଅଧିକାଂଶ କବିତାରେ ଏହା ହିଁ ମୃତ୍ୟୁଚେତନାର ସ୍ୱରୂପ । ଏହା ୧୯୬୦ - ୧୯୮୦ ମଧ୍ୟରେ ଲିଖିତ ଚାରୋଟି ସଂକଳନରେ ଅତି ସୁନ୍ଦର ଭାବେ ପ୍ରକାଶ ପାଇଛି । ନିମ୍ନୋକ୍ତ କେତୋଟି ପଂକ୍ତିରୁ ଏହା ସୁଲଭ -

- "ମୃତ୍ୟୁ ଲାଗି ଯଦି ମୋର ଜାଗା ଖଣ୍ଡେ ଲୋଡ଼ା ଥିଲା
  ତେବେ ତ ଯେଉଁଠୁ
  ପଳାଇ ଆସିଲି ତାହା ବେଶ୍ ଭଲ ଥିଲା ।।" (ଅନେକ କୋଠରୀ)
- "ପାଣି ପାଇଁ ବ୍ୟାକୁଳ ମଣିଷ
  ସ୍ତ୍ରୀ ପିଲା କବିଲା ଓ ପଶୁମାନଙ୍କର
  ଗହଣରେ ଆଉ କିଛି କାଳ ରହିବାକୁ
  ବ୍ୟାକୁଳ ମଣିଷ ଲାଗେ କେତେ ଅବାନ୍ତର ।।"(ମରୁଭୂମି)
- "ମୁଁ ହେଲିଣି ଆତ୍ମହରା
  ଏ ଯନ୍ତ୍ରଣା ଭୋଗିବାର , ଘୁସୁରି ଘୁସୁରି
  ବାଲିକୁଦ ଡେ଼ଇଁ ବାର ଅସହ୍ୟ ସୁଖରେ ।।" (ମରୁଭୂମି)

ରମାକାନ୍ତଙ୍କ କବିତା ଭୂମିକୁ ଅନୁଶୀଳନ କଲେ ମନେହୁଏ ରମାକାନ୍ତ ମୃତ୍ୟୁର କବି । କିନ୍ତୁ ଏହା ମଧ୍ୟ ତାଙ୍କର ଏକମାତ୍ର ସ୍ୱାତନ୍ତ୍ୟ ନୁହେଁ; ପରିଚୟ ନୁହେଁ । ସେ ପ୍ରେମର କବି । ପ୍ରେମକୁ ଖୋଜିଖୋଜି ସେ ଯେତେବେଳେ ବ୍ୟର୍ଥ, ହତାଶ୍ ହୋଇଛନ୍ତି ସେତେବେଳେ ପୃଥିବୀ ପ୍ରେମହୀନ ପାଲଟି ଯାଉଛି । ବିଷାଦରେ ଜର୍ଜରିତ କବିଙ୍କ ଦୃଷ୍ଟିରେ ପ୍ରେମହୀନ ପୃଥିବୀ ମୃତ୍ୟୁ ସହ ତୁଳନୀୟ । ଚାରିଗୋଟି କାବ୍ୟ ଗ୍ରନ୍ଥରେ ୧୦୦ରୁ ଊର୍ଦ୍ଧ୍ୱ କବିତା ସ୍ଥାନ ପାଇଛି । ବିବିଧ ପରୀକ୍ଷାନିରୀକ୍ଷା ନୂତନ ଅବବୋଧ ଶ୍ରୀରଥଙ୍କୁ ସାଂପ୍ରତିକ ସମୟର ସର୍ବାଧିକ ଶକ୍ତିଶାଳୀ ଓଡ଼ିଆ କବିର ମାନ୍ୟତା ପ୍ରଦାନ କରିଛି ।

**ସୀତାକାନ୍ତ ମହାପାତ୍ର (୧୯୩୬) :**

ଆଧୁନିକ ଓଡ଼ିଆ କବିତାର ବିକାଶଧାରାରେ ଯେଉଁ ମାନଙ୍କର ସ୍ୱତନ୍ତ୍ର ଅବଦାନ ରହଛି, ସେମାନଙ୍କ ମଧ୍ୟରେ କବି ସୀତାକାନ୍ତ ମହାପାତ୍ର ଅନ୍ୟତମ । ଅଧାପକ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ମତରେ ୧୯୬୧ ମସିହା ଫେବୃୟାରୀ ମାସର 'ପ୍ରଜ୍ଞା'ରେ ପ୍ରଥମଥର ପାଇଁ ସୀତାକାନ୍ତଙ୍କର କେତୋଟି କବିତା ପ୍ରକାଶ ପାଇଥିଲା । (କବିତା ୧/୪-ଜାନୁୟାରୀ - ମାର୍ଚ୍ଚ ୧୯୬୬ପୃ-୨୬ ) । ତେଣୁ ଆମେ ତାଙ୍କୁ ଷାଠିଏ ପରବର୍ତ୍ତୀ କାଳର କବି ଭାବେ ଗ୍ରହଣ କରିବା । ୧୯୮୦ ମସିହା ମଧ୍ୟରେ ତାଙ୍କର ଚାରିଗୋଟି କବିତା ଗ୍ରନ୍ଥ ପ୍ରକାଶ ପାଇଥଲା । 'ଦୀପ୍ତି ଓ ଦ୍ୟୁତି'

୧୯୬୭, 'ଅଷ୍ଟପଦୀ'୧୯୬୭, 'ଶବ୍ଦର ଆକାଶ' ୧୯୭୧, 'ସମୁଦ୍ର'୧୯୭୭, ଚିତ୍ରନଦୀ ୧୯୭୯ । କବିଜୀବନର ପ୍ରଥମ ସୋପାନରେ ଏହି କବିତା ଗୁଡ଼ିକ ମାଧମରେ କବି ନିଜକୁ ଜଣେ ସଫଳ ଓ ସାର୍ଥକ କବି ଭାବରେ ପ୍ରତିପାଦିତ କରିଛନ୍ତି ।

ପ୍ରଥମ କବିତା ସଂକଳନ 'ଦୀପ୍ତି ଓ ଦ୍ୟୁତି' ରୁ ମୁଖବଂଧରୁ ସୀତାକାନ୍ତ ଙ୍କ କାବ୍ୟିକ ବୈଶିଷ୍ଟ୍ୟକୁ ଆମେ ଲକ୍ଷ୍ୟ କରିପାରିବା । ମୁଖଶାଳା ଲିପି ଭାବେ କବି ଯେଉଁ ଆଲୋଚନାଟି ଏଥିରେ ସଂଯୋଗ କରିଛନ୍ତି ତାହା ତାଙ୍କ କାବ୍ୟିକ ଅନୁଭବକୁ ବୁଝିବାରେ ସହାୟକ ହୋଇଥାଏ । କବିଙ୍କର କେତୋଟି ମତକୁ ଏଠାରେ ଉଦ୍ଧାର କରାଯାଉଛି –

"ଦୁଇଟି ବିପରୀତଧର୍ମୀ ଅନୁଭୂତି ମୋ ଚେତନାର ମୌଳିକ ସ୍ଥିତିରୂପେ ସବୁବେଳେ ପ୍ରତୀୟମାନ ହୋଇଛି । ସେଥିରୁ ଗୋଟିଏ ହେଉଛି ସଂଯୋଗର, ସହାନୁଭୂତିର, ବ୍ୟାପ୍ତିର, ଅନୁରକ୍ତିର, ଅନାଓ, ଅନ୍ୟଟି ହେଉଛି ବିଯୋଗର, ଅନାସକ୍ତିର, ନିରନ୍ଦ୍ର ନିଃଶବ୍ଦ ନୀରବତାର। ବେଳେବେଳେ ଏବଂ ବିଧ ଉଭୟ ଅନୁଭୂତି ଏକ କାଳରେ ଏକ ସ୍ଥାନରେ ଓ ଏକକ ପ୍ରକ୍ରିୟାରେ ମାନସ ରାଜ୍ୟରେ ଏକୀକୃତ ହୋଇଛନ୍ତି ।"

"ହୃଦୟ ଓ ମନର ଗଭୀରତମ ପ୍ରଦେଶରେ ଯେଉଁ ସ୍ୱପ୍ନ , ଯେଉଁ ଅଶ୍ରୁ ଓ ଯେଉଁ ବେଦନାର ଉଚ୍ଛ୍ୱାସ ,ଯେଉଁ ନୀରବତାର ବ୍ୟାପ୍ତି ତାରି ଭିତରେ ମନେହୁଏ , ମୁଁ ଖୋଜି ପାଏ ଯାହାକିଛି ସାର୍ବଜନୀନ ଓ ଚିରନ୍ତନ । ବାହାରର ପ୍ରକୃତି, ସମାଜ ଓ ମାନସିକ ସ୍ଥିତି ଭିତରେ ଘୂରିଘୂରି ନିଜକୁ ହଜାଇ ହଜାଇ ମୁଁ ଫେରେ କେନ୍ଦ୍ରବିନ୍ଦୁକୁ ନିଜର ଅଶ୍ରୁକୁ। ଏହି ସଂଘର୍ଷ ହିଁ ମୋର ଅଧିକାଂଶ କବିତାର ମୁଖ୍ୟ ଉପଜୀବ୍ୟ ।" (ସାହିତ୍ୟ ଓ ପ୍ରଜ୍ଞା ବିଧୂଭୂଷଣ ଦାସ ପ୍ରଜ୍ଞା ସାହିତ୍ୟ)

ପ୍ରଥମ ସଂକଳନରେ କବିଙ୍କର ଜୀବନ ପ୍ରତି ଥିବା ଦୃଷ୍ଟିଭଙ୍ଗୀକୁ ଲକ୍ଷ୍ୟ କରାଯାଇପାରେ । ପ୍ରଥମ କବିତା 'ଦୀପ୍ତି ଓ ଦ୍ୟୁତି' ର ପ୍ରଥମ କବିତା 'ଅଶ୍ରୁ ଓ ସ୍ୱାଦ' ରେ ଏହା ପରିଲକ୍ଷିତ । ଜୀବନର ଦୁଇଟି କଥା ଏଥିରେ ପ୍ରତିଫଳିତ। ଗୋଟିଏ ବ୍ୟକ୍ତିସତ୍ତା ଅପରଟି ବାହ୍ୟସତ୍ତା ଏ ଦୁଇଟିର ଦ୍ୱନ୍ଦ୍ୱ ଭିତରେ ଜୀବନର ଅଂଧକାରମୟ ଦିଗଟିକୁ ଉଦ୍-ଘାଟିତ କରିଛନ୍ତି ।

"ହେ ମୋର କବିତା
ତୁମେ ନୁହଁ କାଶ୍ମୀରର ଡ଼ାଲ ହ୍ରଦ
ପପ୍‌ହର ପାଇନ୍ ଜଂଗଲ
ଉଟି ଅବା ଦୂର ନୈନିତାଲ୍
ତମେ ଗୋଟେ ପରିଚିତ (ଓ ଆଶ୍ଚର୍ଯ୍ୟ ) ଗାଉଁଲି ସକାଳ ।
ଆଭରଣ ହୀନ ସବୁଜ ନୂତନ
ନୀରବତା ପିଏ ଯାର ଓଠୁ ଚୋଷି
ଅଶ୍ରୁ-ସ୍ମିତ ଜୀବନର କଡ଼ା ଅଂକ କଷି
ହଏଦର ବିଡ଼ି ପିଇ ଓ ଗୁଡ଼ାଖୁ ଘଷି
ମଧୁଭୋଇ, କୁଶା ଡ଼ୋରା ଓ ହାଡ଼ି ବିଶ୍ୱାଳ

ତମେ କିଞ୍ଚିତ ସ୍ୱପ୍ନ
ଟିକିଏ ସ୍ୱାଦ
ଟୋପାଏ ଅଶ୍ରୁ
ଚେନାଏ ଆହ୍ଲାଦ ।।"(ଅଶ୍ରୁ ଓ ସ୍ୱାଦ)

ମୋଟ ୪୭ଗୋଟି କବିତାର ସମାହାର 'ଦୀପ୍ତି ଓ ଦ୍ୟୁତି' । କବି କବିତା ଗୁଡ଼ିକରେ ନିଜର ଚିନ୍ତାଧାରାକୁ ସୀମିତ ସ୍ତରରେ ବାନ୍ଧି ରଖିପାରି ନାହାନ୍ତି । କବିତା ଗୁଡ଼ିକରେ ମିଥ୍, ମେଟାଫିଜିକାଲ୍ ଶୈଳୀ, ଚିତ୍ରକଳ୍ପ ଓ ସମ୍ବେଦନଶୀଳ ମାନବବାଦୀ ଭାବନାର ବର୍ଣ୍ଣନା ଦେଖିବାକୁ ମିଳେ । ମିଥ୍ ପ୍ରୟୋଗରେ କବି ମହାଭାରତ ଓ ଭାଗବତ କୁ ଉତ୍ସରୂପେ ଗ୍ରହଣ କରିଛନ୍ତି । 'ଦୀପ୍ତି ଓ ଦ୍ୟୁତି' ସଂକଳନରେ ସ୍ଥାନିତ 'ଜାରା ଶବରର ସଂଗୀତ', 'ଦୁର୍ଯ୍ୟୋଧନ', 'ଯୁଧିଷ୍ଠିର', 'ବସ୍ ଦର୍ପଣରେ ସୂର୍ଯ୍ୟାସ୍ତ' ପ୍ରଭୃତି କବିତାରେ ମହାଭାରତର ଚରିତ୍ର ଗୁଡ଼ିକ ସାଂପ୍ରତିକ ଜୀବନ ଜିଜ୍ଞାସାକୁ ସଫଳ ଭାବରେ ରୂପାୟିତ କରିଛନ୍ତି । କବିତା ଗୁଡ଼ିକ ଏକ ସ୍ୱାଭିମାନୀ ମାନବାତ୍ମାର ଅଂଗୀକାର ବୋଧକୁ ବହନ କରୁଛି । 'ବସ୍ ଦର୍ପଣରେ ସୂର୍ଯ୍ୟାସ୍ତ' କବିତାରେ ଶ୍ରୀମଦ୍ ଭଗବତ୍ ଗୀତାରେ ଅର୍ଜ୍ଜୁନଙ୍କ ବିଶ୍ୱରୂପ ଦର୍ଶନରେ ସାର୍ଥକ ସମନ୍ୱୟ ଘଟାଇ ଏକ ମିଥିକ ଚେତନା ସୃଷ୍ଟି କରିବାରେ କବି ସଫଳ ହୋଇଛନ୍ତି ।

'ବସ' ଚଳନ୍ତି ଜୀବନର ପ୍ରତୀକ । ଦର୍ପଣରେ ପ୍ରତିଫଳିତ ବ୍ୟକ୍ତି ଜୀବନର ଚିତ୍ର । ଜୀବନର କାନ୍ଭାସରେ ସୂର୍ଯ୍ୟୋଦୟ ଅଛି, ସୂର୍ଯ୍ୟାସ୍ତ ମଧ୍ୟ ଅଛି । ଜନ୍ମ ଅଛି ମୃତ୍ୟୁ ମଧ୍ୟ ଅଛି । ଏହି ସତ୍ୟକୁ ମଣିଷ ସ୍ୱୀକାର କରିବାକୁ ବାଧ୍ୟ । ମହାଭାରତର ଅର୍ଜ୍ଜୁନଙ୍କ ପରି ବିଶ୍ୱରୂପ ଦର୍ଶନରେ ସେ ଶିହରିତ ହୁଏ । କାରଣ ଆଧୁନିକ ମଣିଷ ରୂପୀ ଅର୍ଜ୍ଜୁନ ଜାଣେ ଯେ –

"ମାଳମାଳ ଏ ବ୍ରହ୍ମାଣ୍ଡ ଲୁଚିଯାଏ ,ଛପିଯାଏ
ଶୋଷିନିଏ ଲୋମକୂପେ ଏ ଆଦିମ ପିଣ୍ଡ
ସବୁ ଧରିନିଏ ନିଜ ଶେଷ ରଶ୍ମି ଜାଳେ ଅଂଶୁମାନ
ବସ୍ ଦର୍ପଣରେ ଏ ଅଗ୍ନି ଗୋଲକ ।" (ଇଏ କଣ ବ୍ରହ୍ମଲୋକ ନା ଦେବଲୋକ ?)

ସେଥିପାଇଁ ମୃତ୍ୟୁରେ ମଧ୍ୟ ଜୀବନ ଦୀପ୍ତିମନ୍ତ ହୋଇଉଠେ । ଜୀବନ ଦୀପ୍ତିମନ୍ତ ହେବା ସହ ମାଟି ଓ ଆକାଶ ମଧ୍ୟ ଦୀପ୍ତିମନ୍ତ ହୋଇଯାଏ । 'ଦୀପ୍ତି ଓ ଦ୍ୟୁତି'ରେ ସ୍ଥାନିତ କେତୋଟି କବିତା 'ବସ ଦର୍ପଣରେ ସୂର୍ଯ୍ୟାସ୍ତ', 'ଆଲବମ୍', 'ଆଖି-୨', 'ବଂଧନୀ', 'ପୁରୀ ମନ୍ଦିର', 'ଉତ୍ତରଣ'ରେ କବିଙ୍କର ଦାର୍ଶନିକ ମନନଶୀଳତାର ପରିଚୟ ସୁସ୍ପଷ୍ଟ । ଜୀବନ ଓ ମୃତ୍ୟୁ ଜନିତ ମିଶ୍ରିତ ଅନୁଭବ, ସ୍ଥିତିର ଦୁର୍ବିସହତା, ଜୀବନର ବ୍ୟଥା, ବେଦନା, ନିଃସଂଗତାର ଚିତ୍ର 'ସତ୍ତା ଓ ସମୟ', ବଂଧନୀ, ଟ୍ରାଜେଡ଼ି, ଆଲୋକ ଗୀତିର ତିନୋଟି ସ୍ୱର, ସହରରେ ଗ୍ରୀଷ୍ମ, ହୀରାକୁଦ, ଗୋରାକବର ପରିଚୟ, ହସ୍ପିଟାଲ, ଶୋକସଭା, ପ୍ରତିଫଳନ, ସହରର ଇତିକଥା, ରିଫ୍ୟୁଜି, ଆତ୍ମରକ୍ଷା କବିତାରେ ଭଂଗା ଦେଉଳ, ଦରଭଂଗା କୋଠା, ଭଗ୍ନ ରଥଚକ୍ର, କୁଷ୍ଠରୋଗୀ, ଘାଆଦେହ, ରୁମହୀନ ବୁଲାକୁତୀ ଏହି ସବୁ ଅନୁସଂଗ କବିତାର ପରିମଣ୍ଡଳରେ ରୁପାୟିତ ହୋଇଛି । ଏହା ମାଧ୍ୟମରେ ଜୀବନ ପ୍ରତି

ଦୃଷ୍ଟିଭଂଗୀ ଅତି ସୁନ୍ଦର ଭାବେ ବର୍ଣ୍ଣିତ । କବି ଦୃଷ୍ଟିରେ ସମୟ ହେଉଛି ଏକ ହସପିଟାଲ ଓ ଆମେ ସମସ୍ତେ ଜଣେ ଜଣେ ରୋଗାକ୍ରାନ୍ତ ମଣିଷ । ଆତ୍ମ ପରିଚୟ ନାହିଁ । ହସପିଟାଲର ଖଟିଆର ନମ୍ବର ଆଉ ୱାଡ଼ର ନମ୍ବର ଭିତରେ ପରିଚୟ ସୀମିତ । ଏହାହିଁ ଜୀବନର ନିଛକ ଅନୁଭୂତି । କବିଙ୍କ ବର୍ଣ୍ଣନାରେ –

"ସେମାନଙ୍କ ପରିଚୟ
ୱାର୍ଡ଼ର ନମ୍ବର
ଆଉ କାନ୍ଥରେ ଝୁଲୁଥିବା ଏ ବେଡ଼ର ନମ୍ବର
ସଂଖ୍ୟାର ଏ ପରିଚିତ ଏକା ସତ
ଆଉ ସବୁ ମିଛ
ଜୀବନ ଓ ଅନୁଭୂତି
ସ୍ୱାତନ୍ତ୍ର୍ୟ ଓ ଆତ୍ମିକତା ସବୁ ଅପହଞ୍ଚ ॥" (ହସପିଟାଲ ପୃ-୬୦ ଦୀପ୍ତି ଓ ଦ୍ୟୁତି)

ଆଧୁନିକ ମଣିଷ ପରି ଅପରିଚିତ ନାଗରିକ ଅଡ଼େନ୍ (Auden)ଙ୍କ (UNKNOWN CITIZEN) । ଯାହାର ପରିଚୟ ମାତ୍ର ଗୋଟିଏ ନମ୍ବର । ଅଧିକାଂଶ କବିତାରେ ଅନୁଭୂତିହୀନ ସ୍ଥୁଳ ଜୀବନ ସର୍ବସ୍ୱ ସହରୀ ମଣିଷର ବ୍ୟର୍ଥତାବୋଧକୁ ପ୍ରକାଶ କରିଛନ୍ତି । ଏଥିରୁ ମଣିଷ ମୁକ୍ତି ଚାହୁଁଛି । ତାର ଦୃଢ ବିଶ୍ୱାସ ଦିନେ ନା ଦିନେ ତାକୁ ଏଥିରୁ ମୁକ୍ତି ମିଳିବ । ତା'ର ବିଶ୍ୱାସ ମଥୁରା ନଗରୀରେ ଦିନେନା ଦିନେ କୃଷ୍ଣ ପାଦ ଦେବେ । କୁବ୍‌ଜାର କଦାକାର ଆକୃତି ରୂପକ ଶରୀରକୁ ସ୍ପର୍ଶକରି ସୌନ୍ଦର୍ଯ୍ୟମୟୀ ନାରୀରେ ରୂପାନ୍ତରିତ କରିବେ । ମାତ୍ର ଏହି ସୌନ୍ଦର୍ଯ୍ୟର ଅପମୃତ୍ୟୁ ଘଟୁଛି ଆଧୁନିକ ମଣିଷର ନିସଂଗତା ପାଖରେ । ମଲା ପ୍ରଜାପତି ରୂପକଳ୍ପ ମାଧ୍ୟମରେ ଏହା କବିତାରେ ପ୍ରତିଫଳିତ । ଆଧୁନିକ ମଣିଷ ନିର୍ମୂଳ ହୋଇସାରିଛି । ନୈରାଶ୍ୟ ବିଜଡ଼ିତ ଜୀବନ ତାକୁ ଏପରି ଏକ ଦୋଛକିରେ ଛିଡ଼ା କରାଇଛି । କାଳ ପୁରୁଷର କାବ୍ୟନାୟକ ପାଖରେ ଆମେ ଅନୁରୂପ ସ୍ଥିତି ଦେଖିବାକୁ ପାଇଥିଲେ । ନିମ୍ନ ପଂକ୍ତିରେ ଏହା ଲକ୍ଷ୍ୟ କରାଯାଇପାରେ ।

* "ଖୋଜି ଖୋଜି ନିଜ ମୂଳ ନିର୍ମୂଳୀ ନଟାରେ ॥"( ହୀରାକୁଦ )
* " କିଏ ଏହି ମୁଁ ତାର ଏତେ ଟିକେ ସ୍ମୃତି
  ଶତ ଚେଷ୍ଟା ପରେ ମୋର ମନେ ବି ନ ଜାଗେ ॥" (ଚାତୁର୍ମାସ୍ୟା ପରେ ଆଷାଢ )

ଏତେସବୁ ଅସ୍ୱସ୍ତିବୋଧରୁ ପରିତ୍ରାଣ ମିଳିବ । ଏଇ ଆଶାଟିକକ ମଣିଷକୁ ବଞ୍ଚିବା ଶିଖାଇଛି । ମନ ମଧ୍ୟରେ ସବୁଜ ପ୍ରତ୍ୟୟ ଜାଗରିତ କରୁଛି । ଯେମିତିକି –

* "ତଥାପି ଜାଣେନା କିଁଆ / କି ବିଶ୍ୱାସେ ଏ ମୋର ହୃଦୟ
  ଭଂଗାତୁଟା , ପୋଡ଼ାଜଳା ସ୍ମୃତି ଘାଣ୍ଟି / ଖୋଜି ବସେ ତା ଭିତରେ ଏତେ ଟିକେ ସବୁଜ ପ୍ରତ୍ୟୟ ।" (ନଈପଠା)
* "ଯେତେ ନିଆ ଝୁଲ ପରେ / ଅତନ୍ଦ୍ର ନୀଳିମା ମାଗେ ଗଭୀର ଆଶ୍ଳେଷ /
  କୃଷ୍ଣ କେବେ ପାଦ ଦେବେ ମଥୁରାରେ କୁବୁଜାର ଘରେ /
  ଲୋଚା କୋଚା ପୋଡ଼ାଜଳା ତନୁ ଦେଇ / ଏ ସହର ବସିଛି ଦୁଆରେ ।"(ସହରର ଇତିକଥା)

ସୀତାକାନ୍ତଙ୍କ କବିତାରେ ମେଟାଫିଜିକାଲ ଦୃଷ୍ଟିଭଂଗୀର ଉତ୍ତରଣ ସ୍ପଷ୍ଟ ଲକ୍ଷ୍ୟ କରିହୁଏ । 'ଦୀପ୍ତି ଓ ଦ୍ୟୁତି' ର ଜାରାଶବରର ସଂଗୀତକୁ ଏହାର ଏକ ଉତ୍ତମ ଦୃଷ୍ଟାନ୍ତ ବୋଲି ଗ୍ରହଣ କରାଯାଇପାରେ । ଏହି କବିତା ସଂପର୍କରେ ଡ଼.ଦେବୀ ପ୍ରସନ୍ନ ପଟ୍ଟନାୟକ ଗ୍ରନ୍ଥ ବିଚାର ପ୍ରସଂଗରେ କହିଛନ୍ତି –

" ଚିନ୍ତା ଓ ଆବେଗର ସମନ୍ୱୟ ଏ କବିତାର ପ୍ରଧାନ ସୌନ୍ଦର୍ଯ୍ୟ । ଭାରତୀୟ ପୁରାଣର ଏକ ଚରିତ୍ର ମାଧ୍ୟମରେ କବି ଏକ ଗଭୀର ଅନୁଭୂତିକୁ ସ୍ପର୍ଶ କରିଛନ୍ତି । ସମଗ୍ର କବିତାରେ ବୈଷ୍ଣବ କବି ସୁଲଭ ଏକ ଆବେଦନ ଓ ତନ୍ମୟତା ବିଦ୍ୟମାନ । ଯୁଗେ ଯୁଗେ ଭଗବାନ ଓ ମଣିଷର ସଂପର୍କ ଏ କବିତାର ବିଷୟବସ୍ତୁ ।" (ଗ୍ରନ୍ଥ ବିଚାର – ଦୀପ୍ତି ଓ ଦ୍ୟୁତି –ଝଙ୍କାର ୧୬ ବର୍ଷ ୧୨ ସଂଖ୍ୟା )

ଜାରାଶବର ଏକ ମିଥିକ୍ ଚରିତ୍ର । ମହାଭାରତରୁ ସଂଗୃହୀତ । ଶଂସିତ କବିତାରେ ଜାରା ସ୍ୱମୁକ୍ତି କାମନା କରେ ନାହିଁ ବରଂ ପରୋକ୍ଷରେ ଦୁଃଖ ଓ ଦହନକୁ ସ୍ୱାଭାବିକ ସତ୍ୟଭାବେ ଗ୍ରହଣ କରିନିଏ । ଜାରା ଚାହେଁ ଗୁରୁଙ୍କର ଛଳନାମୟ ରୂପ, ରହସ୍ୟବିଜଡ଼ିତ ସ୍ୱରୂପ ମଧ୍ୟରୁ ନବଜନ୍ମ ଘଟୁ । ଭଗବାନଙ୍କର ସମସ୍ତ କାର୍ଯ୍ୟକଳାପ ତା ପାଖରେ ଛଳନା ପରି ମନେ ହୋଇଛି । ସେ ଚିନ୍ତା କରୁଛି –

* "ଇଏ କଣ ଛଳନାର କୃଚ ଉଦ୍‌ଯାପନ ପ୍ରଭୋ ?
ଗୋପରୁ ଦ୍ୱାରକାଯାତ୍ରା, ଶାମ୍ବ ନାରୀ ବେଶ ଆଉ
ବେତବଣ ପରେ
ତୋ ମନର ଅନ୍ତିମ ଉଚ୍ଛ୍ୱାସ
ସବୁ ଖାଲି ମିଛଲାଗେ
ସବୁ ପ୍ରତାରଣା
ଟିକି ମଣିଷ ସାଥିରେ ଲୁଚକାଳି ଖେଳୁସିନା
ଏଇ ଶୁଭେ ଆକାଶେ ତୋ ଛିପା ଛିପା ହସ ॥" (ଜାରା ଶବରର ସଂଗୀତ )

* "ହେ ମାୟାବୀ ! ବିଶ୍ୱରୂପ ଖାଲି ମୋର ଏତିକି ମିନତି
ଯୁଗେ ଯୁଗେ ତୀର ମୋର ଦେଉ ତୋତେ
ତୋ ଦେହରୁ, ତୋ ଆପଣା ଛଳନାରୁ ତଡେଇ ମୁକତି ॥" (ଜାରା ଶବରର ସଂଗୀତ)

ଦୁର୍ଯ୍ୟୋଧନ ଶୀର୍ଷକରେ 'ଦୁର୍ଯ୍ୟୋଧନ' ସ୍ୱାଭିମାନୀ ମାନବାତ୍ମାର ପ୍ରତୀକ । କୁରୁକ୍ଷେତ୍ରରେ କୁରୁବଂଶ ଧ୍ୱଂସ ନିୟତିର ଅଲଂଘ୍ୟ ବିଧାନ । ନିଜବଂଶର ଏଇ ପରିଣତି ସଂପର୍କରେ ସ୍ୱୟଂ ଦୁର୍ଯ୍ୟୋଧନ ମଧ୍ୟ ଅବଗତ ଥିଲେ । ସେଥିପାଇଁ ନିଷ୍ଠୁର ନିର୍ମମ ନିୟତି ବିରୋଧରେ ସେ ଏକାକୀ ସ୍ୱର ଉତ୍ତୋଳନ କରିଥିଲେ । ଏପରିକି ମାର ଆଶୀର୍ବାଦ ମଧ୍ୟ ଦୁର୍ଯ୍ୟୋଧନ ପାଇଁ ନ ଥିଲା । ଶେଷରେ ପରାଜୟ ହିଁ ସାର ହେଲା । କବିଙ୍କ ବର୍ଣ୍ଣନରେ –

" ହେ ଆହତ ପ୍ରାଣ
ହେ ଶାଶ୍ୱତ ଆତ୍ମକେନ୍ଦ୍ର ମୂର୍ତ୍ତି ଅଭିମାନ
ନିଷ୍ଠୁର ନିର୍ମମ ଏକ ନିୟତି ବିରୋଧେ
ଅସହାୟ ମଣିଷର ଚିର ଅଭିମାନ ।"(ଦୁର୍ଯ୍ୟୋଧନ)

ଅଷ୍ଟପଦୀ ସୀତାକାନ୍ତ ଙ୍କର ଦ୍ୱିତୀୟ କବିତା ସଂକଳନ, ଆଠଗୋଟି କବିତାର ସମାହାର ଅଷ୍ଟପଦୀ । କବିତା ଗୁଡ଼ିକ ଦୀର୍ଘ ଓ ପରୀକ୍ଷାମୂଳକ 'ଅଷ୍ଟପଦୀ' ର କାବ୍ୟ ଚେତନା ଭିତରେ ମିଥ୍ ସଂଯୋଜନା ଅତ୍ୟନ୍ତ ସାର୍ଥକ ମନେ ହୁଏ । କବିତାର ଭାବାର୍ଥ ମୃତ୍ୟୁ ଚେତନାକୁ ନେଇ ସଂଗଠିତ ଓ ମିଥ୍ ଏହାର ସ୍ଥାପତ୍ୟ । ଅଷ୍ଟପଦୀର କାବ୍ୟ ନାୟକ କାଳପୁରୁଷର କାବ୍ୟନାୟକ ପରି ଯୁଦ୍ଧ ପରବର୍ତ୍ତୀ ଆଧୁନିକ ମଣିଷର ବ୍ୟର୍ଥତାରେ ବ୍ୟତିବ୍ୟସ୍ତ ହୋଇ ସାଂପ୍ରତିକ ଜୀବନରୁ ମୁକ୍ତି ଖୋଜିଛି । ସେ ଦେଖୁଛି ପ୍ରକୃତିର ବୀଭତ୍ସ ସ୍ୱରୂପ, ଗଛର ସବୁଜିମା ନାହିଁ , ପ୍ରକୃତି ଧୂସର ମଳିନ ପଡ଼ିଯାଇଛି । ମହାକାଳରୂପୀ ଅଗ୍ନିର ସର୍ବଗ୍ରାସୀ କ୍ଷୁଧା ସତେ ଯେମିତି ସବୁ କିଛିକୁ ଜାଳି ପୋଡ଼ି ଛାରଖାର କରିଦେଉଛି । ଯେମିତି ହିରୋସୀମାରେ ପରମାଣୁ ବୋମା ନିକ୍ଷେପ କରାଯିବା ପରେ ସେଇ ପ୍ରଳୟାଗ୍ନି ଶିଖା ସମସ୍ତଙ୍କୁ ନିଃଶେଷ କରିଦେଇଛି । ପ୍ରଥମ କବିତା ମୃତ୍ୟୁନାଚ ରେ ଏହାର ବାସ୍ତବ ଉପଲବ୍ଧି କୁ ଲକ୍ଷ୍ୟ କରାଯାଇ ପାରେ । ଯେମିତିକି -

" ସେଇ ନିଆଁ କରେଇରେ ଭାଜିଭୁଜି
ସନ୍ତୁଳି ସାନ୍ତୁଳି ହେଲା
କଡ଼ କଡ଼ ଚଡ଼ ଚଡ଼ ଶବ୍ଦ କରି
ଗଛ, ବୃଛ, ମାଟି, ମନ, ଖାଲ, ବଣ,ବିଲ ।"(ମୃତ୍ୟୁନାଚ)

ସାଂପ୍ରତିକ ସମୟରେ ମଣିଷ ସତେଯେମିତି ବାରୁଦ ଗଦା ଉପରେ ଛିଡ଼ା ହୋଇ ମୃତ୍ୟୁର ଶୀତଳ ସ୍ପର୍ଶକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛି । ଅଭିଶପ୍ତ ଋଷିଙ୍କର ଅଭିଶାପରେ ଏରକାର ବଣରେ ଯଦୁବଂଶୀ ମାନେ ଧ୍ୱଂସ ହେବାପରି ସାଂପ୍ରତିକ ପୃଥିବୀର ମଣିଷ ସେଇଭଳି ଅଭିଶାପ୍ତଗ୍ରସ୍ତ । ବର୍ତ୍ତମାନର ସମାଜରେ ଜୀବନ ବଞ୍ଚିବା ଅର୍ଥ ପ୍ରତି ମୁହୂର୍ତ୍ତରେ ମୃତ୍ୟୁକୁ ଭେଟିବା । ସ୍ୱପ୍ନ, ସମ୍ଭାବନା ସବୁ ଯେମିତି ଆତ୍ମଘାତୀ ମନୋବୃତ୍ତି ପାଖରେ ଜଳିପୋଡ଼ି ଯାଉଛି । କବିଙ୍କ ବର୍ଣ୍ଣନାଟି ଏହିପରି -

" ସବୁ ଯାଏ ଜଳିପୋଡ଼ି ମନ ଓ ଇନ୍ଦ୍ରିୟ
ଜଳିଯାଏ ଅନୁଭୂତି
ସକଳ ଭାବନା
ସବୁ ସମ୍ଭାବନା ଆହା
ସବୁ ସ୍ୱପ୍ନ ସବୁ ଆଶ୍ୱାସନା ।" (ମୃତ୍ୟୁନାଚ)

'ମୃତ୍ୟୁନାଚ'ରେ ଯେଉଁ ପ୍ରତିକ୍ରିୟା ପ୍ରକାଶ ପାଇଛି ; ଅନୁରୂପ ପ୍ରତିକ୍ରିୟା ଦ୍ୱିତୀୟ କବିତା ସ୍ତନାକ୍ଷୟର ଉପକଥା ରେ କାବ୍ୟନାୟକ ଜାଣିଜାଣି ତାର ସମସ୍ତ ଠିକଣା ଏକ ଅପରିଚିତ ଇଲାକାରେ ହଜାଇ ଦେଇଛି । ବ୍ୟାକୁଳ ହୋଇ ମୁକ୍ତିର ପଥ ଖୋଜୁଛି । ମହାଭାରତର ଯଦୁବଂଶ ଧ୍ୱଂସର ବିବରଣୀ ଉପରେ କବିତାଟି ରଚିତ । କୃଷ୍ଣଙ୍କ ବଂଶଧରମାନେ ଋଷିଙ୍କ ପ୍ରତି ଥଟ୍ଟା ପରିହାସ କରିବାରୁ ଅଭିଶାପ ଗ୍ରସ୍ତ ହେଲେ । ଯଦୁବଂଶ ଧ୍ୱଂସ ପାଇଲା । ଆଜିର ସାଂପ୍ରତିକ ମଣିଷ ମଧ୍ୟ ଠିକ୍ ସେମାନଙ୍କ ପରି ଅଭିଶାପଗ୍ରସ୍ତ । ହିଂସା, ଦ୍ୱେଷ, ପରଶ୍ରୀକାତରତା ଭିତରେ ଦ୍ୱାରକା, ପ୍ରଭାସ ସହିତ ନୂଆ ଖାଲି ଓ ହିରୋସୀମା ସାମିଲ୍ ହୋଇ ଯାଉଛନ୍ତି ।

'ଅଷ୍ଟପଦୀ' ର ତୃତୀୟ କବିତା - 'ମାଟି ଓ ମଣିଷ', ବସୁଦେବ ଓ ଦେବକୀଙ୍କ କାହାଣୀ ଆଧାରରେ କବିତାଟି ରଚିତ । ବସୁଦେବ କଂସର ବନ୍ଦୀଶାଳାରେ ବନ୍ଦୀ । ଗଭୀର ମାନସିକ ଯନ୍ତ୍ରଣାରେ ସେ ଜର୍ଜରିତ । ବିବିଧ ଦୁଃଶ୍ଚିନ୍ତା, ଅନିଶ୍ଚିତତା, ଯନ୍ତ୍ରଣା ଓ ନୈରାଶ୍ୟର କୋଠରୀରେ ବନ୍ଦୀ ଥିବା ସାଂପ୍ରତିକ ମଣିଷର ମାନସିକତା ହିଁ ଏଥିରେ ପ୍ରତିଫଳିତ ଚଳନ୍ତି ସମୟର ମଣିଷ ପ୍ରତିମୁହୂର୍ତ୍ତରେ ମୃତ୍ୟୁ ଚିନ୍ତା ଦ୍ୱାରା ଆକ୍ରାନ୍ତ । ଜୀବନର ଅର୍ଥହୀନତା ଜନିତ ଯନ୍ତ୍ରଣା ବୋଧରୁ ହିଁ ମୃତ୍ୟୁ ଚିନ୍ତାର ସୃଷ୍ଟି । ବସୁଦେବର ଅହରହ ମୃତ୍ୟୁଚିନ୍ତା ଭିତରେ ଏହି ଭାବନାର ସାର୍ଥକ ପ୍ରତିଫଳନ ଘଟିଛି । ସର୍ବ ମୋଟ ପାଞ୍ଚଟି ଶୀର୍ଷକରେ କବି ଦୀର୍ଘ କବିତାକୁ ବିଭକ୍ତ କରିଛନ୍ତି । ସେ ଗୁଡ଼ିକ ହେଉଛି - (୧) କାରାଗାର (୨) ମହାକାଳ ର ମୃତ୍ୟୁ (୩) ପ୍ରେତାତ୍ମାର ଶୋଭାଯାତ୍ରା ଓ ପରାବୃତ୍ତି (୪) ଦୁଃସ୍ୱପ୍ନର ରାତ୍ରି (୫) ପ୍ରତିଧ୍ୱନି । କାରାଗାରରୁ - ପ୍ରତିଧ୍ୱନି ଯାଏ ମଣିଷର ସମସ୍ତ ମାନସିକତାର କ୍ରମିକ ବିକାଶ ଘଟିଛି । ଏଥିରୁ କବିଙ୍କର କାବ୍ୟିକ ଅର୍ଥବୋଧ ସଂପର୍କରେ ସ୍ପଷ୍ଟ ଧାରଣା କରିହୁଏ ।

ଆଧୁନିକ ମଣିଷ ଜୀବନରେ ଅନ୍ତଃସାର ଶୂନ୍ୟତା, ଅବକ୍ଷୟ, ନୈରାଶ୍ୟ ବ୍ୟର୍ଥତା ନିଃସଂଗତା କୁ ନେଇ 'ତ୍ରିଶଂକୁର ମଧ୍ୟ ସ୍ୱର୍ଗ ' ଓ 'ମରୁପଥର ସ୍ୱରଲିପି' କବିତା ରଚିତ । ତ୍ରିଶଂକୁର ମଧ୍ୟ ସ୍ୱର୍ଗରେ ଯଦୁକୁଳର ସ୍ମୃତି ପୁନଃ ଜାଗ୍ରତ ହୋଇଛି । ମନେହୋଇଛି ସତେଯେମିତି ଯଦୁବଂଶ ଧ୍ୱଂସର ରୂପକଳ୍ପକୁ କବି ବାରମ୍ବାର କାବ୍ୟିକ ପରିଧିମଧ୍ୟରେ ଅତି ସଯତ୍ନରେ ଆଣି ଛାଡ଼ି ଦେଇଛନ୍ତି । ମରୁପଥର ସ୍ୱର ଲିପିରେ ସୀତାକାନ୍ତ ମିଥ୍ର ଆଶ୍ରୟ ଦେଇ ନାହାଁନ୍ତି । ନିଜସ୍ୱ ବାସ୍ତବ ଅନୁଭବି ଉପରେ ଗୁରୁତ୍ୱାରୋପ କରିଛନ୍ତି । ନିମ୍ନ ପଂକ୍ତି ଗୁଡ଼ିକରେ ଏହା ସୁସ୍ପଷ୍ଟ ।

* " ଯେହେତୁ ପ୍ରତ୍ୟେକ ରାସ୍ତା ଶେଷେ ତାର ସରେ ଲକ୍ଷ୍ୟହୀନତାରେ
ଯେହେତୁ ଆକାଶ ଶେଷ ଯେଉଁ ଠାରେ ମୃତ୍ୟୁ ହାଇ ମାରେ ॥" (ତ୍ରିଶଂକୁର ମଧ୍ୟ ସ୍ୱର୍ଗ )

* " ଆଜି ହାୟ ସମୁଦ୍ରର ସତ୍ତା ନାହିଁ / ଚଉଦିଗେ ବାଲି /
ଘନ କୁହୁଡ଼ି ଅଂଧାର କଣ୍ଟାବୁଦା / ସମସ୍ତ ଯାତ୍ରା ଶେଷ ଆପଣା ସ୍ଥିତିରେ /
ସବୁ ଗତିପଥ ମିଶେ କେନ୍ଦ୍ରବିନ୍ଦୁ ନିଜ ଶୂନ୍ୟତାରେ ॥" (ମରୁପଥର ସ୍ୱରଲିପି)

ସେହିପରି 'ରକ୍ତନଦୀ ସନ୍ତରଣ ପରେ' କବିତାରେ ସ୍ୱାଭାବିକ ଭାବରେ ମହାଭାରତ ଯୁଦ୍ଧର କାବ୍ୟ ନାୟକ ଦୁର୍ଯ୍ୟୋଧନକୁ ରୂପାୟିତ କରିଛନ୍ତି । ମୃତ୍ୟୁ ଭୟରେ ଦୁର୍ଯ୍ୟୋଧନ ବ୍ୟାସ ସରୋବର ରେ ଲୁଚିଛି । ମହାମାନୀ ଦୁର୍ଯ୍ୟୋଧନ ଶେଷରେ ମୃତ୍ୟୁ ରୂପକ ମହାନ୍ ଶକ୍ତି ପାଖରେ ଆତ୍ମ ସମର୍ପଣ କରୁଛି । କରିଥିବା

କୃତକର୍ମକୁ ମନେପକାଉଛି । କବିତାର ଭାବ ସାନ୍ଦ୍ର । ବକ୍ତବ୍ୟ ମଧ୍ୟ ସୁସ୍ପଷ୍ଟ । କୁବ୍‌ଜା ପାଇଁ ଗୋଟିଏ ସଙ୍ଗୀତରେ ଏହା ଚିନ୍ତା ଚେତନାର ଉତ୍ତରଣ ଦେଖିବାକୁ ମିଳେ । କୁବଜା କୃଷ୍ଣଙ୍କୁ ପ୍ରାର୍ଥନା କରି ସମଗ୍ର ମାନବ ଜାତି ପାଇଁ ଏକ ନୂତନ ବିଶ୍ୱାସ ଆଉ ସତ୍ୟର ପଥ ଉନ୍ମୋଚନ କରିଛି । କବି ଲେଖିଛନ୍ତି –

"ଶେଷ ହେଉ ଧୂସରର ମୃତ୍ୟୁ ଆଉ ବିଭଂଗ କାଳର
ଅନ୍ତ ହେଉ ଅଶ୍ଳୀଳ ଓ କୁତ୍ସିତ ରାଜପୂଜା
ଶୁଖିଲା ଆକାଶେ ଜାଗୁ ମେଘମାଳା, ହାଣ୍ଡିକଳା ଘୁମର ଘୁମର ॥"
(କୁବୁଜା ପାଇଁ ଗୋଟିଏ ସଂଗୀତ)

ସୋଲୋମନ୍‌ରେ ନିଃସଂଗ ମଣିଷର ଜୀବନଚିତ୍ର ବର୍ଣ୍ଣନା ଜନିତ ଉପଲବ୍ଧି ବର୍ଣ୍ଣିତ । ହୁକଟୋଲା ଦ୍ୱୀପରେ ଥିବା ଏକ ସରକାରୀ ଡ଼ାକ ବଂଗଳାର ତତ୍ତ୍ୱାବଧାରକ ରୂପେ କାର୍ଯ୍ୟରତ ସୋଲୋମନ୍ ସହ କବିଙ୍କର ପରିଚୟ ହୋଇଛି, ତାର ଚରିତ୍ର ଆଧାରରେ କବି ଏକ ନିଃସଂଗ ମଣିଷକୁ ସମୁଦ୍ର ସହିତ ସଂପର୍କିତ କରି ଆମର ପାରଂପରିକ ବିଶ୍ୱାସ ଆତ୍ମା ସହିତ ପରମାତ୍ମାଙ୍କ ସମ୍ବନ୍ଧକୁ ଅଧିକ ସୁଦୃଢ଼ କରିଛନ୍ତି ।

କବିଙ୍କର ତୃତୀୟ କବିତା ସଂକଳନ 'ଶବ୍ଦର ଆକାଶ' ସଂକଳନସ୍ଥ କବିତାରେ ମୃତ୍ୟୁ ଅନୁଭବ ଆହୁରି ପରିବ୍ୟାପ୍ତ ହୋଇଛି । 'କୁରୁକ୍ଷେତ୍ର', 'ଶରଶଯ୍ୟା ', 'ଅଭିମନ୍ୟୁ' ଶୀର୍ଷକ ତିନୋଟି କବିତା ମିଥଧର୍ମୀ । କୁରୁକ୍ଷେତ୍ର କବିତାର ଆରମ୍ଭରେ ସାଂପ୍ରତିକ ସମୟର ଅବକ୍ଷୟର ଚିତ୍ର ବିଶଦ ଭାବେ ବର୍ଣ୍ଣିତ । 'ସଂଜର ଖୋଷା' ଏହି ପରିବେଶକୁ ସୂଚାଇ ଦେଉଛି । କ୍ଷୟିଷ୍ଣୁ ପରିବେଶ ମଧ୍ୟରେ ମଣିଷ ମଣିଷ ପରି ବଞ୍ଚିପାରେ ନାହିଁ । ସତେଯେମିତି ଖୋଷା ଭିତରର ପୋକ ପରି ଏହା ସାଲୁବାଲୁ ହେଉଥାଏ । ସାମ୍ନାରେ କୁରୁକ୍ଷେତ୍ର ମହାଶ୍ମଶାନ । ଯେଉଁଠି ଖାଲି କୁଢ କୁଢ ଶବ । ନିମ୍ନ ପଂକ୍ତିରେ ଏହା ଦେଖାଯାଇପାରେ ।

" ସଂଜର ଖୋଷା ଭିତରେ ଗୋଟି ପୋକ
ଘୁମୋଉଥିଲି ଏକଲା ବାରଣ୍ଡାର ଗୋଟିଏ କଣରେ
ସାମ୍ନାରେ ମହାଶ୍ମଶାନ , ଦିନଟିର ଯୁଦ୍ଧକ୍ଷେତ୍ର
କୁହୁଡ଼ି ଓ ଅଂଧାରରେ ନିଭି ଆସୁଥିଲି ।" (କୁରୁକ୍ଷେତ୍ର)

ସଂକଳନରେ ସ୍ଥାନିତ ଅନ୍ୟାନ୍ୟ କବିତା ଯଥା – 'ଏରୋଡ୍ରମ', 'ଘର', 'ବଗିଚା', 'କୋଠରୀ', 'ହଂସ', ଇତ୍ୟାଦିରେ କବିଙ୍କର କାବ୍ୟିକ ଚେତନାର ଉତ୍ତରଣ ଲକ୍ଷ୍ୟ କରାଯାଇପାରେ । 'ଏରୋଡ୍ରମ' ଏକ ପ୍ରତୀକାତ୍ମକ କବିତା । ମଣିଷର ଘଟ ଏକ ଏରୋଡ୍ରମ । ଏରେପ୍ଲେନ୍ ହେଉଛି ଆତ୍ମା । ଆତ୍ମାରୂପୀ ଏରୋପ୍ଲେନ୍ ଆସୁଛି । କିଛି ସମୟ ବିଶ୍ରାମ ନେଉଛି । ପୁଣି ଆକାଶକୁ ଉଡ଼ି ଯାଉଛି । 'ଘର' ଓ 'ବଗିଚା' ମଧ୍ୟ ଏକ ଏକ ପ୍ରତୀକଧର୍ମୀ କବିତା । 'ଘର' ବାସମାନ ରୂପେ ବର୍ଣ୍ଣିତ ହୋଇଥିଲା ବେଳେ 'ବଗିଚା' ନଶ୍ୱର ଦେହର ପ୍ରତିନିଧିତ୍ୱ କରେ । 'ଅଷ୍ଟପଦୀ'ରେ ପରିଲକ୍ଷିତ ଆବେଗ ପ୍ରବଣତା, ଚିନ୍ତାର ଗଭୀରତା 'ଶବ୍ଦର ଆକାଶରେ' ମନ୍ଥର ଥିବାଭଳି ମନେ ହୁଏ ।

କବିଙ୍କର ଚତୁର୍ଥ କବିତା ସଂକଳନ 'ସମୁଦ୍ର' । ସମୁଦ୍ର ଏକ ଚେତନା । ଏକ ପରିମଣ୍ଡଳ,ଏକ ଅନୁଭୂତି। ସମୁଦ୍ର ସହିତ ଓତଃପ୍ରୋତ ଭାବେ ଜଡ଼ିତ କବି ସତ୍ତା । ସତେଯେମିତି ଏକ ଓ ଅଭିନ୍ନ । ତେଣୁ ସମୁଦ୍ର ଏକ ଅନ୍ତରଂଗ ଅନ୍ୱେଷାର ସ୍ୱର ପାଲଟି ଯାଇଛି । 'ସମୁଦ୍ର' ସଂକଳନ ତିନିଭାଗରେ ବିଭକ୍ତ । ପରିଚୟ ପ୍ରତିବେଶୀ ଓ ପରିଣାମ। ପରିଚୟ ପର୍ଯ୍ୟାୟରେ 'ସୂର୍ଯ୍ୟପୂଜା', 'ମୃତନଦୀ', 'ଓଟ ଓଏସିସରରାତି', 'ଗ୍ରୀଷ୍ମ', 'ବୃତ୍ତାଲୋକ', 'ସମୁଦ୍ର', 'ପରିଚୟ' କବିତାରେ ଦାର୍ଶନିକକ ଚିନ୍ତାର ସମାବେଶ ପରିଲକ୍ଷିତ ହୁଏ । ବେଦର ନାସଦୀୟ ସୂକ୍ତରେ ସମୁଦ୍ରକୁ ଆଦିସତ୍ତା ଭାବେ ବର୍ଣ୍ଣନା କରାଯାଇଛି । ସମୁଦ୍ର ହିଁ ଆଦିସତ୍ତା । ସମୁଦ୍ରରୁ ସବୁକିଛି ସୃଷ୍ଟି ଏବଂ ସମୁଦ୍ରରେ ହିଁ ସୃଷ୍ଟିର ବିଲୀନ। ସମୁଦ୍ର ସୃଷ୍ଟି କର୍ତ୍ତାଙ୍କର ନିବାସସ୍ଥଳୀ । ସମୁଦ୍ରରୁ ମେଘ । ମେଘରୁ ନଦନଦୀ, ପରିବେଶରେ ପୁଣି ସୁମଦ୍ରରେ ମିଶିବା। ବିଶ୍ୱରୂପରେ ପୁଣି ବିହୀନ । ପରିଚୟ ପର୍ବ ପରେ ସମୁଦ୍ର କବିଙ୍କ ଆଗରେ ଉଭା ହେଉଛି ପ୍ରତିବେଶୀ ରୂପରେ ଏଠାରେ ସମୁଦ୍ର ଉଦାର ପାଲଟି ଯାଉଛି । ମହାନ୍ ପାଲଟି ଯାଉଛି । ଭଗବାନଙ୍କର ଅନ୍ୟ ଏକ ରୂପ କହିଲେ ସମୁଦ୍ରକୁ ଗ୍ରହଣ କରାଯାଉଛି । ତୃତୀୟ ବିଭାଗ ପରିଣାମ ରେ ଦୁଇ ଭାଗର ମିଶ୍ରିତ ପରିଣତି । କବିତା ଗୁଡ଼ିକ ବାସ୍ତବତାର ସ୍ୱର ବହନକାରୀ ଚିରନ୍ତନ ସତ୍ୟ, ଜନ୍ମ, ମୃତ୍ୟୁ ଓ କାଳ ପ୍ରଭାବରେ ମଣିଷର ସ୍ଥିତି ସଂର୍ପକରେ କବିଙ୍କର ଭବିଷ୍ୟବାଣୀ ଏହି ପର୍ଯ୍ୟାୟର କବିତା ଗୁଡ଼ିକୁ ସାର୍ଥକ କରିଛି । ନିମ୍ନୋକ୍ତ ପଂକ୍ତିରେ ତାର ନିଦର୍ଶନ ଦେଖିବାକୁ ମିଳେ।

* ଏମାନେ ଜାଣିନାହାନ୍ତି / ଆଲୁଅ କେମିତି ମିଶେ ପାଣି ଆଉ ପବନରେ ଓ ପାଲଟେ /
ସାବ୍‌ଜା ରଂଗ ଘାସର ଚାଦର / ଡ଼ାଳପତ୍ରରେ ଯିଏ ସୁଅ ହୋଇ ବହୁଥାଏ
ସମ୍ରାଟଙ୍କ ସିଂହାସନ ଆଡ଼େ ।" ( ସମୁଦ୍ର : ସୂର୍ଯ୍ୟପୂଜା ) (ପରିଚୟ ପର୍ବ )

* ସମୁଦ୍ର ପାଖରେ ଆତ୍ମା ଅଳି କରି କହୁଛି –
"ଦୟା ମୁଁ ମାଗୁ ନାହିଁ ମ / କରୁଣା ମାଗୁନି / ମାଗୁଣି ଖାଲି ଏତିକି /
ମୋ ବେଢଂଗ ବଂକା ପାପୁଲି ରେ / କ୍ଷୀଣ ସ୍ମିତ ଆଲୋକିତ ମୁହଁ ତାର /
ଉଇଁ ଆସୁ କଳାକାହୁଁ ହୋଇ ।"
(ସମୁଦ୍ର : ନାମକରଣ ) ( ପରିଚୟ ପର୍ବ )

* "ତୁମକୁ ହିଁ ସ୍ୱପ୍ନ ଦେଖିବ ସଦାବେଳେ
ତମେ ହେବ ତାର ଶରତର ନଦୀ
କାଶ ଫୁଲରେ କ୍ଷୀଣ ଦୁର୍ବଳ ॥" ( ପରିଣାମ ପର୍ଯ୍ୟାୟ )

୧୯୮୦ ମସିହା ମଧ୍ୟରେ ପ୍ରକାଶ ପାଇଥିବା ସୀତାକାନ୍ତଙ୍କର ପଞ୍ଚମ କବିତା ସଂକଳନ 'ଚିତ୍ରନଦୀ' 'ଚିତ୍ରନଦୀ' କବିଙ୍କ ନିଜସ୍ୱ ଜୀବନାନୁଭୂତିର ପ୍ରତୀକ । ହୋଇପାରେ ବ୍ୟକ୍ତିଗତ ଅନୁଭୂତି, ହୋଇପାରେ ସଚ୍ଚିଦାନନ୍ଦ ଆତ୍ମସ୍ୱରୂପ, ହୋଇପାରେ ଗାଁ ପରିବେଶର ନଦୀ, ହୋଇପାରେ ସ୍ୱପ୍ନ ଓ ସ୍ୱପ୍ନଭଂଗର କଥା । ପରିଶେଷରେ ହୋଇପାରେ ମଧ୍ୟ ଜୀବନ ମୃତ୍ୟୁର ନୈରାଶ୍ୟ ବେଦନା ଓ ମୁକ୍ତିର ଆନନ୍ଦ । ଏ ନଦୀର ଦୁଇଟି ସ୍ରୋତ ଦୁଇଦିଗ ରେ ପ୍ରବାହିତ । କବିଙ୍କର ଆବେଗ ନିମ୍ନ ପଂକ୍ତିର ଏଇପରି ପ୍ରକାଶ ପାଇଛି –

"ଦୁଇ କୂଳ ଦୁଇ ସ୍ରୋତ / ନୁହେଁ ଆପଣାର ଦୁହେଁ ଅନ୍ତରଂଗ / କାହାକୁ ଛାଡ଼ି କାହାକୁ ନିଜର କରିପାରିବିନି/ ବୁଝିବ କେଡ଼େ ଯନ୍ତ୍ରଣାଦାୟକ ସେ ଅଂଗୀକାର / ସେ ପରିଗ୍ରହଣ ଓ ପ୍ରତ୍ୟାଖ୍ୟାନ ।"

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ହୁଏ ଯେ ସୀତାକାନ୍ତଙ୍କ କବିତାରେ ଜୀବନର ଜଟିଳ ବାସ୍ତବତା, ମୃତ୍ୟୁଜନିତ ଅବବୋଧର ଚମ୍‌କାର ରୂପାୟନ ଚିତ୍ର କଳ୍ପ ଓ ପ୍ରତୀକ ପ୍ରୟୋଗ ମାଧ୍ୟମରେ ହୋଇପାରିଛି । ଅନୁଭବ ହିଁ ତାଙ୍କ କବିତାର ମୁଖ୍ୟ ଉପାଦାନ । ପରବର୍ତ୍ତୀ ଓଡ଼ିଆ କବିତାକୁ ଏକ ନୂଆ ଦିଗରେ ପରିଚାଳିତ କରିବାରେ ସହାୟକ ହୋଇଛି ଏହା ନିର୍ବିବାଦରେ ସ୍ୱୀକାର କରାଯାଇପାରେ ।

୧୯୬୦ ପରବର୍ତ୍ତୀ ସମୟର ଅନ୍ୟତମ ଶ୍ରେଷ୍ଠ କବି ହେଉଛନ୍ତି ସୌଭାଗ୍ୟ କୁମାର ମିଶ୍ର । ୧୯୬୫ ମସିହାରେ ତାଙ୍କର ପ୍ରଥମ କବିତା ସଂକଳନ 'ଆତ୍ମନେପଦୀ' ପ୍ରକାଶ ପାଇଥିଲା । ୧୯୮୦ ମସିହା ମଧ୍ୟରେ ତାଙ୍କର ମଧ୍ୟପଦ ଲୋପୀ ୧୯୭୧, 'ନଇପହଂରା' ୧୯୭୩, 'ଅଂଧ ମହୁମାଛି' ୧୯୭୭, ପ୍ରକାଶ ପାଇଥଲା । 'ଆତ୍ମନେପଦୀ' ରେ ଗ୍ରଥିତ ସମସ୍ତ କବିତା କବିଙ୍କର ଯୁବାଅବସ୍ଥାରେ ରଚିତ । ବାହ୍ୟତଃ ଏହା ରୋମାଣ୍ଟିକ୍ ମନେ ହେଉଥିଲେ ମଧ୍ୟ ଏହାର ଅନ୍ତଃରୂପ କିନ୍ତୁ ରୋମାଣ୍ଟିକ ନୁହେଁ । ସଂକଳନର ପ୍ରଥମ କବିତା 'କୃଷ୍ଣ ଚୂଡ଼ା'। ରୋମାଣ୍ଟିକ ଚେତନାରେ ବିମୋହିତ କବି ସାମନାରେ ନାରୀର ସୂକ୍ଷ୍ମ ସତ୍ତାକୁ ଦେଖୁଛନ୍ତି । କବି ଦୃଷ୍ଟିରେ -

"ଏ ବାଟରେ ଗଲା ବେଳେ ମନେ ମନେ କେତେ ଇଚ୍ଛା ହୁଏ
ଟିକିଏ ପାଆନ୍ତି ଭଲ ତା ଗରବ ଏତେ ଭଲ ଲାଗେ ॥" ('କୃଷ୍ଣଚୂଡ଼ା' ଆତ୍ମନେପଦୀ ପୃ-୧)

ମନରୁ ନାରୀର ଦୃଶ୍ୟ ଅପସରି ଯିବାପରେ ସେ ପୁଣି ଫେରିଛନ୍ତି ବାସ୍ତବତା ଭିତରକୁ ଯନ୍ତ୍ରଣା ଦଗ୍ଧ ପୃଥିବୀ ପୃଷ୍ଠକୁ । ହୋଇ ପାରେ ସେ ନାରୀ ତାଙ୍କ ପ୍ରେମିକା ସାଜି କିଛି କ୍ଷଣ ପାଇଁ କବିଙ୍କୁ ଯନ୍ତ୍ରଣା କ୍ଲିଷ୍ଟ ପୃଥିବୀରୁ ଦୂରକୁ ନେଇଯାଇଛି । ଏହି ଚେତନାର ବଳିଷ୍ଠ ରୂପ କବି ଦେଖିବାକୁ ମିଳେ ଓ ଅସ୍ତଜହ୍ନର, ଲିଜି କବିତାରେ । ଜହ୍ନ ଏଠାରେ ଆଶାର ପ୍ରତୀକ । ଉଦ୍ଦୀପନାର ପ୍ରତୀକ । ଜହ୍ନ ଯେତେବେଳେ ଅସ୍ତ ହୋଇ ଯାଉଛି ସେତେବେଳେ ମଣିଷ ହୃଦୟରେ ଏକ ଅଜଣା ଭୟ ସୃଷ୍ଟି ହେଇଛି । ଜହ୍ନ ମଧ୍ୟରେ କବି ନାରୀ ରୂପକୁ ଲକ୍ଷ୍ୟ କରିଛନ୍ତି । ଏହି ରୂପର ଉପଲବ୍ଧିରେ କବି ଆନନ୍ଦିତ । ତାର ଅବର୍ତ୍ତମାନରେ କବି ପ୍ରାଣ ବ୍ୟଥା ବେଦନା ରେ ଜର୍ଜରିତ । ସଂକଳନରେ ସ୍ଥାନିତ 'ବାଲିଯାତ୍ରା', 'ପ୍ରଥମ ସର୍ଗ', 'ହାତ', 'ପରିକ୍ରମା', 'ମେଘ', 'ବର୍ଷା' ଇତ୍ୟାଦି କବିତାରେ ରୋମାଣ୍ଟିକ୍ ଭାବନା କବିଙ୍କୁ ଯେମିତି ଆଚ୍ଛନ୍ନ କରୁଛି । ଠିକ୍ ସେମିତି ମଣିଷ ପଣର ରୁଗ୍‌ଣ ଚେତନା ଭାବାନ୍ତର ସୃଷ୍ଟି କରୁଛି । ସ୍ୱାଧିନତା ପରବର୍ତ୍ତୀ କାଳୀନ ସାମାଜିକ ଅବ୍ୟବସ୍ଥା, ମଣିଷର ସ୍ୱପ୍ନ ଭଂଗ ଅବସ୍ଥା, ଯୁବଗୋଷ୍ଠୀର ପଳାୟନ ବାଦୀ ମନବୃତ୍ତି 'ଆତ୍ମଲିପି' କବିତାରେ ସ୍ଥାନ ପାଇଛି । 'ସମୁଦ୍ର ଓ ମୁଁ କବିତା' ରେ କବି ଧର୍ମପଦର ଆତ୍ମାକୁ ନେଇ ଇତିହାସର ଅତୀତକୁ ଅନ୍ୱେଷଣ କରିଛନ୍ତି । ବସନ୍ତ କବିତା ମଧ୍ୟ ରେ କବି ବସନ୍ତ ଋତୁ ରେ ଜୁଇ ଜଳିବାର ଦୃଶ୍ୟକୁ ଲେଖିଛନ୍ତି । କବିଙ୍କ ଭାଷାରେ -

" ରକ୍ତରେ ଜଳୁଛି ଜୁଇ
ସେମାନଙ୍କ ଦେହବି ଜଳୁଛି

ସେମାନେ ଚିତ୍କାର କରି ଭାଙ୍ଗୁଛନ୍ତି
ମୋର ସବୁ ହାଡ଼ ॥ ” (ବସନ୍ତ ଆତ୍ମନେପଦୀ ପୃ -୬୫ )

କବିଙ୍କର ଦ୍ୱିତୀୟ ସଂକଳନ ‘ମଧପଦଲୋପୀ’। ‘ଆତ୍ମନେପଦୀ’ ଅପେକ୍ଷା କବି ଏହି ସଂକଳନରେ ବେଶ୍ ବୌଦ୍ଧିକ ଓ ଶୃଙ୍ଖଳିତ ମନେହୁଅନ୍ତି । ମଣିଷର ଅନ୍ତର୍ଦୃଷ୍ଟିକୁ ଏଥିରେ ସେ ଗଭୀର ଭାବେ ନିରୀକ୍ଷଣ କରିଛନ୍ତି । ଏହି ଅନୁଶୀଳନରେ କାବ୍ୟିକ ରୂପ ବହନ କରେ ‘ଆତ୍ମହତ୍ୟା’, ‘ପରିବ୍ରାଜକ’, ‘ଜନାର୍ଦ୍ଦନ ଦାସ’, ‘ଶୁକଦେବ ଜେନା, ‘ଚଉଠିରାତି’, ‘ହାତ’, ‘ଧ୍ରୁବର ଉକ୍ତି’ ଇତ୍ୟାଦି କବିତା । ‘ଜନାର୍ଦ୍ଦନ ଦାସ’ ଚଳନ୍ତି ସମୟର ଅଗଣିତ ବୃଦ୍ଧ ବୃଦ୍ଧାଙ୍କର ପ୍ରତୀକ । ଯେଉଁ ମାନଙ୍କୁ ବାର୍ଦ୍ଧକ୍ୟର ଅସହାୟତା ଅସହ୍ୟ ଦୁଃଖରେ ଜର୍ଜରିତ କରେ । କବି ଏହି ଚରିତ୍ର ମାଧ୍ୟମରେ ସମାଜର ଅଗଣିତ ବୃଦ୍ଧବୃଦ୍ଧାଙ୍କୁ ବଞ୍ଚି ରହିବାର ପଥ ଦେଖାଇଛନ୍ତି । ସେହିପରି ଶୁକଦେବ ଜେନା ମଧ୍ୟ ଏକ ପ୍ରତିନିଧି ସ୍ଥାନୀୟ କବିତା । ସମକାଳୀନ ଜୀବନର ବ୍ୟର୍ଥତା ଆମ ସଭ୍ୟତା ଓ ସଂସ୍କୃତିର ଅବକ୍ଷୟର ବାସ୍ତବ ରୂପ ଏହି କବିତାରେ ଦେଖିବାକୁ ପାଇଥାଉ ।

ତୃତୀୟ ସଂକଳନ ‘ନଈପହଁରା’ରେ କବିଙ୍କର ଜୀବନବାଦୀ ଦୃଷ୍ଟିକୋଣ ସୁସ୍ପଷ୍ଟ । ‘ନଦୀ’ ଏଠାରେ ଜୀବନର ପ୍ରତୀକ । ପ୍ରଗତିର ଅନ୍ୟ ନାମ ମଧ୍ୟ ନଦୀ । ଏହା ଜୀବନ ପରି ଗତି ଶୀଳ ଓ ପରିବର୍ତ୍ତନ ଏହାର ଧର୍ମ । ଜନନୀ ଜଠର ମଧ୍ୟ ନଦୀ ପରି ନିରାପଦ ମାତ୍ର ଚିର ଦିନ ମଣିଷ କଣ ଏହି ନିରାପଦ ସ୍ଥାନରେ ରହିପାରିବ ? ବଞ୍ଚିବାକୁ ହେଲେ ତାକୁ ସଂଘର୍ଷ କରିବାକୁ ହେବ । ମରଣଶୀଳ ସଂସାରକୁ ହିଁ ଫେରିବାକୁ ହେବ । ସୁଖ ଦୁଃଖ ମଧ୍ୟରେ ସଂସାରକୁ ତର୍ଜମା କରିବାକୁ ହେବ । ନୀଳକଣ୍ଠ ସାଜି ସଂସାରକୁ ଗରଳକୁ ପାନକରିବାକୁ ହେବ । ତଥାପି ମଧ୍ୟ ନିସ୍ତାର ପାଇବନାହିଁ । ‘ନଈପହଁରା’ କବିତାରେ କବି କୁହନ୍ତି –

“ନୀଳକଣ୍ଠ ହେଲେ ବି ତ ରକ୍ଷା ନାହିଁ
ବାହାରିଆ କେତେ ଆଉ ଘାଣ୍ଟିବୁ ପାଣି କି ?”

ସଂକଳନରେ ସ୍ଥାନିତ ‘ଖେଳ’ କବିତା ରେ କବି ପୃଥିବୀରେ ବାସ କରୁଥିବା ମଣିଷର ବିମର୍ଷ ଭାଗ୍ୟ ସଂପର୍କରେ ଉଲ୍ଲେଖ କରିଛନ୍ତି । ମଣିଷ ଏଭଳି ଏକ ବ୍ୟକ୍ତିତ୍ୱ ଯେ କି ସଦା ସର୍ବଦା ଅସନ୍ତୁଷ୍ଟ । କେବେ ସେ ସନ୍ତୁଷ୍ଟ ହୋଇପାରେନା ଝାଟି ମାଟି ଘରେ ରହୁଥିବା ମଣିଷଟି କୋଠା ଘର ପାଇଁ ଲୋଭ କରେ ‘‘ସେ ଭାବେ ଭାଗ୍ୟରେ ଥିଲେ କାଲି ସକାଳୁ କୋଠା ତୋଳା ହେବ ।’’ ‘ମଧପଦ ଲୋପୀ’ ଓ ‘ନଈପହଁରା’ ପରେ ୧୯୭୭ ମସିହାରେ ପ୍ରକାଶ ପାଏ ‘ଅନ୍ଧମହୁମାଛି’ ସମୁଦାୟ ୮୪ଟି କବିତାର ସମାହାର । ଦୈହିକ କାମଜ ପ୍ରେମ ଅଧିକାଂଶ କବିତାର ମୁଖ୍ୟ ଅନୁଭବ । ଆବେଗ ମାଧ୍ୟମରେ ଏହାକୁ ଯେ କେହି ଅନୁଭବ କରିପାରିବେ । ଯେପରି ଶଶିଦେଈ କାନ୍ଦ, ‘ଦ୍ରାର୍ଜିଲିଂ’, ‘ହରପ୍ରସାଦ’ କବିତା ଆଉ ଏକ ସ୍ତର ମଧ୍ୟ କବିତାରେ ପ୍ରକାଶ ପାଇଛି । ମଣିଷ ମନର ଯନ୍ତ୍ରଣା, କ୍ଳେଷ ଜନିତ ଅନୁଭବ । ଏହାର ମଧ୍ୟ ମୂଳ ଭିତ୍ତିଭୂମି ପ୍ରେମ କାମନା । ଶଶିଦେଈ କାନ୍ଦ କବିତାରେ ପରକୀୟା ପ୍ରୀତିରେ ‘ଦ୍ରାର୍ଜିଲିଂ’ କବିତାରେ ପ୍ରେମର ଅନ୍ତରଂଗ ତାର ଚିତ୍ରଣ ପରେ ‘ହରପ୍ରସାଦ’ରେ ବ୍ୟବସାୟୀ ପ୍ରେମର ମୋହାସିକ୍ତ ପରେ, ଯାହା ଅବଶିଷ୍ଟ ରହେ ତାହା ହେଉଛି କ୍ଲେଶଯନ୍ତ୍ରଣା । ଏହି ସଂକଳନରେ ସ୍ଥାନିତ । ଆଉ ଏକ ଉଲ୍ଲେଖନୀୟ କବିତା କ୍ୱାଲାଲଂ ପୁର । ଯେଉଁଠି ଯନ୍ତ୍ରଣା କ୍ଷୟ କ୍ଷତି ଅନିଶ୍ଚିତ ମନୋଭାବର ସ୍ପଷ୍ଟ ପରି ପ୍ରକାଶ

ଘଟିଛି । 'ଶେଷାଙ୍କ' କବିତା 'ଅନ୍ଧ ମହୁମାଛି'ରେ ବ୍ୟକ୍ତିର ହତାଶାବୋଧ ନିର୍ଜନତାର ମନୋଭାବ, ଅର୍ଥହୀନ ଜୀବନର ଗ୍ଲାନି ପ୍ରକାଶ ପାଇଛି । ମହୁମାଛିର ଅଂଧତ୍ୱ ଏକ ପ୍ରତୀକ । କବିତାରେ ନାୟକ ମଧ୍ୟ ଅନ୍ଧ । ଯନ୍ତ୍ରଣା ଦଗ୍ଧ ଜୀବନ ମଧ୍ୟରୁ ଅନ୍ଧ ରାସ୍ତା ଖୋଜିଲା ପରି ନାୟକ ଜୀବନର ରାସ୍ତା ଖୋଜିଚାଲିଛି । ରାସ୍ତା ଖୋଜି ଖୋଜି ଠିକଣା ଜାଗାରେ ପହଁଞ୍ଚିବ କି ନା ଜାଣେନା । ପରିଣତି ମଧ୍ୟ ସମ୍ଭାବନା ହୀନ । ଶେଷରେ ଅନ୍ଧ ସମୟ କବଳରୁ ମୁକ୍ତି ପାଇପାରିନି । କବିଙ୍କ ବର୍ଣ୍ଣନାରେ –

"ଆଉ ମତେ ବୁଝି ଯିବାକୁ ହୁଏଯେ
ଆଉ କିଛି ସମୟ ପରେ ଆମେ ସମସ୍ତେ ଶୋଇପଡ଼ିବା
ଆମ ପାଦ ଉପରେ ଚାଲି ଜୀବ ସାପ ପରି ମସୃଣ ସମୟ
ହାତ ପାଆନ୍ତାରେ କଢ଼ି ଖୋଲିଯିବ ପାଖୁଡ଼ା ପାଖୁଡ଼ା ଫୁଲକୁ ॥"

ମହୁମାଛିର ଉଡ଼ିବା ମଧ୍ୟ ପ୍ରତୀକାତ୍ମକ । ମହୁମାଛି ଅନ୍ଧ ହୋଇ ପାରେ ମାତ୍ର ମଧୁ ଖୋଜିବା ତାର ସହଜାତ ପ୍ରବୃତ୍ତି । କବି ଦୃଷ୍ଟିରେ ମଧୁ କେବଳ ଫୁଲ ରେ ନାହିଁ ସାରା ସଂସାର ମଧୁରେ ପରିପୂର୍ଣ୍ଣ । ଅ ଠାରୁ କ୍ଷ ଯାଏ ମଧୁ ହିଁ ମଧୁ । କବିଙ୍କ ଲେଖାରେ ଏହିପରି ପ୍ରକାଶିତ –

"ସବୁଠି ମହୁ, କଟକରେ କଦମ୍ବରେ ଖଟରେ ଖଳାରେ
ମେଘରେ ମନ୍ଦିରରେ ଯୋନିରେ ଯାତ୍ରାରେ
ହୋମରେ ହନନରେ କ୍ଷତରେ କ୍ଷମାରେ ॥"

କବିଙ୍କର ଏହି ଅନୁଭବ ଗୋଟିଏ ଜଟିଳତର ଚେତନାର ଅଂଶ ମାତ୍ର । ଯେଉଁଠି ଆନନ୍ଦ ସହିତ ନିରାନନ୍ଦ ଅଛି । ମାଧୁର୍ଯ୍ୟ ଅଛି, ଯନ୍ତ୍ରଣା ମଧ୍ୟ ଅଛି, ଆଲୋକ ଅନ୍ଧାର ସବୁ କିଛି ଅଛି । ଯଦି ଗୋଟିଏ ସ୍ତରକୁ ଗ୍ରହଣ କରି ଆମେ ଦେଖି ନପାରିବା ଆଉ ଏକ ସ୍ତର ମଧ୍ୟ ଅଛି । ଯେତେ ହତାଶବୋଧ ରେ ଜର୍ଜରିତ ହେଲେ ମଧ୍ୟ ଏହା ହିଁ ଜୀବନର ଗତିଧାରା । କବି କହନ୍ତି –

ଅଂଧ ମହୁମାଛି ଉଡୁଥା ବୁଲୁଥା ବୁଲୁଥା
କିଛି ଦେଖିନା ଦେଖିନା ଯାହା ପାରୁଛୁ ଶୁଣ୍ଢ ପୁରାଇ ଚୋଷିନେ ଚୋଷିନେ ॥

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାକୁ ସମୃଦ୍ଧିବନ୍ତ କରିବାରେ ସୌଭାଗ୍ୟଙ୍କ କବିତା ଯେ ସହାୟକ ହୋଇଛି । ଏହା ନିଃସନ୍ଦେହରେ ସ୍ୱୀକାର କରାଯାଇପାରେ । ୧୯୬୦ ପରବର୍ତ୍ତୀ ସମୟର ଅନ୍ୟତମ କବି ଜଗନ୍ନାଥ ପ୍ରସାଦ ଦାସ ୧୯୮୦ ମସିହା ଭିତରେ ତିନିଗୋଟି ତାଙ୍କର ସଂକଳନ ପ୍ରକାଶ ପାଇଛି । ୧୯୭୧ ରେ ପ୍ରଥମ ପୁରୁଷ, ୧୯୭୬ରେ 'ଅନ୍ୟସବୁ ମୃତ୍ୟୁ' ୧୯୭୯ରେ 'ଯେ ଯାହାର ନିର୍ଜନତା' । ଅଧିକାଂଶ କବିତାର ମୁଖ୍ୟ ଆବେଦନ ପ୍ରେମ । ପ୍ରେମର ଗଭୀରତା ସାଙ୍ଗକୁ ସହରୀ ଜୀବନର ଶୂନ୍ୟତା, ନିରର୍ଥକତା, ନୀରବ ନିଶ୍ଚଳ ଜୀବନର ଚିତ୍ର ବର୍ଣ୍ଣିତ । ପ୍ରଥମ ପୁରୁଷର କବଚ କବିତାରେ –

"ମୋର ମନ ରହିଗଲା ମହାଶୂନ୍ୟତାରେ
ମୋ ନିଜର ଛାଇ ସବୁ ଦୀର୍ଘତର ହେଲେ
ସେମାନେ ନଥିଲେ ପ୍ରେତ
ତଥାପି ମୁଁ ଭୟ କଲି
ପଛକୁ ଫେରିଲି
ଅତି ସନ୍ତର୍ପଣେ ମୋର ଗାଡ଼ି
କବାଟକୁ ବନ୍ଦ କଲି ॥"(କବଚ-ପ୍ରଥମ ପୁରୁଷ ପୃ -୨୧)

ପ୍ରେମ ଭିତରେ ମଧ୍ୟ ପାଇ ନପାଇବାର ଅନୁଭବ । ନିର୍ଜନତା ଓ ଶୂନ୍ୟତା କବିଙ୍କୁ ବାଧ୍ୟ କରଛି ନିଜର ପରିଚିତ ପୃଥିବୀରୁ ବାହାରି ଯିବାକୁ । କବିଙ୍କ ବର୍ଣ୍ଣନାରେ -

କେବେ କେବେ ଇଚ୍ଛା ହୁଏ
ଏଇ ମୋର ଜୀବନ ଯେଉ ପରିଧିର କେନ୍ଦ୍ର
ସେ ପରିଧି ବାହାରକୁ ଯାଇ ମୁଁ ଦେଖିବି ॥

କିନ୍ତୁ ପରିଧିବାହାରକୁ କୁଆଡ଼େ ଯିବେ ? ପରିଚିତ ପରିଧିବାହାରେତ ମହାଶୂନ୍ୟ ଏକ ଅଦ୍ଭୁତ ଦେଶ । ଯେଉଠାକୁ ଥରେ ଗଲେ କେହି ଫେରେ ନାହିଁ ।

" ସେ ଏକ ଅଦ୍ଭୁତ ଦେଶ
ଶୂନ୍ୟ ମହାଶୂନ୍ୟ
ଯେପରି ମୋ ଜୀବନର ବିଫଳ ମଧ୍ୟାହ୍ନ
ଆକାଶରେ ବୁଲୁଥିଲେ ଛାଇ ସବୁ ॥"

ତୀବ୍ରଶୂନ୍ୟତାର ଅନୁଭବକୁ ନିଜ ଜୀବନରେ ଅନୁଭବ କରୁ କରୁ କବି ଲେଖିବସନ୍ତି -

"ଅନେକ ଅନେକ ବନ୍ଧ୍ୟା ଅନ୍ତରୀକ୍ଷ ଆସି /ମୋ ଭିତରେ ଆଶ୍ରୟ ଖୋଜିଲେ
ମୋର ମନ ଭରିଗଲା ମହାଶୂନ୍ୟତାରେ / ମୋ ନିଜର ଛାଇ ସବୁ ଦୀର୍ଘତର ହେଲେ ॥"

'ଅନ୍ୟସବୁ ମୃତ୍ୟୁ' ସଂକଳନରେ ପ୍ରେମ ଜନିତ ଅନୁଭବ ସାଙ୍ଗକୁ, ମୃତ୍ୟୁ ଜନିତ ଶୂନ୍ୟତାବୋଧ, ନୂତନ ମୂଲ୍ୟବୋଧର ସଂଧାନରେ କବି ବ୍ରତୀ ହୋଇଛନ୍ତି । କବିତା 'ସଂଧ୍ୟା ଠିକ୍ ଛଅ' ଟାରେ କବି କହୁଛନ୍ତି-

"ତମେ କଥା ଦେଇଥିଲ / ଠିକ୍ ଛ'ଟାରେ ଦେଖା / ସଂଧ୍ୟା ଠିକ୍ ଛଟା ଓ ଆମେ ଏକା /
ଦୁଇ ଜଣ ଏଇ ଭଳି ସହର ସୀମାରେ .........॥"

ଦେଖା ହେବା ଅନ୍ତିମ ବିନ୍ଦୁ ନୁହେଁ । ଏଠାରୁ ହିଁ ଅନ୍ୟାନ୍ୟ ଅନୁଭବର ଆରମ୍ଭ ପ୍ରେମିକ ପାଇଁ ବ୍ୟାକୁଳିତ ଭାବ ଦେହ ମନକୁ ଅସ୍ଥିର କରିପକାଉଛି ।

"ସକାଳରୁ ସଂଧ୍ୟା / ଏବଂ ସଂଧ୍ୟାରୁ ସକାଳ ଯାଏ । ମୋ ନିଦରେ ସ୍ୱପ୍ନ ନାହିଁ ସ୍ମୃତି ନାହିଁ / ଇଚ୍ଛା ନାହିଁ ପ୍ରତିଶ୍ରୁତି ନାହିଁ । ତୁମେ କି ଖୋଜିବ ମତେ ଉଚ୍ଚାଟରେ / ଏପରି ସଂଧ୍ୟାରେ / ଅସ୍ତବ୍ୟସ୍ତ ପଲଙ୍କରେ, ପଣତ କବରୀରେ /ହାତ ଦେଇ ତମର ଛାତିରେ ।"

ଏହି ବ୍ୟାକୁଳିତ ଭାବ କବି ଚିତ୍ତରେ ବହୁ ଅନ୍ୱୟ - ପ୍ରତ୍ୟନ୍ୱୟ ସୃଷ୍ଟି କରିଛି । ମନେ ହୋଇଛି ସତେ ଯେମିତି ଏହା ଜୀବନର ଅନ୍ତିମ ଦିନ। ସମାଧାନର ସୂତ୍ର ଖୋଜିଛି କବି । ଖୋଜୁ ଖୋଜୁ ସତ୍ୟ-ଅସତ୍ୟ ମଧ୍ୟରେ ମୃତ୍ୟୁବୋଧର ଅନୁଭବ ପାଖରେ ପହଞ୍ଚିଛି । ମନେ ହୋଇଛି ସତେ ଯେମିତି -

"ଏ ଯେମିତି ଶେଷ ଦିନ ଜୀବନର / ଧ୍ୱଂସ ଓ ବିଲୟ ହେବ ପୃଥିବୀର / ଆଜିର ସଂଧ୍ୟାରେ ॥"

ପ୍ରେୟସୀର ଶୁଭ ମନାସି ସୁଦିନ କାମନା କରି କବି କହନ୍ତି -

"ଏଭଳି ମୁହୂର୍ତ୍ତ ସବୁ / ତମ ପାଇଁ ଶୁଭଙ୍କର ହେଉ / ତମେ ଫୁଟ ଫୁଲ ହୋଇ ଅନେକ ଋତୁରେ / ତମେ ଆୟୁଷ୍ମତୀ ହୁଅ / ତମେ ହୁଅ ପୁତ୍ରବତୀ / ସୁଜଳା ସୁଫଳା ହେଉ ତୁମର ପୃଥିବୀ ।" ( ଅନ୍ୟ ସବୁ ମୃତ୍ୟୁ-ପୃ-୧୨୩)

ଏହା ପରେ କବିଙ୍କର 'ଯେ ଯାହାର ନିର୍ଜନତା' ପ୍ରକାଶ ପାଏ । 'କିଏ ଜାଣିଛି କେତେ ସମୟ', 'ଯଦି କିଛି ପ୍ରଶ୍ନ କରିହୁଏ', 'ଭାଙ୍ଗି ପଡୁଥିବା ଦୁର୍ଗରେ', 'ତମ ସହିତ ଛଟି ଘଣ୍ଟା', 'ହେ ମୋର କୃତାର୍ଥ ଆଖି' ଆଦି ଅଣଚାଶଟି କବିତାର ସମାହାର ଏହି କବିତା ଗ୍ରନ୍ଥ । ଶୂନ୍ୟତା, ଯନ୍ତ୍ରଣାଦଗ୍ଧ କବଳିତ ଜୀବନରେ ସତ୍ୟର ନିଚ୍ଛକ ପ୍ରତିଫଳନ ଘଟିଛି । ସତେ ଯେମିତି ଜୀବନ ନିଃସଂଗତାରେ ପରିପୂର୍ଣ୍ଣ । ଆନନ୍ଦ ନାହିଁ ଜୀବନରେ ମାଧୁର୍ଯ୍ୟ ମଧ ନାହିଁ । ସଦାସର୍ବଦା ମୃତ୍ୟୁର କରାଳ ଛାୟା ଜୀବନକୁ ଗ୍ରାସ କରୁଛି । 'ଅସମୟ ଶଙ୍ଖଧ୍ୱନି' କବିତାରେ ସେ ସୂଚାଇଛନ୍ତି -

"ମନ୍ଦିରର ଶିଖର ଭାଙ୍ଗି ପଡୁଛି / ଭଙ୍ଗା କାନ୍ଥ ଖସୁଛି ପୂଜାରୀ ଉପରକୁ /
ପଣ୍ଡିତମାନଙ୍କର ଗଣନାରେ ଅମଙ୍ଗଳ / ମନ୍ତ୍ର ସବୁ ଖଣ୍ଡ ଖଣ୍ଡ /
ବିରୂପ ଓ ବିକୃତ ହୋଇଯାଉଛି ।"(ଅସମୟ ଶଙ୍ଖଧ୍ୱନି - ଯେ ଯାହାର ନିର୍ଜନତା, ପୃ-୨୩୪)

"ନିଃସଂଗତାକୁ ଅନ୍ତରଂଗ କରିଥିଲି / ତମର କଣ୍ଠସ୍ୱର ଶୁଣିବା ଆଗରୁ /

ଏବଂ ମୃତ୍ୟୁକୁ ଉପଲବ୍ଧି କରିଥିଲି / ତମେ ଜନ୍ମ ନେବା ପୂର୍ବରୁ ॥"(ତମକୁ ନ ଦେଖିବା ପର୍ଯ୍ୟନ୍ତ, ପୃ-୨୩୫)

ଜୀବନଯାପନର ବହୁମୁଖୀ ପ୍ରକ୍ରିୟା ମଧ୍ୟରୁ ବିବିଧ ଚେତନା ଚୟନକରି କବି ପ୍ରେମ ଓ ମୃତ୍ୟୁକୁ ସ୍ୱୀକୃତି ପ୍ରଦାନ କରିଛନ୍ତି କବତାରେ କବିଦୃଷ୍ଟିରେ ପ୍ରେମ ସବୁଠାରୁ ସୁନ୍ଦର ବ୍ୟର୍ଥତା । ମୃତ୍ୟୁ ଏଭଳି ଏକ ଶବ୍ଦ ଯାହାର ସଂଜ୍ଞା ଜଟିଳ । ଯାହାର ପରିଭାଷା ଗୋଟିଏ ଶବ୍ଦ, ବାକ୍ୟରେ ବା ଗୋଟିଏ କବିତାରେ ସମ୍ଭବ ନୁହେଁ । ଜୀବନ ମୃତ୍ୟୁ ସମ୍ଭାବନାର ଗଭୀର ଉପଲବ୍ଧି ହିଁ ଜୀବନ । ୧୯୮୦ ମସିହା ପୂର୍ବରୁ ପ୍ରକାଶିତ ତିନୋଟି କବିତା ସଂକଳନରେ ଏହା ମୁଖ୍ୟ ସ୍ୱର ଭାବେ ପ୍ରକାଶ ପାଇଛି ।

ଏହି ସମୟର ଅନ୍ୟତମ ବଳିଷ୍ଠ କାବ୍ୟ ସ୍ୱର ହେଉଛନ୍ତି କବି ଦୀପକ ମିଶ୍ର। ୧୯୬୧ ମସିହାରେ ତାଙ୍କର ପ୍ରଥମ କବିତା ସଂକଳନ 'ଅସମାପିକା' ପ୍ରକାଶ ପାଇଥିଲା । ଏହାପରେ ୧୯୭୦ ମସିହାରେ ନିଷିଦ୍ଧହ୍ରଦ, ୧୯୭୧ ରେ 'ନିର୍ଜନ ନକ୍ଷତ୍ର', ୧୯୭୪ ରେ ମଧ୍ୟାହ୍ନର ଛାଇ ଓ ସପ୍ତମ ପୃଥିବୀ -୧୯୭୭, ଅରଣା ମଇଁଷି -୧୯୭୯ରେ ପ୍ରକାଶ ପାଇଛି । ସାଂପ୍ରତିକ ଜୀବନ ଯନ୍ତ୍ରଣା ଓ ବ୍ୟର୍ଥତା ଅନୁଭବ ତାଙ୍କ କବିତାର ମୁଖ୍ୟସ୍ୱର । କାବ୍ୟିକ ଉପଲବ୍ଧି ବେଶ୍ ସମ୍ବେଦନଶୀଳ । ଜୀବନ ଓ ମୃତ୍ୟୁର ଚେତନା ରହସ୍ୟ ଓ ସୌନ୍ଦର୍ଯ୍ୟ ଜନିତ ଅନୁଭବ ମଧ୍ୟରେ ରୂପାୟିତ । ପ୍ରାଥମିକ ପର୍ଯ୍ୟାୟରେ ଦୁଇଟି କବିତାକୁ ଉଦାହରଣ ସ୍ୱରୂପ ନେଇ ଆଲୋଚନା କରୁଛି । 'ଶୋକପ୍ରସ୍ତାବ' କବିତାର ମୁଖ୍ୟ ଅନୁଭବ ମୃତ୍ୟୁ । ଏହା ପୁଣି ଦୁଇଟି ସ୍ତରରେ ପ୍ରକାଶିତ, ଗୋଟିଏ ସ୍ତରରେ କବି ନିଜସ୍ୱ ମୃତ୍ୟୁ ସଂପର୍କରେ କଳ୍ପିତ କଥା ବର୍ଣ୍ଣନା କରୁଛନ୍ତି । ଅନ୍ୟ ଏକ ସ୍ତରରେ ନିଜର କାର୍ଯ୍ୟାବଳୀ ସହିତ ମୃତ୍ୟୁର ସଂପୃକ୍ତିକୁ ଯୋଡ଼ିଛନ୍ତି । ଯେପରି -

" ମୃତ୍ୟୁକୁ ମୁଁ ଅନୁଭବ କରେ / କଳା କଳା ଢେଉ ଭଳି ଜନ ଗହଳିରେ /
ମୃତ୍ୟୁକୁ ମୁଁ ସ୍ପର୍ଶ କରେ / ମୋ ନିଜ ସନ୍ତାନର ନରମ ଆଙ୍ଗୁଳିର
ତୁଳା ଅଂଶ ପରି / ମୃତ୍ୟୁକୁ ମୁଁ ଭୟ କରେ / କେଉଁ ଉଲଗ୍ନ
ଅଂଧାରରେ ହଜିବାର ପରିଶ୍ରମ ଭଳି / ମୃତ୍ୟୁକୁ ମୁଁ ପ୍ରେମ କରେ /
ପ୍ରତିଦିନ ନୂଆ ସ୍ୱାମୀମାନଙ୍କୁ ପ୍ରେମ କରିବାର ନିଶା/ ଆଉ ନିରର୍ଥକ ସ୍ୱପ୍ନ ପରି ।।"

ଦ୍ୱିତୀୟ କବିତାରେ ବିଷାଦ ମନୋଭାବର ବର୍ଣ୍ଣନା -

"ଆମ ପାଇଁ କେଉଁ ମାସ / ନୂଆ ମାସ ନୁହେଁ / କେଉଁ ଋତୁ
ନୂଆ ଋତୁ ନୁହେଁ / ତେଣୁ ଶୂନ୍ୟରୁ ଆସୁଥିବା ସବୁ ଦଳ ଦଳିଯାଇ /
ଘନ ଘନ ତାଜା ଦୀର୍ଘଶ୍ୱାସ ହୋଇ / ଖେଦିଯାଏ ଆକାଶ ସେପାରି
ଥିବା / ଆଲୋକ ମଣ୍ଡଳ ଓ ମୋ ନାଭି କମଳରେ /.......।"

ନିର୍ଜନତା ଜନିତ ମନୋଭାବର ପରିପ୍ରକାଶ ନିରବଧି ନାଭିଶ୍ୱାସରେ ମଧ୍ୟ ପ୍ରକାଶ ପାଇଛି । " ପବନର ପାହାଚ ଡ଼େଇଁ / କେବେ କେମିତି ଆସିଛି ନିର୍ଜନତାର / ପରିଶ୍ରାନ୍ତ ପାଦ / ନିର୍ମୋହ ହାତ / ନେବା ପାଇଁ ମୋ ଛାଇରେ ବିଶ୍ରାମ /.............. ଦେଖେ ସମୟର ଚେହେରାରେ ନିର୍ଜନତା ଉଭା ହୋଇଅଛି / ପଛରେ ଠିଆ ହୋଇ ମୁର୍କି ହସା ମାରୁଅଛି / ଅନ୍ତରଂଗ ସାଙ୍ଗ ଭଳି ନିଷ୍କାମ ସକାଳ ।"

ଆଲୋଚିତ କବିମାନଙ୍କ ବ୍ୟତୀତ ୧୯୮୦ ମସିହା ମଧ୍ୟରେ ଆହୁରି ଅନେକ କବିଙ୍କର ଗୋଟିଏ ଦୁଇଟି କବିତା ସଂକଳନ ପ୍ରକାଶ ପାଇଛି । ସେମାନେ ୧୯୮୦ ମସିହା ପରେ ଓଡ଼ିଆ କବିତା କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିବାରେ ସକ୍ଷମ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ସୌରୀନ୍ଦ୍ର ବାରିକ, ପ୍ରତିଭା ଶତପଥୀ, ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ । ସୌରୀନ୍ଦ୍ର ବାରିକ ଙ୍କର ପ୍ରଥମ କବିତା ସଂକଳନ 'ସାମାନ୍ୟ କଥନ' ୧୯୭୫ ସିହାରେ ପ୍ରକାଶ ପାଇଛି । ରାଜେନ୍ଦ୍ର କିଶୋର ପଣ୍ଡାଙ୍କର ତିନୋଟି ସଂକଳନ ଯଥା - 'ଗୌଣ ଦେବତା' ଓ 'ଶତଦ୍ରୁ ଅନେକ' -୧୯୭୭

ମସିହାରେ ଓ ନିଜ ପାଇଁ ନାନାବାୟା ୧୯୮୦ ମସିହାରେ ପ୍ରକାଶ ପାଇଛି । ଶରତ ଚନ୍ଦ୍ର ପ୍ରଧାନଙ୍କର ଏକମାତ୍ର ସଂକଳନ 'ନଈ ଆଉ ମାଛ ହଂସ ଓ ସାରସ' -୧୯୭୩ ମସିହାରେ ପ୍ରକାଶ ପାଇଛି । ଏମାନଙ୍କ ବ୍ୟତୀତ ଆହୁରି ଅନେକ କବିଙ୍କର ଆଦ୍ୟ ସୃଷ୍ଟିକୁ ନେଇ ଏହି ସମୟ ଖଣ୍ଡ ପରିପୁଷ୍ଟ ହୋଇଛି । ଯଥା : ହରିହର ମିଶ୍ର ଙ୍କର ପ୍ରଥମ କବିତା 'ଶଙ୍ଖନାଭି' -୧୯୭୩, 'ଅକ୍ଷମ ଦେବତା'-୧୯୭୮, ବଂଶୀଧର ଷଡ଼ଙ୍ଗୀଙ୍କର 'ସମୟ ଅସମୟ' -୧୯୭୭, ଫନୀ ମହାନ୍ତିଙ୍କର 'ମାନଚିତ୍ର' -୧୯୭୩, ବ୍ରହ୍ମୋତ୍ରୀ ମହାନ୍ତିଙ୍କର ଅବତରଣ -୧୯୭୭, ପ୍ରତିଭା ଶତପଥୀଙ୍କର ଗ୍ରସ୍ତସମୟ -୧୯୭୪, 'ସାହାଡ଼ାସୁନ୍ଦରୀ' -୧୯୭୮, 'ନିୟତ ବସୁଧା'-୧୯୮୦, ନିତ୍ୟାନନ୍ଦ ନାୟକଙ୍କର 'ବିଦୀର୍ଣ୍ଣ ମରାଳ' -୧୯୭୭, ପ୍ରମୋଦ ମହାନ୍ତିଙ୍କର 'କ୍ରମଶଃ' -୧୯୬୬, ମନୋରମା ବିଶ୍ୱାଳ ମହାପାତ୍ରଙ୍କର 'କିଶଳୟ' -୧୯୬୩, 'ବ୍ରତତୀ'-୧୯୬୬, 'ଫୁଲ ଫୁଟାର ମୁହୂର୍ତ୍ତ' -୧୯୭୯, 'ସ୍ମୃତି ଶ୍ରାବଣ ଓ ପ୍ରତିବିମ୍ବ' -୧୯୭୮, 'ସ୍ୱାତୀଲଗ୍ନ' - ୧୯୭୯, ହର ପ୍ରସାଦ ଦାସଙ୍କର 'ଆଲୋକିତ ବନବାସ'- ୧୯୭୮ ଇତ୍ୟାଦି ପ୍ରକାଶ ପାଇଛି ।

୧୯୬୦-୧୯୮୦ ସମୟଖଣ୍ଡର ଓଡ଼ିଆ କବିମାନଙ୍କର କାବ୍ୟ କବିତାର ବିସ୍ତୃତ ପରିସରରେ କବିତାର ବିବିଧ ଦିଗ ଉନ୍ମୋଚନ ହୋଇପାରିଛି ।

## ୩.୯ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### ୧) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।

କ) ୧୯୬୦ ମସିହା ପରବର୍ତ୍ତୀ ଓଡ଼ିଆ କବିତାର ସାମାଜିକ ଇତିହାସ ସଂପର୍କରେ ଆଲୋଚନା କର।

ଖ) ୧୯୬୦ ପରବର୍ତ୍ତୀ ଓଡ଼ିଆ କବିତାର ସାଂସ୍କୃତିକ ପୃଷ୍ଠଭୂମି ସଂପର୍କରେ ଆଲୋଚନା କର।

ଗ) ସୀତାକାନ୍ତ ମହାପାତ୍ରଙ୍କ କାବ୍ୟିକ ବୈଶିଷ୍ଟ୍ୟ ସଂପର୍କରେ ଆଲୋଚନା କର ।

ଘ) ଗୁରୁପ୍ରସାଦ ମହାନ୍ତିଙ୍କ କାବ୍ୟର ବିବିଧ ଦିଗ ସଂପର୍କରେ ଆଲୋଚନା କର ।

ଙ) ୧୯୬୦-୧୯୮୦ ମସିହା ମଧ୍ୟରେ ଓଡ଼ିଆ କବିତାର ଆଭିମୁଖ୍ୟ ସଂପର୍କରେ ଆଲୋଚନା କର ।

ଚ) ମୃତ୍ୟୁ କୁ ନେଇ ରଚିତ ରମାକାନ୍ତ ରଥଙ୍କ କବିତା ସଂପର୍କରେ ଆଲୋଚନା କର।

ଛ) କବି ଭାନୁଜୀ ରାଓଙ୍କ କାବ୍ୟିକ ଆବେଦନ ସଂପର୍କରେ ଆଲୋଚନା କର ।

## ୩.୧୦ ସହାୟକ ଗ୍ରନ୍ଥସୂଚୀ


୧. ସବୁଜରୁ ସାଂପ୍ରତିକ - ପ୍ରଫେସର ନିତ୍ୟାନନ୍ଦ ଶତପଥୀ

୨. ସହସ୍ରାଂଶୁ - ଯତୀନ୍ଦ୍ର ମୋହନ ମହାନ୍ତି

୩. ସତୁରୀରୁ  ସହସ୍ରାବ୍ଦୀ - ପ୍ରଫେସର ନିତ୍ୟାନନ୍ଦ ଶତପଥୀ

୪. ମୃତ୍ୟୁଲୋକରେ ରତ୍ନ ସପ୍ତମ - ଦାଶରଥି ଦାସ

# ଚତୁର୍ଥ ଏକକ : ଅଶୀ ପରବର୍ତ୍ତୀ ଓଡ଼ିଆ କବିତା

## ବିଷୟ ଗଠନ


୪.୧ ପଠନର ଉଦ୍ଦେଶ୍ୟ

୪.୨ ଶିକ୍ଷଣୀୟ ବିଷୟ

୪.୩ ବିଷୟ ପ୍ରବେଶ

୪.୪ ୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାର ସାମାଜିକ ପୃଷ୍ଠଭୂମି

 ୪.୪.୧ ସାଂସ୍କୃତିକ ପୃଷ୍ଠଭୂମି

 ୪.୪.୨ ରାଜନୀତିକ ପୃଷ୍ଠଭୂମି

୪.୫ ୧୯୮୦ ପରବର୍ତ୍ତୀ ପ୍ରମୁଖ କବିମାନଙ୍କ କାବ୍ୟିକ ଆଭିମୁଖ୍ୟ ସଂପର୍କରେ ଆଲୋଚନା।

୪.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୪.୭ ସହାୟକ ଗ୍ରନ୍ଥସୂଚୀ


## ୪.୧ ପଠନର ଉଦ୍ଦେଶ୍ୟ

୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାର ଅଭିବୃଦ୍ଧି ସଂପର୍କରେ ପାଠ କରିବାର ଉଦ୍ଦେଶ୍ୟ ହେଉଛି ଓଡ଼ିଆ କବିତାର ଏକ ସ୍ଥିରବଦ୍ଧ ପ୍ରମାଣଯୋଗ୍ୟ କାବ୍ୟରୂପ ନିର୍ଦ୍ଧାରଣ କରିବା। ସ୍ୱାଧୀନତା ପରବର୍ତ୍ତୀ ପଚାଶ ବର୍ଷର ଓଡ଼ିଆ କବିତାକୁ ଲକ୍ଷ୍ୟ କଲେ ମନେହୁଏ, କୌଣସି ନିର୍ଦ୍ଦିଷ୍ଟ ଏକ କବିତାକୁ ଲକ୍ଷ୍ୟ କଲେ ମନେହୁଏ କୌଣସି ନିର୍ଦ୍ଦିଷ୍ଟ ଏକ କାବ୍ୟସ୍ୱର ବା କଳା ପ୍ରକରଣ କବିମାନଙ୍କୁ ବାନ୍ଧି ରଖିପାରିନାହିଁ। ଓଡ଼ିଆ କବିତାର ପ୍ରବାହମାନ ଧାରାରେ ୧୯୬୦ ମସିହାରେ କବିତା ଲେଖିବା ଆରମ୍ଭ କରି ୧୯୮୦ ମସିହା ପରେ ପ୍ରତିଷ୍ଠା ପାଇଥିବା କବି ଏବଂ ୧୯୮ ପରବର୍ତ୍ତୀ ସମୟରେ ନୂଆ ନୂଆ କବିତା ଲେଖୁଥିବା ବହୁ କବିଙ୍କର ଅନୁପ୍ରବେଶ କବିତାର କଳା ପ୍ରକରଣରେ ଭିନ୍ନତା ଆଣି ଦେଇଛି। ଏହି ଭିନ୍ନତା ଏ ସମୟଖଣ୍ଡର କବିତାକୁ ଭିନ୍ନ ରୂପ ପ୍ରଦାନ କରିଛି। ୧୯୮୦ ପରବର୍ତ୍ତୀ କାବ୍ୟିକ ପରିମଣ୍ଡଳ ମଧ୍ୟରେ ପରିଲକ୍ଷିତ ହେଉଥିବା ନୂତନତା ସଂପର୍କରେ ଆଲୋଚନା କରିବା ଏହି ଅଧ୍ୟାୟ ପଠନର ପ୍ରମୁଖ ଉଦ୍ଦେଶ୍ୟ।

## ୪.୨ ଶିକ୍ଷଣୀୟ ବିଷୟ

ଏହି ଅଧ୍ୟାୟ ପଠନ ପରେ ଆମେ ନିମ୍ନଲିଖିତ ବିଷୟ ଗୁଡ଼ିକ ଉପରେ ସବିଶେଷ ଜ୍ଞାନ ଆହରଣ କରିପାରିବା।

. ୧୯୮୦ ପରବର୍ତ୍ତୀ କବିତାର ସାମାଜିକ, ସାଂସ୍କୃତିକ ଓ ରାଜନୀତିକ ପୃଷ୍ଠଭୂମି।

. ୧୯୮୦ ପରବର୍ତ୍ତୀ କବିମାନଙ୍କର କାବ୍ୟିକ ଆଭିମୁଖ୍ୟ।

. ୧୯୮୦ ପରବର୍ତ୍ତୀ କବିତାର ବୈଶିଷ୍ଟ୍ୟ।

## ୪.୩ ବିଷୟ ପ୍ରବେଶ

୧୯୮୦-୨୦୧୦ ସମୟସୀମା ମଧ୍ୟରେ ଓଡ଼ିଆ କବି ବହୁ ନୂତନ କବିଙ୍କର ଅନୁପ୍ରବେଶ ଘଟିଛି। ୧୯୬୦ ମସିହାରୁ ୧୯୮୦ ମସିହାରେ କବିତା ଲେଖୁଥିବା କବିମାନେ ଏହି ସମୟରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ସ୍ୱାଭାବିକ ଭାବରେ ଚେତନା, ଅନୁଭୂତି, ଦୃଷ୍ଟିଭଙ୍ଗୀରେ ନୂତନତା ଦେଖିବାକୁ ମିଳିଛି। ୧୯୮୦ ପୂର୍ବବର୍ତ୍ତୀ କାବ୍ୟିକ ଚିନ୍ତା ଚେତନା ୧୯୮୦ ପରବର୍ତ୍ତୀ କାବ୍ୟ କବିତା ପାଇଁ ପ୍ରତିବନ୍ଧକ ସାଜି ନାହିଁ ବରଂ ପରିପୂରକ ହୋଇଛି। ୮୦ ପରବର୍ତ୍ତୀ କାବ୍ୟ କବିତାର ଆୟତନ ପରିପୁଷ୍ଟ ହୋଇଛି। ସମୃଦ୍ଧ ହୋଇଛି। ୧୯୮୦ ପରବର୍ତ୍ତୀ କାବ୍ୟ କବିତାର ସଂପର୍କରେ ଆଲୋଚନା କରିବା ପୂର୍ବରୁ ଏହାର ସାମାଜିକ, ସାଂସ୍କୃତିକ,ରାଜନୀତିକ ଓ ଧାର୍ମିକ ପୃଷ୍ଠଭୂମି ସଂପର୍କରେ ବିଶେଷ ଆଲୋଚନା କରାଯାଇ କବିମାନଙ୍କ କବିତା ସଂପର୍କରେ ଆଲୋଚନା କରାଯାଇଛି। ୧୯୮୦ ପରବର୍ତ୍ତୀ ସମୟରେ ବହୁ କବିଙ୍କର ଆଗମନ ଘଟିଛି। ସୀମିତ ପରିସର ମଧ୍ୟରେ, ଏ ସବୁ ଆଭିମୁଖ୍ୟର ବିଚାର କରାଯାଇଛି।

## ୪.୪ ୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାର ସାମାଜିକ ପୃଷ୍ଠଭୂମି

୧୯୬୦ ମସିହା ପରବର୍ତ୍ତୀ ସମୟରେ ଆମ ଭାରତୀୟ ଜନଜୀବନରେ ବହୁ ଉଲ୍ଲେଖନୀୟ ଘଟଣା ଘଟିଥିଲା। ସେଗୁଡ଼ିକ ମଧ୍ୟରେ ଭାରତ -ଚୀନ ଯୁଦ୍ଧ, ଜବାହରଲାଲଙ୍କ ତିରୋଧାନ, ଭାରତ-ପାକିସ୍ତାନ ଯୁଦ୍ଧ, ତାସ୍‌କେଣ୍ଟ ଚୁକ୍ତି, ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ମୃତ୍ୟୁ, ଇନ୍ଦିରାଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ ଲାଭ ଇତ୍ୟାଦି ଘଟଣା ସହ ଓଡ଼ିଶାରେ ପାରାଦ୍ୱୀପ ବନ୍ଦର ନିର୍ମାଣ,ରାଉରକେଲାରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ସହିତ ଇଂଜିନିୟରିଂଗ୍ କଲେଜ ପ୍ରତିଷ୍ଠା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା। ପାକିସ୍ତାନ ଓ ଋଇନା ସହ ଯୁଦ୍ଧ ହେବା ଦ୍ୱାରା ରାଜନୀତିକ ଅସ୍ଥିରତା ବଢ଼ିଋଲିଲା। ଫଳରେ ଦେଶର ସାମାଜିକ ଜୀବନ ପ୍ରଭାବିତ ହେବା ଦ୍ୱାରା ଅର୍ଥନୀତି ମଧ୍ୟ ପ୍ରଭାବିତ ହେଲା। ପ୍ରାନ୍ତୀୟ ସ୍ତରରେ ଶିଳ୍ପର ପ୍ରସାର ଘଟିଲା। ବାଣିଜ୍ୟ ଓ ଶିକ୍ଷାର ମଧ୍ୟ ବିକାଶ ଘଟିଲା। ବିକାଶ ସହିତ ସାଧାରଣ ଜନତାର ମାନସିକତା ମଧ୍ୟ ସଂଯୁକ୍ତ ହୋଇଥିଲା। ଏହାବ୍ୟତୀତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ତତ୍‌କାଳୀନ ସମୟର ସମାଜ ଓ ରାଜନୀତିକୁ ବେଶ୍ ପ୍ରଭାବିତ କରିଥିଲା। ତାହା ହେଉଛି ୧୯୬୭ ମସିହା ମେ ମାସରେ ଭାରତ ବର୍ଷର ସାମାଜିକ ଓ ଆର୍ଥନୀତିକ ବୈଷମ୍ୟ ବିରୋଧରେ ମଥା ଟେକିଥିବା ନକ୍‌ସାଲ୍‌ବାଡ଼ି ଆନ୍ଦୋଳନ’। ଏହି ଆନ୍ଦୋଳନର ପୃଷ୍ଠପଟରେ ଥିଲେ ସାଧାରଣ, ନିମ୍ନ ମଧ୍ୟବିତ୍ତ, ଜନସାଧାରଣ, କୃଷକ ସମାଜ ଓ ସହରର ଶକ୍ଷିତ ଯୁବକଂଗ୍ରେସ, ତତ୍‌କାଳୀନ ସମୟର ଭୂମି ମାଲିକ ଓ ପ୍ରଶାସନ ବିରୋଧରେ ମୁଣ୍ଡଟେକିଥିବା ଏହି ଆନ୍ଦୋଳନ ଆନ୍ଧ୍ର,ଓଡ଼ିଶା ଓ ବିହାରର ସାମାଜିକ ବ୍ୟବସ୍ଥାକୁ ଖୁବ୍ ପ୍ରଭାବିତ କରିଥିଲା।

ଚୀନ୍ ଓ ପାକିସ୍ତାନ ସହିତ ବାରମ୍ୱାର ଯୁଦ୍ଧ ଭୟର ବାତାବରଣ ସୃଷ୍ଟି କରିଥିଲା। ଯୁଦ୍ଧ ଗୋଷ୍ଠୀ ଓ ରିଲିଫ୍ ଇତ୍ୟାଦିର ପ୍ରଭାବ ସାଧାରଣ ଜନ ଜୀବନ ଉପରେ ପଡ଼ିଲା। ରାଜନୀତିକ ଅସ୍ଥିରତା, ଜାତିପ୍ରଥା, ସନ୍ତ୍ରାସବାଦ, ଜାତିଆଣ ଦଂଗା, ଜାତୀୟ ଜରୁରୀ ପରିସ୍ଥିତି, କୃଷକ ଆନ୍ଦୋଳନ, ରାଜନୀତିକ ଧ୍ରୁବୀକରଣ ଇତ୍ୟାଦିର ପ୍ରଭାବରେ ଜନ ଜୀବନର ଭିତ୍ତିଭୂମି ଦୋହଲିଗଲା।

୧୯୭୦ ମସିହା ପରେ ନବଗଠିତ ରାଷ୍ଟ୍ରର ଭାରତ ବର୍ଷର ଆଜି ସ୍ଥିତିକୁ ସୁଦୃଢ କରିବା ପାଇଁ କୁଟୀର ଶିଳ୍ପ ପରିବର୍ତ୍ତେ କଳକାରଖାନା ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯାଇଛି । ସମାଜବାଦୀ ଅର୍ଥନୀତି ନେତାମାନଙ୍କର ଆଦର୍ଶ ପାଲଟିଯାଇଛି । ରାଷ୍ଟ୍ର ଶିଳ୍ପାୟନର ନେତୃତ୍ୱ ନେଇଛି । କଞ୍ଚା ମାଲ୍ ଉପଲବ୍ଧ ପାହାଡ଼ିଆ ଅନଗ୍ରସର ଅଂଚଳରେ ବଡ଼ ବଡ଼ କାରଖାନାମାନ ପ୍ରତିଷ୍ଠା କରି ବ୍ୟାପକ କର୍ମସଂସ୍ଥାନର ସୁଯୋଗ ସୃଷ୍ଟି କରିଛି । ଦରିଦ୍ର ଓ ଅନୁନ୍ନତ ଶ୍ରେଣୀର ଆର୍ଥିକ ବିକାଶ ହୋଇଛି । ସମାଜର ମୁଖ୍ୟ ସ୍ରୋତ ସହିତ ଏମାନେ ସାମିଲ୍ ହୋଇଛନ୍ତି । ରପ୍ତାନୀ ହାର ବଢିଛି । ବୈଦେଶିକ ମୁଦ୍ରା ଭଣ୍ଡାର ମଧ୍ୟ ପୂରିଛି । ପରୋକ୍ଷରେ ଏସବୁ ଶାସନକୁ ନିୟନ୍ତ୍ରଣ କରିଛି । ପରିଣତି ସ୍ୱରୂପ ଗ୍ରାମ ବହୁଳ ଭାରତବର୍ଷରେ ସହର ମାନଙ୍କର ନବଜନ୍ମ ଘଟିଛି । କୃଷିଜିବୀ ଶିଳ୍ପଜୀବୀ ହୋଇଛି । କୃଷି,ଶିଳ୍ପ,ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସରକାରୀ ପ୍ରୋତ୍ସାହନ ମିଳିଛି । ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ରିହାତି ପ୍ରଦାନ ମଧ୍ୟ କରାଯାଇଛି । ସମାଜବାଦୀ ଅର୍ଥନୀତିକ ମାନେ ରାଷ୍ଟ୍ରୀୟ ଭିତ୍ତିଭୂମି ପ୍ରତିଷ୍ଠା ଉଦ୍ଦେଶ୍ୟରେ ସରକାରୀ ଆୟକୁ ଜାତୀୟ ବିତ୍ତ (ଆୟ) ଭାବରେ ଗ୍ରହଣ କରିନେଇଛନ୍ତି ।

ବୃହତ୍ତର ଶିଳ୍ପପ୍ରତିଷ୍ଠା ୧୯୭୦ ପରବର୍ତ୍ତୀ ସାମାଜିକ ଜୀବନଧାରାକୁ ମଧ୍ୟ ପ୍ରଭାବିତ କରିଛି । ବୃହତ୍ ଶିଳ୍ପୋଦ୍ୟୋଗ ସହିତ କ୍ଷୁଦ୍ରଶିଳ୍ପମାନ ମଧ୍ୟ ମୁଣ୍ଡ ଟେକିଛି । ଏ କ୍ଷେତ୍ରରେ ସରକାରୀ ସହଯୋଗ ମଧ୍ୟ ମିଳିଛି । ଆବଶ୍ୟକୀୟ ଭିତ୍ତିଭୂମି ମଧ୍ୟ ସରକାର ଯୋଗାଇଛନ୍ତି । ବ୍ୟାଙ୍କ୍ ମାନେ କୋହଳ ସୁଧ ହାରରେ ପୁଞ୍ଜି ଯୋଗାଇଛନ୍ତି । ସହର ସଂପ୍ରସାରିତ ହୋଇଛି । ଗାଁ ସଂକୁଚିତ ହୋଇଛି । ଗାଉଁଲୀ ମଣିଷ ସହରକୁ ଆସିଛି । ସହରୀ ଜୀବନଧାରା ମଧ୍ୟରେ ଗାଁରୁ ସହରରେ ବ୍ୟକ୍ତିତ୍ୱର ବିକାଶ ହୋଇଛି ସତ,ପ୍ରତିଷ୍ଠା,ପ୍ରତିପତ୍ତି ଓ ସୁଯୋଗ ପାଇଛି ମାତ୍ର ପରଂପରାକୁ ଭୁଲିଛି । ପରୋକ୍ଷରେ ସଂସ୍କୃତିକୁ ମଧ୍ୟ ଭୁଲିଛି ।

## ୪.୪.୧ ସାଂସ୍କୃତିକ ପୃଷ୍ଠଭୂମି

ସପ୍ତମ ଦଶକ ପରବର୍ତ୍ତୀ ସାମାଜିକ ପରିବର୍ତ୍ତନର ଆଧାରରେ ସଂସ୍କୃତି ମଧ୍ୟ ବଦଳିବା ଆରମ୍ଭ କରିଛି । ଗାଁ - ଗାଁ ହୋଇନାହିଁ । ଗାଁ - ସହର ଗୋଟିଏ ରାସ୍ତାରେ ଚାଲିବା ଆରମ୍ଭ କରିଛନ୍ତି । ଗାଁର ଗରିବ ପିଲା ସହରକୁ ପାଠପଢିବାକୁ ଯାଇ ଗାଁକୁ ଭୁଲିଯାଇଛି । ଗାଁର ଗରିବ ପିଲା ସହରକୁ ପାଠ ପଢିବାକୁ ଯାଇ ଗାଁକୁ ଭୁଲିଯାଉଛି । ସହରର ଉପଭୋଗ ମାନସିକତା ଦ୍ୱାରା ସେ ଏତେ ମାତ୍ରାରେ କବଳିତ ହୋଇପଡୁଛି ଯେ ଆପଣାର ରୁଚି, ବିବେକ, ସାଂସ୍କୃତିକ ମୂଲ୍ୟବୋଧ ଏପରିକି ଉତ୍ତର ଦାୟିତ୍ୱ ମଧ୍ୟ ପାସୋରି ପକାଉଛି । ୧୯୭୪ ମସିହାରେ ଅର୍ଥତତ୍ତ୍ୱବିତ୍ ୱାଲଟର ଷ୍ଟେନ୍ ବିଶ୍ୱର "ସମସ୍ତ ଅଂଚଳର ମଣିଷମାନଙ୍କ ସହବଂଧନରେ ସଂସ୍କୃତି ସୂତ୍ରର ଉପାଦେୟତା ସଂପର୍କରେ ମାନବସମାଜକୁ ସଚେତନ କରାଇଲେ । ଆର୍ ରବର୍ଟସନ୍ ପରିବର୍ତ୍ତିତ ବିଶ୍ୱରେ ସଂସ୍କୃତି ବିନା ଯେ ବାଣିଜ୍ୟିକ ସଂପର୍କ ସ୍ଥାପନ ହୋଇପାରିବ ନାହିଁ ବୋଲି ମତପ୍ରଦାନ କଲେ । ରବର୍ଟସନ୍ ବିଶ୍ୱଗ୍ରାମ୍ (GLOBAL VILLAGE) ଭାବାଦର୍ଶର ଅନ୍ୟତମ ସୂତ୍ରଧର । ଫଳ ଦୃଷ୍ଟିରେ ବିଶ୍ୱ କହିଲେ ଆମେ ବୁଝିଥାଉ ବହୁ ଦେଶ, ବହୁ ରାଜ୍ୟ, ବହୁ ଗୃହ, ବହୁ ଜାତି, ବହୁ ଧର୍ମ, ବହୁ ଭାଷା ଭାଷୀ, ବହୁ ଆଚାର ବିଚାରର ସମାହାର । ପ୍ରତ୍ୟେକଟି ଗୃହର ଆଚାର ବିଚାରରେ ଏକ ସ୍ୱାତନ୍ତ୍ୟ ଅଛି । ବର୍ତ୍ତମାନ ଏହାକୁ ଆମେ ବାଣିଜ୍ୟ ସହିତ ସୂତ୍ରାୟିତ କରିବା । ପ୍ରତ୍ୟେକ ଘରର ପ୍ରତିନିଧିମାନେ ନିଜର ସଂପଦ ଓ ସାଧନକୁ ବିଶ୍ୱ ବଜାରରେ ପ୍ରଦର୍ଶନ କରୁଛନ୍ତି ।

ବିଶ୍ୱ ଜନସମୁଦାୟ ମଧ୍ୟରେ ଏକ ବିରାଟ ସାଂସ୍କୃତିକ ତାରତମ୍ୟ ରହିଛି। ଏହି ସାଂସ୍କୃତିକୁ ୧୯୨୦ ମସିହା ପରବର୍ତ୍ତୀ ଜନସାଧାରଣ ଏକ ମୁଖା ବା ଢାଲ ଭାବରେ ଗ୍ରହଣ କରି ନିଜର ଇଚ୍ଛାକୁ ଚରିତାର୍ଥ କରିବାକୁ ଚାହୁଁଛି। ତେଣୁ ସଂସ୍କୃତି ଆଜିର ସମୟରେ ଏକ କର୍ତ୍ତୃତ୍ୱ ବିସ୍ତାରୀ ଅହଂପ୍ରମତ୍ତ ଗୋଷ୍ଠୀର ଶୋଷିତ ମନୋବୃତ୍ତି ଓ ଛଳନା ପ୍ରତାରଣାର କଳାତ୍ମକ ଅସ୍ତ୍ର ପାଲଟି ଯାଇଛି।

ବିଭିନ୍ନ ଜାତିର ସାଂସ୍କୃତିକ ଗତିଶୀଳତା, ଜାତି ଜାତି ମଧ୍ୟରେ ଐକ୍ୟ ପ୍ରତିଷ୍ଠାରେ ଯେତିକି ସହାୟକ ହୋଇଛି ସେତିକି ମାତ୍ରାରେ ଆମ ଆତ୍ମପରିଚିତିକୁ ମଧ୍ୟ ଅସ୍ୱୀକାର କରିଦେଇଛି। ସଂସ୍କୃତିର ନିୟନ୍ତ୍ରଣ କର୍ତ୍ତା ସାଜିଛି ସୂଚନା ପ୍ରଯୁକ୍ତି ବିଦ୍ୟା ଓ ଇଲେକ୍‌ଟ୍ରୋନିକ୍‌ସ ଗଣମାଧ୍ୟମ, ଗମନାଗମନ ଓ ପରିବହନ। ବିଶାଳ ପରିବ୍ୟପ୍ତ ପୃଥିବୀ ଆଦି କୁନି ପୃଥିବୀରେ ପରିଣତ ହୋଇଛି।

ଆଞ୍ଚଳିକ ପରିଚିତ ମଧ୍ୟରେ କେହି ବଂଚିବାକୁ ଚାହୁଁନାହାଁନ୍ତି। ପଛରେ ଛାଡ଼ି ଆସିଥିବା ଅତୀତର ସଂସ୍କୃତି, ପରଂପରାକୁ ଏହି ନବଶିକ୍ଷିତ ଅଭିଜାତ ବର୍ଗ ଏକ ମୋହାଚ୍ଛନ୍ନ ଆଖିରେ ଦେଖିବାକୁ ଆରମ୍ଭ କରିଛି। ୧୯୭୦ ପରବର୍ତ୍ତୀ ଜନସାଧାରଣଙ୍କ ଚେତନାରେ ଉପନିବେଶବାଦ ସ୍ୱଷ୍ଟ ସଂସ୍କୃତିର ସଂକ୍ରମଣକୁ ଅତି ସହଜରେ ଗ୍ରହଣ କରିନେଇଛି। ଏହାକୁ ଶ୍ରୀନିବାସ୍ 'ସୋସିଆଲ୍ ଚେଜେଂସ୍ ଇନ୍ ମଡ଼ର୍ଣ୍ଣ ଇଣ୍ଡିଆ'ପୁସ୍ତକରେ 'ପାକ୍ ଭାରତୀୟତାର ପଶ୍ଚିମୀକରଣ' ବୋଲି ଆଖ୍ୟା ଦେଲେ।

ଆଜିର ସଚେତନ ଜସାଧାରଣ ମନରେ ପ୍ରଶ୍ନ ଉଠିଛି, ସଂସ୍କୃତି କାହାପାଇଁ? ଆଧୁନିକ ସମୟର ସଂସ୍କୃତି ଚର୍ଚ୍ଚକାରୀମାନେ କହିଛନ୍ତି - ସଂସ୍କୃତି ହେଉଛି ଏକ ଜନ ସମୁଦାୟର ବଞ୍ଚିବା ପାଇଁ ଅର୍ଥପୂର୍ଣ୍ଣ ଉପାଦାନ। ଆଜିର ଏହି ବିଶ୍ୱଗ୍ରାମ ପରିକଳ୍ପନା ମଧ୍ୟରେ ଜଗତୀକରଣର ବିବରଣୀରେ ଆଧୁନିକ ଚିନ୍ତାଚେତନାଧାରୀ ମଣିଷ ପାଇଁ ସଂସ୍କୃତି ଭୋଗବାଦୀ ମାନସିକତାର ପରିଚାୟକ ହୋଇଛି। ସଂସ୍କୃତିର ଅର୍ଥ ଉପଭୋଗର ସାମଗ୍ରୀ। ଏହି ସାମଗ୍ରୀର ଉତ୍ପାଦନ ଓ ପ୍ରଚାର ପ୍ରସାର ପାଇଁ ଯେଉଁ ଉଦ୍ୟୋଗ ପ୍ରତିଷ୍ଠା କରାଯାଇଛି ତାହା ହେଉଛି ସାଂସ୍କୃତିକ ଉଦ୍ୟୋଗ। 'ହୋର୍‌ଖେଲ ମର୍' ସ୍ୱରଚିତ ପୁସ୍ତକ - 'ଡାଇଲେକ୍‌ଟିକ୍‌ସ୍ ଅଫ୍ ଏନ୍‌ଲାଇଟେନ୍‌ମେଣ୍ଟ' ରେ ସାଂସ୍କୃତିକ ଉଦ୍ୟୋଗର ପରିଭାଷା ବୁଝାଇ କହିଲେ, ଯେ ଏହି ଉଦ୍ୟୋଗ ଜନସାଧାରଣଙ୍କ ଉପଭୋଗ ମାନସିକତାକୁ ବଢାଏ। ସେଥିପାଇଁ ସାଂସ୍କୃତିକ ଉପାଦାନମାନଙ୍କ ପ୍ରସ୍ତୁତ କରେ। ଏହାକୁ ଉଦ୍ୟୋଗ ପତି ମାନଙ୍କ ସାମ୍ରାଜ୍ୟ କୁହାଯାଏ। ଏହି ସାମ୍ରାଜ୍ୟରେ ଜନସାଧାରଣ ବ୍ୟକ୍ତିତ୍ୱ, ଚିନ୍ତାଧାରା, ଆଚାର ବିଚାର, ଇଚ୍ଛା, ସ୍ୱପ୍ନ , ଆବଶ୍ୟକତା ସର୍ବସ୍ୱ ଅଜାଣତରେ ବିକ୍ରୀ ହୋଇସାରିଥାଏ। ଏହାକୁ ଚରିତାର୍ଥ କରିବାରେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ଓ ଗଣମାଧ୍ୟମ ସାହାଯ୍ୟ କରେ। ତେଣୁ ଏହା ମଧ୍ୟ ଆମେ ନିର୍ବିବାଦରେ ସ୍ୱୀକାର କରିବା ଯେ ମୁଦ୍ରାଯନ୍ତ୍ର, ସିନେମା, ଟେଲିଫୋନ୍, ଟେଲିଭିଜନ୍ ଓ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ୍ସ ଗଣମାଧ୍ୟମ, ବିଶ୍ୱର ସାଂସ୍କୃତିକ ପରିବେଶର ପରିବର୍ତ୍ତନର କାରଣ ହୋଇଛି।

ଭାରତ ଭଳି ଏକ ବିକାଶଶୀଳ ରାଷ୍ଟ୍ରର ମଣିଷମାନଙ୍କୁ କବଳିତ କରିବା ପାଇଁ 'ସଂସ୍କୃତି' ହିଁ ମହୌଷଧି ସାଜିଚି। ପର୍ବପର୍ବାଣୀ, ଆଚାର ବିଚାର, ପାରଂପରିକ ରୀତି ନୀତିର ଅବଲୁପ୍ତିର ଦ୍ୱାରଦେଶରେ ପହଞ୍ଚି ସାରିଛି। ଅତୀତରେ ସାଧାରଣ ଜନତାର ମନୋରଞ୍ଜନର ମାଧ୍ୟମ ସାଜିଥିବା ପାଲା, ଦାସକାଠିଆ ଆଜି ସ୍ୱପ୍ନ

ପାଲଟିଯାଇଛି । ଗାଁ ଗଣ୍ଡାରେ ଯାତ୍ରାଦଳମାନେ ଯାତ୍ରା କରୁନାହାଁନ୍ତି ।  ଏହାର ସ୍ଥାନ ନେଇଛି କଲ୍‌ଚରାଲ୍ ପ୍ରୋଗ୍ରାମ୍ ବା ସାଂସ୍କୃତିକ କାର୍ଯ୍ୟକ୍ରମ । ବିଭିନ୍ନ ସାମାଜିକ ଉତ୍ସବ ମାନଙ୍କରେ ମେଲୋଡ଼ି ଆୟୋଜନ କରାଯାଉଛି । ଯାହାକୁ ଆମେ ସାଂସ୍କୃତିକ ବିକୃତି ବୋଲି କହିପାରିବା । ସାଂସ୍କୃତିକ ଜଗତୀକରଣର ପ୍ରଭାବ ଆଞ୍ଚଳିକ ସଂସ୍କୃତିକୁ ଯେ  କେବଳ ନିର୍ମୂଳ କରିବାର ପରିବେଶ ସୃଷ୍ଟି କରିଛି । ଏହି ଚିନ୍ତା ଚେତନା ୧୯୭୦ ପରବର୍ତ୍ତୀ ସାହିତ୍ୟର ପରିମଣ୍ଡଳକୁ  ପ୍ରଭାବିତ କରିଛି । କବିର କାବ୍ୟ ଚେତନା ମଧ୍ୟ ପରିବର୍ତ୍ତନ ହୋଇଛି । ସାଂସ୍କୃତିକ ଅବକ୍ଷୟର ଚିତ୍ରସାଂଗକୁ ସାଂସ୍କୃତିକ ସଚେତନତା କାବ୍ୟ କବିତାରେ କଳେବର ମଧ୍ୟରେ ରୂପ ପାଇଛି ।

## ୪.୪.୨ ରାଜନୀତିକ ପୃଷ୍ଠଭୂମି

ଆର୍ଥନୀତିକ  ଓ ଜ୍ଞାନଭତ୍ତିକ ସଞ୍ଚାର ବିଦ୍ୟାର ବିକାଶ ଓ ପରିପୋଷଣ ଯୋଗୁଁ ପ୍ରାୟ ୧୯୮୦ ମସିହା ପରେ ସମଗ୍ର  ବିରାଟ ପରିବର୍ତ୍ତନର ସୂତ୍ରପାତ ହୋଇଛି । ଜନସାଧାରଣଙ୍କ ଜୀବନଧାରଣର ମାନରେ ବ୍ୟାପକ ମୌଳିକ ପରିବର୍ତ୍ତନ ଦେଖାଦେଇଛି । ଜ୍ଞାନ ବିଜ୍ଞାନର ପରିମଣ୍ଡଳ ବିସ୍ତୃତ ହୋଇଛି । ନିର୍ଦ୍ଦିଷ୍ଟ ଏକ ଅଂଚଳର  ପ୍ରଗତି ସେହି ଅଂଚଳ ଭିତରେ ସୀମାବଦ୍ଧ ହୋଇ ରହିନାହିଁ । ବିଶ୍ୱର  ଅନେକ ଅଜ୍ଞାତ ତଥ୍ୟ, ସମାଜର ବିକାଶ, ପରିବର୍ତ୍ତିତ ସାଂସ୍କୃତିକ ମୂଲ୍ୟବୋଧ  ସଂପର୍କରେ ଚର୍ଚ୍ଚା  ଆରମ୍ଭ  ହୋଇଛି । ମଣିଷ ମଣିଷ ଭିତରେ ବ୍ୟବଧାନର ତାରତମ୍ୟ ହଟିଯାଇଛି । ଆମ୍ଭେମାନେ ସଂଯୋଜିତ ହୋଇଛେ । ଏହାଦ୍ୱାରା ପୃଥିବୀର ପରିସୀମା ସଂକୁଚିତ ହୋଇଛି । ବିଶ୍ୱାୟନ କ୍ଷେତ୍ରରେ ରାଜନୀତିର ଶକ୍ତି କେତେ ଯେ ସୀମିତ, ସେ ସଂପର୍କରେ  ମଧ୍ୟ ଧାରଣା  ସୁସ୍ପଷ୍ଟ ହୋଇଛି ।

୧୯୮୦ ମସିହା ପରବର୍ତ୍ତୀ ରାଜନୀତି ଜାତୀୟ ପରିଧିକୁ  ଅତିକ୍ରମ କରିଛି । ଏତାଦୃଶ ସର୍ବସାଧାରଣ ଇଚ୍ଛାଶକ୍ତି ଆଧାରଭୂତ କର୍ତ୍ତୃତ୍ୱ ବିସ୍ତାରୀ ବିବର୍ତ୍ତିତ  ମାନସିକତାର  ଶିକାର ହୋଇଛନ୍ତି ବିଶ୍ୱବାସୀ । ରାଷ୍ଟ୍ର ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ । ରାଷ୍ଟ୍ରର ଏ ପ୍ରକାର କ୍ଷମତା ଉପଭୋଗ ମାନସିକତା ଏବଂ ବ୍ୟକ୍ତି ବିଶେଷରେ ମାନସିକ ଦାସତ୍ୱବୋଧର ତାଡ଼ନା ବିରୋଧରେ ସଚେତନ ନାଗରିକ ଗୋଷ୍ଠୀ ସାମାଜିକ ଆନ୍ଦୋଳନ ମାଧ୍ୟମରେ ବିରୋଧଭାସ ଜାହିର୍ କରିଛି ।

ସୂଚନା ପ୍ରଯୁକ୍ତି ବିଦ୍ୟାର ବିକାଶ ପୂର୍ବରୁ ଗୋଟିଏ ଦେଶକୁ ଅନ୍ୟ ଦେଶଠାରୁ ସୀମାରେଖା ପୃଥକ୍ କରୁଥିଲା । ବ୍ୟାପକ ସଂପର୍କ, ବୈଷୟିକ ଜ୍ଞାନ କୌଶଳ, ଚିନ୍ତାଧାରା, କଳାସଂସ୍କୃତି, ବ୍ୟାପକ ସଂପର୍କ, ବୈଷୟିକ ଜ୍ଞାନ କୌଶଳ, ଚିନ୍ତାଧାରା, କଳାସଂସ୍କୃତି ଏସବୁ ଆମ ନିୟନ୍ତ୍ରଣରେ ଥିଲା । ସଂପ୍ରତି ପରିସ୍ଥିତି ବଦଳି ଯାଇଛି । ଜନସାଧାରଣଙ୍କର ଜୀବନଧାରଣର ମାନ ମଧ୍ୟ ବଦଳିଛି । ରାଷ୍ଟ୍ରର ଅନୁଷ୍ଠାନଟି ମର୍ଯ୍ୟାଦା ସତେଯେପରି ଏକ ରାଷ୍ଟ୍ରୋତ୍ତର  ମହାଶକ୍ତି ଦ୍ୱାରା ଉତ୍ପାଦିତ ହୋଇଛି । ରାଷ୍ଟ୍ରୀୟ ସଂହତି, ଜାତୀୟ ଓ ଆନ୍ତର୍ଜାତୀୟ ରାଜନୀତିକୁ ଏକ ନିର୍ଦ୍ଦିଷ୍ଟ  ରୂପ ପ୍ରଦାନର ଦକ୍ଷତା ମଧ୍ୟ ରଖିଛି ।  କ୍ଷମତା ହାତକୁ ଆସିଛି ।  ଉପଭୋଗ  ପ୍ରବଣତା  ମଧ୍ୟ ଗ୍ରାସ କରିଛି ।  ରାଷ୍ଟ୍ରୀୟ ବିତ୍ତ ବ୍ୟକ୍ତିକ ବିତ୍ତରେ ପରିଣତ ଓ  ବିନିଯୋଗ ହୋଇଛି ।  ଦେଶ ଦେଶ ମଧ୍ୟରେ ଥିବା ସୀମା ବିବାଦ ଏବଂ ପ୍ରତ୍ୟେକ ଦେଶ ନିଜକୁ ଏକ ଆଣବିକ ଶକ୍ତି ସଂପନ୍ନ ରାଷ୍ଟ୍ର ଭାବରେ ପରିଚିତ କରାଇବାର ମାନସିକତା ଦେଶର ସ୍ୱାତନ୍ତ୍ର୍ୟ  ଉଦ୍‌ଘୋଷଣା କରୁଛି ।

ଚିନ୍ତାଶୀଳମାନଙ୍କ ମତରେ,ବହୁସ୍ତରୀୟ ବିଶ୍ୱଶାସନ ବ୍ୟବସ୍ଥା ସଂରଚନାଜନିତ ହସ୍ତାନ୍ତରଣ ଅଭିମୁଖୀ, ସୀମା ଏବଂ ଆଂଚଳିକତା ରାଜନୀତିକ ଜୀବନଧାରା ଓ ରାଜନୀତିକ ଗୋଷ୍ଠୀର ସ୍ୱତନ୍ତ୍ର ପରିଚୟର ବ୍ୟାଖ୍ୟାକୁ ବନ୍ଦ କରିଦେଇଛି । ସର୍ବସାଧାରଣଙ୍କ ଉପରେ ପ୍ରଭୁତ୍ୱ ଜାହିର୍ କରୁଥିବା ନୂଆ ନୂଆ ସଂଗଠନମାନ ଗଢି ଉଠୁଛି । ରାଷ୍ଟ୍ର ମଧ୍ୟ ଏହି ସଂଗଠନ ଉପରେ ଗୁରୁତ୍ୱ ଦେଉଛି । ଯେମିତି ବହୁରାଷ୍ଟ୍ରୀୟ ଏହି ସଂଗଠନ ଉପରେ ଗୁରୁତ୍ୱ ଦେଉଛି । ଯେମିତି ବହୁରାଷ୍ଟ୍ରୀୟ ଉଦ୍ୟୋଗ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଂଗ ହେଉଛି ଆମ ଦେଶର ରାଜନୀତି ବହୁରାଷ୍ଟ୍ରୀୟ କଂପାନୀ ଗୁଡ଼ିକର ହାତରେ କ୍ରୀଡ଼ନକ ସାଜିଛି । ସ୍ୱଳ୍ପ ମୂଲ୍ୟ ବିନିମୟରେ ଦେଶୀୟ ଭିତ୍ତିଭୂମିକୁ ସେମାନେ ଉପଯୋଗ କରୁଛନ୍ତି । ଆନ୍ତର୍ଜାତୀୟ ସାମାଜିକ ଆନ୍ଦୋଳନ ଏବଂ କେତେକ ସଂଗଠନ ନାଗରିକ, ଜାତି ଏବଂ ରାଷ୍ଟ୍ରର ଅସ୍ମିତା ଉପରେ ପ୍ରଶ୍ନ କରିଛନ୍ତି । ତେଣୁ ଜନ ଗଣଙ୍କର ସ୍ୱଦେଶୀୟ ଅଭିପ୍ରାୟକୁ ହାସଲ କରିବା ପାଇଁ ଜାତୀୟ ସରକାର ବାଧ୍ୟ ହୋଇଛନ୍ତି ।

୧୯୮୦ ମସିହାରେ ଗଣତନ୍ତ୍ର,ରାଜନୀତିର ରୂପରେଖ ବଦଳି ଯାଇଛି । ଗୋଟିଏ ନିର୍ଦ୍ଦିଷ୍ଟ ଅବଧି ପରେ ସଂଗଠିତ ହେଉଥିବା ପ୍ରତିନିଧିମାନଙ୍କର ନିର୍ବାଚନ ଗୋଟିଏ ଔପଚାରିକତାରେ ପରିଣତ ହୋଇଛି । ପ୍ରଥମତଃ କେଉଁମାନଙ୍କର ଅନୁମତି ନେଇ ଆମେ ପ୍ରତିନିଧି ନିର୍ବାଚନ କରିବା । ଚିରାଚରିତ ଉତ୍ତର ହେଉଛି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭୋଟ୍‌ଦାତା ମାନଙ୍କର । ମାତ୍ର ବିଶ୍ୱ ଗଣମାଧ୍ୟମ ସେହି ନିର୍ବାଚନ ମଣ୍ଡଳୀର ସୀମାକୁ ଅସ୍ୱୀକାର କରିଛି । ନିର୍ବାଚନ ମଣ୍ଡଳୀ ଗୁଡ଼ିକ ସୀମାବଦ୍ଧ ହୋଇ ରହିନାହିଁ । ସଂପ୍ରସାରିତ ହୋଇଛି । ଜନସମୁଦାୟ ମଧ୍ୟ ସଂପ୍ରସାରିତ ହୋଇଛନ୍ତି । ବିଶ୍ୱର ଯେ କୌଣସି କୋଣରେ ରହି ମଧ୍ୟ ଏମାନେ ନିର୍ବାଚନକୁ ପ୍ରଭାବିତ କରିପାରୁଛନ୍ତି । ବିଶ୍ୱର ଏହି ବିତ୍ତଶାଳୀ ମାନଙ୍କର କର୍ତ୍ତୃତ୍ୱ ବିସ୍ତାରୀ ମାନସିକତା ମୂଳରେ ନିହିତ ସ୍ୱାର୍ଥସର୍ବସ୍ୱ ମାନସିକତା ଦୃଷ୍ଟାନ୍ତ ସ୍ୱରୂପ - ଆତଙ୍କବାଦୀମାନଙ୍କ ଉପରେ ଅଂକୁଶ ଲଗାଇବା ପାଇଁ ଭାରତ ସରକାର ଯେଉଁ ପଦକ୍ଷେପମାନ ଗ୍ରହଣ କରୁଛନ୍ତି ସେହି କ୍ଷମତାକୁ ସମଗ୍ର ବିଶ୍ୱ ଆକଳନ କରୁଛି । ଠିକ୍ ସେହିପରି ଭାରତୀୟମାନେ ଏବେ ବି ପ୍ରବାସୀ ଜ୍ଞାତିମାନଙ୍କ ମଧ୍ୟରେ ଆମେରିକାର ନିର୍ବାଚନକୁ ନିୟନ୍ତ୍ରିତ କରିପାରୁଛନ୍ତି । ସାମାଜିକ ସ୍ତରରେ ନିର୍ଦ୍ଧାରିତ ସୀମାକୁ ଅସ୍ୱୀକାର କରୁଛନ୍ତି । ବିତ୍ତଶାଳୀ ଉଦ୍ୟୋଗ ପତି ଓ ପ୍ରତିପତ୍ତିଶାଳୀ ରାଷ୍ଟ୍ର ସମୂହ ସତେଯେପରି ବିଶ୍ୱାୟନର ମଂଚ ମାଧ୍ୟମରେ ପରୋକ୍ଷ ଶୋଷଣ କରୁଛନ୍ତି । ଅପରପକ୍ଷରେ ଦଳିତ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଜନଗୋଷ୍ଠୀ । ସେମାନଙ୍କର ଏକତ୍ୱ ବଳରେ ସାରା ଦେଶରେ ନିଜର ନିୟନ୍ତ୍ରଣ ସାବ୍ୟସ୍ତ କରୁଛନ୍ତି । ଯେମିତିକି ଉତ୍ତର ଭାରତର ନେତୃବର୍ଗ ସମୟେ ସମୟେ ପଶ୍ଚିମ ଭୂଖଣ୍ଡର ମୁମ୍ବାଇର ନିର୍ବାଚନକୁ ନିୟନ୍ତ୍ରଣ କରୁଛନ୍ତି ।

୧୯୮୦ ମସିହା ପରେ ଗାଣତନ୍ତ୍ରିକ ପଦ୍ଧତିରେ ପରିବର୍ତ୍ତନ ଦେଖାହେଲା । ଗଣତନ୍ତ୍ର ବ୍ୟବସ୍ଥାରେ ଭାଗନେବାର ମାନସିକତାରେ ମଧ୍ୟ ପରିବର୍ତ୍ତନ ଦେଖାଦେଇଛି । ଭୋଟ୍ ବାକ୍ସ ଆଉ ଏବେ ସରକାରୀ ବିଧିର ନିୟନ୍ତ୍ରଣର ଏକମାତ୍ର ମାଧ୍ୟମ ହୋଇରହିନାହିଁ । ଏମ୍.ଏମ୍.ଏସ୍ ମାଧ୍ୟମରେ ଇଣ୍ଟରନେଟ୍ ଜନମତକୁ ନିୟନ୍ତ୍ରଣ କରିପାରୁଛି । ଏହି ବଦଳ ରାଜନୀତିରେ ମଣିଷର ଭାବନା ଗୁରୁତ୍ୱପୂର୍ଣ୍ଣ ହୋଇ ରହିନାହିଁ ବରଂ ବୁଦ୍ଧି ସର୍ବସ୍ୱ ହୋଇଛି । ପ୍ରବାସୀମାନେ ଭୋଟ୍,ରାଜନୀତି କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମା ମଧ୍ୟରେ ସୀମାବଦ୍ଧ ହୋଇରହିନାହିଁ । ପ୍ରବାସୀମାନେ ରାଜନୀତିକ ବ୍ୟବସ୍ଥାକୁ ଅତି ଚତୁରତାର ସହିତ ନିୟନ୍ତ୍ରଣ କହିବାକୁ ସମର୍ଥ ହୋଇଛନ୍ତି ।

ପାରଂପରିକ ଗାଣତାନ୍ତ୍ରିକ ପଦ୍ଧତି ମତରେ ନିର୍ବାଚିତ ଗଣତନ୍ତ୍ର ନାଗରିକର ଆବଶ୍ୟକତା ଉପରେ ସଦାସର୍ବଦା ଗୁରୁତ୍ୱାରୋପ କରିଥାଏ। ଏଥିପାଇଁ ଯେ ନାଗରିକମାନଙ୍କ ହାତରେ ପୁନଃ ନିର୍ବାଚନର କରିଥାଏ। ଏଥିପାଇଁ ଯେ ନାଗରିକମାନଙ୍କ ହାତରେ ପୁନଃନିର୍ବାଚନର ଅମୋଘ ଅସ୍ତ୍ରଟି ଥାଏ। ମାତ୍ର ସଂପ୍ରତି ଆମ ଦେଶର ରାଜନୀତିକ ସମାଜରେ ଏହା ପରିବର୍ତ୍ତିତ ହୋଇଛି। ଗଣତନ୍ତ୍ର ପାଇଁ ସଂଗ୍ରାମ କରିବାର ମାନସିକତା ପରାସ୍ତ ହୋଇଛି। ସଂଗ୍ରାମୀ କଣ୍ଠ ସ୍ୱର ଅବଦମିତ ହୋଇଛି। ଧର୍ମ, ଭାଷା, ଜାତି ଭଳି ବିଭିନ୍ନ ରାଜନୀତିକ ଚର୍ଚ୍ଚାରୁ ସହଜ ସମାଧାନ କରିବାର ଦକ୍ଷତା ଏକକ ସରକାର ପାଖରେ ନାହିଁ।

୧୯୮୦ ରୁ ୨୦୧୦ ପର୍ଯ୍ୟନ୍ତ ସମଗ୍ର ବିଶ୍ୱର ରାଜନୀତିକ ପରିମଣ୍ଡଳ ଏହିପରି ଥିଲା। ଭାରତ ଭଳି ସାର୍ବଭୌମ ରାଷ୍ଟ୍ରରେ ଗଣତାନ୍ତ୍ରିକ ଅଧିକାର ସ୍ଥାପିତ କରିବା ନାମରେ ରାଷ୍ଟ୍ରର ସାର୍ବଭୌମର ଭିତ୍ତିକୁ ଦୁର୍ବଳ କରିଦିଅନ୍ତି। ରାଜନୀତି, ସମାଜନୀତି, ସାଂସ୍କୃତିକ ପରିବେଶ ରାଷ୍ଟ୍ରର ଶକ୍ତି, ନିୟାମକ ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଦିନମଂଗଳ କାର୍ଯ୍ୟ ଯାହାକି ଦିନେ ଜାତି ରାଷ୍ଟ୍ରର ପ୍ରାଥମିକ ଉପାଦାନ ଥିଲା, କିନ୍ତୁ ବର୍ତ୍ତମାନ ତାହା ଏକ ସଭ୍ୟ ବୈପାରୀକ ଗୋଷ୍ଠୀର ହାତମୁଠାରେ, ଯେଉଁମାନଙ୍କ ମାୟା ବ୍ୟୁହରେ ସାଧାରଣ ଜନତା ଫଶିଯାଇଛି।

ଶେଷରେ ୧୯୮୦ ପରବର୍ତ୍ତୀ ରାଜନୀତିକ ସ୍ଥିତି ସଂପର୍କରେ ଏତିକି କୁହାଯାଇପାରେ ଯେ,ସଂପ୍ରତି ଗଣତନ୍ତ୍ରକୁ ଇ- ଗଣତନ୍ତ୍ରର ରୂପାୟନ କହିଲେ ଅତ୍ୟୁକ୍ତି ହେବନାହିଁ। ଅନୁଧ୍ୟାନ ମାଧ୍ୟମରେ ବକ୍ତବ୍ୟ ଉପସ୍ଥାପନ କରିବାର ସାମର୍ଥ୍ୟ ଇ- ଗଣତନ୍ତ୍ର ପାଖରେ ଅଛି। ଏହାକୁ ମଧ୍ୟ ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମାରେ ସୀମାବଦ୍ଧ କରାଯାଇନପାରେ। ସରକାରୀ କ୍ଷେତ୍ରରେ ଆଂଚଳିକ ଏବଂ ବିଶ୍ୱ ମଧ୍ୟରେ ଦୂରତ୍ୱ ହଟିଯାଇଛି। ପ୍ରଭାବ ସୃଷ୍ଟିକାରୀ ରାଜନୀତିକ ଘଟଣାମାନ ସମାଜିକ ଘଟଣାବଳୀ ସହିତ ସୂତ୍ରାୟିତ ହୋଇଛି।

## ୪.୫ ୧୯୮୦ ପରବର୍ତ୍ତୀ ପ୍ରମୁଖ କବିମାନଙ୍କ କାବ୍ୟିକ ଆଭିମୁଖ୍ୟ ସଂପର୍କରେ ଆଲୋଚନା

୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାରେ ଦ୍ୱିବିଧ ଧାରା ଦେଖିବାକୁ ମିଳିଥାଏ। ପ୍ରଥମଟି ହେଉଛି ୧୯୬୦-୧୯୮୦ ମଧ୍ୟରେ କବିତା ଲେଖିଥିବା କବିମାନେ୧୯୮୦ ମସିହା ପରେ ପ୍ରତିଷ୍ଠିତ ହୋଇଛନ୍ତି। ସେମାନଙ୍କ କବିତାରେ ଏକ ପ୍ରକାର ଆଭିମୁଖ୍ୟ ଦେଖିବାକୁ ମିଳେ। ଦ୍ୱିତୀୟରେ ୧୯୮୦ ପରେ ଯେଉଁମାନେ ପରିବର୍ତ୍ତିତ ପାଣିପାଗ ଦ୍ୱାରା ପ୍ରଭାବିତ ନହୋଇ ଏକ ଭିନ୍ନ ରୂପରେ ଚିହ୍ନାଇବାର ପ୍ରୟାସ କରିଛନ୍ତି। ଏହି ପରିବର୍ତ୍ତିତ ପାଣିପାଗ ଭାବେ ଇଉରୋକୈନ୍ଦ୍ରିକ ଚିନ୍ତା ଚେତନାର ପ୍ରଭାବକୁ ଆମେ ଗ୍ରହଣ କରିବା। ତେଣୁ ଆଲୋଚନାକୁ ସହଜ କରିବା ପାଇଁ ପ୍ରଥମେ ୧୯୮୦ ମସିହାରେ ପ୍ରତିଷ୍ଠିତ କବିମାନଙ୍କ ସଂପର୍କରେ ଆଲୋଚନା କରିବା। ତା'ପରେ ୧୯୮୦ ମସିହା ପରବର୍ତ୍ତୀ ସମୟର ନୂଆ କବିମାନଙ୍କ କାବ୍ୟିକ ଆଭିମୁଖ୍ୟ ସଂପର୍କରେ ସବିଶେଷ ଆଲୋଚନା କରିବା।

ଏହି କ୍ରମରେ ପ୍ରଥମେ ଆସିବେ କବି ସଚ୍ଚିଦାନନଦ ରାଉତରାୟ । କବି ଜୀବନର ପ୍ରଥମ ସୋପାନରେ ରୋମାଣ୍ଟିକ୍ କବିତା ଓ ଅନ୍ୟ ଦିଗରେ ପ୍ରଗତିବାଦୀ କବିତାର ସୁଦୃଢ ଭିତ୍ତିଭୂମିରୁ କବିଙ୍କର କାବ୍ୟିକ ଚିନ୍ତାଧାରାର ଉନ୍ମେଷ । ଏହି ଦୁଇଟିଯାକ ଚିନ୍ତାଧାରା ମଧ୍ୟ ତାଙ୍କ କୃତିରେ ବେଶ୍ ଶକ୍ତିଶାଳୀ । ପରବର୍ତ୍ତୀ ସମୟରେ ତାଙ୍କ ଚିନ୍ତାଧାରା ଏହାକୁ ଅତିକ୍ରମ କରି ସ୍ଥିତି ସଚେତନ କାବ୍ୟ ସ୍ୱରରେ ରୂପାନ୍ତରିତ ହୋଇଛି ।

କବିଙ୍କ କବିତାର କଳା ପ୍ରକରଣ ଓ ଆତ୍ମିକ ଅବବୋଧରେ ଅଧିକ ସହଜ, ପ୍ରକାଶ ମୁଖୀ, ଭାବପ୍ରବଣତା, ସାଧାସିଧା ଗଢଣ ଦେଖିବାକୁ ମିଳିଛି । ସତେଯେମିତି କବି ନିଜ କବିତାର ପ୍ରୟୋଗବାଦୀ ଫର୍ମରୁ ଓହରି ଆସି ପରବର୍ତ୍ତୀ ତରୁଣ କବି ଗୋଷ୍ଠୀଙ୍କ ଦ୍ୱାରା ପ୍ରଚଳିତ ଉଦାରବାଦୀ ସରଳ ଧାରାଟିକୁ ଗ୍ରହଣ କରିବା ପାଇଁ ମାନସିକ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ୧୯୮୦ ମସିହା ପରେ ପ୍ରାୟତଃ ଅଗ୍ରଜ କବିମାନେ ପ୍ରୟୋଗ ପଦ୍ଧତିରୁ ମୁକ୍ତି ପ୍ରୟାସୀ ହୋଇପଡ଼ିଛନ୍ତି । ଅଶୀ ଦଶକରେ କବି ସଚ୍ଚିଦାନନ୍ଦ ରାଉତରାୟଙ୍କର କବିତା ୧୯୮୩, କବିତା ୧୯୮୫,କବିତା ୧୯୮୭, କବିତା ୨୦୦୩ ଇତ୍ୟାଦି ପ୍ରକାଶ ପାଇଛି ।

କବି ଗୁରୁପ୍ରସାଦ ମହାନ୍ତି ୧୯୭୫ ପରେ ଲେଖିଥିବା କବିତା ସବୁ ୧୯୮୮ ମସିହାରେ ପ୍ରକାଶ ପାଇଥିବା 'ଆଶ୍ଚର୍ଯ୍ୟ ଅଭିସାର' କବିତା ସଂକଳନରେ ସଂକଳିତ ହୋଇଛି । କବିତାଗୁଡ଼ିକ ଛୋଟ ଛୋଟ କବିତା । କାଳପୁରୁଷର ଯେଉଁ ଅନୁଭୂତିର ତୀବ୍ରତା ଦେଖିବାକୁ ମିଳେ ଏହି ସଂକଳନରେ ସ୍ଥାନିତ କବିତା ଗୁଡ଼ିକରେ ତାହା ଖୋଜିଲେ ଆମକୁ ନିରାଶ ହେବାକୁ ପଡ଼େ । ସଂକଳନସ୍ଥ କବିତାରେ ଦୁଇଟି ଧାରା ପରିଲକ୍ଷିତ । ୧୯୮୦ ପୂର୍ବବର୍ତ୍ତୀ କବିତାରେ ଥିବା ସୌନ୍ଦର୍ଯ୍ୟ ପ୍ରତି ଆଗ୍ରହ ଓ ସଚେତନତା ଏବଂ ଦ୍ୱିତୀୟଟି ସତ୍ତାର କ୍ଳାନ୍ତି, ବ୍ୟଥା ଓ ନିଃସଂଗତାର ଅନୁଭବ । କାବ୍ୟିକ ଦୃଷ୍ଟିକୋଣରୁ ଏ ଦୁଇଟିଯାକ ପରସ୍ପର ସହ ସଂପୃକ୍ତ । ନିମ୍ନରେ ଦିଆଯାଇଥିବା କବିତାର ପଂକ୍ତିରୁ ଏହା ସ୍ପଷ୍ଟ ହୋଇଯାଏ ।

- "ତୋ ଆଖିରେ ସୂର୍ଯ୍ୟାସ୍ତର ବିବର୍ଣ୍ଣ ଆକାଶ
  ତୋ ଡ଼େଣାରେ ଆଚ୍ଛନ୍ନତା ସଂଚାରିତ ରାତିର ଅଂଧାର" ।

  (ଫେରନ୍ତା ବାଟର ପକ୍ଷୀ )

- ତୋ କଣ୍ଠରେ ଗୀତ ନାହିଁ, ତୋ ଥଣ୍ଟର ନୀରବତା ତଳେ
  ଭୋକ ନାହିଁ,ତୃଷ୍ଣା ନାହିଁ .. ଅନ୍ତସାର ଶୂନ୍ୟ ସବୁ ଶୋଷର ସମାପ୍ତି
  ଫେରନ୍ତା ବାଟର ପକ୍ଷୀ ତୋ ଡ଼େଣାରେ ଫେରିବାର କ୍ଳାନ୍ତି ଛଡ଼ା ଅନ୍ୟ କିଛି ନାହିଁ ।"

  (ଫେରନ୍ତା ବାଟର ପକ୍ଷୀ)

ପ୍ରଥମ ପଂକ୍ତିରେ ପ୍ରକୃତିର ସୌନ୍ଦର୍ଯ୍ୟବୋଧର ବର୍ଣ୍ଣନା କରାଯାଇଥିଲା ବେଳେ ଦ୍ୱିତୀୟ ପଂକ୍ତିରେ ଫେରନ୍ତା ବାଟର ପକ୍ଷୀକୁ କବି ସତ୍ତାର ପ୍ରତୀକ ଭାବେ ଗ୍ରହଣ କରାଯାଇଛି ।

୧୯୪୮ ରୁ ୧୯୮୮ ଚାଳିଶ ବର୍ଷ ମଧ୍ୟରେ କବି ଗୁରୁ ପ୍ରସାଦଙ୍କର ୭୦ ରୁ ୭୫ ଟି କବିତା ପ୍ରକାଶ ପାଇଛି । ୧୯୮୮ ମସିହା ପରେ କୌଣସି କାବ୍ୟ ସଂକଳନ ପ୍ରକାଶ ପାଇନାହିଁ । ସଂଖ୍ୟାରେ ସ୍ୱଳ୍ପ ହେଲେ ମଧ୍ୟ କବିଙ୍କର କବିତାର ନିର୍ଦ୍ଦିଷ୍ଟ ଆବେଗ ଶକ୍ତି ଓ ତନ୍ମଧ୍ୟରେ ପ୍ରତିଫଳିତ ବର୍ତ୍ତମାନ ଜୀବନର ବ୍ୟର୍ଥତା, ଅସଂଗତିବୋଧ ଏକ ଏକ ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ ।

୧୯୫୫ ମସିହାରେ 'ନୂତନ କବିତା'ର ପରିପ୍ରକାଶ ମାଧ୍ୟମରେ ଓଡ଼ିଆ କବିତା ଜଗତରେ ପାଦ ଥାପିଥିବା ଆଉ ଜଣେ ସୁନାମଧନ୍ୟ କବି ହେଉଛନ୍ତି ଭାନୁଜୀ ରାଓ। ୧୯୮୦ ପୂର୍ବରୁ ଲେଖାଲେଖି ଆରମ୍ଭ କରିଥିଲେ। ୧୯୮୬ ମସିହାରେ 'ନଈ ଆରପାରି' ୧୯୯୪ ରେ 'ଚନ୍ଦନ ବନରେ ଏକା', 'ଦର୍ପଣ ଆଗରେ'-୧୯୯୫,ଏକା ଏବଂ ଏକା ଏକା'- ୧୯୯୬,'ହଳଦୀ ପତ୍ରର ବାସ୍ନା' - ୧୯୯୮, 'ଜହ୍ନର ରଂଗ ଧଳା'- ୧୯୯୮, 'ଅନ୍ତର୍ଗତ ସୁଖ ଦୁଃଖ'-୧୯୯୯, 'ଶବ୍ଦ ସଂଗେ ଶୃଙ୍ଗାର' - ୧୯୯୯, 'ସ୍ୱପ୍ନର ମହକ' - ୨୦୦୦, 'ରକ୍ତ ମାଂସର କବିତା'-୨୦୦୦, 'ଧୂସର ବର୍ଣ୍ଣମାଳା'-୨୦୦୦, 'ଶୈଶବର ମୁହଁ' -୨୦୦୧,ଚିତ୍ରିତ ଦ୍ରାଘିମା -୨୦୦୧, 'ଗୋଧୂଳି ରଂଗର ମଳି'-୨୦୦୧ ଇତ୍ୟାଦି ପ୍ରକାଶ ପାଇଛି। ପ୍ରଥମ ସଂକଳନ 'ବିଷାଦ ଏକ ଋତୁ'ରେ ବିଷାଦର ପୃଷ୍ଠଭୂମିରେ ପ୍ରେମ ପ୍ରକୃତି ଜନିତ ଅନୁଭବ ନଈ ଆରପାରିରେ ମଳିନ ପଡ଼ିଯାଇଛି। କାବ୍ୟିକ ଆଭିମୁଖ୍ୟ ସମାନ କିନ୍ତୁ ଅନୁଭବରେ ତୀବ୍ରତା ସାମାନ୍ୟ ଫିକା ପଡ଼ିଯାଇଛି। ପ୍ରଥମ କବିତା 'ପ୍ରେମ' ରେ ପ୍ରେମର ପରିଭାଷା ନିରୂପଣ କରିବାକୁ ଯାଇ କବି କହୁଛନ୍ତି:-

" ପ୍ରେମ ଏକ ରଢ଼ ନିଆଁ
ପୋଡ଼ିଦିଏ ସବୁ କିଛି
ହାତର ପାପୁଲି ଆଉ ଆଖିପତା,ଓଠର ପାଖୁଡ଼ା
ପ୍ରଜ୍ୱଳନ୍ତ ମେଘ ଭଳି ଘୋଟିଯାଏ ଦେହର ଆକାଶ
ଲେଲିହାନ ଜିଭ ଦେଇ ଋଟେ ମନ ଅଇଁଠା ପତର।"

ଏହି ପ୍ରେମ ଜନିତ ଅନୁଭବ ପରବର୍ତ୍ତୀ ସମୟରେ ଭିନ୍ନ ରୂପ ନେଇଛି। ପ୍ରେମ 'ବିଶ୍ୱାସଘାତକ', 'ତସ୍କର' ଭଳି ମନେ ହୋଇଛି। ଈର୍ଷାର ଅନ୍ୟନାମ ପ୍ରେମ, ବୋଲି କହିବାକୁ ମଧ୍ୟ କବି ପଛାଇନାହାଁନ୍ତି। ପ୍ରେମ ଜନିତ ଏଇ ବିଷାଦ ଅନୁଭବ ମୃତ୍ୟୁଚେତନା ଆଜକୁ ବାଟ କଢାଇଛି। ମୃତ୍ୟୁର ସୂଚନା ଦେଇ କବି କହୁଛନ୍ତି:-

"ଏ ସହରର ନାମହୀନ ଅଜଣା ଛକରୁ
ଧ୍ୱଂସ ପରି ରାସ୍ତା ସବୁ ଲମ୍ବିଛନ୍ତି ମଶାଣୀ ଆଡ଼କୁ
ଅଶ୍ରୁ ପତନର ଶବ୍ଦ ଶୁଣିବାକୁ ଭାରି ଇଚ୍ଛା ହୁଏ
ତୁମର ସ୍ନେହର ପ୍ରାଣ ମୃଗ ନାଭି ମହକୁଛି। (ଦୂରତ୍ୱ)

ମୃତ୍ୟୁଚେତନା ଓ ସମୟ ଚେତନାର ମିଶ୍ରିତ ଅନୁଭବ ନିମ୍ନ ପଂକ୍ତିରେ ଦେଖିବାକୁ ପାଇବା।

"ସବୁ କିଛି ସରିଯିବ ଦିନେ
ସରିଯିବ ସବୁକିଛି ମଳୟର ଦୀର୍ଘଶ୍ୱାସ ପରି
ଆତପ୍ତ କାଂଚନ ବର୍ଣ୍ଣ ନାରୀ ଦେହ
ସେବି ଯିବ ପରି
ଝରିଯିବ ସୁବର୍ଣ୍ଣ ସୁଷମା।" (ଶେଷ ଦୃଶ୍ୟ)

ଏହାପରେ ୧୯୯୪ ରେ ଚନ୍ଦନ ବନ ପ୍ରକାଶ ପାଇଲା। ସଂକଳନରେ ୫୦ ଟି କବିତା ସ୍ଥାନ ପାଇଛି। ୧୯୯୫ ଓ ୧୯୯୬ ରେ 'ଦର୍ପଣ ଆଗରେ' ଓ 'ଏକା ଏବଂ ଏକା ଏକା' ପ୍ରକାଶ ପାଇଲା। ଦୁଇଟି ଯାକ କବିତା ସଂକଳନରେ ୩୦ ଟି କରି ମୋଟ୍ ୬୦ ଟି କବିତା ସ୍ଥାନିତ। 'ଚନ୍ଦନ ବନ'ରେ ଏକା ସଂକଳନରେ କବିଦୃଷ୍ଟି ଉପଲବ୍ଧ, ଆନନ୍ଦ,ପରିପୂର୍ଣ୍ଣତା ଦିଗରେ ପ୍ରଧାବିତ। ଚନ୍ଦନ ବନ ଏକ ନିର୍ଦ୍ଦିଷ୍ଟ ସ୍ଥାନ; ଯେଉଁଠି କବି ନିର୍ଜନରେ ପ୍ରତୀକ୍ଷା କରିଛନ୍ତି। ଏହି ପ୍ରତୀକ୍ଷା ଭିତରେ ଉନ୍ମାଦନା ଅଛି ଅଛି ମଧ୍ୟ ରହସ୍ୟମୟତା।

"ତା' ଦେହକୁ ସଜାଇବି / ଅଲୌକିକ ଅକ୍ଷରରେ / ଯେଉଁଠି ଧରାଦେବ ନିସର୍ଗ ପୃଥିବୀ / ଆରକ୍ତ ଧ୍ୱନିମୟତାରେ" ...... "ଅନର୍ଗଳ ଜୋଛନାରେ ଧୋଇଯିବ ଘରର ଚଟାଣ" ...... "ସ୍ୱପ୍ନରେ ତା' ପଦଧ୍ୱନି ଶୁଭେ .... ଜହ୍ନର ହାତ ଧରି / ପାଦରେ ଚିପି ଚିପି ଝରା ପତରକୁ / ଆସିବ ସେ"।

ତା'ହେଲେ କବି ସେଇ ସର୍ଜନଶୀଳ ମୁହୂର୍ତ୍ତକୁ ଅପେକ୍ଷା (ମୁଁ ଦିନେ କବିତା ଲେଖିବି ....... "କବିତା ଆସିଲେ,) କରିଛନ୍ତି ଯେଉଁ ମୁହୂର୍ତ୍ତରେ ତାଙ୍କୁ ଶବ୍ଦମୟତା ଆଚ୍ଛନ୍ନ କରିବ। କବିତାର କାଳିସୀ ଲାଗିଲେ ସର୍ଜନଶୀଳତାର ବାଙ୍ମୟରୂପ ପ୍ରକାଶ ପାଇବ। ସମଗ୍ର ସଂକଳନରେ ଏଇ ଭଳି ଅନେକ ଅନୁଭବର ସୁନ୍ଦର ରୂପାୟନ ଘଟିଛି। କଟକ ସହର ଉପରେ 'ବିଦାୟ' ଓ 'ପ୍ରତ୍ୟାବର୍ତ୍ତନ' ନାମକ ଦୁଇଟି କବିତା ଲେଖିଛନ୍ତି। 'ଯାତ୍ରା' ଓ 'ଶେଷ ଠିକଣା' କବିତାରେ ଜୀବନର ଯାତ୍ରା ଓ ମୃତ୍ୟୁର ଅନୁଭବ ତୀବ୍ର ହୋଇଛି। ଜୀବନର ଗତିପଥ ଶେଷ ହୁଏ ମୃତ୍ୟୁରେ। ଜୀବନର ଯାତ୍ରାରେ ପୂର୍ଣ୍ଣଚ୍ଛେଦ ଟାଣି ଦିଏ ମୃତ୍ୟୁ। ବିଘ୍ନ ଚିନ୍ତା ଚେତନାରେ ଏହାର ସୁନ୍ଦର ପରିପ୍ରକାଶ ଘଟିଛି।

"ମୁଁ ଦିନେ ଚାଲିଯିବି / ସବୁକିଛି ଛାଡ଼ି ଦେଇ" ...... "ଏ ପୃଥିବୀ ଛାଡ଼ିଯିବି ଦିନେ "...... " ମୁଁ କିନ୍ତୁ ରହିବିନି ..... ଆଉ କେବେ ହେଲେ" ଜୀବନରେ ଯାହା ବାକି ରହିଯାଏ ତାହା ହେଉଛି ବିଷାଦର ମନୋଭାବ ।

............. " ଧୂମାୟିତ ଚାହା କପ ......... ସେ ବି ପଡ଼ି ରହୁ
ଶୁଖିଯାଉ କଲମରୁ କାଳି,
ଚୁପ୍‌ଚାପ, ଶୋଇ ରହୁ ପ୍ରିୟ ହାତ ଘଡ଼ି,
ସୁନାର ବୋତାମ ।"

"ଆମ ସମସ୍ତଙ୍କ ଶେଷ ଠିକଣା / ଅରୁଆ କଦଳୀ ବଣ / ସହଜ ସିଧା ଲମ୍ୱିଛି / ଖୋଜି ପାଇବାରେ ଅସୁବିଧା ନାହିଁ/ ଆପଣ ନିଶ୍ଚେ ଦିନେ ନା ଦିନେ ପହଞ୍ଚିଯିବେ ଠିକ୍ ଯାଗାରେ"।

କାବ୍ୟ ଚେତନାରେ ଗତିଶୀଳ ସମୟ ଓ ମୃତ୍ୟୁର ଅନୁଭବ କବିଙ୍କର ମାନସିକତାକୁ ଚଞ୍ଚଳ କରିଦେଇଛି। 'ଏକା ଏବଂ ଏକା ଏକା' ରେ ନିଃସଙ୍ଗତାର ଅନୁଭବର ତୀବ୍ରତା "କବି ଦୃଷ୍ଟିରେ ଶାନ୍ତିର ଅନ୍ୟ ନାମ ହେଉଛି ନିଃସଙ୍ଗତା। କବି ଆଶା ପୋଷଣ କରନ୍ତି ଯେ ସେ ଏପରି ଏକ ଘର ତିଆରି କରିବେ ଯେଉଁ ଘରେ ଚରିଆଡୁ ନିଃସଙ୍ଗତା ଅଜାଡ଼ି ହୋଇ ପଡୁଥିବ କବିଙ୍କ ଛାତି ଉପରେ। ନିଃସଙ୍ଗତାକୁ ନେଇ ଏକ ଭିନ୍ନ ଅନୁଭବ କବିତାରେ ସୁସ୍ପଷ୍ଟ।

"ନିଃସଙ୍ଗ ଚୌକିରେ ବସି / ମୁଁ ଦେଖୁଥିବି ନିର୍ଜନ ସୈକତରେ / ଢେଉଙ୍କ ଆତ୍ମ ସମର୍ପଣ,"।

୧୯୯୮ ମସିହାରୁ ୨୦୦୧ମଧ୍ୟରେ କବିଙ୍କର ଦଶ ଗୋଟି କବିତା ସଂକଳନ ପ୍ରକାଶ ପାଇଛି। ସଂକଳନରେ ମୋଟ ୩୩୩ଟି କବି ସ୍ଥାନ ପାଇଛି। କବି ଜୀବନର ଅନ୍ତିମ ପର୍ଯ୍ୟାୟରେ ନିରବଚ୍ଛିନ୍ନ ଭାବରେ କବିତା ଲେଖିଛନ୍ତି। ପୂର୍ବବର୍ତ୍ତୀ କବିତାର କାବ୍ୟିକ ଅନୁଭବମାନ ସବୁ ଏଥିରେ ସେମିତି ବଳବତ୍ତର ରହିଛି। ଯେମିତିକି ପ୍ରେମ,ପ୍ରକୃତି,ମୃତ୍ୟୁ,ନିଃସଙ୍ଗତା,ସାମାଜିକ ଚେତନା, ଯାହା ପାଠକକୁ ବିସ୍ମିତ କରେ, ତାହା କବିଙ୍କର ଭାଷା ସଂଗଠନ ଓ ବର୍ଣ୍ଣନା ବିନ୍ୟାସ ମଧ୍ୟରେ ରୂପାୟିତ ହୋଇଛି।

ଅନ୍ୟତମ ପ୍ରତିଷ୍ଠିତ କବି ରମାକାନ୍ତ ରଥଙ୍କର ୧୯୮୦ ମସିହା ପରେ ପାଞ୍ଚଗୋଟି ସଂକଳନ ପ୍ରକାଶ ପାଇଛି। ୧୯୮୨ ରେ 'ସଚିତ୍ର ଅଂଧାର',୧୯୮୫ ରେ 'ଶ୍ରୀରାଧା',୧୯୯୬ ରେ 'ଶ୍ରୀ ପଳାତକ', ୨୦୦୨ ରେ 'ସୀମାନ୍ତ ବାସ' ୨୦୦୪ ରେ 'ଫେରିଗଲିହିଁଲେ' ପ୍ରଭୃତି। ରମାକାନ୍ତଙ୍କ କାବ୍ୟ ସଂଗଠନର ସର୍ବୋତ୍ତମ ପରିପ୍ରକାଶ 'ଶ୍ରୀରାଧା' କବିତା ଗୁଚ୍ଛରେ। ଶ୍ରୀକୃଷ୍ଣ ଓ ଶ୍ରୀରାଧା ଏକ ଜଟିଳ ମନସ୍ତାତ୍ତ୍ୱିକ ପ୍ରତିକ୍ରିୟା। ଯାହାଙ୍କୁ କେବଳ ଅନୁଭବ କରାଯାଇପାରେ। ଶ୍ରୀରାଧାର ଅନୁଭବ ପୁରାତନ ସୀମା ଅତିକ୍ରମ କରି ଏପରି ଏକ ଅପହଞ୍ଚ ଇଲାକାରେ ପହଞ୍ଚିଛି ଯେଉଁଠାରେ ପ୍ରେମର ସମସ୍ତ ଅନ୍ତହୀନ ବେଦନାର ପରିସମାପ୍ତି ଘଟେ। ରାଧା ପୁରାଣର ରାଧା ନୁହଁନ୍ତି। ଏଠାରେ ପୁରାଣ ଏକ ପୃଷ୍ଠଭୂମି,କାବ୍ୟିକ ପରିପ୍ରକାଶର ମାଧ୍ୟମ ଓ କବିଙ୍କର ସମଗ୍ର ଦୃଷ୍ଟି ସହିତ ନିବିଡ଼ ଭାବରେ ଜଡ଼ିତ। ଗୋଟିଏ ପାଖରେ ଆଶା ଓ ଆନନ୍ଦ। ଅପର ପାଖରେ ଏହାର ଅବଲୁପ୍ତି। ଦେଶଜ ଓ କଥୋପକଥନ ଭାଷାରେ ଜଟିଳ ଆବେଗ ଓ ଅନୁଭବକୁ ପ୍ରକାଶ କରିବାରେ କବି ପ୍ରତିଭାର ସ୍ୱାତନ୍ତ୍ର୍ୟ ନିହିତ। ପ୍ରେମର ସର୍ବୋତ୍କୃଷ୍ଟ ଉପଲବ୍ଧି କବିତାରେ କିପରି ରୂପ ପାଇଛି ନିମ୍ନୋକ୍ତ ପଂକ୍ତିରୁ ଜାଣିହୁଏ।

ପ୍ରେମ, ପ୍ରେମରେ ସମର୍ପଣ, ଆନନ୍ଦର ଉପଲବ୍ଧି, ଜୀବନ ଓ ମୃତ୍ୟୁର ସନ୍ଧିକ୍ଷଣରେ ଏକୀଭୂତ ହେବାର ଭାବନା ପ୍ରକାଶିତ।

. (ପ୍ରେମ) "ଯେଉଁଦିନ ଲୋକେ କହିଲେ ମୁଁ କୁଳ
କଳଙ୍କିନୀ ଦୋଷରୁଣୀ
ସେଦିନ ହେଲି ମୁଁ ରାଧିକା ରସିକା
ମାନଙ୍କର ଶିରୋମଣି"। (ଶ୍ରୀରାଧା-୨୬)

. (ସମର୍ପଣ) "ଅସ୍ଥିରୁ ଉତାରିଦେଲି
ଜରୀ ଦେହ ସୂତା ଦେହରେ ଶମର ଦେହ,
ନିଜକୁ ଢାଙ୍କିବା ପାଇଁ କାରୁକାମ କରା ଆବରଣ
କାଢିଦେଲି, ମୋର ଅସହାୟ
ନିରାଭରଣତା କଲି ତମକୁ ଅର୍ପଣ। (ଶ୍ରୀରାଧା-୧୦)

. (ଆନନ୍ଦ) "ତମକୁ ସମର୍ପି ଦେଲି ମୋର ଶରୀରର
କଠିନତା, ବୋଝ ବୋଝ ପୁରୁଣା ଅଭ୍ୟାସ,
ଭୟ ଭ୍ରାନ୍ତି,ସୁଖ ଦୁଃଖ,ଜରା ଓ ମରଣ,
ତା'ପରେ ତରଳି ଯାଇ ବ୍ରହ୍ମାଣ୍ଡ ଉପରେ
ବୋହିଗଲି ଯେପରି ମୁଁ ପର୍ବତ ଭିତରୁ
ସଦ୍ୟ ମୁକ୍ତ ହୋଇ ଚନ୍ଦ୍ରର କିରଣ।" (ଶ୍ରୀ ରାଧା -୧୦)

. (ଜୀବନ ଓ ମୃତ୍ୟୁର ସନ୍ଧି)
"ଯେତେବେଳେ ମୁଁ ତମକୁ ଭିଡ଼ି ଧରିଥିବି ମୋ ଛାତିରେ
ଯେତେବେଳେ ମୋ ସର୍ବାଂଗ ସାରା
ତମ ହାତ ବୁଲି ଯାଉଥିବ,
ଯେତେବେଳେ ବାଂଧି ଦେବା କିମ୍ବା
ପଦେ କଥା କହିବାକୁ
ମୋର ଲାଭ ସାମର୍ଥ୍ୟ ନଥିବ,
ଯେତେବେଳେ ମରିପାରୁନଥିବି ଅଥଚ
ଜୀଇଁବା ବି ପୁରା ଅସମ୍ଭବ।" (ଶ୍ରୀରାଧା- ୬୧)

୧୯୮୦ ମସିହା ପରବର୍ତ୍ତୀ ସମୟରେ କବି ସୀତାକାନ୍ତ ମଧ ବହୁ କବିତା ଲେଖିଛନ୍ତି। ୧୯୮୧ ମସିହାରେ 'ଆରଦୃଶ୍ୟ', ୧୯୮୪ ରେ 'ସମୟର ଶେଷନାମ',୧୯୮୭ ରେ 'କାହାକୁ ପୁଚ୍ଛିବା କୁହ', ୧୯୯୦ରେ 'ଚଢ଼େଇରେ ତୁ କି ଜାଣୁ',୧୯୯୧ ରେ ଫେରିଆସିବାର ବେଳ, ୧୯୯୩ରେ 'ବର୍ଷା ସକାଳ', ୧୯୯୬ ରେ 'ପଦଚିହ୍ନ', ୧୯୯୭ ରେ ମୃତ୍ୟୁର ଅସୀମ ଧୈର୍ଯ୍ୟ, ୨୦୦୦ ରେ 'କପଟ ପାଶା', ୨୦୦୨ ରେ 'ପ୍ରଦକ୍ଷିଣ' ପ୍ରକାଶିତ। କବିଙ୍କ କବିତାର ମୁଖ୍ୟ ବୈଶିଷ୍ଟ୍ୟ ହେଲା ଜୀବନର ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ ବିଚାର। ନିଜେ ନିଜକୁ ଚିହ୍ନିବା, ଜାଣିବା, ବୁଝି ଅନୁଭବ କରିବାର କ୍ଷମତା ତାଙ୍କ କାବ୍ୟିକ ସଂଗଠନର ସୁଦୃଢ ବଳୟ ମଧରେ ପ୍ରକାଶିତ। ଜୀବନହୀନ ପରିସର ମଧରେ ଜୀବନର ଶକ୍ତି ଆହରଣ କରିବା ହିଁ କବିଙ୍କ କବିତାର ମୁଖ୍ୟ ଆଭିମୁଖ୍ୟ। ୧୯୮୪ ମସିହାରେ ପ୍ରକାଶ ପାଇଥିବା ସମୟର ଶେଷ ନାମ' ସଂକଳନରେ ସ୍ଥାନିତ କବିତା ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ସମୟଚେ୍ତନା, ମୃତ୍ୟୁ ଅନୁଭବ, ନିଃସଙ୍ଗତା ବୋଧର ବଳୟ ମଧରୁ କବି ବାହାରି ଆସିଛନ୍ତି। ନିଜ ଗାଁ, ପରିବାର କବିଙ୍କୁ ଆକର୍ଷିତ କରିଛି। ଜୀବନ ସଂପର୍କରେ ଅଭିଜ୍ଞତା, ଜୀବନର ସ୍ଥିତି ସଂପର୍କରେ ଚେତନା ଓ ସବୁ ଚେତନା ଜନିତ କ୍ଲେଶ ଓ ଯନ୍ତ୍ରଣାର ଉର୍ଦ୍ଧ୍ୱରେ ଆନନ୍ଦ ଓ ପରମ ଶାନ୍ତିର ଦିଗ ଉଦ୍‌ଘାଟିତ। 'ଶତ୍ରୁ' କବିତାଟି ଏହାର ଜ୍ୱଳନ୍ତ ଉଦାହରଣ।

"ଦେଖିଲୁ ସବୁ ପଡ଼ିଛି ଏଣେତେଣେ ଛିନ୍‌ଛତ୍ର
ଆମର ବର୍ଚ୍ଛା ଓ ଢାଲ, ଧନୁ ଓ ତୁଣୀର

ଜାତି ଜାତି ଇଂଜେକ୍‌ସନ୍‌, ଅସଂଖ୍ୟ ଔଷଧ ଶିଶି
ଗଂଗାଜଳ, ଭାଗବତ, ଅଂଗୁର ଓ ବେଦନା
ଅସହାୟ ବିପର୍ଯ୍ୟସ୍ତ ଆମର ସକଳ ଆଶା
ଆମର ସବୁ ନିଃଶ୍ୱାସ ଆକୁଳ ପ୍ରାର୍ଥନା।। (ଶତ୍ରୁ)

ଦୁଇପ୍ରକାର ଅର୍ଥ କବିତାରେ ପ୍ରକାଶିତ। ଗୋଟିଏ ପ୍ରତ୍ୟକ୍ଷ ଯୁଦ୍ଧର ଅପରଟି ନିଜ ପିତାଙ୍କର ମୃତ୍ୟୁ ପରିପ୍ରେକ୍ଷୀରେ ନାୟକର ଯନ୍ତ୍ରଣା, କ୍ଲେଶ ଓ ଶୂନ୍ୟ ଅନୁଭବ। ଏତାଦୃଶ ବିବିଧ ଅନୁଭବର ସମାହାର ସମଗ୍ର ସଂକଳନରେ ସ୍ଥାନିତ କବିତା ଗୁଡ଼ିକରେ ଦେଖିବାକୁ ମିଳେ।

୧୯୮୦ ପରବର୍ତ୍ତୀ କାଳରେ ସୌଭାଗ୍ୟ କୁମାର ମିଶ୍ରଙ୍କର କାବ୍ୟସ୍ୱର ମଧ୍ୟ ପାଠକମାନଙ୍କୁ ଆକର୍ଷିତ କରେ। ୧୯୮୧ ମସିହାରେ କବିଙ୍କର'ବଜ୍ରଯାନ', ୧୯୮୪ ରେ ଦ୍ୱାସୁପର୍ଣ୍ଣା,୧୯୯୦ ରେ 'ମଣିକର୍ଣ୍ଣିକା' ୧୯୯୪ ରେ 'ଅନ୍ୟତ୍ର', ୧୯୯୯ରେ 'ଚରାଚର' ଓ 'ଉଜ୍ଜୟିନୀ' ପ୍ରକାଶ ପାଏ। କବିଙ୍କର ପ୍ରାଥମିକ ପର୍ଯ୍ୟାୟର କବିତା ରୋମାଣ୍ଟିକ୍ ପରି ମନେ ହେଉଥିଲେ ମଧ୍ୟ ଏ ସମୟର କବିତାରେ ସମାଜ ଓ ମାନବର ଏକ ବିସ୍ତୃତ ଇଲାକାକୁ ସ୍ପର୍ଶ କରିଛି। କବିତାର ଦିଗନ୍ତ ସୁଦୂର ପ୍ରସାରୀ ହୋଇଛି। ଚେତନାର ଉର୍ଦ୍ଧ୍ୱକୁ ପରିବ୍ୟାପ୍ତ ହୋଇଛି। ୧୯୮୧ ରେ 'ବଜ୍ରଯାନ' ସଂକଳନ ପ୍ରକାଶ ପାଇଲାବେଳକୁ କବିଙ୍କର ସଂସାର ଓ ମାନବ ସମ୍ବନ୍ଧୀୟ ଦୃଷ୍ଟି ତୀକ୍ଷ୍ଣ ଓ ପ୍ରଶସ୍ତ ହୋଇଛି। ପୂର୍ବ କାବ୍ୟିକ ଧାରା ପରିବର୍ତ୍ତିତ ହୋଇ ଆତ୍ମ ଅନ୍ୱେଷଣ ଦିଗରେ ପ୍ରଭାବିତ ହୋଇଛି। କବି ତାଙ୍କ ଦୃଷ୍ଟିର ପରିସର ମଧ୍ୟରେ ଯାହା ଉପଲବ୍ଧି କରିଛନ୍ତି ତାକୁ ନିଜ ସୃଷ୍ଟିରେ ଧରି ରଖିବାର ପ୍ରୟାସ କରିଛନ୍ତି। 'ବଜ୍ରଯାନ' ସଂକଳନସ୍ଥ କବିତାରେ ପଶୁପକ୍ଷୀ,କୀଟପତଙ୍ଗ ଆଦି କବିତାର ଚରିତ୍ରଭାବେ ଆବିର୍ଭୂତ ହୋଇଛନ୍ତି। ଯଥା:-

"ଗେଣ୍ଡା ମୋର ପ୍ରିୟ / ନୀଳ ଲଫାପା ଯେମିତି /କଣ୍ଟାବୁଦା ବି ପ୍ରିୟ / ଅଶ୍ଳୀଳ ଜୋକ ଯେମିତି"। (ବଜ୍ରଯାନ - "ଆଙ୍ଗୁଠି" ପୃ- ୧୨୩) 'ଦ୍ୱାସୁପର୍ଣ୍ଣା' ରେ କବିଙ୍କର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆସିଛି। କବିତାର କଥାବସ୍ତୁର ମୂଳରେ ଶ୍ୱେତ ଶ୍ୱେତରୋପନିଷଦର ଚତୁର୍ଥ ଅଧ୍ୟାୟର କଥା। ସଂକଳନରେ ସ୍ଥାନିତ ଭଂଜ ବିହାରରେ ବର୍ଷା,ଆବିଷ୍କାର ଇତ୍ୟାଦି କବିତାରେ ଆଧୁନିକ ମଣିଷର ବିଭିନ୍ନ କ୍ରିୟା ପ୍ରତିକ୍ରିୟାର ସ୍ପଷ୍ଟ ଚିତ୍ର ପ୍ରକାଶିତ। 'ବାନର ମାଙ୍କଡ଼ କଥା' କବିତାରେ କବି ମାଙ୍କଡ଼ କୁମ୍ଭୀର କାହାଣୀ ମାଧ୍ୟମରେ ସାଂପ୍ରତିକ ମଣିଷ ଚରିତ୍ରର ସ୍ୱାର୍ଥପର ମନୋବୃତ୍ତିର ଚିତ୍ରଣ କରିଛନ୍ତି। 'ଅହଲ୍ୟା' କବିତାରେ କବି ଆମ ସମାଜର ସତ୍ୟନିଷ୍ଠ ମଣିଷମାନଙ୍କୁ ଅହଲ୍ୟା ସହିତ ତୁଳନା କରିଛନ୍ତି। କବିଙ୍କର ସପ୍ତମ ସଂକଳନ'ମଣିକର୍ଣ୍ଣିକା'। ଭାରତୀୟ ଜୀବନବୋଧ ଉପରେ ଆଧାରିତ। 'ମଣିକର୍ଣ୍ଣିକା' ହେଉଛି ଏକ ପବିତ୍ର ତୀର୍ଥ ସ୍ଥାନ। ଘଟ ପରିବର୍ତ୍ତନର ଭୂମି। ସଂସାରୀ ମଣିଷ ଏଠାକୁ ଆସନ୍ତି। ଏହି ଘାଟରେ ସ୍ନାନ କରି ଜୀବନଯାକର ସମସ୍ତ ପାପକୁ ଧୌତ କରିବା ସହ ସଂସାରର ମୋହମାୟାରୁ ବାହାରି ଆସି ମୋକ୍ଷ ବା ମୁକ୍ତିର ମାର୍ଗ ସଂପର୍କରେ ଚିନ୍ତା କରିବା ପାଇଁ। ସଂକଳନରେ ସ୍ଥାନିତ 'କୈବର୍ତ୍ତ', 'ଗିନା', 'ପୋକ' ଇତ୍ୟାଦିରୁ କବିଙ୍କର ଭାବାଦର୍ଶ ସୁସ୍ପଷ୍ଟ ହୋଇଥାଏ।

'କୈବର୍ତ୍ତ', କବିତାରେ କବି ମଣିଷର ସ୍ଥିତି ପ୍ରତି ସଚେତନ। ମଣିଷ ପ୍ରଥମେ ଚିନ୍ତା କରୁଛି ସେ ତାର ଶରୀରକୁ ନେଇ ବଂଚିବ। ବଂଚିବା ପରେ ସଂସ୍କୃତି ମୂଲ୍ୟବୋଧ ଓ ପରଂପରା କଥା ଚିନ୍ତା କରିବ। ମଣିଷ ନିଜକୁ ଅସହାୟ ମଣିବ ନାହିଁ। ମନ୍ଦିରରେ ଈଶ୍ୱରଙ୍କ ପାଦତଳେ ଶରଣ ପଶିବ ନାହିଁ କି ହାର୍ ଜିତ୍ କଥା ମଧ୍ୟ ଭାବିବ ନାହିଁ। କବି ଦୃଷ୍ଟିରେ ମଣିଷର ଜୀବନ ଏକ 'ଗିନା' ସହିତ ତୁଳନୀୟ। ଗିନାରେ କ୍ଷୀର ଥାଉ କି ବିଷ ଥାଉ - କବି ସେଥିପ୍ରତି ଦୃଷ୍ଟି ଦେଇନାହାଁନ୍ତି। ମଣିଷକୁ ଏଇ ଗିନାରୂପୀ ଜୀବନକୁ ନେଇ ସାରା ଜୀବନ ବୋହିବାକୁ ପଡ଼ିବ।

କବିଙ୍କ ଭାଷାରେ :-

"ଠିକ୍ ଅଛି / ନେଇଯିବି/ବେଶ୍ ବେଶ୍/ରାଜି/ଗିନାର/ଘୋଡ଼ଣି ଟେକି ଦେଖିବି ନାହିଁ/କ୍ଷୀର ଅଛି କି ବିଷ ଅଛି/ରକ୍ତ ଅଛି କି ମନ୍ତୁରା ପାଣି ଅଛି/ଗିନାଟା ଭର୍ତ୍ତି କରି ଦେଇଛ/ସେତକ ପ୍ରତିଶ୍ରୁତି ମୋ ଲାଗି ଯଥେଷ୍ଟ।"(ଗିନା - ମଣିକର୍ଣ୍ଣିକା ପୃ-୯୫)

ଏହି ସଂକଳନରେ ଆଉ ଏକ ଭଲ କବିତା 'ପୋକ'। 'ପୋକ' ଯେମିତି ବଞ୍ଚିବା ପାଇଁ ଅହରହ ସଂଗ୍ରାମ କରୁଥାଏ। ସମାଜର ନାନା ଘାତ ପ୍ରତିଘାତ ମଧ୍ୟରେ ସାଧାରଣ ମଣିଷଟିଏ ସେମିତି ସଂଗ୍ରାମ କରୁଥାଏ। କବି ଉଲ୍ଲେଖ କରିଛନ୍ତି :-

"ମୁଁ ଭାବିଛି ଆଉ ଏତେ ଧନ୍ଦିଛନ୍ଦି ନହୋଇ
ପୋକଟିକୁ ଦେଇ ଦେବି ମୋ ଭବିଷ୍ୟତ
ଭଲ ପାଇ ଭଲ ପାଇ ଆଗଉଥିବି ତା' ଆଡ଼େ।" (ମଣିକର୍ଣ୍ଣିକା 'ପୋକ' ପୃ-୬୨)

'ଅଂଧମହୁମାଛି' ଠାରୁ 'ମଣିକର୍ଣ୍ଣିକା'ଯାଏ କବିଙ୍କ କାବ୍ୟ ଚେତନାରେ ଯେଉଁ ବିକାଶ ଦେଖିବାକୁ ପାଇଲେ 'ଅନ୍ୟତ୍ର' ପ୍ରକାଶ ପାଇଲା ବେଳକୁ ଚିନ୍ତାଧାରାରେ ପରିବର୍ତ୍ତନ ଦେଖିବାକୁ ମିଳିଛି। କାବ୍ୟନାୟକ ପ୍ରତ୍ୟେକ ମୁହୂର୍ତ୍ତରେ ଶୁଣିଛନ୍ତି ପୃଥିବୀର ପ୍ରତିଧ୍ୱନି। ପୃଥବୀ ପ୍ରତି ଆକର୍ଷଣ ଅଛି କିନ୍ତୁ ଚତୁର୍ଦ୍ଦିଗରେ ରାଶି ରାଶି ଦୁଃଖ, ଯନ୍ତ୍ରଣା ମଣିଷକୁ ହନ୍ତସନ୍ତ କରିପକାଉଛି। ଜୀବନର ଶେଷ କାଳରେ ଟିକିଏ ଶାନ୍ତି ଦରକାର। ସମୟେ ସମୟେ ଯନ୍ତ୍ରଣା କ୍ଲିଷ୍ଟ ଗତାନୁଗତିକ ଜୀବନଧାରା ମଧ୍ୟରୁ କାବ୍ୟନାୟକ ମୁକ୍ତି ଋହିଁଛି। ସେ ମୁକ୍ତିର ଅର୍ଥ ହେଉଛି ଜୀବନର ପରିସମାପ୍ତି। ସଂକଳନରେ ସ୍ଥାନିତ 'ଘର'କବିତାରୁ ଏହା ସୁସ୍ପଷ୍ଟ। କବିଙ୍କ ଭାଷାରେ:-

"ଏଥର ଉଠିବା / ମୋର ବେଳ ହେଲାଣି / ପୋଷାକ ଖୋଲି ଦେବାର / ଝାଳ ପୋଛି ଦେବାର / ଏକୁଟିଆ ମୁଁ କୋଠରୀରେ ଏମିତି ସବୁଦିନ ............"।

'ମୃତ୍ୟୁଲୋକ' ଏଠାରେ କାବ୍ୟ ନାୟକର ଘର। ଏହାର କୁଳ ଅଜ୍ଞାତ। କାବ୍ୟନାୟକ ମଣିଷ ସମାଜର ପ୍ରତିନିଧି ପ୍ରତ୍ୟେକ ମଣିଷକୁ ଶେଷରେ ସେଇ ଘରକୁ ଯିବାକୁ ହେବ। ସେଠାକୁ ଯିବାକୁ ହେଲେ ନିତ୍ୟ ବ୍ୟବହୃତ ଜୀବନର ପୋଷାକକୁ ପରିତ୍ୟାଗ କରିବାକୁ ହେବ।

କବିଙ୍କ ଭାଷାରେ :-

"ଏଥର ଉଠିବା/ ମୋର ବେଳ ହେଲାଣି / ପୋଷାକ ଖୋଲି ଦେବାର, ଝାଳ ପୋଛି ଦେବାର / ଏକୁଟିଆ ମୁଁ କୋଠରୀରେ ଏମିତି ସବୁଦିନ ......"।

ଉପରୋକ୍ତ କବିତାରୁ ସ୍ପଷ୍ଟ ହୁଏ ଯେ, ୧୯୮୦ ପରବର୍ତ୍ତୀ କାଳରେ ରଚିତ ସୌଭାଗ୍ୟ ମିଶ୍ରଙ୍କ କବିତାର ପୃଷ୍ଠଭୂମି ହେଉଛି ବିଶ୍ୱବ୍ରହ୍ମାଣ୍ଡ। ଭାବନା,ଚିନ୍ତା ଚେତନାର ପରିଧି ଚରାଚର ପରି ବ୍ରହ୍ମାଣ୍ଡ ମଧ ଚତୁର୍ଦ୍ଦିଗକୁ ପରିବ୍ୟାପ୍ତ ଦ୍ରଷ୍ଟାପୁରୁଷ କବି ତାର ତୃତୀୟ ନୟନରେ ବିଶ୍ୱ ବ୍ରହ୍ମାଣ୍ଡକୁ ଅବଲୋକନ କରେ। ସଂକୀର୍ଣ୍ଣତାଠାରୁ ଦୂରେଇ ଯାଇ ମାଟି,ଆକାଶ ମଣିଷର କଥା କହେ। ନିପଟ ମଫସଲରେ ରହୁଥିବା ମଣିଷଠାରୁ ଆରମ୍ଭ କରି କୀଟପତଙ୍ଗ,କଳା ସଂସ୍କୃତିର କଥା କହୁଥିଲାବେଳେ ଭାରତବାହାରର କ୍ୱାଲା ଲୁମ୍ପୁରକୁ ଦେଖିବାର ସୁଯୋଗ ସୃଷ୍ଟି କରନ୍ତି ବାରିପଦାର ବାରିଷ୍ଟର 'ରସିକଲାଲ୍' ମାଧ୍ୟମରେ। ପରିଶେଷରେ ଏତିକି କୁହାଯାଇପାରେ ଯେ ୧୯୮୦ ପରବର୍ତ୍ତୀ ସୌଭାଗ୍ୟଙ୍କ କବିତା ସାଧାରଣ ଘଟଣା ଓ ପରିବେଶରୁ ସଂଜାତ ହୋଇଥିଲେ ମଧ କ୍ରମଶଃ ପୃଥିବୀର ସୀମା ଅତିକ୍ରମ କରି ଭିନ୍ନ ପରିବେଶକୁ ଗତି କରୁଛି।

୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାର ଭାବ ପ୍ରବାହ ମଧ୍ୟରେ ସମକାଳୀନ ଚେତନାର ଅନ୍ୟତମ ବାହକ ହେଉଛନ୍ତି କବି ଜଗନ୍ନାଥ ପ୍ରସାଦ ଦାସ'। କବିଙ୍କ ରଚିତ 'ଅନ୍ୟଦେଶ ଭିନ୍ନ ସମୟ' ୧୯୮୨, 'ଯାତ୍ରାର ପ୍ରଥମ ପାଦ'-୧୯୯୮,'ଆହ୍ନିକ' ୧୯୯୦, ସ୍ଥିର ଚିତ୍ର ୧୯୯୧, 'ସଚରାଚର' - ୧୯୯୪ ଓ 'ସ୍ମୃତିର ସହର'୧୯୯୫ ପ୍ରକାଶ ପାଇଛି। ସମୟ, ମୃତ୍ୟୁ ନିଃସଙ୍ଗତା, ଭୟ, ବେଦନାବୋଧର ଭାବ ବଳୟରୁ ମୁକ୍ତି ଲଭି ଅମୃତାକାଂକ୍ଷା ପୋଷଣ କରିବା ତାଙ୍କ କାବ୍ୟିକ ଚେତନାକୁ ସଂପ୍ରସାରିତ କରିଛି।

ଜୀବନର ବହୁମୁଖୀ ବିବିଧ ଦିଗ ମଧ୍ୟରୁ ବିଭିନ୍ନ ଚେତନା ଚୟନ କରି କବି ନିଜସ୍ୱ କାବ୍ୟ ହର୍ମ୍ମ୍ୟ ନିର୍ମାଣ କରିଛନ୍ତି। କବିଙ୍କ ବକ୍ତବ୍ୟ ସିଧାସଳଖ ପ୍ରତ୍ୟକ୍ଷ ନହୋଇ ପ୍ରତୀକ ଧର୍ମୀ ହୋଇଛି। ଏହା ମଧ୍ୟରେ ରୂପାୟିତ ହୋଇଛି ପ୍ରେମ ଓ ମୃତ୍ୟୁକୁ ସ୍ୱୀକୃତି ଦେବା ନ ଦେବାର ଦ୍ୱନ୍ଦାତ୍ମକ ପରିସ୍ଥିତି। ଏ ଦୁଇଟିର ପରିଭାଷା ଅତ୍ୟନ୍ତ ଜଟିଳ ପ୍ରସଂଗ। ଏହାର ସ୍ୱରୂପକୁ ମଧ ଗୋଟିଏ ଦୁଇଟି ଧାଡ଼ିରେ କି କବିତାରେ ପ୍ରକାଶ କରାଯାଇପାରିବ ନାହିଁ। ବହୁ ଜଟିଳ ତର୍ଜମା ହିଁ ଏହାର ଯଥାଯଥ ସ୍ୱରୂପ ନିରୂପଣ କରେ। ମାଧୁର୍ଯ୍ୟମୟ କୁସୁମିତ ଜୀବନାୟନକୁ କଣ୍ଟକିତ କରିଦିଏ। କଣ୍ଟକିତ ଦୁଃଖଦ ଉପଲବ୍ଧି ଯେମିତି ଜୀବନର ଅନ୍ୟନାମ ଠିକ୍ ସେମିତି ସମ୍ଭାବନା ମଧ ଜୀବନର ଅନ୍ୟତମ ରୂପାୟନ।

କବିଙ୍କ ଉପଲବ୍ଧିରେ କାବ୍ୟନାୟକର ସ୍ୱପ୍ନ,ଜୀବନାଭୂତି ଏହିପରି ପ୍ରକାଶିତ।

"ମୋ ସ୍ୱପ୍ନ, ଭିତରୁ ବାହାରି
ତମେ ଅନ୍ୟ ସ୍ୱପ୍ନ
ଭିତରକୁ ଚାଲିଗଲେ
ମୁଁ ପୁଣି ଫେରିଯିବି
ମୋର ନିଃସଙ୍ଗ ଅନୁଭୂତିକୁ।" ('ପ୍ରତୀକ୍ଷା' - ଭିନ୍ନ ଦେଶ ଅନ୍ୟ ସମୟ ପୃ-୨୮୨)

- ତମର ନିଶୂନ୍ ସୀମାନ୍ତରେ / ମୋର ଖଣ୍ଡିତ ସ୍ୱପ୍ନମାନଙ୍କୁ / ଉଦ୍ଧାର କରିବାର ପ୍ରୟାସରେ / ମୁଁ ନିଜକୁ / ତମ ଆଖିର / ପରିତ୍ରାଣ ହୀନ ଅଂଧକାରରେ/ ନିଃଶେଷ ହୋଇଯିବାର ଦେଖିବି।" (ତତ୍ରୈବ, ପୃ-୨୮୫)

ଜୀବନ ମୃତ୍ୟୁ ଓ ପୁନର୍ଜନ୍ମ ଉପରେ ଆଧାରିତ କବିଙ୍କର 'ଆହ୍ନିକ' ସଂକଳନ। ଏତଦ୍‌ବ୍ୟତୀତ ସାଂପ୍ରତିକ ସମାଜ ଓ ସମୟ ପ୍ରତି ମଧ୍ୟ ଏକ ଶ୍ଳେଷାତ୍ମକ ଦୃଷ୍ଟିଭଙ୍ଗୀ ସଂକଳନସ୍ଥ କବିତାରେ ରୂପାୟିତ।

"ଦିନ ଚାଲିଯାଏ ଖିନ୍ନ ଓ ବିରକ୍ତ
ଚୁପ୍‌ଚାପ ଅଂଧାର ଭିତରକୁ
ରାତିର ପ୍ରଥମ ଟ୍ରେନ୍ ଧରି।" ('ଆହ୍ନିକ' - ପୃ - ୧୨୧)

ସମୟେ ସମୟରେ ସାଂପ୍ରତିକ ସାମାଜିକ ସମସ୍ୟାକୁ ସିଧାସଳଖ ବ୍ୟଙ୍ଗ କରିଛନ୍ତି କବି। ଶିଳ୍ପ ସଭ୍ୟତା ବିରୋଧ କରିବାକୁ ଯାଇ ଲେଖିଛନ୍ତି :-

"ମହାନଗର ଗଢି ଶିଳ୍ପ ବିପ୍ଳବ ନେଇ
କଳ କାରଖାନାର ଧୂଆଁ ଉଡ଼ାଇ
ଲାଇବ୍ରେରୀ ଟାଉନ୍ ହଲ୍‌ରେ ବକ୍ତୃତା ଦେଇ
ସଭ୍ୟତା ଏଠାରେ ବିକେ
ହଳଦିଆ ଖବର କାଗଜ
ନକଲି ମାଲ / ଚୋରାମଦ / ଅଶ୍ଳୀଳ ଚିତ୍ର
ସଭ୍ୟତା ଦେଇଯାଏ ମାଦକ ଓ ଯୌନରୋଗ
ସଭ୍ୟତା ମାଗେ ସମର୍ଥନ ଶ୍ରମଦାନ
ସଭ୍ୟତା ଦାବୀ କରେ ନିଶା ଓ ବଦଭ୍ୟାସ
ଅଂଧ ଅନୁସରଣ ଓ ଆଦେଶ ପାଳନ।" (ବସ୍ତି - ଆହ୍ନିକ - ପୃ-୨୦୬)

ମୃତ୍ୟୁ, ନିଃସଙ୍ଗତାବୋଧ ପାଖରେ ବାଂଧି ହୋଇପଡ଼ିଥିବା କବି ୧୯୯୦ ମସିହା ବେଳକୁ ସାମାଜିକ ସଚେତନ ହୋଇ ଉଠିଛନ୍ତି। ସାଧାରଣ ମଣିଷର ଦୁଃଖକୁ ଅନୁଭବିଛନ୍ତି। ତେଣୁ ସମକାଳୀନ ସମାଜ ଓ ଜୀବନର ଆବେଦନରୁ ନିଜକୁ ମୁକ୍ତ କରିପାରିନାହାଁନ୍ତି।

୧୯୮୦ ମସିହା ପରେ ପ୍ରତିଷ୍ଠା ଅର୍ଜନ କରିଥିବା ଆଉ ଜଣେ କବି ହେଉଛନ୍ତି କବି ସୌରୀନ୍ଦ୍ର ବାରିକ୍। ୧୯୮୦ ମସିହା ପୂର୍ବରୁ ତାଙ୍କର ଏକମାତ୍ର ସଂକଳନ 'ସାମାନ୍ୟ କଥନ' ୧୯୭୫ ପ୍ରକାଶ ପାଇଥିଲା ଏହାପରେ ୧୯୮୯ ମସିହାରେ 'ଉପଭାରତ' ୧୯୮୫ରେ 'ଆକାଶ ପରି ନିବିଡ଼'୧୯୮୬ ରେ 'ଗୁଣୁଗୁଣୁ ଚିତ୍ରପଟ', ୧୯୮୯ରେ 'ଲୁହଠୁଁ ବି ଅନ୍ତରଙ୍ଗ',୧୯୯୦ ରେ 'ଅନୁଭାରତ',୧୯୯୧ ରେ 'ଆମେ ଦୁହେଁ'୧୯୯୫ ରେ 'ଚହଲା ଛାଇରେ ଘଡ଼ିଏ, ୨୯୯୭ରେ 'ପଢ଼ ବା ନପଢ଼', ୧୯୯୯ରେ 'ହଳଦୀ ବସନ୍ତ' ଓ ୨୦୦୧ ରେ ଆମ ଦୁହିଁଙ୍କର କଥା ଇତ୍ୟାଦି ପ୍ରକାଶ ପାଇଥିଲା। ସୌରୀନ୍ଦ୍ରଙ୍କ କବିତାରେ ଏକ

ବିଶେଷ ଆଭିମୁଖ୍ୟ ହେଉଛି ପାରିପାର୍ଶ୍ୱିକ ପରିବେଶ ବା ଉପାଦାନ ମାଧ୍ୟମରେ ବ୍ୟକ୍ତି ସତ୍ତାର ରୂପାୟନ। ସେଥିପାଇଁ କବିଙ୍କର କାବ୍ୟିକ ଅନୁଭୂତି ବାସ୍ତବ ମନେହୁଏ। 'ଦେଖିଥିବା ଗୋଟିଏ ଏକ୍ସିଡେଣ୍ଟର ଦୃଶ୍ୟ' କବିତାର ଏହା ପ୍ରତିଫଳିତ।

"ରାସ୍ତାକଡ଼ରେ ସେଇ ଜାଗାଟି
ହଠାତ୍ ଭୟଙ୍କର ଭାବେ ଦର୍ଶନୀୟ ହୋଇଗଲା
ଧାଡ଼ି ଧାଡ଼ି ବିକଳାଙ୍ଗ ଗଛ, ଅସରନ୍ତି ଏକ ରଂଗିଆ ଧାନ କ୍ଷେତ ଆଉ
ମାଡ଼ି ଚାଲିଥିବା ପିମ୍ପୁଡିଧାର ଯାନ ବାହାନର ମୋନଟନ
ଭିତରେ ଶିହରଣର ଝରଟିଏ ଫିଟିଯାଇଥଲା ଯେମିତି ।
ସେଠି ଗୋଟେ ଏକ୍ସିଡ଼େଣ୍ଟ ହୋଇଥିଲା।

ଏହାବ୍ୟତୀତ ରାମାୟଣ ଓ ମହାଭାରତର ପ୍ରସଂଗ ଆଧାରରେ ଦୈନନ୍ଦୀନ ଜୀବନ ଧାରାକୁ ସୂତ୍ରାୟିତ କରେ ସୌରୀନ୍ଦ୍ରଙ୍କ କବିତା। ସୌରୀନ୍ଦ୍ରଙ୍କ କବିତା ପାଠ କରିବା ପରେ ମହାଭାରତ ସଂପର୍କରେ ପାରଂପରିକ ବିଚାରଧାରା ବଦଳି ଯାଏ। ଏହାକୁ ଆଧାର କରି ସେ ଦୁଇଟି ସଂକଳନ ଯଥା 'ଉପଭାରତ' ଓ 'ଅନୁଭାରତ' ଲେଖିଛନ୍ତି। ମହାଭାରତ ପ୍ରସଂଗ ଆଧାରରେ ସମକାଳୀନ ଜୀବନ ଚିତ୍ରକୁ ରୂପାୟିତ କରିବାରେ କବିଙ୍କ କବିତାରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। 'ଆମେ ଦୁହେଁ' 'ଆମଦୁହିଁକ କଥା' ସଂକଳନରେ ସ୍ଥାନିତ କବିତାରେ କବିଙ୍କର ବ୍ୟକ୍ତିଗତ ଅନୁଭବ ସରଳ ଭାବରେ ପ୍ରକାଶ ପାଇଛି।

'ସାଇକେଲ୍' ସହିତ କବିଙ୍କ ସଂପର୍କ,ସଂପର୍କରୁ ନିବିଡ଼ତା, ପରିଶେଷରେ ସାଇକେଲ୍ କବିଙ୍କର ଆତ୍ମା ସ୍ୱରୂପ ଓ କବି ବି ସାଇକେଲ ସହିତ ତାଂକର ସଂପର୍କ ଯେ କୌତୁହଳ ଜନକ ତାହା ସ୍ୱୀକାର କରିଛନ୍ତି। 'ସାଇକେଲ୍'ର ଅନୁଭବ ମାଧ୍ୟମରେ ବ୍ୟକ୍ତି ସତ୍ତାର ପରିପ୍ରକାଶ ଘଟିଛି। 'ସାଇକେଲ' ଏକ ଜୀବନ୍ତ ଅସ୍ତିତ୍ୱ। ସେଇ ଅସ୍ତିତ୍ୱ ସହ ଯୋଡ଼ି ହୋଇ ଯାଇଛି କବିଙ୍କ ବେଦନା, ଯନ୍ତ୍ରଣା, ସୁଖ ଓ ଦୁଃଖର ଅନୁଭୂତି। ସେହିପରି 'ଆମେ ଦୁହେଁ' ଓ 'ଆମଦୁହିଁଙ୍କ କଥା'କବିତାରୁ କବିଙ୍କର ନିବିଡ଼ ଭାବାବେଗ ସଂପର୍କରେ ସୂଚନା ମିଳିଥାଏ।

'ଆମେ ଦୁହେଁ' କବିତାରେ କବିଙ୍କର ଭାବାବେଗ:-
"କିନ୍ତୁ ସତ କହୁଛି
ସେଇ ଘରଟାକୁ ଗଲେ କାହିଁକି କେଜାଣି
ମୋତେ ଭାରି ରାଗମାଡ଼େ
ହେଇ ଆସୁଛି,କହି ସେଇ ଯେ ଘରେ ପଶ,
ଫେରିବା ନାଁ ଧରନି
ଆଉ ମୁଁ ସେ ଖୁରିକୁ ଆଉଜି ପଡ଼ିଥାଏ

ଘଣ୍ଟା ଘଣ୍ଟା କ'ଣ ଏତେ ଗପକର କୁହତ ?
ବିରକ୍ତ ଲାଗେନି ?"

ସମୟ, ସାଇକେଲ ଓ କବିଙ୍କ ବ୍ୟକ୍ତି ସତ୍ତା ନିମ୍ନ ପଂକ୍ତିରେ ଏକୀଭୂତ ହୋଇଛନ୍ତି ।

"ସବୁ ବଦଳି ଯାଇଛି
ମୋ ଚିହ୍ନା ପୃଥିବୀ ଘୁଞ୍ଚିଯାଇଛି
ଆଖି ପାଉନି, ଥଳକୂଳ ମିଳୁନି । ...
ମା କୋଳ ପରି ଚିହ୍ନା ଘରଗୁଡ଼ିକ ଆଉ କାହିଁ ?
ତାଂକ ଜାଗାରେ ଠିଆ ହୋଇଛନ୍ତି ବିକଟାଳ ଅସୁର କୋଠାସବୁ
ଆଉ ତାଂକ ଗୋଡ଼ ତଳେ ଯେମିତି
ଖରାବେଳର ଛାଇ ପରି ଆମେ ଦୁହେଁ ଲେପଟି ଯାଉଛେ
ମୁଁ ଆଉ ମୋ ବାବୁ ।" (ଆମ ଦୁହିଁଙ୍କ କଥା ପୃ.୩)

ସୌରୀନ୍ଦ୍ରଙ୍କ କାବ୍ୟିକ ଅନୁଭବ ଅତ୍ୟନ୍ତ ସରଳ ଓ ଆନନ୍ଦ ଦାୟକ , କବିତାର ଭାଷା ମଧ୍ୟ ସରଳ । କିନ୍ତୁ ଅନ୍ତର୍ନିହିତ ଶକ୍ତି ଅତ୍ୟନ୍ତ ସୁସଂଗଠିତ ଓ ସୁନିୟନ୍ତ୍ରିତ ।

୧୯୮୦ ପରବର୍ତ୍ତୀ କାଳର ଅନ୍ୟତମ ପ୍ରମୁଖ କବି ରାଜେନ୍ଦ୍ର କିଶୋର ପଣ୍ଡା । ୧୯୮୧ ମସିହାରେ ଚୌକାଠରେ 'ଚିରକାଳ', ୧୯୮୨ ରେ 'ଶୈଳକପ', ୧୯୮୮ରେ 'ଅନ୍ୟା', 'ଦ୍ରୋହବାକ୍ୟ', 'ବ୍ରହ୍ମାରନ୍ଧ୍ର'ଇତ୍ୟାଦି ପ୍ରକାଶ ପାଇଲା । ଭାଷା ବ୍ୟବହାରରେ ସ୍ୱାତନ୍ତ୍ର୍ୟ ତାଂକ କବିତାର ଅନ୍ୟତମ ବିଶିଷ୍ଟ ଗୁଣ । କବିତାରେ ସେ ମୁଖ୍ୟତଃ କଥିତ ଭାଷାର ପ୍ରୟୋଗ କରିଥାଆନ୍ତି । ଜୀବନ ଜଂଜାଳର ଟିକିନିଖି ବିବରଣୀ ତାଂକ କବିତାର ମୁଖ୍ୟ ଉପାଦାନ । ଶୈଳକଳ୍ପରେ ଏହି ଅନୁଭବର ବିସ୍ତାରିତ ରୂପ ଦେଖିବାକୁ ମଳେ କବିଙ୍କ ବର୍ଣ୍ଣନାରେ:-

"ଉଠୁ ଉଠୁ
ବର୍ଦ୍ଧିଷ୍ଣୁ ଏକ ମହାନ ଉଚ୍ଚତାରେ ତୁ
ସ୍ଥିର ହୋଇଯାଇଛୁ ।"

ପାହାଡ଼ ଉପରେ ଚଢ଼ିବା ତାର ବିପରୀତ ପାହାଡ ଉପରୁ ତଳକୁ ଓହ୍ଲାଇ ଆସିବାର ଅବସ୍ଥାକୁ କବି ପ୍ରତୀକ ମାଧ୍ୟମରେ ବ୍ୟକ୍ତ କରିଛନ୍ତି ।

"ସନ୍ଧ୍ୟାରେ ଫେରାର ପକ୍ଷୀ/ଫେରି ଆସିଛି କ୍ଳାନ୍ତ ହୋଇ/ନୀଡ଼କୁ / ଧୀରେ ଧୀରେ ଓହ୍ଲାଇ ଯାଇଛି ପଶୁ/ ବାଛି ନେଇଛି ଗହନ ଗୁହାର ଶାଗୁଆ ଅଂଧାର/ନିଜକୁ ଖୋଜିବାକୁ .......ନଦୀ ଗଡ଼ିଯାଇଛି ତଳକୁ ।"

ଏଠାରେ ନାୟକ ପକ୍ଷୀପରି । ହୋଇପାରେ ମଧ୍ୟ ପଶୁସଦୃଶ । ହୋଇପାରେ ମଧ୍ୟ ନଦୀ ପରି । କିନ୍ତୁ ଲକ୍ଷ୍ୟ ହେଉଛି ଗୋଟିଏ । ଉପରକୁ ଯିବାକୁ ହେବ । ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ହେବ । ଆକାଶର ନିକଟତ୍ୱକୁ ପରଖିବାକୁ

ହେବ। କବିଙ୍କ ଭାଷାରେ :-

"ଯେତେବେଳେ ତୁ/ ସ୍ଥିରତା ପରି ସ୍ଥିର ହୋଇଗଲୁ/ ଆକାଶ ଛୁଇଁବାକୁ/ ଆଉ କେତେ ବାଟ ଥିଲା ?"

କବିଙ୍କର ଅନ୍ୟତମ ସଂକଳନ 'ଅନ୍ୟା' ଚାରିଭାଗରେ ବିଭକ୍ତ।

ଆଦିମା,ମଧ୍ୟମା,ଅନ୍ତିମା,ପରମା,ଚାରିଗୋଟି ବିଭାଗର ଚାରୋଟି ସ୍ତର। ଶାରୀରିକ,ମାନସିକ,ଆଧାତ୍ମିକ ଓ ଅଧିଦୈବିକ। ଏହାର ଆଧାର ଭୂମିରେ ପ୍ରକୃତି,ପୁରାଣ,ଧର୍ମ, ଧର୍ମୀୟ ରୀତିନୀତି,ବିଧିବିଧାନ, ଲୋକକଥା ଓ ସାମାଜିକ ଆଚାର ବ୍ୟବହାର। ଏହିସବୁ ଆଧାରଭୂମିକୁ ନେଇ ରଚିତ କବିତାରେ ଆଭିମୁଖ୍ୟ ସ୍ପଷ୍ଟ ହୋଇଯାଏ। ପୁରୁଷ ଓ ନାରୀର ସଂପର୍କର ଅନୁସଂଧାନ। ଦେହ ଓ ଆତ୍ମାର ଅନୁସଂଧାନ। ଆତ୍ମା ଓ ଦେହର ଅନୁସଂଧାନ କରୁ କରୁ ସ୍ଥିତିକୁ ନେଇ ସନ୍ଦେହ ଉପୁଜିଥାଏ। ପୁଣି ଆଉ ଏକ ମୁହୂର୍ତ୍ତରେ ସ୍ଥିତି ଉପରେ ବିଶ୍ୱାସ ଜନ୍ମିଯାଏ। ଶେଷରେ କବିଙ୍କର ଚେତନା ବିସ୍ତାରିତ ହୁଏ। ରହସ୍ୟର ଅନ୍ତସ୍ଥଳରୁ ପରିଚୟ ଉକୁଟି ଉଠେ। ନିମ୍ନୋକ୍ତ ପଂକ୍ତି ମାଧ୍ୟମରେ ଏହାର ରୂପାୟିତ ପରିଚୟ ଉକୁଟି ଉଠେ। ନିମ୍ନୋକ୍ତ ପଂକ୍ତି ମାଧ୍ୟମରେ ଏହାର ରୂପାୟିତ।

"ଜାଣିଛ/ଯେତେଥର ମୁଁ ଦେଖେ ତୁମକୁ ଆସିବାର/ ମୋର ସୃଷ୍ଟିକୁ ମୋର ଗ୍ରହ ମଣ୍ଡଳକୁ / ମୋର ପୃଥିବୀକୁ ମୋର ସହରକୁ/ ମୋର ନିର୍ଜନ ଘରକୁ ମୋର ଖାସ କାମରାକୁ/ଯେତେଥର ମୁଁ ଦେଖେ,ତମୁକ ଆସିବାର/ମୋର ପ୍ରତୀକ୍ଷମାତା ଅଲିଂଗନକୁ/ ସେତେଥର ମୁଁ ଦେଖେ ...../ ସେତିକି ବେଳେ ଦେଖେ ତମର ବିଦାୟ ନେବାର ଫେରିଯିବାର ମିଳେଇ ଯିବାର ଉଭେଇ ଯିବାର ଦୃଶ୍ୟକୁ।" (ହୃଦୟ ଯଦି ସମର୍ଥ ନୁହେଁ ଆଉ)

ବିଶ୍ୱାସ :- " ଆମ ଦୁହିଁଙ୍କ ପୃଥିବୀର ଏତେ ନୀରବତା ଯେ
ମୁଁ ଶୁଣି ପାରୁଛି ଶୂନ୍ୟତା ଦାନା ବାନ୍ଧିବାର ଧ୍ୱନି
ଏଠି ଏତେ ପ୍ରଶାନ ଶୂନ୍ୟତା ଯେ/ ମୁଁ ଦେଖି ପାରୁଚି/ମନ୍ଥର ପବନ
ପ୍ରତିଟି ନାକପୁଡ଼ାକୁ ପ୍ରବେଶ ଥିବାର ଦୃଶ୍ୟ/ ସବୁଧ୍ୱନି ଭିତରେ ତୁମେ
ମର୍ମରିତ ନୀରବତାରେ...../ ସବୁଦୃଶ୍ୟ ଭିତରେ ତମେ ଉହ୍ୟ ଉପସ୍ଥିତିରେ।"

ଚେତନାର ବିସ୍ତାରିତ ରୂପ :-

"ବହି ଯାଉଚି ସେ ନଈପରି ତାକୁ
ଧାରଣ କର ହେ ମହୋଦଧି
ଉଡିଯାଉଚି ସେ ଶ୍ୱେତ ରାଜହଂସି
ନଭେ ଜାଲପାତ ନିରବଧି।
ଶୂନ୍ୟେଇ ଯୋଉଚି ଦେହ ଦିଅ ତାକୁ
ଅଧା ସ୍ୱଚ୍ଛ ଅଧା ଅଂଧକାର
ନାମଟିଏ ଦିଅ ସେ ଅନାମିକାକୁ
ଧାମେ ଧାମେ ଦିଅ ଅଧିକାର।" (ଅନ୍ୟା)

ରାଜେନ୍ଦ୍ର କିଶୋରଙ୍କ ଭାଷାପ୍ରୟୋଗ ଦକ୍ଷତା,ଭାବର ସଂପ୍ରସାରଣ ୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାକୁ ଏକ ଏକ ନିର୍ଦ୍ଦିଷ୍ଟ ଦିଗ୍‌ଦର୍ଶନ ପ୍ରଦାନ କରିଛି କହିଲେ ଭୁଲ ହେବ ନାହିଁ। ସମସାମୟିକ କବି ଦୀପକ ମିଶ୍ରଙ୍କର ୧୯୮୦ ମସିହା ପରେ ଋରୋଟି କବିତା ସଂକଳନ ପ୍ରକାଶ ପାଇଛି 'ଶୂନ୍ୟତାର ଶୋଷ' -୧୯୮୨ 'କପଟ ସୂର୍ଯ୍ୟାସ୍ତ' ଓ 'ଧୂଳିର ସିଂହାସନ' -୧୯୮୪) 'ନିର୍ବାଚିତ କବିତା' -୨୦୦୨। ଜୀବନର ଯନ୍ତ୍ରଣା ଜନିତ ବ୍ୟର୍ଥ ତାର ଅନୁଭବ ତାଙ୍କ କବିତାର ମୁଖ୍ୟସ୍ୱର। କାବ୍ୟ ସଂକଳନ ପାଠକଲେ ଦୁଇଟିଦିଗ ସ୍ପଷ୍ଟ ହୁଏ। ଗୋଟିଏ ହେଉଛି ସୌନ୍ଦର୍ଯ୍ୟ ଜନିତ ଅନୁଭବ ଦ୍ୱିତୀୟଟି ହେଉଛି ଜୀବନ ଓ ମୃତ୍ୟୁର ଶୋକ ପ୍ରସ୍ତାବ କବିତାରେ ମୃତ୍ୟୁର ଅନୁଭବ ଗଭୀର ଅନୁଭବ। କବିଙ୍କ ଦୃଷ୍ଟିରେ :- ମୃତ୍ୟୁ

"ମୃତ୍ୟୁକୁ ମୁଁ ଅନୁଭବ କରେ
କଳା କଳା ଢେଉ ଭଳି ଜନ ଗହଳିରେ
ମୃତ୍ୟୁକୁ ମୁଁ ସ୍ପର୍ଶ କରେ
ମୋ ନିଜ ସନ୍ତାନର ନରମ ଆଂଗୁଳିର ତୁଳା ଅଂଶପରି
ମୃତ୍ୟୁକୁ ମୁଁ ଭୟ କରେ
କେଉଁ ଉଲଗ୍ନ ଅନ୍ଧକାରରେ ହଜିବାର ପରିଶ୍ରମ ଭଳି
ମୃତ୍ୟୁକୁ ମଧ୍ୟ ପ୍ରେମକରେ
ପ୍ରତିଦିନ ନୂଆ ସ୍ତ୍ରୀ ମାନଙ୍କୁ ପ୍ରେମ କରିବାରେ ନିଶା
ଆଉ ନିରର୍ଥକ ସ୍ୱପ୍ନ ପରି।"

ମୃତ୍ୟୁ ଜନିତ ନିର୍ଜନତା ଓ ବିଷାଦର ମନୋଭାବ ନିମ୍ନ ଦୁଇ ପଂକ୍ତିରେ ପ୍ରକାଶିତ। "ଆମ ପାଇଁ କେଉଁମାସ/ ନୂଆ ମାସ ନୁହେଁ /କେଉଁ ଋତୁ ନୂଆ ଋତୁ ନୁହେଁ/ ତେଣୁ ଶୂନ୍ୟରୁ ଆସୁଥିବା ସବୁ ଜଳ ଜଳିଯାଇ/ ଘନଘନ ତାଜା ଦୀର୍ଘଶ୍ୱାସ ହୋଇ ଖେଳିଯାଏ ଆକାଶ ସେପାରି ଥିବା ତାଜା ଦୀର୍ଘଶ୍ୱାସ ହୋଇ/ଖେଦିଯାଏ ଆକାଶ ସେପାରିଥିବା ଆଲୋକ ମଣ୍ଡଳ ଓ ମୋ ନାଭି କମଳରେ.....।

ସେହିପରି ନିର୍ଜନତାର ଅନୁଭବ ନିରବଧି ନାଭିଶ୍ୱାସରେ ପ୍ରକାଶ ପାଇଛି। "ପବନର ପାହାଚ ଡେ଼ଇଁ / କେବେ କେମିତି ଆସିଛି ନିର୍ଜନତାର / ପରିଶ୍ରାନ୍ତପାଦ / ନିର୍ମୋହହାତ / ନେବା ପାଇଁ ମୋ ଛାଇରେ ବିଶ୍ରାମ / ଦେଖେ ସମୟର ଚେହେରାରେ ନିର୍ଜନତା ଉଭା ହୋଇଅଛି। ପଛରେ ଠିଆ ହୋଇ ମୁର୍କି ହସା ମାରୁଅଛି। ଅନ୍ତରଂଗ ସାଂଗ ଭଳି ନିଷ୍କାମ ସକାଳ।"

୧୯୮୦ ପରବର୍ତ୍ତୀ ସମୟର ଅନ୍ୟତମ ଶ୍ରେଷ୍ଠକବି ଶରତଚନ୍ଦ୍ର ପ୍ରଧାନଙ୍କର ୧୯୮୦ ମସିହା ପୂର୍ବରୁ ଗୋଟିଏ ମାତ୍ର ସଂକଳନ ପ୍ରକାଶ ପାଇ ବେଶ୍ ଆଦୃତି ଲାଭ କରିଥିଲା। ଏହାପରେ ୧୯୮୧ ରେ ଉଚ୍ଚୈଶ୍ରବା,୧୯୮୬ ରେ 'ଅସ୍ଥିର ପାଦ', ୧୯୯୧ ରେ 'ଯଯାତି', ୧୯୯୪ ରେ 'ଅଭୟଭୟ',୧୯୯୮ ରେ 'ବତ୍ରିଶ ସିଂହାସନ',୨୦୦୧ ରେ 'ବଗିଚ୍ଚର ଦୃଶ୍ୟ',୨୦୦୪ ରେ 'ନୀଳାଭ ନିମନ୍ତ୍ରଣ',୨୦୦୬ ରେ

'ବୃକୋଦର' ପ୍ରଭୃତି ପ୍ରକାଶ ପାଇଥିଲା । ସମକାଳୀନ ଅନ୍ୟାନ୍ୟ କବିମାନଙ୍କ ଠାରୁ ଶରତ ଚନ୍ଦ୍ର ଭିନ୍ନ ଶୈଳୀରେ କବିତା ଲେଖିବା ଆରମ୍ଭ କରିଥିଲେ । ସଂକ୍ଷେପରେ କିଛି କିଛି ଶବ୍ଦର ସମାହାର, ଛୋଟ ଛୋଟ ସ୍ତବକକୁ ନେଇ ତାଙ୍କ କବିତା ରଚିତ । ସମକାଳୀନ ଅନ୍ୟାନ୍ୟ କବିମାନଙ୍କ ଭଳି ନିର୍ଜନତାର, ଅସ୍ଥିରତାଜନିତ ଅନିଶ୍ଚିତତାର ଅନୁଭବରେ ମଧ ତାଙ୍କ କବିତା ପରିପୁଷ୍ଟ । ଅଧିକାଂଶ କବିତାରେ ଆଧୁନିକ ମଣିଷକୁ ପ୍ରତୀକ ଭାବରେ ଗ୍ରହଣ କରାଯାଇଛି । କବିଙ୍କ ରଚିତ 'ଯଯାତି' କାବ୍ୟ ଗ୍ରନ୍ଥ ୫୦ ଟି କବିତାର ସମାହାର । ପୁରାଣରେ ବର୍ଣ୍ଣିତ ଅଛି ଯେ, ରାଜା ଯଯାତି ନିଜର ବାର୍ଦ୍ଧକ୍ୟକୁ ନିଜ ପୁତ୍ରର ଯୌବନ ସହିତ ବିନିମୟ କରିଥିଲେ ଦେହର ସୁଖ ତାଙ୍କ ପାଇଁ ପ୍ରମୁଖ କଥା ଥିଲା । କିନ୍ତୁ ଶେଷରେ ଯଯାତି ହୃଦୟଙ୍ଗମ କଲେ କାମନାର ଶେଷ କେବେ ଘଟେ ନାହିଁ । ଅଭିଳାଷ କେବେ ପୂରଣ ହୁଏ ନାହିଁ । ଆଜିର ଆଧୁନିକ ମଣିଷ ଠିକ୍ 'ଯଯାତି' ସହ ତୁଳନୀୟ । ସର୍ବଦା ତୀବ୍ର ମାନସିକ ଯନ୍ତ୍ରଣା ମଧରେ ହନ୍ତସନ୍ତ । ଆଧୁନିକ ମଣିଷ ପ୍ରେମରେ ବିଫଳ । ନିର୍ଜନ ଓ ଅସଫଳ ସ୍ଥିତିର ବ୍ୟର୍ଥତା ହିଁ ଯନ୍ତ୍ରଣାର କେନ୍ଦ୍ରବିନ୍ଦୁ କବିଙ୍କ ଦୃଷ୍ଟିରେ :-

"ହୁତ୍ ହୁତ୍ ଜଳେ ନିଆଁ
ଦେହ ଓ ମନରେ
ହୁତ୍ ହୁତ୍ ହୁତାଶନ/
ଶୂନ୍ୟରୁ ଶୂନ୍ୟରେ../
ଏ ନିଆଁର ଶେଷ କାହିଁ ।
ଏ ନିଆଁର ଆଦି ଅବା କାହିଁ ? ..

ମୁଁ ଜଳୁଛି ଜ୍ୱଳନରେ / ଯୁଗ ଯୁଗ ଧରି / ପିଠିରେ ନିଆଁର ବୋଝ / ଅଣ୍ଟିରେ ମୋ ନିଆଁର ବୁଜୁଳି । .. ସବୁଠି ନିଆଁର ନାଚ୍ / ଆକାଶ ଅବନୀ / ନିଆଁ ଘେରେ ବସେ ମୁହିଁ/ ଦିବସ ରଜନୀ / (ପୃ-୧)

ଗୁରୁପ୍ରସାଦ ମହାନ୍ତିଙ୍କ ଅକ୍ରୁର ଉବାଚ କବିତାର ଅକ୍ରୁର ପିଠିରେ ଯନ୍ତ୍ରଣାର ବୋଝ ପରି 'ଯଯାତି'ର କାବ୍ୟ ନାୟକର ପିଠିରେ ନିଆଁର ବୋଝ । ସେହିପରି ଆଧୁନିକ ମଣିଷର ପ୍ରତୀକ "ବୃକୋଦର" । ଯାହାର ଉଦରରେ କ୍ଷୁଧାର ଜ୍ୱାଳା । ଜୀବନର ଅଗ୍ନିରେ ଅହରହ ଦଗ୍ଧୀଭୂତ । କାବ୍ୟନାୟକ କହେ:-

"ଦେହୁ ଦେହୁଉଠେ ନିଆଁ । ରାଣୀ ହଂସପୁରେ । ଜଗତରେ । ଜଳେ ନିଆଁ । ଭିତରେ ବାହାରେ । ନିଆଁର । ମଣ୍ଡଳ ନୃତ୍ୟ ସଭାରେ ସଭାରେ ...........।" (ପୃ-୧୮)

ବିବିଧ ଅନୁଭୂତିକୁ ଏକାଠି କରି ସୂକ୍ଷ୍ମ ଦେହାତୀତ ମନୋଭାବ ଶରତଚନ୍ଦ୍ର ପ୍ରଧାନଙ୍କ କାବ୍ୟ ଚେତନାକୁ ସମୃଦ୍ଧ କରିଛି । କାବ୍ୟନାୟକ ଯନ୍ତ୍ରଣାରେ ଦଗ୍ଧୀଭୂତ ହେଲେ ମଧ ଆଶା ତ୍ୟାଗ କରିନାହିଁ । ଯନ୍ତ୍ରଣାକୁ ଅତିକ୍ରମ କରିଯିବାକୁ ଋହିଁଛି । ଯନ୍ତ୍ରଣାର ଉର୍ଦ୍ଧ୍ୱରେ ଆନନ୍ଦକୁ ଅନୁଭବ କରିବ ବୋଲି ଆଶା ବାନ୍ଧିଛି ।

ଏହି ସମୟଖଣ୍ଡର ଅନ୍ୟତମ ଶ୍ରେଷ୍ଠ କବି ହରିହର ମିଶ୍ର । ୧୯୮୦ ମସିହା ପରେ ଓଡ଼ିଆ କବିତା କ୍ଷେତ୍ରରେ ଯଥେଷ୍ଟ ସ୍ୱୀକୃତି ପାଇଛନ୍ତି । ୧୯୮୧ ମସିହାରେ 'ଚନ୍ଦ୍ରବିମ୍ବ','ଲାଲ୍ କଢ଼ର ତପସ୍ୟା, ୧୯୮୭

ରେ 'ଘହାଣୀ ମଣ୍ଡପ' ୧୯୯୨ ରେ 'ସୁକ୍ତ ଶତକ' ୧୯୯୨ ରେ 'ଭିତିରି ଚନ୍ଦନ', ୧୯୯୪ରେ 'ମୋହିନୀ କନ୍ୟାର ବିଷ', ୧୯୯୫ ରେ ଶବ୍ଦ ଏକା ଏକା ନକ୍ଷତ୍ର,' ଓ 'ଦର୍ପଣଶିଳା', ୧୯୯୮ରେ'ସଂଧ୍ୟା ଦର୍ଶନ' , ୨୦୦୩ ରେ ଅର୍ଦ୍ଧମାନବୀ ପ୍ରକାଶ ପାଇଥିଲା। ସମସାମୟିକ କବିମାନଙ୍କ ପରି ଆଧୁନିକ ଜୀବନର ଦୁଃସ୍ଥିତି, ଜୀବନର ଶୂନ୍ୟତା, ନକାରାତ୍ମକ ମନୋଭାବ ଇତ୍ୟାଦି ପ୍ରକାଶିତ। ଏହା ବ୍ୟତୀତ କବିଙ୍କ କବିତାରେ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଆକର୍ଷଣ ମଧ୍ୟ ଭିନ୍ନ ଏକ ଅନୁଭବର ପରିମଣ୍ଡଳ ତିଆରି କରେ। ପ୍ରଥମ ସଂକଳନ ଅକ୍ଷମ ଦେବତାରେ କବିଙ୍କ କାବ୍ୟ ଆବେଗ ବହୁମୁଖୀ। ଆତ୍ମାନୁସଂଧାନ ଠାରୁ ଆରମ୍ଭ କରି ଭୁବନେଶ୍ୱର ଅଂଚଳର ଷୋଡ଼ଶ ଶତାବ୍ଦୀର ଯୋଗୀ ହୋଇଥିବା ରାଜା ଗୋବିନ୍ଦଚନ୍ଦ୍ରଙ୍କ ପର୍ଯ୍ୟନ୍ତ ପରିବ୍ୟାପ୍ତ। କବି ଯେତେବେଳେ'ଚନ୍ଦ୍ରବିମ୍ବ'ଓ 'ଲାଲ୍ କଢ଼ର ତପସ୍ୟା' ଲେଖୁଛନ୍ତି ତାଙ୍କ ଚିନ୍ତାଧାରାରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଘହାଣୀ ମଣ୍ଡପରେ କବିଙ୍କର ଅନୁଭବ ଗଭୀରତର ହୋଇଛି। ଜୀବନ ଓ ମୃତ୍ୟୁ ମଧ୍ୟରେ ଥିବା ଜୀବନର ସ୍ଥିତିକୁ କବି ବିଶ୍ଳେଷଣ କରୁଛନ୍ତି। ଏହି ସ୍ଥିତିର ରହସ୍ୟକୁ ଭେଦ କରିବାକୁ କବିଙ୍କର ଚିନ୍ତାର ପରିସର ବିସ୍ତୃତତର ହୋଇଛି। 'ଯାତ୍ରା' କବିତାରେ ଜୀବନ ଓ ମୃତ୍ୟୁର ଅନ୍ତରଂଗ ସ୍ପର୍ଶକୁ ପାଠକ ଅନୁଭବ କରିପାରିବେ। କବିଙ୍କ ବର୍ଣ୍ଣନାରେ :-

"ଅନ୍ୟ କେହି ଆସିବାର ଅଛି / ଅନେକ ଦୂରରୁ ତାର ହୁଇସିଲ୍ / ପାହାନ୍ତା ଗାଡ଼ିର, ସେ ଘୁରି ଘୁରି/ ଅଳି, କନ୍ଦି, ମୋ ସ୍ମୃତିର ପ୍ଲାଟଫର୍ମ / ପରିକ୍ରମା କରି / ରାତିର ଟ୍ରେନ୍‌ଟି ପ୍ରବେଶ କରିଯିବ। ଏକ ପ୍ରାଚୀନ ସହରର ନୂତନ ସକାଳରେ../ ପବନର ମନ୍ତ୍ରଧ୍ୱନି ମାଇକରେ/ଭିନ୍ନ ମନେ ହେଉଥିବ ବର୍ତ୍ତମାନ/ଯେପରି ଅତୀତ।"

କବିଙ୍କର ଏହି ଚିନ୍ତାଧାରା 'ଭିତିରି ଚନ୍ଦନ' ସଂକଳନରେ ସ୍ଥାନିତ କବିତାରେ ମଧ୍ୟ ପ୍ରକାଶ ପାଇଛି। ଜଗନ୍ନାଥଙ୍କୁ ଆଧାର କରି ଭିତରି ଚନ୍ଦନ କବିତାଟି ରଚିତ। କବିଙ୍କ ଦୃଷ୍ଟିରେ ଜଗନ୍ନାଥ ରୂପହୀନ,ଶବ୍ଦହୀନ, ସ୍ୱାଦହୀନ, ଗଂଧହୀନ ଏକ ଚେତନା। ସର୍ବତ୍ର ତାଙ୍କର ସ୍ଥିତି। ନିଃଶ୍ୱାସରେ ପ୍ରଶ୍ୱାସରେ ସର୍ବତ୍ର। ଜଗନ୍ନାଥଙ୍କ ରୂପହୀନ, ସ୍ୱାଦହୀନ ସତ୍ତା ସହିତ ଯେତେବେଳେ କାବ୍ୟନାୟକର ସତ୍ତା ମିଳିତ ହୁଏ ସେତେବେଳେ ମନେହୁଏ ସତେ ଯେମିତି ମେଘର ପର୍ଦ୍ଦା ଚିରି ମହାଶୂନ୍ୟରେ କାବ୍ୟନାୟକର ସତ୍ତା ଭାସି ବୁଲୁଛି। ନିମ୍ନୋକ୍ତ ପଂକ୍ତିରେ ଏହି ଭାବନା ପ୍ରକାଶ ପାଇଛି।

"ଏ ସମସ୍ତ ସ୍ଥିତି ହିଁ ତମର ଉପସ୍ଥିତି
ତମେ ଚାଲିଗଲା ପରେ କିଛି ନାହିଁ
ତମେ ଥିଲ ନିଃଶ୍ୱାସରେ ଏବଂ ଧୀରେ ଚାଲିଗଲା ପରେ
ଆକାଶ ଖୋସି ହୋଇଗଲା ଆସି ଦୁଇଟି ଆକ୍ଷିରେ ....
ଆକୃତି ପାରେନା ଧରି ତୁଳୀ ମୋର ... ଭିନ୍ନ ତମେ
ଇନ୍ଦ୍ରିୟର ଭିନ୍ନ ଭିନ୍ନ ଚୁମ୍ବକରୁ ଭିନ୍ନ ତମେ
ସ୍ପର୍ଶହୀନ, ରୂପହୀନ, ଶବ୍ଦହୀନ, ସ୍ୱାଦହୀନ, ଗଂଧହୀନ, ସତ୍ତା ତମେ ....

ଦ୍ୱିତୀୟ ପଂକ୍ତି :

ସମୁଦ୍ର ବୁଡ଼ାଳି ଭଳି ଜଳର କୋଠରୀ ଭାଂଗି
ମେଘର ପର୍ଦ୍ଦା ଚିରି ମହାଶୂନ୍ୟ ଭାସୁଛି ମୁଁ..
ତମେ ଆସ,ଉଭା ହୁଅ..
କାଢିନିଅ ପାଦତଳୁ ସ୍ୱପ୍ନର ତରଂଗ
ପୋତିଦିଅ ନୂପୁରରର ପ୍ରତ୍ୟୟକୁ କୁଢ କୁଢ ବାଲି ତଳେ
ନିଃସ୍ୱ କରିଦିଅ ମତେ ବଡ଼ଦାଣ୍ଡ ମଝିଟାରେ

ଗୋଟିଏ ପଟେ ଆଧୁନିକ ଜୀବନର ଜଟିଳତମ ଅନୁଭବର ଆଧୁନିକ ବ୍ୟାଖ୍ୟା,ଅପରପଟେ ଆଧାତ୍ମିକ ବିଶ୍ୱାସର ସୂତ୍ର କବିଙ୍କର କବିତାକୁ ଏକ ସ୍ୱାତନ୍ତ୍ୟ ପ୍ରଦାନ କରେ।

କବି ବଂଶୀଧର ଷଡ଼ଙ୍ଗୀ ଏହି ସମୟର ଅନ୍ୟତମ ପ୍ରତିଷ୍ଠିତ ସଫଳ କବି। ୧୯୭୭ ମସିହାରେ ତାଙ୍କର ପ୍ରଥମ କବିତା ପୁସ୍ତକ 'ସମୟ ଅସମୟ' ପ୍ରକାଶ ପାଇଥିଲା, ୧୯୮୦ ମସିହାରେ 'ସ୍ଥବିର ଅଶ୍ୱାରୋହୀ' ୧୯୮୯ ରେ 'ଶବରୀଚର୍ଯ୍ୟା',୧୯୯୫ରେ 'ଛାୟାଦର୍ଶନ', ୧୯୯୮ ରେ ଶୂନ୍ୟ ସଂହିତା ଓ ଅନ୍ୟାନ୍ୟ କବିତା ପ୍ରକାଶ ପାଇଥିଲା। ଦଶମ - ତ୍ରୟୋଦଶ ଶତାବ୍ଦୀର ଚର୍ଯ୍ୟା କବିତାର ପୃଷ୍ଠଭୂମି ଉପରେ ଆଧାରିତ। ସାଂପ୍ରତିକ ସ୍ଥିତି- ଜନିତ ଅନିଶ୍ଚିତତା ଓ ଜଟିଳତାର ସାର୍ଥକ ରୂପାୟନ ବଂଶୀଧରଙ୍କ କବିତା। ଚର୍ଯ୍ୟା କବିତାର ପରିବେଶ ମଧ୍ୟକୁ ଫେରିଯିବା, ଅତୀତର ଶାନ୍ତ ଜୀବନ ଯାତ୍ରାର ଚିତ୍ରଣ ଚର୍ଯ୍ୟା କବିତାର ମୁଖ୍ୟ ବିଭବ। ଶବରୀଚର୍ଯ୍ୟା ସଂକଳନରେ ୫୨ ଟି କବିତା ସ୍ଥାନିତ। କବିଙ୍କର ବ୍ୟର୍ଥତା,ହତାଶାବୋଧଜନିତ ଉପଲବ୍ଧି ଶବରୀ ପ୍ରତୀକ ମାଧ୍ୟମରେ ପ୍ରକାଶିତ। ସଂସାରର ମିଥ୍ୟା ଓ ମାୟାକୁ ଅତିକ୍ରମ କରି ଉଚ୍ଚତର ସ୍ଥିତି ଓ ଗଭୀରତର ଉପଲବ୍ଧିକୁ ଯାତ୍ରା କରିବା ମଧ୍ୟରେ ପୂର୍ଣ୍ଣତା ଓ ଶାନ୍ତିର ଅନୁଭବ ରୂପାୟିତ। କବିଙ୍କ ବର୍ଣ୍ଣନାରେ ଏହିପରି :

"ବନ୍ଧ ବାଡ଼ ପରିଖା ଡ଼େଇଁ
ଚାଲିଆ : ତ୍ରିପୁର ମୋହିନୀ
ତୋ ବାଟକୁ ମୁଁ ଚାହିଁ ବସିଚି
ଅନେଶୋତ ରାଣୀଙ୍କୁ ତୁଚ୍ଛ କରିଚି
କେବଳ ତୋରି ପାଇଁ
ସୁବର୍ଣ୍ଣ ନିର୍ମିତ ମୋର ଡଂଗାକୁ
ହେ ମାୟାଚାରୀ ଅବଧୂତିକା
ନେଇ ଯା :
ସପ୍ତସିନ୍ଧୁର ଉର୍ଦ୍ଧ୍ୱକୁ
ଉଚ୍ଚ ପର୍ବତ ଶିଖରକୁ

ଚତୁର୍ଥ ଶୂନ୍ୟତାକୁ ('ଚର୍ଯ୍ୟାପଦ ଖ')
ଅନୁରୂପ ବର୍ଣ୍ଣନା ତ୍ରିପୁରମୋହିନୀ ସୂକ୍ତିରେ ମଧ୍ୟ ପ୍ରତିଫଳିତ

"ଚତୁରୀ ତ୍ରିପୁର ମୋହିନୀ
କେଶରୁ ମୟୂରପୁଚ୍ଛ
ଗ୍ରୀବାରୁ ଗୁଂଜରା ମାଳି
ଓହ୍ଲାଇ ପକା
ଡାଳସବୁ ଆକାଶକୁ ଲାଗିବାକୁ ବସିଲାଣି
ଏସନକୁ ବିଷମ କାଳରେ ଚାଲିଆ:
ଶୂନ୍ୟକୁ : ମହାଶୂନ୍ୟକୁ
ଗୋପ ପାଟଣାକୁ ଅନାହତକୁ।

'ଛାୟାଦର୍ଶନ' ସଂକଳନରେ ମଧ୍ୟ ସମାନ ଅନୁଭବ। ଜୀବନ ଚକ୍ରର ଅର୍ଥ ହେଉଛି ଦୁଃଖ, ଯନ୍ତ୍ରଣା ଓ ଅସ୍ଥିରତାରେ ପରିପୂର୍ଣ୍ଣ। ମାତ୍ର ଏସବୁକୁ ଅତିକ୍ରମ କରି ଚେତନାର ଉତ୍ତରଣ ଘଟିଲେ ନାହିଁ ମୁକ୍ତ ଜୀବନର ଉପଲବ୍ଧି ସମ୍ଭବ ହୋଇଥାଏ। 'ସ୍ଥିର ଅସ୍ଥିର' କବିତାରେ କବି କହିଛନ୍ତି :-

"କିଏ ସମ୍ଭାଳି ନେବ ଏଇ ଶୂନ୍ୟତାକୁ
କିଏ ସ୍ଥିର କରିବ ଓଲଟି ଯାଇଥିବା ଡଂଗାକୁ
କିଏ ଉଠେଇ ଦେବ ଥକ୍କା ମାରି ବସିଥିବା ଲୋକଟିକୁ
କିଏ ବାଟ କରି ଦେବ
ଭଂଗା ପୋଲ ତଳେ
ଅଟକି ଥିବା ପାଣିଧାରାକୁ .."। (ସ୍ଥିର ଅସ୍ଥିର)

ସମକାଳୀନ କବି ଫନୀ ମହାନ୍ତିଙ୍କର ଏକମାତ୍ର ସଂକଳନ ମାନଚିତ୍ର ୧୯୮୦ ମସିହା ପୂର୍ବରୁ ଅର୍ଥାତ୍ ୧୯୭୩ ମସିହାରେ ପ୍ରକାଶ ପାଇଥିଲା। ଏହାପରେ ୧୯୮୧ ରେ 'ବିଦଗ୍ଧ ହୃଦୟ', 'ସ୍ୱୟଂମ୍ବର', ୧୯୮୮ରେ ପ୍ରିୟତମା, ୧୯୮୯ ରେ 'ରୁବି ପାଇଁ କେତୋଟି କବିତା', ୧୯୯୦ ରେ 'ରୁଚିର ନଗର' ଓ 'ମାୟା ଦର୍ପଣ', ୧୯୯୨ ରେ 'ବିଷାଦ ଯୋଗ' ୧୯୯୬ ରେ 'ଅହଲ୍ୟା', ୧୯୯୮ ରେ 'ଚିତ୍ରପ୍ରତିମା', ୨୦୦୨ରେ 'ଦ୍ୱିତୀୟ ଈଶ୍ୱର', ୨୦୦୪ ରେ 'ପୁଷ୍ପଧନୁ' ଓ ୨୦୦୫ ରେ 'ମୃଗୟା' ପ୍ରକାଶିତ ହୋଇଥିଲା।

ସମକାଳୀନ ଅନ୍ୟାନ୍ୟ କବିମାନଙ୍କ ଭଳି ଜୀବନ ଓ ମୃତ୍ୟୁ ଜନିତ ଅନୁଭବକୁ ନେଇ ତାଙ୍କ କବିତା ଗତିଶୀଳ। ଗୋଟିଏ ଦିଗରେ ମାନସିକ ଅସ୍ଥିରତା ଓ ଅପର ପକ୍ଷରେ ତନ୍ମଧ୍ୟରୁ ମୁକ୍ତି ପିପାସା କବିଙ୍କ କବିତାକୁ ସ୍ୱାତନ୍ତ୍ର୍ୟ ପ୍ରଦାନ କରେ। ଆନନ୍ଦ ଓ ସନ୍ତୋଷ ମଧ୍ୟରେ ଜୀବନର ବେଦନା ଓ ଯନ୍ତ୍ରଣା ଜନିତ ଅନୁଭବ ତାଙ୍କ କବିତାର ଅନୁଭୂତି। ଏହି ଅନୁଭୂତି ତୀବ୍ରରୁ ତୀବ୍ରତର ହୋଇ ଶୂନ୍ୟତା ଓ ବିଚ୍ଛିନ୍ନତାବୋଧକୁ ଆମନ୍ତ୍ରଣ କରୁଛି।

'ପ୍ରିୟତମା'ରେ ଏହି ଅନୁଭୂତିର ସଫଳ ରୂପାୟନ ଲକ୍ଷ୍ୟ କରାଯାଇପାରେ। "ଘରିଆଡ଼େ ଖାଁ ଖାଁ ଲାଗୁଛି ଭାରି/ ଦରପୋଡ଼ା ସଳିତାଟେ ପରି /ଏକା ଏକା ପଡ଼ିଅଛି/ଘରିକାତ ମେଲି।" ଏହି ଅନୁଭବର ରୂପାନ୍ତର ଘଟିଛି 'ଟ୍ରେନ୍' କବିତା ଓ 'ରୁବି ପାଇଁ କେତୋଟି କବିତା' ସଂକଳନରେ।

ଟ୍ରେନ୍ କବିତାରେ କହନ୍ତି :-

"ତମେ ମୋର ପାଖେ ଅଛ, ତମେ ପୁଣି
ଯୋଜନ ଦୂରରେ ଛାଇ ପରି ପଛେ ଥାଇ

ବାଟ ଓଗାଳୁଛୁ ../ ଆମେ ଦୁହେଁ ପୁନର୍ବାର ସାଥୀ ହୋଇ ଟ୍ରେନ୍‌ରେ ବସିବା,ଆମେ ଦୁହେଁ ଅତୀତକୁ/ ଭୁଲିଯିବା, ସପନରେ ନଇ ପହଁରିବା..।"

ନିଃସଙ୍ଗ ମନୋଭାବର ଯନ୍ତ୍ରଣା ତୀବ୍ରତର ହୋଇଛି ତମେ ଚାଲିଯିବା ପରେ' କବିତାରେ।

"ତମେ ଚାଲିଯିବା ପରେ ସବୁ କିଛି
ଓଲଟପାଲଟ, ବୁଢିଆଣୀ ଜାଲ ଓ
ଅଳଂଧୁରେ ଭର୍ତ୍ତି ସାରା ଘର,
ଚଟାଣରେ ଏତେତେଣେ ଆବୁରୁ ଜାବୁରୁ
ବହିପତ୍ର, ଖଣ୍ଡିଆ ଚୁରୁଟ, ଅଧାଳଗା
କସ୍‌ମେଟିକ୍, ଫଟୋ ଆଇନାରେ ଝଲମଲ
ତମ ମୁହଁ, ତମେ ଅଛ, ତମେ ନାହଁ।
ସମୟର ନୀବି ବଂଧନୀରେ।"

'ପ୍ରେମାସ୍ପଦା'ସହିତ କବିଙ୍କର ସଂପର୍କ ଅତି ନିବିଡ଼,ସତ ମିଛ,ବାସ୍ତବତା ଓ ଅବାସ୍ତବତାର ମନୋଭାବର ମିଶ୍ରିତ ରୂପ ଏଥିରେ ପ୍ରତିଫଳିତ। ମାୟାଦର୍ପଣରେ କିନ୍ତୁ ଏହି ମନୋଭାବର ପରିମାର୍ଜିତ ରୂପ ଦେଖିବାକୁ ମିଳେ। ପ୍ରେମ,ପ୍ରେମାସ୍ପଦା ପ୍ରତି ଆସକ୍ତି ବ୍ୟତୀତ ନିଃସଙ୍ଗତା,ମାନସିକ ଯନ୍ତ୍ରଣାକୁ ନେଇ ଏହା ପରିପୁଷ୍ଟ। ଏହି ସଂକଳନର ଆଉ ଏକ ବିଶେଷତ୍ୱ ହେଉଛି କବିଙ୍କର ସମକାଳୀନ ୭୭ ଜଣ ବନ୍ଧୁଙ୍କର ଚରିତ୍ରକୁ ନେଇ କବିତାଗୁଡ଼ିକ ସମୃଦ୍ଧ। ପ୍ରତ୍ୟେକଟି କବିତାରେ ଚିତ୍ରିତ ଚରିତ୍ରମାନେ ବାସ୍ତବ ଜୀବନର ପରିଧି ମଧ୍ୟରୁ ମୁକ୍ତ ହୋଇ ସାର୍ବଜନୀନ ସ୍ତରରେ ଉପନୀତ ହୋଇଛନ୍ତି। କବିଙ୍କ ନିଜସ୍ୱ ଉପଲବ୍ଧି ମଧ୍ୟରେ ଅତି ସୁନ୍ଦର ଭାବେ ଚରିତ୍ରଗୁଡ଼ିକର ରୂପାୟନ ଘଟିଛି। ସଂକଳନରେ ପ୍ରଥମ କବିତା କବି ରମାକାନ୍ତ ରଥଙ୍କ ଉଦ୍ଦେଶ୍ୟରେ ସମର୍ପିତ, ବିବ୍ରତ, ବିଷାଦଗ୍ରସ୍ତ ସମୟର କବିଙ୍କର ......।

"ମଧୁର ଅଥଚ କାରୁଣ୍ୟରେ ଭରପୁର/ ଶବ୍ଦମାଳାର ଗୋଲକ ଧନ୍ଦାରେ ପଡ଼ି କି ଅବ୍ୟକ୍ତ ଯନ୍ତ୍ରଣାରେ ଛଟପଟ ହେଉଛି କବି ? / କେଉଁ ଦୁର୍ଲ୍ଲଭ ଅଲୌକିକ ବସ୍ତୁର ପ୍ରାପ୍ତି/ ଆଶାରେ କେଉଁ ନିଷ୍ଠୁର ସମ୍ଭାବନାର ଲୋଭନୀୟ / ଆକର୍ଷଣରେ କେଉଁ ମଣିମୁକ୍ତା ଖଚିତ ଅଳକାପୁରୀର / ସ୍ୱପ୍ନ ଦର୍ଶନରେ ତମେ ବ୍ୟସ୍ତ ଓ ବିବ୍ରତ କବି !/ ପ୍ରତିଟି ଲଗ୍ନ ତୁମର ବିଷାଦମୟ/ପ୍ରତିଟି ନିଃଶ୍ୱାସ ତୁମର ବିଷାଦମୟ"।

କିନ୍ତୁ ୨୦୦୨ ମସିହାରେ ରଚିତ 'ଦ୍ୱିତୀୟ ଈଶ୍ୱର' ସଂକଳନ ରଚନା ବେଳକୁ କବିଙ୍କର ଦୃଷ୍ଟିଭଙ୍ଗୀରେ ଆସିଛି ପରିବର୍ତ୍ତନ। ସମକାଳୀନ ସାମାଜିକ ଓ ରାଜନୀତିକ ପରିସ୍ଥିତିର ସଫଳ ରୂପାୟନ ଘଟିଛି। ୧୯୯୯ ମସିହାର ମହାବାତ୍ୟାର ବିଧ୍ୱସ୍ତ ଏରସମା ଅଂଚଳର କରୁଣ ଚିତ୍ର, ସ୍ୱାର୍ଥଦ୍ୱେଷୀ ବ୍ୟକ୍ତିମାନଙ୍କ ପ୍ରତି କଟାକ୍ଷ ପ୍ରକାଶ ପାଇଛି। କବିଙ୍କ ବର୍ଣ୍ଣନାରେ:-

"ଏରସମାର ଧ୍ୱଂସ ସ୍ତୁପକୁ ଆସ
ଫାଦର ଆସ,
ଆସ ଅଣ୍ଡର ୱ୍ୱାର୍ଲଡର ବାଦ୍‌ଶାହା
ଚଂପକ ଲାଲ୍,
ଆସ ମହାମେଣ୍ଟର ଖଳନାୟକ
ଜନାବ ସଲ୍ଲାଉଦ୍ଦିନ
ଜଣକ ପରେ ଜଣେ ଆସ,ପ୍ରତିଦ୍ୱନ୍ଦୀ
ପରି ମାହେନ୍ଦ୍ର ଲଗ୍ନରେ।
ସମ୍ଭ୍ରାନ୍ତ ଠାଣିରେ ଆସ,
ଠିକଣା ବେଳାରେ କୁମ୍ଭୀର  କାନ୍ଦଣା କରି
ପାହାଡ଼  ଉଞ୍ଚା  ପ୍ରତିଶ୍ରୁତି ଦିଅ, ଏରସମାକୁ
ରୋମ କରି ଗଢିବାର ସ୍ୱପ୍ନ  ଦେଖାଅ। (ପୃ- ୬୬)

୧୯୮୧ ମସିହା ପରବର୍ତ୍ତୀ ସମୟର ଜଣେ ବଳିଷ୍ଠ  ନାରୀ ପ୍ରତିଭା ହେଉଛନ୍ତି 'ବ୍ରହ୍ମୋତ୍ରୀ ମହାନ୍ତି। ୧୯୭୭ ମସିହାରେ ତାଙ୍କର ପ୍ରଥମ କବିତା ସଂକଳନ 'ଅବତରଣ' ପ୍ରକାଶ  ପାଇଥିଲା। ଏହାପରେ ୧୯୮୧ ମସିହାରେ 'ଦୃଷ୍ଟିର ଦ୍ୟୁତି' ୧୯୮୮ ରେ 'ସ୍ତବକ',୧୯୯୫ ରେ ସ୍ରୋତସ୍ୱିନୀ; ୨୦୦୨ରେ 'ସେତୁବଂଧ' ଓ 'ଉତ୍ତରଣ'ପ୍ରକାଶ ପାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ରଚିତ କବିତା ଗୁଡ଼ିକର ମୁଖ୍ୟ ଅନୁଭବ ପ୍ରେମ ଓ କାମନା ଓ କାମନା ଜନିତ ଅସଫଳତା ଓ ଯନ୍ତ୍ରଣାବୋଧ ମଧ୍ୟରେ ନାରୀ ଆତ୍ମାର ବେଦନା।  କିନ୍ତୁ ଏହା ଦୀର୍ଘସ୍ଥାୟୀ ହୋଇ ପାରିନାହିଁ। ଯନ୍ତ୍ରଣାର ପରିସମାପ୍ତି ପାଇଁ ଆନନ୍ଦ ଟିକେ ପାଇବା ପାଇଁ କବି ଈଶ୍ୱରୀୟ  ଚେତନା  ପାଖରେ ଆଶ୍ରୟ ନେଇଛନ୍ତି। 'ଦୃଷ୍ଟିର ଦ୍ୟୁତି' ସଂକଳନରେ ସ୍ଥାନ ପାଇଥିବା 'ହଠାତ୍ ଗୋଡ଼ ଖସିଯିବା ପରେ'ଏହି ଚିନ୍ତାଧାରାକୁ ବହନ କରିଥିବା ଏକ ସାର୍ଥକ କବିତା।

କବିଙ୍କ ଅନୁଭବରେ ଏଇଭଳି ରୂପାୟନ ଘଟିଛି।

"ଚମକି ଅନାଇ ଦେଲି ଦୃଶ୍ୟ କେହି ଦେଖୁତ ନାହାଁନ୍ତି ?
ଭୀଷଣ ସ୍ପନ୍ଦନ ବୁକେ ମନ ତଳେ ଅସୀମ ସଂଶୟ..
ଆତ୍ମରକ୍ଷା କରିବାର କି ଉପାୟ,କି ଉପାୟ ତେବେ ?

କପାଳେ ସ୍ୱେଦର ସଭା, ରକ୍ତମୁହଁ, କର୍ଣ୍ଣେ ଝିଲ୍ଲିରବ।
ଲୁଗାଚିରୁ,ଗୋଡ଼ ଛିଡୁ, କିଛି ଭାଙ୍ଗୁ, ତଥାପି ମୁଁ ପଡିନି ପଡିନି,
ପଡ଼ିଲି ମୁଁ କେତେବେଳେ ? ତୁଚ୍ଛା ମିଛ, ଚାଲୁ ଚାଲୁ ଡେଇଁ ମୁଁ ପଡ଼ିଲି (ପୃ-୫୪)

ପ୍ରେମ'କୁ ନେଇ ଅନିଶ୍ଚିତତା ମନୋଭାବ 'ଅବତରଣ' ସଂକଳନରେ ସ୍ଥାନିତ 'ସଂଶୀତି' କବିତାରେ ପ୍ରକାଶ ପାଇଛି। ଏହି ଅନିଶ୍ଚିତତା ପରିସ୍ଥିତି ମଧ୍ୟରେ କବି ନିତି ଛଟପଟ ହେଉଛନ୍ତି। କିନ୍ତୁ ପ୍ରେମର ପରି ସମାପ୍ତି ନାହିଁ। ପ୍ରତ୍ୟେହ ପ୍ରେମିକର ଅନୁଭବକୁ ନୂଆ କରି ଉପଲବ୍ଧ କରୁଛନ୍ତି।

"ତୁମକୁ ସନ୍ଦେହ କରେ ଏ ଯେପରି ଭୟାନକ ଭୁଲ୍,
ନିଃସଂଶୟ ମନ ଦେଇ ନିରୁଦ୍‌ବେଗ ପ୍ରଣୟ ରଚନା
ମୋ ପକ୍ଷରେ ତା' ଅସମ୍ଭବ ପ୍ରୀତି ମୋର ଚିର ଶଙ୍କାକୁଳ,
ସେ ଶଂକାର ଆବର୍ତ୍ତରେ ମୁଁ ତୁମକୁ ନିତି ନିତି ନୂଆ କରି ପାଏ।
ସଂକୀର୍ଣ୍ଣ ମୋ ଦୃଷ୍ଟିକୋଣ, ପକ୍ଷୀ ଆଖି ମୋ ଆଖିରେ ଖାଲି,
ସଂଶୟ ମୁକ୍ତିର ଅର୍ଥ ଏକ ନିର୍ଦ୍ଦିଷ୍ଟ ପ୍ରଣୟର ଜୀବନ୍ତ ସମାଧି।"

ପରିଶେଷରେ ଏତିକି କୁହାଯାଇପାରେ ଯେ,ବ୍ରହ୍ମୋତ୍ରୀଙ୍କ କବିତାରେ ପ୍ରତିଫଳିତ ଆଶାବାଦର ସ୍ୱର ଆବେଗର ଘନିଷ୍ଠତା ମଧ୍ୟରେ ଏପରି ଭାବରେ ରୂପାୟିତ ଯେ,ଯାହା ପାଠକକୁ ଆନନ୍ଦ ଓ ଉତ୍ତେଜନା ଆଣିଦେଇଥାଏ।

ଅନ୍ୟତମ ନାରୀକବି ପ୍ରତିଭା ଶତପଥୀଙ୍କର ଯଦିଓ ୧୯୮୦ ମସିହା ପୂର୍ବରୁ ଚାରିଗୋଟି ସଂକଳନ ଯଥା :- 'ଅସ୍ତଜହ୍ନର ଏଲିଜ' (୧୯୬୯), 'ଗ୍ରସ୍ତ ସମୟ' (୧୯୭୪), 'ସାହାଡ଼ା ସୁନ୍ଦରୀ' (୧୯୭୮), 'ନିୟତ ବସୁଧା' (୧୯୮୦) ପ୍ରକାଶ ପାଇସାରିଥିଲା। ଶ୍ରୀମତୀ ଶତପଥୀ ମଧ କବି ଭାବରେ ପ୍ରତିଷ୍ଠିତ ହୋଇସାରିଥିଲେ। ୧୯୮୧ ମସିହା ପରେ ତାଙ୍କର ଚାରିଗୋଟି ସଂକଳନ ପ୍ରକାଶ ପାଇଛି। ୧୯୮୫ ମସିହାରେ 'ନିମିଷେ ଅକ୍ଷର',୧୯୮୮ ମସିହାରେ 'ମହାମେଘ',୧୯୯୧ ମସିହାରେ 'ଶବରୀ',୧୯୯୬ ମସିହାରେ 'ତନ୍ମୟଧୂଳି' ଇତ୍ୟାଦି ଅନ୍ୟତମ। କବିଙ୍କର କବିତାକୁ ପାଠ କଲେ ମନେ ହୁଏ ସତେଯେମିତି ନାୟକ ଜୀବନର ସ୍ଥିତିକୁ ନେଇ ନିରବଚ୍ଛିନ୍ନ ଭାବେ ଦ୍ୱନ୍ଦ୍ୱ କରିଚାଲିଛି। ସମାଧାନ ଉଦ୍ଦେଶ୍ୟରେ ଅହରହ ପ୍ରଚେଷ୍ଟାରତ, କିନ୍ତୁ ସମାଧାନର ସୂତ୍ର ପାଖରେ ପହଞ୍ଚିଲା ବେଳକୁ ନାୟକ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ପହଞ୍ଚିଯାଏ। ପ୍ରାଥମିକ ପର୍ଯ୍ୟାୟର ସଂକଳନ ଗୁଡ଼ିକରେ ମାନସିକ ଉଦ୍‌ବେଗ ସହିତ ଅସଫଳତା, ହତାଶ ଅନୁଭବ ଇତ୍ୟାଦି ରୂପ ପାଇଛି। ଅଶୀଦଶକ ପରେ ପ୍ରକାଶ ପାଇଥିବା ମହାମେଘ ସଂକଳନରେ ମଧ ସେଇ ଅନିଶ୍ଚିତତାର ମନୋଭାବ ଦେଖିବାକୁ ପାଇବା। କବିଙ୍କ ଭାବନରେ ଏହିପରି ରୂପାୟିତ:

"ସେ କଣ ନୂତନ ନଦୀ / ନୂଆ କିଶୋରୀଟି / ଅରଣ୍ୟରେ ବାଟ ଖୋଜୁ ଖୋଜୁ / ପାଣିତଳ ବାଲିଗରଡ଼ା ପରି ତା / ସ୍ୱଚ୍ଛ ସବୁଜ ଆଖିରେ / ସ୍ୱପ୍ନଟି ଗଜୁରି ଆସେ / ଦୁଇପତ୍ର ଧରେ / ଅଥଚ ସେ କେବେହେଲେ / ମୋ ଆଡ଼କୁ ଚାହିଁଯାଏ ନାହିଁ ତାକୁ ଛୁଇଁବାକୁ / ସବୁ ହାତ ମୋର ଲମ୍ବିଯାଏ / ବୃଥା

ଫେରିଆସେ / ..... ସମାନ ଯେ କାହାର ଆକାଶ ? / ବର୍ଷର ପ୍ରଥମ ମେଘମାଳ ପରି / ଭାସନ୍ତ ଶରୀର/ ଦୁଇ ଆଖି ଚନ୍ଦ୍ରସୂର୍ଯ୍ୟ / କୋକନଦ/ ପାଖୁଡ଼ାଏ ଓଠ/ ଡାଳିମ୍ବ ଫୁଲ ପରାୟେ ଦୁଇ କାନ/ ସାରା ଅରଣ୍ୟର କେଶ ଭାର/ ନାସାରନ୍ଧ୍ରେ କଦମ୍ବ କେଶର / ସୁଗଂଧରେ ଅଧୀର ପବନ।" (ପୃ-୪୬)

ପରବର୍ତ୍ତୀ ସଂକଳନ 'ଶବରୀ' ଓ 'ତନ୍ମୟଧୂଳି' ରେ ମଧ୍ୟ ଏହି ଅନୁଭବ ଆହୁରି ଗାଢ ହୋଇଛି। ମାନସିକ ଦୁଃସ୍ଥିତି ମଧ୍ୟ ରୁ ମୁକୁଳିବା ପାଇଁ ଆଧାତ୍ମିକ ଅନୁଭୂତି ହିଁ ଏକମାତ୍ର ମାଧ୍ୟମ ବୋଲି କବି ଗ୍ରହଣ କରିନେଇଛନ୍ତି। ରାମାୟଣର ଶ୍ରୀରାମ ଓ ଶବରୀ ଉପାଖ୍ୟାନକୁ ଆଧୁନିକ ଦୃଷ୍ଟିଭଙ୍ଗୀ ମଧ୍ୟରେ ଦେଖିଛନ୍ତି। ରାମଚନ୍ଦ୍ରଙ୍କର ଆଗମନ ହିଁ ଜୀବନର ଆବଦ୍ଧ ପରିସର ମଧ୍ୟରୁ ମୁକ୍ତି ଦେଇପାରିବ।

କବିଙ୍କ ଭାଷାରେ :-

"ବୃକ୍ଷ ଲତା ପୁଷ୍ପ ବୃଷ୍ଟି କଲେ
ପାତ୍ରମାନେ ମୁଣ୍ଡ ନୋଇଁ
ବର୍ଷା ଟୋପା ଘେନୁଥିଲେ
ବିଗଳିତ ମେଘମାଳ
ସଜାଡ଼ି ଅଜାଡ଼ି ଦେଲେ ରସଧାର
ବିଜୁଳିର ଖଣ୍ଡାଧାର
ଆକାଶରେ ବୁଲିଗଲା ବେଳେ ଆଲୋକ ଚମକି ଗଲା
ମୋ ମାୟାର ସତ୍ତାର ଉପରେ"। (ପୃ-୩୩)

ନିଃସଙ୍ଗତା, ହତାଶା, ଏକାକୀତ୍ୱରୁ ମୁକ୍ତି ପାଇବା ପାଇଁ ଭଗବତ୍ ସତ୍ତା ହିଁ ଏହାର ଏକମାତ୍ର ମାଧ୍ୟମ। କବି ପ୍ରତିଭାଙ୍କର କାବ୍ୟ ଉପଲବ୍ଧିର ଉନ୍ମେଷ, ଉତ୍ତରଣ ମଧ୍ୟରେ ଏହି ଭାବନା ରୂପାୟିତ ହୋଇଛି।

ଏହି ସମୟର ଆଉ ଜଣେ ପ୍ରତିଭାବାନ କବି ହେଉଛନ୍ତି 'ହରପ୍ରସାଦ ଦାସ'। ୧୯୭୮ ମସିହାରେ ତାଙ୍କର ପ୍ରଥମ କବିତା ସଂକଳନ 'ଆଲୋକିତ ବନବାସ' ପ୍ରକାଶ ପାଇଥିଲା। ଏହାର ୧୩ ବର୍ଷ ପରେ ଅର୍ଥାତ୍ ୧୯୯୧ ମସିହାରେ 'ମନ୍ତ୍ରପାଠ' ପ୍ରକାଶ ପାଇଲା। ଏହାପରେ ତାଙ୍କର ଅନ୍ୟାନ୍ୟ କବିତା ସଂକଳନ ଯଥା :-୧୯୯୩ ରେ 'ଗର୍ଭଗୃହ',୧୯୯୪ ରେ ଦୂରତ୍ୱରଭ୍ରମ ୧୯୯୬ ରେ 'ଅର୍ଥ ସହିତ ଶତ୍ରୁତା' ୧୯୯୯ ରେ 'ଖୁଣୀ ଅପସରା', 'ଦେଶ ଓ ସ୍କନ୍ଦ ପୁରାଣ' ଇତ୍ୟାଦି ପ୍ରକାଶ ପାଇଲା। ପ୍ରଥମ କବିତା ସଂକଳନରେ ଅନିଶ୍ଚିତତା ଓ ଅପୂର୍ଣ୍ଣତାର ମନୋଭାବ ମହାଭାରତର ପୃଷ୍ଠଭୂମି ଉପରେ ପରିକଳ୍ପିତ। କବିଙ୍କର ଏହି ମନୋଭାବ ଆହୁରି ତୀବ୍ରତର ହୋଇଛି ୧୩ ବର୍ଷ ପରେ ପ୍ରକାଶ ପାଇଥିବା 'ମନ୍ତ୍ରପାଠ' କବିତା ସଂକଳନରେ ସ୍ଥାନିତ 'ପରିଚୟ' କବିତାରେ। ପାରସ୍ପରିକ ସଂପର୍କ ମଧ୍ୟରେ ଅନିଶ୍ଚିତତାର ସ୍ୱରକୁ କବି କିପରି ରୂପ ଦେଇଛନ୍ତି ତାହା ନିମ୍ନ ପଂକ୍ତିରେ ଦେଖିପାରିବା।

" କେହି କାହାକୁ / ଚିହ୍ନପାରେ ନାହିଁ /
ପରିଚୟର ଅଂଧତ୍ୱରେ ହିଁ / ଦିଗ ବଦଳିଯାଏ /
ଓଃ...... ଦେଖା ହେବ/ ଆଜିଠାରୁ ବହୁବର୍ଷ ପରେ /
କେବେ ଦିନେ / ସତ୍ୟର ସିଦ୍ଧବଟ ମୂଳେ/
ନଚେତ ସଂଧ୍ୟା ସାତଟାରେ / କଫି ହାଉସରେ।"

'ପଡ଼ୋଶୀ' ଓ 'ବିଦାୟ' କବିତାରେ ମଧ୍ୟ ସମାନ ଅନୁଭବ ଦେଖିବାକୁ ମିଳେ। ସଂପର୍କ ମଧ୍ୟରେ ଅନାତ୍ମୀୟ ଭାବ ଯେ ସାମାଜିକ ଅସଙ୍ଗତିର ମୂଳ କାରଣ ତାହାର ନମୁନା ନିମ୍ନରେ ଏ ଦୁଇଟି ପଂକ୍ତି :

"ଯିବା ଆସିବା ଲାଗି ରହିବ ଏଣିକି
ଆପଣଙ୍କର ମୋ ଘରକୁ ମୋର।
ଆପଣଙ୍କ ଘରକୁ/ସୁଖ ଦୁଃଖରେ
ଆପଣ ଲୋଡ଼ିବେ ମତେ, ମୁଁ ଆପଣଙ୍କୁ /
ସାଙ୍ଗ ହୋଇ ବସୁଥିବା ଗୋଟିଏ ନାହାରେ
ବେଳ ଦେଖି ଆପଣ ମୋତେ ଠେଲି ଦେଉଥିବେ।
ପାଣିକୁ, ମୁଁ ଆପଣଙ୍କୁ
ଆପଣ ମୋତେ ପଚାରିବେ - ଆପଣ/କିଏ ?
ମୁଁ ବି ଆପଣଙ୍କୁ/ପଚାରିବି ଆପଣ କିଏ ?" (ପଡ଼ୋଶୀ)

"ସକାଳକୁ ମୁଁ ନଥିବି / ନଥିବି ମାନେ/ ରୂପେଲି ଖାଲି ଟ୍ରେରେ / ଅଇଁଠା ଚା କପ୍‌ଟାଏ/ ନଥିବ ହୁଏତ, ତାହେଲେ / ଥିବ ଆସୁଚି କହି / ଯାଇସାରିଥିବା ରାତିର ଅତିଥି / ଶୁଣ / ମୁଁ ଯାଉଛି ରାସ୍ତାର ଆରପଟକୁ ଯାଉଛି ମାନେ- ଫେରୁଛି ଯୋଉଠୁ ଆସିଥିଲି ସେଇଠିକି।" କବି ଦୃଷ୍ଟିରେ ଅସ୍ଥିରତାର ଅନୁଭବରୁ ମୁକ୍ତି ପାଇବାକୁ ହେଲେ ଶେଷ ରାସ୍ତା ଆଧାତ୍ମିକ ମନୋଭାବ। ଈଶ୍ୱରୀୟ ଭାବନା ଏଥିରୁ ମୁକ୍ତି ଦେଇପାରିବ । ଯାହାଙ୍କ ପାଖରୁ ମଣିଷର ସୃଷ୍ଟି ତାଙ୍କରି ସତ୍ତାରେ ବିଲୀନ ହେଲେ ଯାଇ ସମସ୍ତ ଯନ୍ତ୍ରଣା ବୋଧର ଉପଶମ ହୋଇପାରିବ। କବିଙ୍କର ଦୁଇଟି ବିଶିଷ୍ଟ କବିତା ସଂକଳନ ହେଉଛି 'ଦୂରତ୍ୱର ଭ୍ରମ' ଓ 'ଦେଶ'। 'ଦୂରତ୍ୱର ଭ୍ରମ'ରେ ୪୮ ଟି କବିତା ପ୍ରକାଶ ପାଇଛି। ପାରସ୍ପରିକ ଯନ୍ତ୍ରଣା ଜନିତ ନିଃସଙ୍ଗ ମନୋଭାବ ଓ ତଦ୍ ଜନିତ ମାନସିକ ଅସ୍ଥିରତା ଧୀରେ ଧୀରେ ସ୍ଥିରତା ଆଡ଼କୁ ଗତି କରୁଛି। ବ୍ୟକ୍ତି ଚେତନା ଶୁଦ୍ଧ ହେଉଛି କାରଣ କବି ମୂଢ଼ କଳ୍ପନାକୁ ପୋଡ଼ି ଦେବାକୁ ଚାହାଁନ୍ତି। "ଦ୍ୱିଧାର ଧାତୁରେ / ନୂଆ କରି ଗଢ଼ିବାକୁ ହେଲା /ପୁରୁଣା ଶବ୍ଦକୁ/ ମୂଢ଼ କଳ୍ପନାକୁ ପୋଡ଼ି/ଶୁଦ୍ଧ କରିବାକୁ ହେଲା / ପ୍ରତ୍ୟକ୍ଷ ଦର୍ଶିତାର ନିଆଁରେ /ବାରମ୍ୱାର।" (ପୃ-୨)

ମାତ୍ର ଏହି ଅନୁଭବ ଦୀର୍ଘସ୍ଥାୟୀ ହୋଇପାରିନାହିଁ। ପୁନଶ୍ଚ ଗତିହୀନତା ଓ ନିଶ୍ଚଳତା ଏହାକୁ କବଳିତ କରୁଛି। ଆଲୋକ ଆଲୋକ ଭଳି ଦେଖାଯାଉନାହିଁ। ସେଥିପାଇଁ ପାଦଟିଏ ଆମକୁ ଯିବାର ସାମର୍ଥ୍ୟ କବି ହରାଇ ଦେଇଛନ୍ତି। ଦ୍ୱନ୍ଦାତ୍ମକ ପରିସ୍ଥିତିରେ ପଡ଼ିଛନ୍ତି। ବାଟବଣା ହୋଇଛନ୍ତି।

"ଏବେଯିବି କୁଆଡ଼େ ?/ଆଲୁଅ ଭଳି ଦିଶୁଚି ହେଲେ / ଆଲୁଅ ନୁହେଁ/ପହଁଚିଲା ଭଳି ଲାଗୁଚି ହେଲେ/ ଯୋଉଠି କି ସେଇଠି/ପାଦଟିଏ ବି ଯାଇପାରିନି ଆଗକୁ।" (ପୃ-୫୫)

ଶେଷରେ ଆଶ୍ରୟ ଦେବ ଜୀବନର ଶେଷ ପରିଣତି ମୃତ୍ୟୁ ପାଖରେ ନିଃସଂଗତା ଭାବ ଯେତେ ତୀବ୍ରତର ହେବ 'ମୃତ୍ୟୁ' ସେତିକି ସେତିକି ସତ୍ତାକୁ କବଳିତ କରିବ। 'ରଣ କୁହୁଡ଼ି' ମଧ୍ୟରୁ ଆଲୁଅ ଭଳି ଦେଖାଯାଉଥିବ। ହେଲେ ଆଲୁଅ ପାଖରେ ପହଞ୍ଚିବାର ତାକୁ ଭଲରେ ଖୁସିମନରେ ଆପଣେଇ ନେବାରେ ସାହସ ନଥିବ।

"ବାରମ୍ବାର ଡାକୁଥିବେ ଦିନେ ସେ ପାରିର
ଆଲୁଅ ଭଳି ରଣ କୁହୁଡ଼ି ଭିତରୁ , ହେଲେ
ସାହସ ନଥିବ ଯିବା ପାଇଁ। (ପୃ -୬୧)

ଦେଶ ସଂକଳନରେ କିନ୍ତୁ ଭିନ୍ନ ମନୋଭାବ ପ୍ରକାଶିତ। ସ୍ୱାଧୀନତା ପରବର୍ତ୍ତୀକାଳୀନ ସାମାଜିକ ଅବ୍ୟବସ୍ଥା ଏହାର ମୁଖ୍ୟ ଆଧାର ଭୂମି। ସାଧାରଣ ମଣିଷର ଆଶା ବିଶ୍ୱାସ କିପରି ପାଣିଫୋଟକା ପରି ମିଳାଇ ଯାଇଛି,ସେ ସଂପର୍କରେ କବି କହନ୍ତି:-

"ସେ ତଥାପି ଭାବୁଛି ସକାଳ ହେବ।
ତାର ଅଭିଷେକ ପାଇଁ ଝରିପଡ଼ିବ
କାକର ଭିଜା ଗଂଗଶିଉଳି ..।"

ଆଲୋଚନାରୁ ସୁସ୍ପଷ୍ଟ ଯେ ହରପ୍ରସାଦଙ୍କ କାବ୍ୟ ସୃଷ୍ଟିର ଦିଶା ସମକାଳୀନ ଓଡ଼ିଆ କବିତାରେ ଏକ ଅନୁପମ ସଂଯୋଜନ। ଆବେଗ ଓ ଅନୁଭୂତିରେ ଜଟିଳତା ଆସିଛି। ଜୀବନ ଓ ମୃତ୍ୟୁର ଆପେକ୍ଷିକ ଗୁରୁତ୍ୱକୁ କବି ବିଚାରିଛନ୍ତି। ତତ୍‌ସହିତ ସ୍ୱାଧୀନତା ପରବର୍ତ୍ତୀକାଳୀନ ସାମାଜିକ ଅର୍ଥନୈତିକ ଦୂରବସ୍ଥା ମଧ୍ୟରେ ଭବିଷ୍ୟତର ସ୍ୱପ୍ନ କିପରି ଭାଂଗିଯାଉଛି ସେ ସଂପର୍କରେ କବିଙ୍କ କବିତା ଏକ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ,ଯାହାକି ପାଠକକୁ ବାରମ୍ବାର ଅଭିଭୂତ କରେ।

ପରିଶେଷରେ ଆମେ ଏହାକୁ ସ୍ୱୀକାର କରିବା ଯେ,ବର୍ତ୍ତମାନ ଯେଉଁ କବିମାନେ ୧୯୬୦-୭୦ ଦଶକରେ କବିତା ଲେଖିବା ଆରମ୍ଭ କରିଥିଲେ ୧୯୮୦ ମସିହାପରେ ସେମାନେ ପ୍ରତିଷ୍ଠିତ ହୋଇଛନ୍ତି। ବିଶ୍ୱମୁଖୀ ହେବାର ମୋହ, ବ୍ୟକ୍ତିକୈନ୍ଦ୍ରିକ ଜୀବନବୋଧର ଚିତ୍ର, ସହରୀ ଜୀବନର ବ୍ୟସ୍ତବହୁଳ ଜୀବନଧାରା,ନିଃସଙ୍ଗତା, ମନୋଭାବ ମଧ୍ୟରେ ଏକ୍‌ଲା ବଂଚୁଥିବା ଆଧୁନିକ ମଣିଷର ଅସହାୟତା ଏହି କବିମାନଙ୍କୁ ଆଚ୍ଛନ୍ନ କରି ରଖିଛି। କିନ୍ତୁ ୧୯୮୦-୨୦୦୦ ମସିହା ମଧ୍ୟରେ କବିତା କ୍ଷେତ୍ରକୁ ଆସିଥିବା ନୂଆ କବିମାନଙ୍କ କବିତାରେ ଏହି ସ୍ୱର ଦେଖିବାକୁ ଯିବିନାହିଁ। ଏମାନେ କବିତାରେ ପରୀକ୍ଷା ନିରୀକ୍ଷାକୁ ବାଦ୍ ଦେଇଛନ୍ତି। କବିତାକୁ ପାରିପାର୍ଶ୍ୱିକ ବାସ୍ତବତାଠାରୁ ଦୂରେଇ ଦେଇ ନାହାଁନ୍ତି। ଇଉରୋପକୈନ୍ଦ୍ରିକ ଚିନ୍ତାଧାରା ଠାରୁ ମୁକ୍ତି ଲଭିବା ପାଇଁ ଏମାନେ ଯଥାସମ୍ଭବ ପ୍ରୟାସ କରିଛନ୍ତି। ଆମ ସଂସ୍କୃତି,ପରଂପରା,ମାଟି ଓ ମଣିଷର ମୋହରେ ମୋହାବିଷ୍ଟ ହୋଇଛନ୍ତି।

ନିଜସ୍ୱ ଜୀବନଭୂମି ସଂପର୍କରେ ସଚେତନ ନହୋଇ ବିଶ୍ୱମୁଖୀ ହେବା ଆଳରେ ଆନ୍ତର୍ଜାତିକ ହେବାର ପ୍ରୟାସ ମଧ୍ୟରେ ଓଡ଼ିଆ କବି ନିଜକୁ ହଜାଇ ନ ଦେଇ ସାଧାରଣ ପାଠକ ପାଖରେ ପହଞ୍ଚିବାର ପ୍ରୟାସ କରିଛି। ମନେ ହୋଇଛି ସତେ ଯେମିତି ବହୁ ଉତ୍ଥାନ ପତନ ମଧ୍ୟରେ ଗତିକରି ଓଡ଼ିଆ କବିତା ଆଜି ନିଜ ଘରକୁ ଫେରିଆସିଛି। ପ୍ରତ୍ୟାବର୍ତ୍ତନର ପର୍ବଟି ପାଠକମାନଙ୍କ ଦ୍ୱାରା ମଧ୍ୟ ଧୀରେ ଧୀରେ ଆଦୃତ ହେଉଛି। ଏ ପ୍ରକାର ପରିବର୍ତ୍ତିତ ଆଭିମୁଖ୍ୟ ସଂପର୍କରେ କବି ଶରତଚନ୍ଦ୍ର ପ୍ରଧାନ ସାଂପ୍ରତିକ କବିତାର କୁଳ ଓ ଶୀଳ ପୁସ୍ତକରେ ମତ ଦିଅନ୍ତି ଯେ,"କବିମାନେ ନିଜର ଦୋଷ ଦୁର୍ବଳତା ବିଷୟରେ ସଚେତନ ହେବାକୁ ଆରମ୍ଭ କଲେଣି। ବିଦେଶୀ ଆଇନାରେ ନିଜ ମୁହଁ ଦେଖିବାର ନିଶା ଏବେ କମି ଆସିଲାଣି। ସେମାନଙ୍କର ସ୍ୱପ୍ନଭଂଗ ଘଟିଲାଣି।

ସେମାନେ ଅନୁଭବ କଲେଣି ଭୂମିକୁ ନ ଚିହ୍ନିଲେ ଭୂମା ବା କାହିଁ?

(ସାଂପ୍ରତିକ କବିତାର କୁଳ ଓ ଶୀଳ ପୃ-୨୧୯)

ପରିବର୍ତ୍ତିତ ପରିସ୍ଥିତି (୧୯୮୦ ପରବର୍ତ୍ତୀ ସାମାଜିକ ଓ ଆର୍ଥନୀତିକ) ଉତ୍ତର ଅଶୀ କାଳରେ ନୂତନ କବିମାନଙ୍କୁ ଏକ ଭିନ୍ନ ପରିମଣ୍ଡଳ ପ୍ରଦାନ କରିଛି। ନିଃସଙ୍ଗ ବ୍ୟକ୍ତିସତ୍ତାର ଚିତ୍ରଣ ପରିବର୍ତ୍ତେ ସମାଜ ପାଇଁ ନିଜକୁ ଉତ୍ସର୍ଗ କରିଦେବାକୁ କବିମାନେ ଆଗେଇ ଆସିଛନ୍ତି।

ଏ ସମୟର ଅନେକ ଯୁବକବି ବିବିଧ ରାଜନୀତିକ ଓ ସାମାଜିକ ସଂଗଠନ ସହିତ ଯୋଡ଼ି ହୋଇଛନ୍ତି। ଓଡ଼ିଆ କବିତାରେ ଏକ ନୂତନ ସ୍ୱର ଓ ସଂଭାବନା ସୃଷ୍ଟି କରିବା ନିମନ୍ତେ ଅନାମ ଆନ୍ଦୋଳନ ଓ ଯୁବଲେଖକ ସମ୍ମେଳନ ଗଠନ କରାଯାଇଛି। ଓଡ଼ିଆ କବିତାକୁ ବୌଦ୍ଧିକତା,ଦୁର୍ବୋଧ୍ୟତା ଓ ବ୍ୟକ୍ତି କୈନ୍ଦ୍ରିକତା କବଳରୁ ରକ୍ଷା କରି ଏହାକୁ 'ଗଣ' ଅଭିମୁଖୀ କରିବା ପାଇଁ ଏମାନେ ନେତୃତ୍ୱ ନେଇଛନ୍ତି। କୁମାର ମହାନ୍ତିଙ୍କ ନେତୃତ୍ୱରେ ମୁଣ୍ଡ ଟେକିଥିବା ଅନାମ ଆନ୍ଦୋଳନ ପରେ ଯୋଗ ଦେଇଛନ୍ତି କବି ହରିହର ମିଶ୍ର ଓ କୈଳାସ ଲେଙ୍କା। ଏହାବ୍ୟତୀତ ଯୁବଲେଖକ ସମ୍ମେଳନ ମାଧ୍ୟମରେ ସାହିତ୍ୟିକ କ୍ରାନ୍ତି ପାଇଁ ଯୁବ ଲେଖକମାନେ ଆଗାମୀ ପିଢ଼ିକୁ ପ୍ରୋତ୍ସାହନ ଯୋଗାଇଛନ୍ତି। ବିଭିନ୍ନ ଅଂଚଳରେ ଆଲୋଚନାଚକ୍ର କବିତା ପାଠୋତ୍ସବମାନ ଆୟୋଜନ କରି କବିତାକୁ ସାଧାରଣ ଲୋକାଭିମୁଖୀ କରାଇବାର ପ୍ରୟାସ ଆରମ୍ଭ ହୋଇଛି।

ପ୍ରଚଳିତ କାବ୍ୟଧାରଣାରୁ ଓହରିଆସି ନିଜର କୃତି ବିଚାରରେ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଓ ପ୍ରତିଷ୍ଠା ଅର୍ଜନ କରିଥିବା କେତେକ କବି ଯଥା :- ପ୍ରସନ୍ନ କୁମାର ପାଟଶାଣୀ, ସଦାଶିବ ଦାଶ, ଆଶୁତୋଷ ପରିଡ଼ା, ଅମରେଶ ପଟ୍ଟନାୟକ, ହୁସେନ୍ ରବି ଗାନ୍ଧୀ, ମମତା ଦାଶ, ହୃଷିକେଶ ମଲ୍ଲିକ, ଶତ୍ରୁଘ୍ନ ପାଣ୍ଡବ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ସୂର୍ଯ୍ୟ ମିଶ୍ର, ନୃସିଂହ ତ୍ରିପାଠୀ, ସରୋଜରଂଜନ ମହାନ୍ତି, ଅପର୍ଣ୍ଣା ମହାନ୍ତି,ବଂଶୀଧର ମହାନ୍ତି, ଦିଲୀପ୍ ଦାସ୍, ମନୋରମା ବିଶ୍ୱାଳ ମହାପାତ୍ର, ଅଶ୍ୱିନୀ କୁମାର ମିଶ୍ର ପ୍ରମୁଖ ଅନ୍ୟତମ।

ତେବେ ବିଗତ କୋଡ଼ିଏ ବର୍ଷ (୧୯୯୦-୨୦୧୦) କବିତାରେ ଯେଉଁ ପରିବର୍ତ୍ତିତ ଆଭିମୁଖ୍ୟକ ଲକ୍ଷ୍ୟ କରାଯାଇଛି ତାହା ନିମ୍ନରେ ପ୍ରଦତ୍ତ

- ପ୍ରୟୋଗବାଦୀ ଫର୍ମର ପରିସମାପ୍ତି ଘଟି ଉଭୟ ଭାବପକ୍ଷ ଓ କଳାପକ୍ଷରେ ପରିବର୍ତ୍ତନ ଦେଖାଦେଲା । ଯଥା:- ଅଯଥା ଶବ୍ଦାଡ଼ମ୍ବର, ପ୍ରତୀକ, ଚିତ୍ରକଳ୍ପ, ମିଥ୍‌ର ମାତ୍ରାଧିକ ପ୍ରୟୋଗ, ବ୍ୟକ୍ତିକ କୈନ୍ଦ୍ରିକ ଜୀବନଦର୍ଶନ, ମୃତ୍ୟୁବୋଧ, ନିଃସଙ୍ଗତା, ଅସହାୟତା, ଦେହବାଦୀ ଦର୍ଶନ ଇତ୍ୟାଦିର ପ୍ରୟୋଗ ବଦଳରେ ସମାଜବାଦୀ, ବାସ୍ତବତା, ଦଳିତ ବର୍ଗ ପ୍ରତି ସମବେଦନା, ପରଂପରାପ୍ରୀତି ଓ ସଂସ୍କୃତି ପ୍ରବଣ ମାନସିକତାର ପରିପ୍ରକାଶ ଘଟିଲା ।
- ଗ୍ରାମ୍ୟପ୍ରୀତି, ଗ୍ରାମ୍ୟ ଜୀବନଧାରା, ଓଷାବ୍ରତ, ଲୋକ ସଂସ୍କୃତି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପାଇଲା ।
- କବିତାରେ ଚରିତ୍ରକୁ ଗୁରୁତ୍ୱ ଦେବା ଅପେକ୍ଷା ଘଟଣା ବସ୍ତୁ ଉପରେ ଗୁରୁତ୍ୱ ଦିଆଗଲା ।
- କଳା, ବିଜ୍ଞାନ, ବାଣିଜ୍ୟ, ନୃତତ୍ତ୍ୱ, ସମାଜତତ୍ତ୍ୱ, ଇତିହାସ, ମନୋବିଜ୍ଞାନ, ନୂତନ ଜ୍ଞାନ କୌଶଳ ପର୍ଯ୍ୟନ୍ତ ସମସ୍ତ ପ୍ରସଙ୍ଗ ଏହାର ପରିସରଭୁକ୍ତ ହେଲା ।
- ପୌରାଣିକ ମିଥ୍ ବଦଳରେ ସାଧାରଣ ଜନଜୀବନଠାରୁ ସଂଗୃହୀତ ଲୌକିକ ମିଥ୍ ଉପରେ ଗୁରୁତ୍ୱ ଦିଆଗଲା ।
- ଅର୍ନ୍ତଜଗତରୁ ପ୍ରତୀକ ସଂଗ୍ରହ ନ କରି ପାରିପାର୍ଶ୍ୱିକ ପରିବେଶରୁ ପ୍ରତୀକ ସଂଗ୍ରହ କରିବା ଉପରେ ଏମାନେ ଗୁରୁତ୍ୱ ଦେଲେ ।
- ଗୋଷ୍ଠୀ, ଅନୁଷ୍ଠାନ, ଆନ୍ଦୋଳନ ମାଧ୍ୟମରେ କବି ଓ କବିତାର ପ୍ରଚ୍ଚର, ପ୍ରସାର କରିବାର ପ୍ରୟାସ ଆରମ୍ଭ ହେଲା ।
- ପ୍ରକାଶଭଂଗୀରେ ସ୍ୱଚ୍ଛତା,ସାବଲୀଳତା,କଳାତ୍ମକତା ଓ ଜୀବନବାଦୀ ଆଭିମୁଖ୍ୟ କବିତାକୁ ଗତିମୁଖର କଲା ।

୧୯୮୦ ପରବର୍ତ୍ତୀ ଅଧିକାଂଶ କବିଙ୍କ କବିତାରେ ଏହି ଆଭିମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଲଭିଥିଲା । ସମାଜର ମଂଗଳ ଉଦ୍ଦେଶ୍ୟରେ ସାହିତ୍ୟ ବିନିଯୋଗ ହେବା ଏକାନ୍ତ ଆବଶ୍ୟକ ଏହା କବିମାନେ ଅନୁଭବ କରିଥିଲେ । ତେଣୁ ସାମାଜିକ ଅବ୍ୟବସ୍ଥା ଉପରେ ଏମାନେ ଗୁରୁତ୍ୱାରୋପ କରିଥିଲେ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଉପରେ ଏମାନେ ଗୁରୁତ୍ୱାରୋପ କରିଥିଲେ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ସାଧାରଣ ଜନତାଙ୍କୁ ପ୍ରାଧାନ୍ୟ ଦେବା ଉଚିତ୍ । ଏଠାରେ ଯଦି ସ୍ୱେଚ୍ଛାଚ୍ଚରିତାର ପ୍ରବେଶ ଘଟେ ତାହା କଳୁଷିତ ହୋଇଯାଏ । ଅବ୍ୟବସ୍ଥା ଓ କଳୁଷିତ ଶାସନ ବ୍ୟବହାର ଚିତ୍ର ଅଷ୍ଟମ ଦଶକ ପରବର୍ତ୍ତୀ ଓଡ଼ିଆ କବିତାରେ ବହୁ ପରିମାଣରେ ପରିସ୍ଫୁଟିତ ହୋଇଯାଇଛି । ଯେଉଁ ସମାଜରେ ସ୍ୱାଧୀନ ଭାବରେ ବଞ୍ଚିବାର ଅଧିକାର ମଣିଷ ପାଖରେ ନାହିଁ ସେ ଦେଶର ମଣିଷକୁ କୁକୁର ଠାରୁ ମଧ୍ୟ ତୁଚ୍ଛ ବୋଲି ଆକ୍ଷେପ କରିଛନ୍ତି କବି ବ୍ରଜନାଥ ରଥ ।

କବିଙ୍କ ବର୍ଣ୍ଣନାରେ :-

"କିଛି ନ' ହେଲେ ବି କୁକୁର ପାରୁଛି ଭୁକି
ଦୁଇଗୋଡ଼ ତଳେ ଲାଂଜ ତଳକୁ ଜାକି
କିନ୍ତୁ ସେତକ ସ୍ୱାଧୀନତା କାହିଁ ମୋର
ପାଟି ଫିଟାଇଲେ ଲାଠି ଓ ଗୁଳି ହିଁ ସାର ।"

(କୁକୁର ହେବା ସପକ୍ଷରେ ନିଃଶଙ୍କ ପ୍ରତିବାଦ )

କବି ବ୍ରଜନାଥ ସତେ ଯେମିତି ଶତାବ୍ଦୀର ଶେଷ ସୀମାନ୍ତରେ ଠିଆ ହୋଇ ଯେଉଁ କ୍ଷୟିଷ୍ଣୁ ଶାସନ ବ୍ୟବସ୍ଥାକୁ ଦେଖୁଛନ୍ତି ଯେଉଁଠି ଜନଜୀବନ ପଙ୍ଗୁ, ଅଥର୍ବ ପାଲଟି ଯାଇଛି। କବିତାଟି ସତେ ଯେପରି ଏକ ସଂକୀର୍ଣ୍ଣତାର ବଳୟ ମଧ୍ୟରୁ ବାହାରି ଆସି ଏକ ମହାନ୍ ମାନବିକତାର ପରିସର ମଧ୍ୟରେ ବିଚରଣ କରୁଅଛି। ଏହି ସମୟର କବିମାନେ ବ୍ୟକ୍ତିଗତ ବୌଦ୍ଧିକ 'ଇଜିମ୍'ର ଦ୍ୱାହି ଦେଇ ଦୁର୍ବୋଧ କରିଦେବାକୁ ଚାହିଁନାହାଁନ୍ତି। ଜୀବନର ଚିତ୍ର ଅଂକନ କରୁ କରୁ କବି କଳ୍ପନା ରାଜ୍ୟରେ ପାଠକକୁ ଭୁଲାଇ ଦେଇନାହାଁନ୍ତି। କହିଛନ୍ତି ସାମାଜିକ ସଂକଟର କଥା,ଅବକ୍ଷୟବାଦୀ ଆଧୁନିକ ସଂସ୍କୃତି,ସଂକ୍ରମିତ ହୋଇଥିବା ଅପସଂସ୍କୃତିର ଚିତ୍ର ନିଃସଙ୍ଗତ ଅସହାୟତାକୁ ନେଇ ଯେ ଜୀବନ ବଂଚି ହୁଏ ନାହିଁ, ଜୀବନ ପାଇଁ ଆବଶ୍ୟକ ସ୍ନେହ,ସୌହାର୍ଦ୍ଦ୍ୟ, ପ୍ରୀତି,ମମତା। ଏହା ହିଁ ଅନୁଦଶକ କବିତାରେ ଅଧିକତର ସ୍ପଷ୍ଟ ହୋଇଛି। ବସ୍ତୁବାଦୀ ସଭ୍ୟତାର ମଣିଷ କ୍ଷେତ୍ରରେ କଳାତ୍ମକ ଚିନ୍ତା ଚେତନାର ଅବକ୍ଷୟ ଘଟିଛି। ଗାଁ ଦାଣ୍ଡ, ଖେଳସାଥୀ, ରଜଦୋଳି, ବୋହୂଚୋରୀ, ହାତରେ ବହି ବସ୍ତାନୀ ଧରି ଚଟଶାଳୀ ଫେରୁଥିବା ଚଟ, ଆମ୍ବ, ବରକୋଳି ଖାଇବାର ମଜା,ଶୀତ ସକାଳର ଖରା ସାଂଗକୁ ଝିପିଝିପି ବର୍ଷାରାତି ନିକଟରୁ ଆଧୁନିକ ମଣିଷ ମୁହଁ ଫେରାଇ ନେଇଛି। ଅତୀତର ଅନୁଭୂତିକୁ ପ୍ରତ୍ୟେକ ଆଧୁନିକ ବ୍ୟସ୍ତବହୁଳ ମଣିଷମାନଙ୍କର ସ୍ମୃତିରେ ପୁନଃଜାଗ୍ରତ କରିବାର ପ୍ରୟାସ କରିଛି କବି। ବାଲ୍ୟକାଳରେ ମିଠା ଅନୁଭୂତିକୁ ଆଧାର କରି କବି ନିତ୍ୟାନନ୍ଦ ନାୟକ ରଚନା କରିଛନ୍ତି 'ପିଲାଦିନ' କବିତା।

"ସେଠିକି ଯିବାକୁ ହୁଏ ବାରମ୍ବାର
କାହିଁକି ନା ସେଇଠି ରହିଯାଇଛି
ମୋ ପ୍ରଥମ ପରିଚୟ କୁଆଁ କୁଆଁ ସ୍ୱର
ଖଡ଼ିର ପ୍ରଥମ ଗାର,ଶବ୍ଦର ଓଁକାର
ମୋ ହଜିଯାଇଥିବା ନିଷ୍କପଟ ହସର
ମୋ ଅନାବିଳ ଖୁସିର
ଗୁପ୍ତ ଗନ୍ତାଘର।"        (ପିଲାଦିନ- ପାଠଶାଳା (ସଂ))

ନବେଦଶକ ପରବର୍ତ୍ତୀ କାଳର କବି କବିତାର ପରିସର ମଧ୍ୟରେ ଅନାବିଳ ଖୁସିର ମୁହୂର୍ତ୍ତ ମଧ୍ୟରେ ଦେଖୁଛି ଅନନ୍ତ ସୀମାହୀନ ଆକାଶକୁ। ଦିଗନ୍ତ ବିସ୍ତାରୀ ସାଗରର ନୀଳ ଜଳରାଶିକୁ। ଟୋପାଏ କାକର ବିନ୍ଦୁରେ ସୂର୍ଯ୍ୟଙ୍କର ସତ୍ତାକୁ ଅନୁଭବି ବା ପରେ ଏ ସମୟ ଖଣ୍ଡର ସ୍ରଷ୍ଟା ଗୋଟିଏ ଗୋଟିଏ ଅକ୍ଷର ମଧ୍ୟରେ ଅନୁଭବ କରିଛି, ଜୀବନର ବ୍ୟାପକତାକୁ । କବିଙ୍କ ଭାଷାରେ :-

"ମାଟିକୁ ଚୁମୁଛି ପତ୍ରର କାରାରେ
ପତ୍ରର କାରାରେ ପବନର ଅପୂର୍ବ ବ୍ୟଂଜନା
ସକାଳ ଓ ସଂଜର ନୀରାଜନା
କବିତା ଭିତରେ ।

କବିତାର ଭିତରେ
ମୁଁ ଦେଖୁଛି ଅସଂଖ୍ୟ ଆକାଶ
କବିତା ଭିତରେ ମୁଁ ଦେଖୁଛି ଅସଂଖ୍ୟ ସମୁଦ୍ର
ଟୋପାଏ କାକରରେ ପୂର୍ଣ୍ଣ ସୂର୍ଯ୍ୟକୁ ଅନୁଭବ କଲାପରି
ଟୋପାଏ ଅକ୍ଷର ଭିତରେ ଅନୁଭବ କରୁଛି କବିତାକୁ।"

('ସ୍ୱପ୍ନ'- ପ୍ରସନ୍ନ ପାଟ୍ଟଶାଣୀ )

ଷଷ୍ଠ ଦଶକର କବିତାରେ ପରିଲକ୍ଷିତ ଅନ୍ତଃସାର ଶୂନ୍ୟତା ପ୍ରକୃତି ସଂପ୍ରୀତି ମଧରେ ବିଲୟ ଭଜିଛି। ପ୍ରକୃତି ପ୍ରତିବଦ୍ଧତା ଏ ସମୟର କବିତାକୁ ଏକ ସ୍ୱାତନ୍ତ୍ର୍ୟ ପ୍ରଦାନ କରିଛି। ନିମ୍ନୋକ୍ତ ପଂକ୍ତିରେ ପ୍ରକୃତି ପ୍ରତିବଦ୍ଧତା,ଅବକ୍ଷୟମୁଖୀ ସମାଜର ଚିତ୍ର,ସାଧାରଣ ବର୍ଗରୁ ପ୍ରତୀକର ସଂଗ୍ରହ,କାବ୍ୟ ନାୟକର ପାରିବାରିକ ଜୀବନ ପ୍ରତି ଅଂଗୀକାରବଦ୍ଧତାର ପ୍ରମାଣ ବହନ କରେ।

ଏବେ ଗାଁ ମୁଣ୍ଡର ସେଇ / ଆମ୍ବଗଛ ହଣା ସରିଛି / ପକ୍ଷୀ ମେଳଣ ନାହିଁ/ ଆଉ ପକ୍ଷୀ ନାହିଁ ମଣିଷ ଭିତରେ ।

(ପକ୍ଷୀ ମେଳଣ - ଅନ୍ତରଂଗ ପୃଥିବୀ ବ୍ରହ୍ମାନନ୍ଦ ଦାସ) ହେ ପ୍ରନ୍ ଭାରତ ବର୍ଷ, ଉଠ ତୁମେ ସମୁଦ୍ରରେ ଝଡ଼ ତୁମର ପ୍ରାଚୀନ ସୂର୍ଯ୍ୟ କ୍ଲାନ୍ତ ହୁଏ ପହଁରି ପହଁରି ଆହତ ଉର୍ମିରେ ବାହୁ ଉର୍ଦ୍ଧ୍ୱେ ତୋଳି ଆରବ ସାଗର ନିବିଡ଼ ଦୁଃଖରେ ଆଜି ଗାଇ ବସେ ସଂଧ୍ୟାର ସାୟରୀ।"

(ସନ୍ଧ୍ୟାର ସାୟରୀ - ଭାରତ ବର୍ଷ ଗିରିଜା ବଳିୟାର୍ ସିଂହ)

ମତେ ଗୋଇଠା ମାରିଲେ / ଗଛରୁ ଖସିପଡ଼େ ପତ୍ର ଆକାଶରୁ ଖସିପଡ଼େ ତାରା ମୋ ଛାତି ଫାଡ଼ି ଦେଲେ/ବାହାରି ଆସେ ମଣିଷ ('ଚଣ୍ଡାଳ'- ଆଶୁତୋଷ ପରିଡ଼ା)

ମୁଁ ତମ ପିଲାଙ୍କ ବାପା/ବୁଢ଼ା ହୁଏ ମରେ/ଆରମ୍ଭ ଓ ଶେଷ ନଥିବା/କିଶୋରୀ ତମେ ଟୁଲୁଟୁଲୁ /ମୋ ପରମାୟୁରେ/ (ଧର୍ମପତ୍ନୀ - ହୃଷୀକେଶ ମଲ୍ଲିକ)

ତେଣୁ ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ହୁଏ ଯେ,ଯେଉଁ ଆଧୁନିକ କବିତା ଏକଦା କ୍ଲିଷ୍ଟ, ଅବୋଧ ଇତ୍ୟାଦି ବିବିଧ ସମାଲୋଚନାର ଶରବ୍ୟ ହୋଇ ଆସୁଥିଲା ଅଶୀଦଶକ ପରବର୍ତ୍ତୀ ସମୟରେ ତାହା ପାଠକମାନଙ୍କର ଆସ୍ୱାଭାଜନ ହୋଇପାରିଛି। ଈଶ୍ୱର ଅପେକ୍ଷା ମନୁଷ୍ୟ,ଆଧାତ୍ମିକତା ଅପେକ୍ଷା ମାନବିକତା,ମୃତ୍ୟୁ ଅବବୋଧ ଅପେକ୍ଷା ଜୀବନ ସଚେତନତା,ଶାଶ୍ୱତ ପ୍ରେମ ଚେତନା, ନିମ୍ନବର୍ଗର ଚରିତ୍ର ପ୍ରତି ସମବେଦନାର, ପ୍ରକାଶ ଭଂଗୀରେ ପରିଛନ୍ନତା ଷଷ୍ଠ ଦଶକର କବିତାଠାରୁ ଏହାକୁ ପୃଥକ୍ ରୂପେ ଚିହ୍ନାଇ ଦେଇଛି।

## ୪.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### ୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।

କ) ରମାକାନ୍ତଙ୍କ ଶ୍ରୀରାଧା କବିତା ବିଷୟରେ ଲେଖ।

ଖ) ପ୍ରତିଭା ଶତପଥୀଙ୍କ କାବ୍ୟିକ ଆବେଦନ ସୂଚାଅ।

ଗ) ସୀତାକାନ୍ତଙ୍କ ୧୯୮୦ ପରବର୍ତ୍ତୀ କବିତା ଗୁଡ଼ିକର ନାମ ଲେଖ।

ଘ) ୧୯୮୦ ପରବର୍ତ୍ତୀ କବିତାର ବୈଶିଷ୍ଟ୍ୟ ଦର୍ଶାଅ।

ଙ) ବ୍ରହ୍ମୋତ୍ରୀ ମହାନ୍ତିଙ୍କ କାବ୍ୟିକ ଆଭିମୁଖ୍ୟ କ'ଣ ଥିଲା।

ଚ) ସୌରୀନ୍ଦ୍ର ବାରିକଙ୍କ କାବ୍ୟିକ ଆଭିମୁଖ୍ୟ ।

ଛ) ୧୯୯୦ ପରବର୍ତ୍ତୀ ସମୟରେ ଓଡ଼ିଆ କବିତାର ପରିବର୍ତ୍ତନର ଚିତ୍ର ସଂପର୍କରେ ଆଲୋଚନା କର।

**୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

କ) ୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାର ସାମାଜିକ ପୃଷ୍ଠଭୂମି ସଂପର୍କରେ ଆଲୋଚନା କର।

ଖ) ସୀତାକାନ୍ତ ମହାପାତ୍ରଙ୍କର ୧୯୮୦ ପରବର୍ତ୍ତୀ କବିତାର ବୈଶିଷ୍ଟ୍ୟ ନିରୂପଣ କର।

ଗ) ୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାର ସାଂସ୍କୃତିକ ପୃଷ୍ଠଭୂମି ସଂପର୍କରେ ଚର୍ଚ୍ଚା କର।

ଘ) ୧୯୮୦ ପରବର୍ତ୍ତୀ ରାଜନୀତିକ ଆଭିମୁଖ୍ୟ ସଂପର୍କରେ ଆଲୋଚନା କର।

ଙ) ୧୯୮୦ ପରବର୍ତ୍ତୀ କାବ୍ୟିକ ଆଭିମୁଖ୍ୟ ସଂପର୍କରେ ଆଲୋଚନା କର।

## ୪.୭ ସହାୟକ ଗ୍ରନ୍ଥସୂଚୀ


- ସବୁଜରୁ ସାଂପ୍ରତିକ - ନିତ୍ୟାନନ୍ଦ ଶତପଥୀ
- ସତୁରୀରୁ ସହସ୍ରାବ୍ଦୀ - ନିତ୍ୟାନନ୍ଦ ଶତପଥୀ
- ନାନା ନିବଂଧ - ଦାଶରଥି ଦାସ
- ଐତିହ୍ୟ ଓ ଆଧୁନିକତା - ଦାଶରଥି ଦାସ।
- ସାଂପ୍ରତିକ ଓଡ଼ିଆ କବିତାର କୁଳ ଓ ଶୀଳ - ଶରତଚନ୍ଦ୍ର ପ୍ରଧାନ
- ମୋ ଦୃଷ୍ଟିରେ ସାଂପ୍ରତିକ ସାହିତ୍ୟ - ପରୀକ୍ଷିତ ନନ୍ଦ
- ସାଂପ୍ରତିକ କାଳ ଓ ଚିରନ୍ତନ କବି - ସୌରୀନ୍ଦ୍ର ବାରିକ



ଓଡିଶା ରାଜ୍ୟ ମୁକ୍ତ ବି
Odisha State Open U
www.o
e-mail: inf